# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨୯/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 29/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୨୪୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 244 ମୂଲ୍ୟ₹୭/-




**ଆଲିଆଙ୍କ ବଡ଼ ଫ୍ୟାନ୍ ମହେଶ**

ଆଲିଆ ଭଟ୍ଟଙ୍କ ଫିଲ୍ମ 'ରକି ଔର ରାନୀ କି ପ୍ରେମ୍ କାହାଣୀ'ର ସ୍ପେଶାଲ ସ୍କ୍ରିନିଂ ଦେଖି ବାପା ମହେଶ ଭଟ୍ଟ ନିଜକୁ ଆଲିଆଙ୍କ ବଡ଼ ଫ୍ୟାନ୍ କହିଛନ୍ତି।

୧୨

୧୬

**ରିୟାନ ପରାଗଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

ଦେଓଧର ଟ୍ରଫିରେ ରିୟାନ ପରାଗଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ପୂର୍ବାଞ୍ଚଳ ୮୮ ରନରେ ଉତ୍ତରାଞ୍ଚଳକୁ ପରାସ୍ତ କରିଛି।





ନିଖୋଜ ନାବାଳକଙ୍କ ଗଳିତ ମୃତଦେହ ମିଳିବା ପରେ ଉତ୍ତ୍ୟକ୍ତ ଲୋକେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ଥାନା ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି।

# ନବଙ୍କ ନାଁରେ ଗୋପାଳଙ୍କୁ ଭୟଭୀତ କରାଇଥିଲେ ମନୋଜ

**ନବ ଦାସ ହତ୍ୟାକାଣ୍ଡ**

- **ସାମ୍ନାକୁ ଆସିଲା ପଲିଗ୍ରାଫ୍ ପରୀକ୍ଷା ରିପୋର୍ଟ ତଥ୍ୟ**
- **ଷଡ଼ଯନ୍ତ୍ରକାରୀ କିଏ ବୋଲି ପ୍ରଶ୍ନ କଲେ ଗୋପାଳଙ୍କ ଓକିଲ**

ସମ୍ବଲପୁର,୨୮।୭(ଶୁଭାଶିଷ ପାଢ଼ୀ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ଘଟଣାକୁ ୬ ମାସ ବିତିଛି। ହେଲେ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ହୋଇପାରି ନାହିଁ। କ୍ରାଇମ୍‌ବ୍ରାଞ୍ଚ ଦାଖଲ କରିଥିବା ଚାର୍ଜଶିଟ୍‌କୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଥିବା ବେଳେ ଶୁକ୍ରବାର ପଲିଗ୍ରାଫ ପରୀକ୍ଷା ରିପୋର୍ଟକୁ ନେଇ ପୁଣି ସନ୍ଦେହ ଜାତ ହୋଇଛି। ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କର୍ମଚାରୀ ମନୋଜ ବରିହା ଗୋପାଳଙ୍କୁ ଭେଟି କହିଥିଲେ, ନବ ଦାସ ତମ ଉପରେ ରାଗିଛନ୍ତି, ଟିକେ ଦେଖିକି ଚଳିବ। ଏଥିରେ ଗୋପାଳ ଭୟଭୀତ ହୋଇଯାଇଥିଲେ। କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଓ ପଲିଗ୍ରାଫ୍ ପରୀକ୍ଷା ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ଉଭୟ ତଦନ୍ତରେ ମନୋଜଙ୍କ ନାମ ଆସୁଛି। ଯଦି ମନୋଜ ଗୋପାଳଙ୍କୁ ଭୟଭୀତ କରିଥିଲେ, ତା'ହେଲେ ମନୋଜଙ୍କ ପଛରେ ଷଡ଼ଯନ୍ତ୍ରକାରୀ କିଏ ବୋଲି ଅଭିଯୁକ୍ତ ଗୋପାଳଙ୍କ ଓକିଲ ନରେଶ ନାଏକ ପ୍ରଶ୍ନ କରିଛନ୍ତି।



ଗୋପାଳ ଦାସ

ସେ ଆହୁରି କହିଛନ୍ତି, କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଠିକ୍ ଭାବେ କରିନାହିଁ। କେବଳ ଗୋପାଳଙ୍କୁ ଦୋଷୀ କରିବା ପାଇଁ ଚେଷ୍ଟା କରିଛି। ଅନ୍ୟ ଦିଗକୁ ଗୁରୁତ୍ୱ ଦେଇନାହିଁ। ମନୋଜଙ୍କ ମୋବାଇଲ ଫୋନ ଯାଞ୍ଚ କରିବାର ଥିଲା। ତଦନ୍ତରେ ଯାହାର ନାମ ଓ ଲିଙ୍କ୍ ଆସୁଥିଲା ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲା ନାହିଁ। କେବଳ ତାଙ୍କର ଏକ ବୟାନ ରେକର୍ଡ କରାଯାଇଛି। ହତ୍ୟା କରିବା ଲୋକ ଯେତିକି ଦୋଷୀ ହତ୍ୟା କରିବା ପାଇଁ ପ୍ରବର୍ତ୍ତାଇବା ବ୍ୟକ୍ତି ସମାନ ଭାବେ ଦୋଷୀ। ଅନ୍ୟକୁ ନିୟୋଜିତ କରି ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥାଇପାରେ। ଗୋପାଳଙ୍କ ପଲିଗ୍ରାଫ୍ ପରୀକ୍ଷା କରାଯାଇଛି। ଏଥିରେ ପୂର୍ବ ପ୍ରସ୍ତୁତି ପ୍ରଶ୍ନ ପଚରାଯାଇଛି। ମୋଟ ୨୬ ପ୍ରଶ୍ନ ପଚାରି କେବଳ ହଁ ନାହିଁରେ ଉତ୍ତର ନିଆଯାଇଛି। ପଲିଗ୍ରାଫ୍ ପରୀକ୍ଷାରେ ଗୋପାଳଙ୍କୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଦୁର୍ନୀତି ବିରୋଧୀ ବାର୍ତ୍ତା**

# ନିଖୋଜ ନାବାଳକଙ୍କୁ ବଳି ସନ୍ଦେହ

- **ଉତ୍ତ୍ୟକ୍ତ ଲୋକେ ପୋଡ଼ିଲେ ପୋଲିସ ଗାଡ଼ି**
- **ମଙ୍ଗଳା କୋଠିର ମହିଳା ପୂଜକଙ୍କ ସହ ୩ ଅଟକ**

**ଶାରୀରିକ ସୁସ୍ଥତା ଆଶାରେ ପଡ଼ୋଶୀ ଗାଁ ମଙ୍ଗଳା କୋଠିରେ ଅଧିଆ ପଡ଼ିଥିଲେ ୧୩ ବର୍ଷର ପୁଅ। ପାଖ କୋଠରିରେ ଶୋଇଥିଲେ ମା'। ହେଲେ ସକାଳୁ ନିଖୋଜ ହୋଇଯାଇଥିଲେ ନାବାଳକ। ପୁଅକୁ ନ ପାଇ ପାଗଳପ୍ରାୟ ମା' ଚାରିଆଡ଼େ ଖୋଜାଖୋଜି କରିଥିଲେ। ହେଲେ ସବୁଆଡ଼ୁ ନିରାଶ ହେବା ପରେ ଶେଷରେ କିଆକଟା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଅକୁ ଖୋଜି ଆଣିବାକୁ ପୋଲିସକୁ ନେହୁରା ହୋଇଥିଲେ। କିନ୍ତୁ ମାମଲା ରୁଜୁ ଓ ପଚରାଉଚରାରେ ସୀମିତ ରହିଗଲା ପୋଲିସର ତଦନ୍ତ। ଘଟଣାର ୬ ଦିନ ପରେ ଶୁକ୍ରବାର ଗଳିତ ଅବସ୍ଥାରେ ଝୁଲନ୍ତା ମୃତଦେହ ଜଙ୍ଗଲରୁ ମିଳିବା କ୍ଷଣି ସୃଷ୍ଟି ହୋଇଥିଲା ତୀବ୍ର ଉତ୍ତେଜନା। ନାବାଳକଙ୍କୁ ବଳି ଦିଆଯାଇଥିବା ସନ୍ଦେହ କରି ତାତିଯାଇଥିଲେ ସ୍ଥାନୀୟ ଲୋକେ। ଘଟଣାସ୍ଥଳରେ ରାସ୍ତାରୋକୋ କରିବା ସହ ପୋଲିସ ଗାଡ଼ିରେ ଲଗାଇ ଦେଇଥିଲେ ନିଆଁ।**

ମାଧପୁର (ମନୋଜ ପ୍ରଧାନ)/ ବଇଣ୍ଡା (ପରିକ୍ଷିତ ସାହୁ), ୨୮।୭

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ନିଖୋଜ ସପ୍ତମ ଶ୍ରେଣୀ ଛାତ୍ର ସଞ୍ଜୀବ ବିଶ୍ୱାଳ(୧୩)ଙ୍କ ଗଳିତ ମୃତଦେହ ଶୁକ୍ରବାର ବାରେଣୀ ଜଙ୍ଗଲରୁ ମିଳିବା ପରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଝୁଲନ୍ତା ଅବସ୍ଥାରେ ମୃତଦେହ ଥିବାବେଳେ ଶରୀରର କିଛି ଅଂଶ ଗଛ ତଳେ ପଡ଼ିଥିବାରୁ ନରବଳି ପାଇଁ କେହି ତାଙ୍କୁ ହତ୍ୟା କରିଥିବା ସାଧାରଣରେ ସନ୍ଦେହ କରାଯାଉଛି। ପୋଲିସ ନିଷ୍କ୍ରିୟତାରୁ ଏହି ଘଟଣା ଘଟିଥିବା ଅଭିଯୋଗ କରି ଅଞ୍ଚଳବାସୀ ବାରେଣୀ ଛକଠାରେ ଆଠମଲ୍ଲିକ-କିଆକଟା ରାସ୍ତା ଅବରୋଧ କରିବା ସହ ପୋଲିସ ଗାଡ଼ି ଜାଳି ଦେଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା ଜାରି ରଖିଛନ୍ତି।

ଘଟଣାରୁ ଜଣାପଡିଛି, ସୁବର୍ଣ୍ଣପୁର ଗ୍ରାମର ସଞ୍ଜୀବଙ୍କ ଦେହ କିଛି ବର୍ଷ ହେବ ଖରାପ ରହୁଥିଲା। ପଡ଼ୋଶୀ ଗାଁ ଟୁସରଠାରେ ପୂଜା ପାଉଥିବା ମଙ୍ଗଳା କୋଠିରେ ମାନସିକ ରଖି ପୂଜା କଲେ ପୁଅ ଭଲ ହୋଇଯିବ ବୋଲି ଶୁଣିବା ପରେ ଗତ ଜାନୁୟାରୀରେ ମା' ବାସନ୍ତୀ ବିଶ୍ୱାଳ ଉକ୍ତ ମଙ୍ଗଳା କୋଠିକୁ ଯାଇ ଶରଣ ପଶିଥିଲେ। ପୁଅର ଦେହ ଭଲ ହୋଇଯିବ ବୋଲି କହି ସେଠାରେ ଥିବା ମହିଳା ପୂଜକ ୨ଟି ବୋଦା ଓ ୩୦ ହଜାର ଟଙ୍କା ବାସନ୍ତୀଙ୍କ ଠାରୁ ନେଇଥିଲେ। ହେଲେ ସଞ୍ଜୀବଙ୍କ ଦେହ ଭଲ ନ ହେବାରୁ ବାସନ୍ତୀ ଗତ ୨୨ ତାରିଖରେ ପୁଅକୁ ନେଇ ଟୁସର ଯାଇଥିଲେ। ପୂଜକଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁଅକୁ ମଙ୍ଗଳା କୋଠିରେ ରାତିରେ ଅଧିଆ ପକାଇ ସେ ଅନ୍ୟ କୋଠରିରେ ଶୋଇଥିଲେ। ହେଲେ ସକାଳୁ ପୁଅକୁ ମଙ୍ଗଳା କୋଠିରେ ନ ପାଇ ବାସନ୍ତୀ ବିଚଳିତ ହୋଇପଡ଼ିଥିଲେ। ଏ ନେଇ ପୂଜା କରୁଥିବା ମହିଳାଙ୍କୁ ପଚାରିଥିଲେ ହେଁ କୌଣସି ଉତ୍ତର ପାଇ ନ ଥିଲେ। ପୁଅ ନିଖୋଜ ଥିବା ନେଇ ସେ ୨୩ ତାରିଖରେ କିଆକଟା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୬୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂଜକଙ୍କୁ ଡାକି ପଚରାଉଚରା କରିଥିଲେ ମଧ୍ୟ ନିଖୋଜ ସଞ୍ଜୀବଙ୍କ ପତ୍ତା ପାଇ ନ ଥିଲା। ତଦନ୍ତରେ ଅବହେଳା ପ୍ରତିବାଦ କରି ଗୁରୁବାର ରାତିରେ ସୁବର୍ଣ୍ଣପୁର ଗ୍ରାମର ମହିଳା ପୁରୁଷ ଥାନା ଘେରାଉ କରିଥିଲେ। ତେବେ ଶୁକ୍ରବାର କେତେଜଣ ଗାଈ ଚରାଳି ଜଙ୍ଗଲକୁ ଛତୁ ସଂଗ୍ରହ କରିବା ପାଇଁ ଯାଇଥିବାବେଳେ ଏକ ଗଛରେ ମୃତଦେହ ଝୁଲୁଥିବା ଦେଖିବା ପରେ ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚିଥିଲେ। ଗୋଡ଼ ଓ ହାତ କଟାଯାଇଥିବାରୁ ନାବାଳକଙ୍କୁ ବଳି ଦିଆଯାଇ ଆତ୍ମହତ୍ୟାର ରୂପ ଦେବାକୁ ଗଛରେ ଟାଙ୍ଗି ଦିଆଯାଇଥିବା ଅଞ୍ଚଳବାସୀ ସନ୍ଦେହ କରିଥିଲେ। ଘଟଣା ପାଇଁ ସେମାନେ ପୋଲିସ ଅବହେଳାକୁ ଦାୟୀ କରି ସଞ୍ଜୀବଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଅଭିଯୁକ୍ତଙ୍କ ଗିରଫ ଦାବିରେ ବାରେଣୀଛକ ଠାରେ ☞ପୃଷ୍ଠା-୪

## ଶ୍ରୀମନ୍ଦିର ଦାନବାକ୍ସରୁ ଚୋରି

**ସୁରକ୍ଷା ବ୍ୟବସ୍ଥା ପ୍ରତି ପୁଣି ଉଠିଲା ପ୍ରଶ୍ନ**

ପୁରୀ, ୨୮।୭(ଅଜିତ ମହାନ୍ତି)

ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟ ଭୀମଙ୍କ ପ୍ରତିମୂର୍ତ୍ତି ତଳେ ଥିବା ଦାନବାକ୍ସରୁ ଚୋରି ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଦାନବାକ୍ସକୁ କେହି ଦୁର୍ବୃତ୍ତ ତାଡ଼ି ବାକ୍ସରେ ଥିବା ଟଙ୍କା ଚୋରି କରିନେଇଥିବା ଶୁକ୍ରବାର ସକାଳେ ଜଣାପଡ଼ିଛି। ଖବର ପାଇ ସିଂହଦ୍ୱାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। କଡ଼ା ସୁରକ୍ଷା ବ୍ୟବସ୍ଥା ତଥା ରାତିରେ ପୋଲିସ ମୁତୟନ ଥିବା ସତ୍ତ୍ୱେ ଏହି ଚୋରି ଘଟଣା ନେଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ପୁଣି ପ୍ରଶ୍ନ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଦାନବାକ୍ସରୁ ଟଙ୍କା ଚୋରାଇ ନେବା ପରେ ଦୁର୍ବୃତ୍ତମାନେ ଶ୍ରୀମନ୍ଦିର ଭିତରବେଢ଼ା ନୃସିଂହ ମନ୍ଦିର ନିକଟରେ ଦାନବାକ୍ସକୁ ଫୋପାଡ଼ି ଦେଇଥିଲେ। ଶୁକ୍ରବାର ସକାଳୁ ଶ୍ରୀମନ୍ଦିର ଦ୍ୱାର ଫିଟାଯିବା ପରେ କେତେଜଣ ☞ପୃଷ୍ଠା-୪

## ୨୫୦ ଟଙ୍କାର ଲଟେରି ଟିକେଟରେ ୧୦ କୋଟି ଜିତିଲେ ୧୧ ମହିଳା

କୋଝିକୋଡ,୨୮।୭

କେରଳ ମାଲାପୁରମ ଜିଲା ପରପ୍ପନଙ୍ଗଦି ମ୍ୟୁନିସିପାଲିଟି ଅନ୍ତର୍ଗତ ହରିଥା କର୍ମ ସେନା (ଏଚ୍‌କେଏସ୍)ର ୧୧ ଜଣ ମହିଳା ସଦସ୍ୟ ମୌସୁମୀ ବମ୍ପର ଲଟେରିର ପ୍ରଥମ ପୁରସ୍କାର ସ୍ୱରୂପ ୧୦ କୋଟି ଟଙ୍କାର ପୁରସ୍କାର ଜିତିଛନ୍ତି। ୨୫୦ ଟଙ୍କାର ଲଟେରି ଟିକେଟ କିଣିବା ପାଇଁ କେହି ସମର୍ଥ ନ ଥିବାରୁ ୧୧ ଜଣ ଭାଗ କରି ଟଙ୍କା ସଂଗ୍ରହ କରିଥିଲେ। ୯ ଜଣ ମହିଳା ୨୫ ଟଙ୍କା ଲେଖାଏ ଓ ଅନ୍ୟ ୨ ଜଣ ୧୨ ଟଙ୍କା ୫୦ ପଇସା ଲେଖାଏ ଦେଇଥିଲେ, ଯାହା ସେମାନଙ୍କ ଭାଗ୍ୟ ଖୋଲିଦେଇଛି। ଏହି ମହିଳାମାନେ ଘରକୁ ଘର ବୁଲି ଜୈବିକ ଉପାୟରେ ବିଘଟିତ ହେଉ ନ ଥିବା ବର୍ଜ୍ୟ ସଂଗ୍ରହ କରୁଥିଲେ। ଅଢ଼େଇ ବର୍ଷ ହେଲା ସେମାନେ ଏହି ବୃତ୍ତିରୁ ସେମାନଙ୍କ ଗୁଜରାଣ ମେଣ୍ଟାଉଥିଲେ। ମ୍ୟୁନିସିପାଲିଟିର ୫୭ ଜଣିଆ ଏଚ୍‌କେଏସ୍ ଗ୍ରୁପ୍‌ର ସେମାନେ ସଦସ୍ୟ ଥିଲେ। ଏବେ ଭାଗ୍ୟଦେବୀ ସେମାନଙ୍କୁ ପ୍ରସନ୍ନ ହୋଇଥିବାବେଳେ ସେମାନଙ୍କ ପେସା ଜାରି ରଖିବେ ବୋଲି କହିଛନ୍ତି। ଲଟେରି ବିଜେତାମାନେ ହେଲେ ଏଚ୍‌କେଏସ୍ ସଦସ୍ୟା ପି. ପର୍ବାତି, କେ. ଲୀଲା, ଏମ୍.ପି. ରାଧା, ଏମ୍. ଶିଜା, କେ. ଚନ୍ଦ୍ରିକା, ଇ. ବିନ୍ଦୁ, କାର୍ତ୍ତ୍ୟାୟିନୀ, କେ. ଶୋଭା, ସି. ବେବି, ସି. କୁଟ୍ଟିମାଲୁ ଏବଂ ପି. ଲକ୍ଷ୍ମୀ। ପର୍ବାତିଙ୍କ କହିବା ଅନୁଯାୟୀ, ସେମାନେ ପୂର୍ବରୁ ୩ ଥର ଲଟେରି ଟିକେଟ କିଣିଥିଲେ ମଧ୍ୟ ପୁରସ୍କାର ଜିତି ନ ଥିବାରୁ ଏଥର ମଧ୍ୟ ଜିତିବେ ବୋଲି ଆଶା ରଖି ନ ଥିଲେ। ଏଥର ଟଙ୍କା ଆଦାୟ କରି ଚତୁର୍ଥ ଟିକେଟ କିଣିଥିଲେ ହେଁ ପାଲାକ୍କାଡର ଏକ ସଂସ୍ଥା ବିକିଥିବା ଟିକେଟ ଜିତିଥିବା ବୁଧବାର ଶୁଣିବାକୁ ପାଇବାରୁ ଏହା ଆଉ ଏକ କ୍ଷତି ହେଲା ବୋଲି ସେମାନେ ଥରିନେଇଥିଲେ। ଅପରାହ୍ଣରେ ପର୍ବାତି କାମରୁ ଫେରିବା ବେଳକୁ ଯେଉଁ ଟିକେଟରେ ଲଟେରି ଉଠିଛି, ତାହା ସେମାନଙ୍କ ☞ପୃଷ୍ଠା-୪






ମଣିପୁରରେ ସବୁକିଛି ଠିକ୍ ଚାଲିଥିବା ଦର୍ଶାଇ ଦେଶବାସୀଙ୍କ ଆଗରେ ଭାଜପା ଏକ ଛବି ଆଙ୍କିବାକୁ ଚାହୁଁଛି। କିନ୍ତୁ ଏହି ହିଂସା ପ୍ରଭାବିତ ରାଜ୍ୟରେ କିଛି ଭଲ ଚାଲୁନାହିଁ। ଏଥିପାଇଁ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ କରାଯାଉ। ଶତାଧିକ ଏଫ୍ଆଇଆର୍ ରୁଜୁ ହୋଇଥିବା ବିଷୟ ମଣିପୁର ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି। ୨ ମାସ ହେଲା ପ୍ରଶାସନ କାହିଁକି ଶୋଇଛି?

-ସୌରଭ ଗୋଗୋଇ, ଲୋକ ସଭାରେ କଂଗ୍ରେସ ଉପନେତା

# ସଂଖ୍ୟାବଳର ଅହଂକାର

ନୂଆଦିଲ୍ଲୀ/ଇମ୍ଫାଲ,୨୮।୭
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

୩ ମାସ ପୂରିବାକୁ ବସିଲାଣି ମଣିପୁର ହିଂସାକୁ। ସରକାର ହିସାବ ଦେଇପାରୁ ନାହାନ୍ତି କେତେ ମୃତ, କେତେ ଆହତ ଏବଂ କେତେଜଣ ମହିଳାଙ୍କୁ ବଳାତ୍କାର ଏବଂ/କିମ୍ବା ହତ୍ୟା କରାଗଲାଣି। ଭାଜପା ଶାସିତ ଏହି ଉତ୍ତର-ପୂର୍ବ ରାଜ୍ୟର କୋଣ ଅନୁକୋଣେ ଅରାଜକତାର ଅଖଣ୍ଡ ରାଜୁତି। ଶାସନ ବୋଲି କିଛି ନାହିଁ। ଡବଲ୍ ଇଞ୍ଜିନ୍ ଲାଇନଚ୍ୟୁତ। ଜାତିଆଣ ହିଂସାର ନିଆଁ ପୂରା ମଣିପୁରକୁ ବ୍ୟାପିଥିବାବେଳେ ଅପରାଧ ଧାରାରେ ମଧ୍ୟ ବ୍ରେକ୍ ଲାଗୁନାହିଁ। ଅଣଭାଜପା ଶାସିତ ରାଜ୍ୟ ହୋଇଥିଲେ କେବେଠୁ ରାଷ୍ଟ୍ରପତି ଶାସନ ଜାରି କରିସାରନ୍ତେଣି। ଅନ୍ତତଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ଭିତରେ ମଣିପୁର ପ୍ରସଙ୍ଗରେ ବିବୃତି ରଖିବା କଥା। କିନ୍ତୁ ସେ ମୁହଁ ଖୋଲୁ ନ ଥିବାରୁ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ବିରୋଧୀ ବ୍ଲକ୍ ଇଣ୍ଡିଆ ଆଣିଛି ଅନାସ୍ଥା ପ୍ରସ୍ତାବ। ତଥାପି ଦେଶର ପ୍ରଧାନ ସେବକ ଗୃହକୁ ଆସୁନାହାନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ବିରୋଧୀ କଂଗ୍ରେସ ଶାସିତ ରାଜସ୍ଥାନରେ ଗେହଲଟ୍ ସରକାରଙ୍କୁ ସେ 'ଲାଲ ଡାଏରି' ଉପାଖ୍ୟାନ ଶୁଣାଇ ଜନ ଅଦାଲତର କାଠଗଡ଼ାରେ ଛିଡ଼ା କରାଉଛନ୍ତି। କିନ୍ତୁ ବିଶ୍ୱ ଦରବାରରେ ଭାରତର ମୁଣ୍ଡ ତଳକୁ କରିଦେଇଥିବା ଏହି ଅତି ସମ୍ବେଦନଶୀଳ ଘଟଣା ଉପରେ ସଂସଦରେ ଦୁଇପଦ କହିବା ପାଇଁ ସମୟ ପାଉନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିରେ ଅଡ଼ିବସିଥିବା ବିପକ୍ଷ ସଦସ୍ୟମାନେ ହୋହଲ୍ଲା କରୁଥିବାବେଳେ ୨୬ ଦଳୀୟ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ମଣିପୁର ଗସ୍ତ ଅବ୍ୟବହିତ ପୂର୍ବରୁ ସଂସଦୀୟ ବ୍ୟାପାର



ଜୁଲାଇ ୨୦ରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ।

ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସେମାନଙ୍କୁ ଚ୍ୟାଲେଞ୍ଜ କରିଛନ୍ତି, ତୁମର ସଂଖ୍ୟାବଳ ଥିଲେ ଆମର ବିଲ୍‌ଗୁଡ଼ିକୁ ଅଟକାଅ। ନିରଙ୍କୁଶ କ୍ଷମତା ଉପଭୋଗ କରୁଥିବା ଏକ ସରକାରର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ କେହି କେହି କହୁଛନ୍ତି, ସଂଖ୍ୟାବଳର ଅହଂକାର।

୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ୫ ଆସନ ଖାଲିପଡ଼ିଛି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ୩୩୧ ସଦସ୍ୟ ଥିବାବେଳେ ବିରୋଧୀ ଇଣ୍ଡିଆ ସଦସ୍ୟଙ୍କ ସଂଖ୍ୟା ହେଉଛି ୧୪୪। ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ୍ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସର ୨୨ ଏମ୍‌ପି ଅନାସ୍ଥା ପ୍ରସ୍ତାବ ବିରୋଧରେ ଯିବା ସ୍ପଷ୍ଟ ହୋଇଥିବାବେଳେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ବିଆର୍‌ଏସ୍‌ର ୯ ଏମ୍‌ପି ସପକ୍ଷରେ ଭୋଟ ଦେଇପାରନ୍ତି। କାରଣ ଇଣ୍ଡିଆ ପକ୍ଷରୁ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିବାବେଳେ ବିଆର୍‌ଏସ୍ ମଧ୍ୟ ପୃଥକ୍ ଭାବେ ନୋଟିସ ଦେଇଛି। ଶାସକ କିମ୍ବା ବିରୋଧୀ ମେଣ୍ଟରେ ସାମିଲ ହୋଇ ନ ଥିବା ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ମଣିପୁର ଉଭୟ ପକ୍ଷଙ୍କୁ ଟାର୍ଗେଟ କରୁଛନ୍ତି। ତେଣୁ ମାୟାବତୀଙ୍କ ୯ ଲୋକ ସଭା ସଦସ୍ୟ କେଉଁ ଆଡ଼କୁ ଢଳିବେ ଜଣାପଡୁନାହିଁ। ଏମିତିରେ ସମଦୂରତ୍ୱ ଅବଲମ୍ବନ କରୁଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ (ବିଜେଡି)ର ୧୨ ଏମ୍‌ପିଙ୍କ ଉପରେ ନଜର ରହିଛି। ତେବେ ଅତୀତରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ରକୁ ବିଜେଡି ସମର୍ଥନ କରିଥିବାରୁ ଅନାସ୍ଥା ପ୍ରସ୍ତାବ ବେଳେ ସରକାରଙ୍କ ସପକ୍ଷରେ ଯାଇପାରେ। କିନ୍ତୁ ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବା ପାଇଁ ଜୋର୍ ଦେଇଆସୁଥିବା ବିଜେଡି ମହିଳା ବିରୋଧୀ ହିଂସା ପ୍ରସଙ୍ଗରେ କେନ୍ଦ୍ରକୁ ସମର୍ଥନକଲେ ତାକୁ ଓଡ଼ିଶାବାସୀ କିଭଳି ଗ୍ରହଣ କରିବେ ଦେଖିବା କଥା।

## ସଂଖ୍ୟା ଥିଲେ ବିଲ୍‌କୁ ହରାନ୍ତୁ ବିରୋଧୀ: ପ୍ରହ୍ଲାଦ ଜୋଷୀ

ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି, ଲୋକ ସଭାରେ ଯଦି ବିରୋଧୀ ଦଳଗୁଡ଼ିକର ସଂଖ୍ୟାବଳ ଅଛି ତେବେ ସେମାନେ ଗୃହରେ ସରକାର ଆଗତ କରୁଥିବା ବିଲ୍‌ଗୁଡ଼ିକୁ ହରାନ୍ତୁ। ଲୋକ ସଭାରେ ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ବିଚାରାଧୀନ ଥିବାବେଳେ ବିପକ୍ଷ ସଦସ୍ୟଙ୍କ ହଟ୍ଟଗୋଳରେ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଦର୍ଶାଇ ପ୍ରହ୍ଲାଦ ଏହି ମନ୍ତବ୍ୟ ଦେଇଛନ୍ତି। ପାର୍ଲାମେଣ୍ଟ ବାହାରେ ସେ ଆହୁରି କହିଛନ୍ତି, ବିରୋଧୀ ହଠାତ୍ ଅନାସ୍ଥା ପ୍ରସ୍ତାବ ଆଣିବାର ମାନେ ନୁହେଁ ଯେ, କୌଣସି ସରକାରୀ କାର୍ଯ୍ୟ କରାଯିବ ନାହିଁ। ଏହା ପୂର୍ବରୁ ଗୃହ ଭିତରେ ମଧ୍ୟ ପ୍ରହ୍ଲାଦ ବିରୋଧୀ ଦଳଗୁଡ଼ିକୁ ଏହି ଚ୍ୟାଲେଞ୍ଜ ଦେଇଥିଲେ।

## ଅନାସ୍ଥା ଆଲୋଚନା ନିଷ୍ପତ୍ତି ସୋମବାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସପ୍ତାହରେ ପାର୍ଲାମେଣ୍ଟରେ ଉପସ୍ଥିତ ରହିବେ। ଏହି ସମୟରେ ବିରୋଧୀଙ୍କ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ଆରମ୍ଭ ହେବ। କେବେ ଆଲୋଚନା ହେବ ତାହା ସେନେଇ ସୋମବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ନିଷ୍ପତ୍ତି ନେବେ ବୋଲି ସୂତ୍ରରୁ ପ୍ରକାଶ। ଅଗଷ୍ଟ ୧ (ମଙ୍ଗଳବାର)ରେ ମୋଦି ମହାରାଷ୍ଟ୍ର ଯାଇପାରନ୍ତି। ତେଣୁ ମଙ୍ଗଳବାର ଓ ବୁଧବାର ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହୋଇ ପାରେ।

## ଭାଜପା କ୍ଷମତା ଲୋଭରେ ମହିଳାଙ୍କ ସମ୍ମାନ ସହ ଖେଳୁଛି: ରାହୁଲ



କ୍ଷମତା ଲୋଭରେ ଭାଜପା ଦେଶର ମହିଳାମାନଙ୍କ ସମ୍ମାନ ଓ ଆତ୍ମସମ୍ମାନ ସହ ଖେଳୁଛି ବୋଲି ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣିଛନ୍ତି। କେତେକ ଗଣମାଧ୍ୟମରେ ପ୍ରସାରିତ ଯୌନହିଂସାର ରିପୋର୍ଟକୁ ନେଇ ପ୍ରସ୍ତୁତ ଏକ ଭିଡିଓ ମୋଣ୍ଟେଜ୍‌କୁ ରାହୁଲ ଏକ ଫେସ୍‌ବୁକ୍ ପୋଷ୍ଟରେ ଶେୟାର କରି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ମଣିପୁରରେ ମେ' ୪ରେ ୨ ଜଣ କୁକି-ଜୁ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବା, ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରିଜଭୂଷଣ ଶରଣ ସିଂ ମହିଳା କୁସ୍ତିଯୋଦ୍ଧାମାନଙ୍କୁ ଯୌନ ଉତ୍ପୀଡ଼ନ କରିବା, ଉତ୍ତରାଖଣ୍ଡରେ ଭାଜପା ନେତାଙ୍କ ପୁଅ ଜଣେ ମହିଳାଙ୍କୁ ହତ୍ୟା କରିବା ଅଭିଯୋଗ ସହ ବିଲ୍‌କିସ୍ ବାନୋ ଗଣବଳାତ୍କାର ମାମଲାର ଦୋଷୀଙ୍କୁ ଜେଲରୁ ଛାଡ଼ିଦେବା ଭଳି ଘଟଣାର ଭିଡିଓ ଏଥିରେ ରହିଛି। ମହିଳାଙ୍କୁ ସମ୍ମାନ ଦେଉ ନ ଥିବା ଦେଶ କେବେହେଲେ ଉନ୍ନତି କରି ନ ଥାଏ ବୋଲି ରାହୁଲ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

## ଇଣ୍ଡିଆ ଏମ୍‌ପିଙ୍କ ମଣିପୁର ଗସ୍ତ ଆଜି

**ସ୍ଥିତି ସମୀକ୍ଷା ପରେ ସରକାର ଓ ସଂସଦକୁ ସମାଧାନ ବାଟ ବତାଇବେ ବିରୋଧୀ**

ବିରୋଧୀ ମେଣ୍ଟ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ୨୦ ଏମ୍‌ପିଙ୍କ ପ୍ରତିନିଧି ଦଳ ଶନିବାର ହିଂସା ପ୍ରଭାବିତ ମଣିପୁର ଗସ୍ତ କରିବ। ସେମାନେ ସେଠାରେ ସ୍ଥିତି ସମୀକ୍ଷା କରିବା ପରେ ସମସ୍ୟାର ସମାଧାନ ପାଇଁ କି ପଦକ୍ଷେପ ନିଆଯିବା ଉଚିତ ତାହା ସରକାର ଓ ସଂସଦକୁ ସୁପାରିସ କରିବେ। ଏହି ଗସ୍ତ ପୂର୍ବରୁ ଲୋକ ସଭାରେ କଂଗ୍ରେସ ଉପନେତା ସୌରଭ ଗୋଗୋଇ ମଣିପୁର ହିଂସାର ତଦନ୍ତ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ କରାଇବାକୁ ଦାବି କରିଛନ୍ତି। ପ୍ରତିନିଧି ଦଳରେ ସାମିଲ ହୋଇଥିବା ଏମ୍‌ପିମାନେ ହେଲେ ଅଧୀର ରଞ୍ଜନ ଚୌଧରୀ, ସୌରଭ ଗୋଗୋଇ(କଂଗ୍ରେସ), ସୁସ୍ମିତା ଦେବ(ଟିଏମ୍‌ସି), ମହୁଆ ମାଜି(ଜେଏମ୍‌ଏମ୍), କାନିମୋଝି (ଡିଏମ୍‌କେ), ମହମ୍ମଦ ଫଇଜାଲ (ଏନ୍‌ସିପି), ଜୟନ୍ତ ଚୌଧରୀ (ଆର୍‌ଏଲ୍‌ଡି), ମନୋଜ କୁମାର ଝା (ଆର୍‌ଜେଡି), ଏନ୍.କେ. ପ୍ରେମଚନ୍ଦ୍ରନ୍ (ଆର୍‌ଏସ୍‌ପି) ଏବଂ ଟି. ଥିରୁମାଭଲଭାନ୍ (ଭିସିକେ)। ସେହିପରି ଜେଡିୟୁ ମୁଖ୍ୟ ରାଜୀବ ରଞ୍ଜନ (ଲଲ୍ଲନ୍ ସିଂ) ଓ ନେତା ଅନିଲ ପ୍ରସାଦ ହେଗ୍‌ଡେ, ସିପିଆଇର ସନ୍ଦୋଶ କୁମାର, ସିପିଆଇଏମ୍‌ର ଏ.ଏ.ରହିମ, ସମାଜବାଦୀ ପାର୍ଟିର ଜାଭେଦ ଅଲୀ ଖାନ୍, ଆଇୟୁଏମ୍‌ଏଲ୍‌ର ଇ.ଟି. ମହମ୍ମଦ ବଶିରର, ଏଏପିର ସୁଶୀଲ ଗୁପ୍ତା, ଶିବସେନା ୟୁବିଟିର ଅରବିନ୍ଦ ସାୱନ୍ତ, ଡିଏମ୍‌କେର ଡି. ରବିକୁମାର ଏବଂ କଂଗ୍ରେସର ଫୁଲୋ ଦେବୀ ନେତମ୍ ମଧ୍ୟ ପ୍ରତିନିଧି ଦଳରେ ମଣିପୁର ଯିବେ।

"ବିରୋଧୀଙ୍କ ପ୍ରତିନିଧି ଦଳ ଗୋଟିଏ ବାର୍ତ୍ତା ଦେବାକୁ ଚାହୁଁଛି, ଆମେ ମଣିପୁରବାସୀଙ୍କ ସହ ଅଛୁ। କିପରି ଶାନ୍ତି ଫେରିବ ସେନେଇ ଆମେ ଚିନ୍ତିତ। ସରକାର ବିଫଳ ହୋଇଥିବାରୁ ଆମେ ସେଠାକୁ ସ୍ଥିତି ପରଖିବାକୁ ଗସ୍ତ କରିବୁ ଏବଂ ସମାଧାନର ବାଟ ଖୋଜିବୁ।

**-ସୁସ୍ମିତା ଦେବ, ଟିଏମ୍‌ସି ଏମ୍‌ପି**

"ମଣିପୁରରେ କ'ଣ ଭୁଲ୍ ହୋଇଗଲା ? କେତେ ଧନଜୀବନ ହାନି ହୋଇଛି ଜାଣିବା ପାଇଁ ଆମେ ଶନିବାର ସକାଳେ ଗସ୍ତ ଆରମ୍ଭ କରିବୁ।

**-ଟି.ଆର୍. ବାଲୁ, ଡିଏମ୍‌କେ ଏମ୍‌ପି**




ମଣିପୁର ହିଂସା ପ୍ରତିବାଦରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଶୁକ୍ରବାର ମଣିପୁରୀ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ଚମନ ଗୌତମ)

## ସଂକ୍ଷେପରେ

### ଫିଲିପାଇନ୍ସରେ ବୋଟ୍ ଦୁର୍ଘଟଣା: ୨୭ ମୃତ

ମାନିଲା,୨୮।୭

ଫିଲିପାଇନ୍ସର ଏକ ହ୍ରଦରେ ବୋଟ୍ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯିବାରୁ ୨୭ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ବୋଟ୍‌ରେ ସାମର୍ଥ୍ୟଠାରୁ ଅଧିକ ଯାତ୍ରୀ ଥିବା ଜାଣି ମଧ୍ୟ ଏହାକୁ ଚଳାଇବା ପାଇଁ କ୍ୟାପ୍‌ଟେନ୍ ନିଷ୍ପତ୍ତି ନେଇଥିଲେ ବୋଲି ତଟସୁରକ୍ଷା ମୁଖ୍ୟ କହିଛନ୍ତି। ଏମ୍/ବି ଆୟା ଏକ୍ସପ୍ରେସ୍ ନାମକ ବୋଟ୍ ଗୁରୁବାର ମାନିଲା ଦକ୍ଷିଣପୂର୍ବରେ ଥିବା ବିନାଙ୍ଗୋନାନ୍ ସହରରୁ ଛାଡ଼ିବାର କିଛି ସମୟ ପରେ ଲାଗୁନା ଡେ ବେରେ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯାଇଥିଲା। ୪୩ ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ତଟସୁରକ୍ଷା ଯବାନ, ପୋଲିସ ଓ ସରକାରୀ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ଆଉ କୌଣସି ଯାତ୍ରୀ ନିଖୋଜ ନ ଥିବା ଉଦ୍ଧାରକାରୀ ଟିମ୍ ପକ୍ଷରୁ କୁହାଯାଇଛି। ବୋଟ୍‌କୁ ଯିବା ପାଇଁ ଅନୁମତି ଦେଇଥିବା ତଟସୁରକ୍ଷା ବାହିନୀର ଦୁଇ ଇନ୍ସପେକ୍ଟରଙ୍କୁ ସେମାନଙ୍କ ପଦବୀରୁ ବିଦା କରାଯିବା ସହ ତଦନ୍ତ କରାଯାଉଛି।

### ପ୍ରଜନନ ବେଳର ଲିଙ୍ଗ ଅନୁପାତ ବଢ଼ିଛି

ନୂଆଦିଲ୍ଲୀ,୨୮।୭(ପି.ଟି.)

ପ୍ରଜନନ ସମୟର ଲିଙ୍ଗ ଅନୁପାତରେ ୧୫ ପଏଣ୍ଟ ଉନ୍ନତି ହୋଇଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଶୁକ୍ରବାର ଲୋକ ସଭାରେ କହିଛନ୍ତି। ୨୦୧୪-୧୫ରେ ପ୍ରତି ହଜାର ପୁଅରେ ଝିଅଙ୍କ ସଂଖ୍ୟା ୯୧୮ ରହିଥିବାବେଳେ ୨୦୨୨-୨୩ରେ ଏହା ୯୩୩କୁ ବୃଦ୍ଧି ପାଇଛି। ସରକାରଙ୍କ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିଛି ଓ ସେମାନେ କନ୍ୟାସନ୍ତାନର ଅଧିକାର ସମ୍ପର୍କରେ ସଚେତନ ହୋଇଛନ୍ତି ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ନିମ୍ନ ସଦନରେ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ। ଶିଶୁ ଲିଙ୍ଗ ଅନୁପାତ ହ୍ରାସ ପାଇଚାଲିଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏବେ ଏଥିରେ ଉନ୍ନତି ଆସିଥିବା ମନ୍ତ୍ରୀ କହିଛନ୍ତି।

### ରାମମନ୍ଦିର ଉଦ୍‌ଘାଟନ: ଅଯୋଧ୍ୟାରେ ହୋଟେଲ ବୁକ୍ ପାଇଁ ଏବେଠୁ ଭିଡ଼

ଅଯୋଧ୍ୟା,୨୮।୭

୨୦୨୪ ଜାନୁୟାରୀରେ ଅଯୋଧ୍ୟାର ଭବ୍ୟ ରାମମନ୍ଦିର ଉଦ୍‌ଘାଟନ ହେବାକୁ ଥିବାବେଳେ ଏବେଠୁ ଦେଶର ଟ୍ରାଭେଲ ଏଜେଣ୍ଟଗୁଡ଼ିକ ମନ୍ଦିର ସହରର ଉପରେ ନଜର ପକାଇଲେଣି। ଅଯୋଧ୍ୟାର ହୋଟେଲ, ଗେଷ୍ଟହାଉସ, ଧର୍ମଶାଳାଗୁଡ଼ିକୁ ଜାନୁୟାରୀ ୨୦ରୁ ୨୬ ବୁକ୍ କରିବା ପାଇଁ ଏବେଠୁ ପ୍ରବଳ ମାତ୍ରାରେ ଅର୍ଡର ଆସିବାରେ ଲାଗିଲାଣି। ଅଧିକାଂଶ ବୁକିଂ ଅନୁରୋଧ ଟ୍ରାଭେଲ ଏଜେନ୍ସିଗୁଡ଼ିକରୁ ଆସୁଛି। ସେମାନେ ଚଢ଼ା ଦରରେ ପୂରା ହୋଟେଲ ବୁକ୍ କରୁଛନ୍ତି, ଯାହା ଭକ୍ତମାନଙ୍କଠାରୁ ଅସୁଲ କରିବେ। ମନ୍ଦିର ଉଦ୍‌ଘାଟନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରଣପତ୍ର ପଠାଯାଇଥିବା ଟ୍ରଷ୍ଟ ପକ୍ଷରୁ ଘୋଷଣା କରାଯିବା ପରେ ଲୋକଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇଛି। ଜାନୁୟାରୀରେ ଅଯୋଧ୍ୟାକୁ ଭକ୍ତମାନଙ୍କ ସୁଅ ଛୁଟିବ। ଜାନୁୟାରୀ ୧୫ରୁ ୨୪ ମଧ୍ୟରେ ଉଦ୍‌ଘାଟନ ତାରିଖ ସ୍ଥିର କରିବାକୁ ପ୍ରଧାନମନ୍ତ୍ରୀଙ୍କୁ କୁହାଯାଇଥିବା ରାମମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ କହିଛନ୍ତି। ଉଦ୍‌ଘାଟନ ଉତ୍ସବରେ ୧୦ ହଜାର ଅତିଥି ଯୋଗଦେବେ।

## ଆଣବିକ ଖଣିଜ ଉତ୍ତୋଳନ ପାଇଁ ଘରୋଇ ସଂସ୍ଥାକୁ ମିଳିବ ଅନୁମତି

ନୂଆଦିଲ୍ଲୀ,୨୮।୭(ପି.ଟି.)

- ଲୋକ ସଭାରେ ବିଲ୍ ଗୃହୀତ
- ଏନ୍‌ଏନ୍‌ଏମ୍‌ସି, ଏନ୍‌ଡିସି ବିଲ୍‌କୁ ଅନୁମୋଦନ

ଲିଥିୟମ ସମେତ ୬ ଆଣବିକ ଖଣିଜ ଉତ୍ତୋଳନ ଲାଗି ଘରୋଇ ସଂସ୍ଥାକୁ ଅନୁମତି ମିଳିବ। ଏଥିପାଇଁ ଶୁକ୍ରବାର ଲୋକ ସଭାରେ ଖଣି ଓ ଖଣିଜ(ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୩ ଧ୍ୱନି ମତରେ ପାରିତ ହୋଇଛି। ପ୍ରଚଳିତ ଆଇନ ଅନୁଯାୟୀ ସମସ୍ତ ୧୨ଟି ଆଣବିକ ଖଣିଜ ଉତ୍ତୋଳନ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ପାଇଁ ସଂରକ୍ଷିତ ରହିଥିଲା। ସେଥିରୁ ୬ଟି ଖଣିଜର ଉତ୍ତୋଳନ ଘରୋଇ ସଂସ୍ଥା ଦ୍ୱାରା କରାଇବା ପାଇଁ ସରକାର ବିଲ୍ ଆଣିଥିଲେ। ସେହିସବୁ ଖଣିଜ ହେଲା ଲିଥିୟମ(ଯାହା ବିଦ୍ୟୁତ୍‌ଚାଳିତ ଯାନର ବ୍ୟାଟେରି ଏବଂ ବିଦ୍ୟୁତ୍ ଷ୍ଟୋରେଜ୍ ଉପକରଣ ତିଆରିରେ ବ୍ୟବହୃତ ହୋଇଥାଏ), ବେରିଲିୟମ, ନିଓବିୟମ, ଟିଟାନିୟମ, ଟାଣ୍ଟାଲମ ଏବଂ ଜିର୍କୋନିୟମ। ମହାକାଶ ଶିଳ୍ପ, ଇଲେକ୍ଟ୍ରୋନିକ୍ସ, ଯୋଗାଯୋଗ, ଶକ୍ତି ସେକ୍ଟର, ଇଲେକ୍ଟ୍ରି ବ୍ୟାଟେରି ଆଦିରେ ଏହିସବୁ ଖଣିଜ ବ୍ୟବହୃତ ହୋଇଥାଏ। ଘରୋଇ ସଂସ୍ଥାକୁ ଅନୁମତି ମିଳିବା ଦ୍ୱାରା ସେଗୁଡ଼ିକ ପ୍ରଚୁର ମାତ୍ରାରେ ଉତ୍ତୋଳନ ହୋଇପାରିବ।

ସେହିପରି ଦେଶରେ ଦନ୍ତରୋଗ ଶିକ୍ଷା ଓ ପେସାକୁ ନିୟନ୍ତ୍ରଣ କରିବା ପାଇଁ ନ୍ୟାଶନାଲ ଡେଣ୍ଟାଲ କମିଶନ (ଏନ୍‌ଡିସି) ସ୍ଥାପନ ନିମନ୍ତେ ଆସିଥିବା ବିଲ୍‌କୁ ଲୋକ ସଭା ଅନୁମୋଦନ କରିଛି। ଡେଣ୍ଟିଷ୍ଟସ୍ ଆକ୍ଟ, ୧୯୪୮ ସ୍ଥାନରେ କାର୍ଯ୍ୟକାରୀ ହେବାକୁ ଥିବା ନ୍ୟାଶନାଲ ଡେଣ୍ଟାଲ କମିଶନ ବିଲ୍ ଦନ୍ତରୋଗ ଶିକ୍ଷାକୁ ସୁଲଭ କରାଇବା ସହ ମୁଖ ସ୍ୱାସ୍ଥ୍ୟସେବାର ମାନ ବଢ଼ାଇବ। ଏହା ବ୍ୟତୀତ ଭାରତୀୟ ନର୍ସିଂ କାଉନସିଲ୍ ଆଇନ, ୧୯୪୭ ସ୍ଥାନରେ ନ୍ୟାଶନାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫେରି କମିଶନ (ଏନ୍‌ଏନ୍‌ଏମ୍‌ସି) ସ୍ଥାପନ ଲକ୍ଷ୍ୟରେ ଅଣାଯାଇଥିବା ନ୍ୟାଶନାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫେରି କମିଶନ ବିଲ୍, ୨୦୨୩ ଲୋକ ସଭାରେ ଗୃହୀତ ହୋଇଛି।

## ବିବାହ ପାଇଁ ମନା କରିବାରୁ କଲେଜ ଛାତ୍ରୀଙ୍କୁ ଲୁହାଛଡ଼ରେ ପିଟି ହତ୍ୟା

ନୂଆଦିଲ୍ଲୀ,୨୮।୭

ଦକ୍ଷିଣ ଦିଲ୍ଲୀର ମାଲବ୍ୟନଗରରେ ଜଣେ ୨୫ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଶୁକ୍ରବାର ଲୁହାଛଡ଼ରେ ପିଟି ହତ୍ୟା କରାଯାଇଛି। ମୃତା ନର୍ଗିସଙ୍କ ମୁଣ୍ଡରେ କ୍ଷତଚିହ୍ନ ରହିଥିବାବେଳେ ଏକ ଲୁହା ରଡ୍ ପୋଲିସ ପାଇଛି। ନର୍ଗିସ କମଳା ନେହେରୁ କଲେଜର ଛାତ୍ରୀ ହୋଇଥବାବେଳେ ସେ ତାଙ୍କର ଦୂର ସମ୍ପର୍କୀୟ ଭାଇ ଇର୍ଫାନଙ୍କୁ ଭେଟିବା ଲାଗି ପାର୍କକୁ ଆସିଥିଲେ। ହତ୍ୟା ଅଭିଯୋଗରେ ଇର୍ଫାନଙ୍କୁ ଗିରଫ କରାଯାଇଛି। ଇର୍ଫାନ ନର୍ଗିସଙ୍କୁ ବିବାହ କରିବାକୁ ଚାହୁଁଥିବାବେଳେ ଝିଅ ପରିବାର ରାଜି ନ ଥିଲେ। ସେଥିପାଇଁ ସେ ନର୍ଗିସଙ୍କୁ ହତ୍ୟା କରିଥିବା ଦକ୍ଷିଣ ଦିଲ୍ଲୀ ଡିସିପି ଚନ୍ଦନ ଚୌଧରୀ କହିଛନ୍ତି।

## ଅଭିଷେକ ବାନାର୍ଜୀଙ୍କ ନାଁରେ ଲୁକ୍‌ଆଉଟ୍ ସର୍କୁଲାର ପ୍ରତ୍ୟାହାର ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮।୭(ପି.ଟି.)



ପଶ୍ଚିମବଙ୍ଗ କୋଇଲା ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ ଏବଂ ତାଙ୍କ ସ୍ତ୍ରୀ ରୁଜିରାଙ୍କ ନାଁରେ ଇସ୍ୟୁ ହୋଇଥିବା ଲୁକ୍ ଆଉଟ୍ ସର୍କୁଲାର (ଏଲ୍‌ଓସି) ପ୍ରତ୍ୟାହାର ଲାଗି ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ବିଦେଶ ଯିବା ନେଇ ସପ୍ତାହେ ପୂର୍ବରୁ ଜଣାଇଲେ ଏଥିପାଇଁ ସୁବିଧା କରିଦିଆଯିବ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁଣାଣି ବେଳେ ଜଷ୍ଟିସ ଏସ୍.କେ. କୌଲ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠଙ୍କୁ କହିଥିଲେ। କୋର୍ଟଙ୍କ ଅନୁମତିରେ ଅଭିଷେକ ଓ ରୁଜିରା ବିଦେଶ ଗସ୍ତରେ ଯାଉଥିବାବେଳେ କ'ଣ ପାଇଁ ସେମାନଙ୍କ ବିରୋଧରେ ଏଲ୍‌ଓସି ଜାରି ହେଲା ଜଣାଇବାକୁ ଗତ ୨୪ ତାରିଖରେ ସୁପ୍ରିମକୋର୍ଟ ଇଡିକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଇଡି ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଉପସ୍ଥିତ ରହି ଜୁଲାଇ ୨୬ରୁ ଅଗଷ୍ଟ ୨୦ ମଧ୍ୟରେ ଅଭିଷେକ ଓ ରୁଜିରାଙ୍କୁ ବିଦେଶ ଯିବା ଲାଗି ଏଲ୍‌ଓସିରେ କୋହଳ କରାଯାଇଥିବା କୋର୍ଟଙ୍କୁ କହିଥିଲେ।

## ରାଜ୍ୟପାଳଙ୍କୁ ଛାଡ଼ି ପଳାଇଲା ଏୟାରଏସିଆ ବିମାନ

ବେଙ୍ଗାଲୁରୁ,୨୮।୭

ବେଙ୍ଗାଲୁରୁରୁ ହାଇଦ୍ରାବାଦ ଯାଉଥିବା ଏୟାରଏସିଆ ବିମାନ କର୍ଣ୍ଣାଟକ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟଙ୍କୁ ନ ନେଇ ଉଡ଼ାଣ ଭରିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଜ୍ୟପାଳ ତାଙ୍କ ଲଗେଜ୍ ଚେକ୍ କରାଇ ବିମାନବନ୍ଦର ଲାଉଞ୍ଜରେ ଅପେକ୍ଷା କରିଥିଲେ। ସେ ବୋର୍ଡିଂ ଗେଟ୍‌ରେ ପହଞ୍ଚିବା ପୂର୍ବରୁ ବିମାନଟି ଉଡ଼ାଣ ଆରମ୍ଭ କରିଥିଲା। ଏହା ପ୍ରୋଟୋକଲ୍‌ର ଉଲ୍ଲଂଘନ ଅଭିଯୋଗ କରି ରାଜ୍ୟପାଳଙ୍କ କର୍ମଚାରୀମାନେ କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦର ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ଗେହଲଟ ୨ ନମ୍ବର ଟର୍ମିନାଲରୁ ହାଇଦ୍ରାବାଦ ଯିବାର ଥିଲା। ସେଠାରୁ ସେ ସଡ଼କ ପଥରେ ରାଇଚୁର ଯାଇ ଏକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥାନ୍ତେ। ରାଜ୍ୟପାଳଙ୍କୁ ଛାଡ଼ି ପଳାଇଥିବାରୁ ଏୟାରଲାଇନ୍ସ କ୍ଷମା ମାଗିଛି। ତଦନ୍ତ ପରେ ଏଥିପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏୟାରଲାଇନ୍ସ କହିଛି।



ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ

## ୩୫ ବର୍ଷ ପରେ ମାଆଙ୍କୁ ପାଇଲେ ପୁଅ

ପଟିଆଲା,୨୮।୭

ଦୀର୍ଘ ୩୫ ବର୍ଷ ପରେ ଜଣେ ମହିଳାଙ୍କୁ ତାଙ୍କ ପୁଅ ଖୋଜି ପାଇଛନ୍ତି। ଜଗଜିତ୍ ସିଂ ବନ୍ୟା ଉଦ୍ଧାର କାର୍ଯ୍ୟରେ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ ଥିବାବେଳେ ନିଜ ମାଆଙ୍କୁ ପାଇ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ। ଜୁଲାଇ ୨୦ରେ ପଞ୍ଜାବର ପଟିଆଲା ଗ୍ରାମରେ ଥିବା ମାମୁଘରେ ହରଜିତ କୌରଙ୍କ ସହ ଜଗଜିତ୍‌ଙ୍କର ଭେଟ ହୋଇଥିଲା। ସେ ଏହି ମିଳନ ସମୟର ଭିଡିଓକୁ ଫେସ୍‌ବୁକ୍‌ରେ ଶେୟାର କରିଛନ୍ତି। ଜଗଜିତ୍ ତାଙ୍କ ଭାବାବେଗକୁ ନିୟନ୍ତ୍ରଣରେ ରଖିପାରି ନ ଥିଲେ ଓ ଆଖିରୁ ଲୁହ ବହିଯାଇଥିଲା ବୋଲି କହିଛନ୍ତି। ଜଗଜିତ୍‌ଙ୍କୁ ୬ ମାସ ହୋଇଥିବାବେଳେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ ୨ ବର୍ଷ ବେଳେ ହରଜିତ୍ ଦ୍ୱିତୀୟ ବିବାହ କରିବାରୁ ପିଲାଟିକୁ ତାଙ୍କ ଜେଜେ ଓ ଜେଜେମାଆ ଅନ୍ୟତ୍ର ନେଇଯାଇଥିଲେ। ସେ ବଡ଼ ହେବା ପରେ ଉଭୟ ମାଆବାପା ଦୁର୍ଘଟଣାରେ ମରିଯାଇଥିବା ତାଙ୍କୁ କୁହାଯାଇଥିଲା। ନିକଟରେ ବନ୍ୟା ଉଦ୍ଧାର କାର୍ଯ୍ୟ ପାଇଁ ଜଗଜିତ୍ ତାଙ୍କ ଏନ୍‌ଜିଓ ସହ ପଟିଆଲାରେ ପହଞ୍ଚିଥିବାବେଳେ ବୋହାରପୁର ଗ୍ରାମରେ ମାଆଙ୍କ ସହ ଭେଟ ହୋଇଥିଲା।



# ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତାଦେଲେ ୧୦ ଦେଶର ଛାତ୍ରୀଛାତ୍ର



ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଜଣେ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଓ ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ।



ସାଇମୁନ୍‌ର ୧୧ତମ ସଂସ୍କରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ୧୦ଟି ଦେଶର ପ୍ରତିନିଧି ଓ ଛାତ୍ରୀଛାତ୍ର।

## ସାଇମୁନ୍‌ର ୧୧ତମ ସଂସ୍କରଣ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ପୂର୍ବ ଭାରତର ସର୍ବବୃହତ୍ ଯୁବ ସମ୍ମିଳନୀ 'ସାଇ ମଡେଲ୍ ୟୁନାଇଟେଡ୍ ନେଶନ୍ସ(ସାଇମୁନ୍)'ର ୧୧ତମ ସଂସ୍କରଣ ସ୍କୁଲ୍ ପରିସରରେ ଆରମ୍ଭ ହୋଇଛି। ଏଥିରେ ଭାରତ ସମେତ ବିଶ୍ୱର ୧୦ଟି ଦେଶର ୮୦୦ରୁ ଅଧିକ ଅନ୍ତର୍ଜାତୀୟ ପ୍ରତିନିଧି ଯୋଗଦେଇ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ବିଶ୍ୱ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଦେଶର ଛାତ୍ରୀଛାତ୍ର ଏକତ୍ରିତ ହେବା ସେମାନଙ୍କୁ କେବଳ ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଅବଗତ କରାଇବ ତାହା ନୁହେଁ, ବରଂ ସେମାନଙ୍କ ମଧ୍ୟରେ ନେତୃତ୍ୱ ଏବଂ ସମସ୍ୟା ସମାଧାନର କୌଶଳ ସୃଷ୍ଟି କରିବ। ଏହି ସମ୍ମିଳନୀ ସମାଜ ଓ ଲୋକଙ୍କୁ ବୁଝିବା ପାଇଁ ଏକ ଅନନ୍ୟ ସୁଯୋଗ। ସମ୍ମିଳନୀର ଅନୁଭୂତି ବିଶ୍ୱସ୍ତରୀୟ ନେତା ଓ ମାନବିକତା କ୍ଷେତ୍ରରେ ଅବଦାନ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କ୍ରୀଡ଼ା ଶିକ୍ଷା ଓ ଏହାର ସ୍ତରକୁ ଆଗକୁ ନେବାପାଇଁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ନବନିର୍ମିତ ୩୦ହଜାର ବର୍ଗଫୁଟ ବିଶିଷ୍ଟ 'ବିଜୟ ଇନ୍‌ଡୋର ଷ୍ଟାଡ଼ିୟମ୍' ଏବଂ ୪୦ହଜାର ବର୍ଗଫୁଟ୍ ବିଶିଷ୍ଟ 'ବିଜୟ ମଇଦାନ'କୁ ଲୋକାର୍ପଣ କରିଛନ୍ତି। ଏଥିରେ ୬ଟି ଟେବୁଲ୍ ଟେନିସ୍ କୋର୍ଟ, ୬ଟି ବ୍ୟାଡ୍‌ମିଣ୍ଟନ କୋର୍ଟ, ୩ଟି ବାସ୍କେଟ୍‌ବଲ୍ କୋର୍ଟ, ଗୋଟିଏ ସ୍କ୍ୱାସ୍ କୋର୍ଟ, ବହୁମୁଖୀ ଭଲିବଲ୍ ଏବଂ ଟେନିସ୍ କୋର୍ଟ, ଲନ୍ ଟେନିସ୍ କୋର୍ଟ, ସ୍କେଟିଂ ଟ୍ରାକ୍, ଚେସ୍, କ୍ୟାରମ୍ ପରି ଇନ୍‌ଡୋର ଗେମ୍‌ର ସୁବିଧା ରହିଛି।

### ବିଜୟ ଇନ୍‌ଡୋର ଷ୍ଟାଡ଼ିୟମ୍ ଲୋକାର୍ପିତ



ଦୁଇଦିନ ଧରି ଚାଲିବାକୁ ଥିବା 'ସାଇମୁନ୍'ରେ ଶ୍ରୀଲଙ୍କା, ଉଗାଣ୍ଡା, ସାଉଦି ଆରବ, ସିରିଆ, ଭୂଟାନ୍, କେନିୟା, ଇଶ୍ୱାଟିନି, ଇଥିଓପିଆ, ମାଲି ଏବଂ ଭାରତର ପ୍ରତିନିଧିମାନେ ଯୋଗଦେଇଛନ୍ତି। ଏମାନଙ୍କ ମଧ୍ୟରେ ବିଶ୍ୱର ଅନେକ ରାଉଣ୍ଡ୍ ସ୍କୋୟାର ସ୍କୁଲ୍ ଛାତ୍ରୀଛାତ୍ରଙ୍କ ସହ ଓଡ଼ିଶାର ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ଭୁବନେଶ୍ୱର ଶ୍ରୀହର୍ଷ ମେମୋରିଆଲ୍ ମୁକ ବଧିର ସ୍କୁଲର ଛାତ୍ରୀଛାତ୍ର ରହିଛନ୍ତି। ସମ୍ମାନିତ ଅତିଥି ଭାବେ ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଯୁବପିଢ଼ିଙ୍କ ପାଇଁ ଏହି ପ୍ଲାଟ୍‌ଫର୍ମ ବିଶ୍ୱ ସମସ୍ୟାର ସମାଧାନ କରିବାରେ ସହାୟକ ହେବ ବୋଲି କହିଛନ୍ତି। ସ୍କୁଲର ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବସୁଧୈବ କୁଟୁମ୍ବକମ୍-ସାରା ବିଶ୍ୱ ଗୋଟିଏ ପରିବାର ଶୀର୍ଷକକୁ ନେଇ ୧୦ଟି ଦେଶର ଛାତ୍ରୀଛାତ୍ର, ୧୦ଟି କମିଟି ମାଧ୍ୟମରେ ଆଲୋଚନା ପର୍ଯ୍ୟାଲୋଚନା କରି ବିଶ୍ୱର ବିଭିନ୍ନ ଦେଶରେ ଘଟୁଥିବା ସମସ୍ୟା ସମାଧାନର ସରଳ ଉପାୟ ବାହାର କରିବେ। ଏହାକୁ ଏକ ପୁସ୍ତିକା ଆକାରରେ ପ୍ରସ୍ତୁତ କରାଯାଇ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରେରିତ କରାଯିବ। ତେବେ ପ୍ରଥମ ଦିନରେ ଛାତ୍ରୀଛାତ୍ର ନେତୃତ୍ୱ ନେବା, ଆପୋଷ କଥାବାର୍ତ୍ତା ମାଧ୍ୟମରେ ପୃଥିବୀର ବିଭିନ୍ନ ସମସ୍ୟାର ସମାଧାନର ଉପାୟ ବାହାର କରିବା, ପରସ୍ପର ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା।

# ୩ ବର୍ଷର ଶିଶୁକନ୍ୟାକୁ ବଳାତ୍କାର

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ପୀଡ଼ିତା

**ପାରାଦୀପ, ୨୮।୭(ଶରତ ରାଉତ)**

ପାରାଦୀପ ଜଟାଧାର ମୁହାଣ ଥାନା ଅଞ୍ଚଳରେ ଶୁକ୍ରବାର ସକାଳୁ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଥାନା ଅଞ୍ଚଳର ଜଣେ ୩ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ପରେ ସମୁଦ୍ର ବାଲିରେ ଛାଡ଼ି ଦୁର୍ବୃତ୍ତ ଚାଲିଯାଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାକୁ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ମାମଲା (ନଂ. ୩୩/୨୩) ରୁଜୁ ହୋଇଛି। ଉକ୍ତ ଶିଶୁକନ୍ୟାଟି ଭୋର ୫ଟାରେ ଉଠି ଘର ପାଖରେ ଖେଳୁଥିବାବେଳେ ଦୁର୍ବୃତ୍ତ ଜଣକ ତାକୁ ନିକଟସ୍ଥ ବେଳାଭୂମିସ୍ଥିତ ଝାଉଁ ଜଙ୍ଗଲକୁ ନେଇ ବଳାତ୍କାର କରିଥିବା କୁହାଯାଉଛି। ଏହି ସମୟରେ ଶିଶୁକନ୍ୟାଟିର ପ୍ରବଳ ରକ୍ତସ୍ରାବ ହୋଇଥିବା ଜଣାପଡ଼ିଛି। ଅପରପକ୍ଷେ ମା'ବାପା ଝିଅକୁ ଖୋଜି ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ଏତିକିବେଳେ ଜଣେ ପଡ଼ୋଶୀ ଦମ୍ପତି ଝିଅକୁ ଆଣି ଘରେ ପହଞ୍ଚାଇବା ସହ ଘଟଣା ସମ୍ପର୍କରେ କହିଥିଲେ। ପରିବାର ଲୋକେ ପ୍ରଥମେ ଝିଅକୁ ନେଇ ଜଟାଧାର ମୁହାଣ ସାମୁଦ୍ରିକ ଥାନାକୁ ଯାଇଥିଲେ। ପୋଲିସ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇ ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଅଭିଯୁକ୍ତ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

# ୪ ଲଘୁଚାପ ପରେ ନିଅଣ୍ଟିଆ ବର୍ଷା

## ଉପକୂଳ, ଆଭ୍ୟନ୍ତରୀଣ ଓଡ଼ିଶାରେ ୨ ଦିନ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୮।୭(ଅନିଲ ଦାସ)**

ଚାଷୀମାନେ ତଳି ପକାଇ ବର୍ଷାକୁ ଚାହିଁ ରହିଛନ୍ତି। ରାଜ୍ୟର ଅଧିକାଂଶ ଜିଲାରେ ରୁଆ, ବେଉଷଣ ପାଇଁ ଆବଶ୍ୟକ ଅନୁଯାୟୀ ବର୍ଷା ନାହିଁ। ଗୋଟିଏ ପରେ ଗୋଟିଏ ଲଘୁଚାପ ଦାନାବାନ୍ଧୁଛି, ହେଲେ ଓଡ଼ିଶାରେ ବର୍ଷା ଦେଉନାହିଁ। ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି। ଗତ ଜୁନ୍ ମାସରେ ଗୋଟିଏ ଲଘୁଚାପ ହୋଇଥିବା ବେଳେ ଜୁଲାଇ ମାସରେ ଏଯାଏ ୩ଟି ଲଘୁଚାପ ହୋଇଛି। ଏହା ସତ୍ତ୍ୱେ ରାଜ୍ୟରେ ଆଶାନୁରୂପ ବର୍ଷା ହେଉନାହିଁ। ରାଜ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଗଲାଣି। ଜୁନ୍ ୧ରୁ ଜୁଲାଇ ୨୮ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୫୧୫.୬ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୪୫୨.୮ ମିଲିମିଟର। ୧୨ ଜିଲାରେ ପରିସ୍ଥିତି ସଙ୍ଗିନ ରହିଛି।

ପାଣିପାଗ ବିଭାଗ ସୂଚନା ମୁତାବକ, କଳାହାଣ୍ଡିରେ ସ୍ୱାଭାବିକଠାରୁ ୩୩% କମ୍ ବର୍ଷା ହୋଇଥିବା ବେଳେ ନବରଙ୍ଗପୁର ୩୬, କେନ୍ଦ୍ରାପଡ଼ା ୩୫, ମାଲକାନଗିରି ୩୧, ବାଲେଶ୍ୱର ୨୬, କଟକ ୨୭, ଗଞ୍ଜାମ ୨୪, ଜଗତ୍‌ସିଂହପୁର ୨୪, ଯାଜପୁର ୨୯, ରାୟଗଡା ୨୪, ପୁରୀ ଓ କଟକରେ ୨୭ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି।

### ୩୦ରେ ଆଉ ଏକ ଲଘୁଚାପ

ତେବେ ଆସନ୍ତା ୩୦ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୋନପୁର, ଗଞ୍ଜାମ, ଗଜପତିଆଦି ଜିଲାରେ ୩୦ ଓ ୩୧ ଦୁଇ ଦିନ ଧରି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ରାଜ୍ୟରେ ବର୍ଷାର ପରିମାଣ ବଢ଼ାଇବା ନେଇ ପାଣିପାଗ ବିଜ୍ଞାନୀ ଆଶାବାଦୀ ଅଛନ୍ତି।

# ଅବକାରୀ ଏଏସ୍‌ଆଇ, ଡ୍ରାଇଭରଙ୍କୁ ଗୋଡ଼ାଇ ହାଣିଲେ

## ■ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ଅବକାରୀ ବିଭାଗର ଚଢ଼ାଉ
## ■ ୪ ଗାଡ଼ିର କାଚ ଭାଙ୍ଗିଲେ ■ ମଦ ବ୍ୟବସାୟୀ ଫେରାର, ଜଣେ ଅଟକ





ଆହତ ଏଏସ୍‌ଆଇ ଓ ଡ୍ରାଇଭର

**ଖୁଣ୍ଟୁଣୀ, ୨୮।୭ (ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଡାଲୁଆ ଓ ଖଣ୍ଡୁଆଳି ଗ୍ରାମ ନିକଟ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଚାଲିଥିବା ଚୋରା ଦେଶୀ ମଦଭାଟି ଉପରେ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍, କଟକ ୟୁନିଟ୍-୧ର ମୋବାଇଲ ସ୍କ୍ୱାଡ୍ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଥିଲା। ହେଲେ ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଚୋରା ମଦ ବ୍ୟବସାୟୀ ମୁହଁରେ ମୁଖା ପିନ୍ଧି ଅବକାରୀ ବିଭାଗର ୨ ଜଣଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିସହ ୪ଟି ଗାଡ଼ି ଭଙ୍ଗାରୁଜା କରିବା ସହ ୧୨ଟି ଚକା କାଟି ଦେଇଥିଲେ। ଆକ୍ରମଣରେ ଅବକାରୀ ଏଏସ୍‌ଆଇ ହେମନ୍ତ ମଲ୍ଲିକ ଓ ଡ୍ରାଇଭର ବିଷ୍ଣୁ ମୋହନ ଦାସ ଆହତ ହୋଇଛନ୍ତି। ଚିକିତ୍ସାଲାଗି ସେମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।



ଚୋରା ମଦ ବ୍ୟବସାୟୀମାନେ କାର କାଚ ଭାଙ୍ଗି ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ଦୀର୍ଘଦିନ ହେବ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଖବରପାଇ ଶୁକ୍ରବାର ଅବକାରୀ ବିଭାଗର ମିଳିତ ସ୍କ୍ୱାଡ୍ କର୍ମଚାରୀମାନେ ୫ଟି ଗାଡିରେ ଆସି ଖଣ୍ଡୁଆଳି ଗ୍ରାମ ନିକଟ ଜାଭିୟର ସ୍କୁଲ ପଛପଟ ଜଙ୍ଗଲଠାରେ ପହଞ୍ଚିଥିଲେ। ତୁରନ୍ତ ଜଙ୍ଗଲ ଭିତରକୁ ଯାଇ ମଦଭାଟି ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ୪/୫ ଜଣ ମଦ ବ୍ୟବସାୟୀ ଗୋଡାଇ ଗୋଡାଇ ଏଏସ୍‌ଆଇ ମଲ୍ଲିକ ଓ ଡ୍ରାଇଭର ଦାସଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହା ଦେଖି କେତେଜଣ କର୍ମଚାରୀ ଜୀବନ ବଞ୍ଚାଇବା ପାଇଁ ଦୌଡି ପଳାଇଥିଲେ। ଆକ୍ରମଣ ଖବରପାଇ ନିକଟରେ ଥିବା ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ପ୍ରମୋଦ ପଣ୍ଡା, ଷ୍ଟେଟ୍ ଫ୍ଲାଇଂ ସ୍କ୍ୱାଡ୍ ଆଇଆଇସି ଦିଲୀପ ବେହେରା, କଟକ ମୋବାଇଲ ସ୍କ୍ୱାଡ୍ ଆଇଆଇସି ସଞ୍ଜିତ ବାର୍ଲାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଚଢ଼ାଉ ଅଧାରୁ ବନ୍ଦ କରି ଘଟଣାସ୍ଥଳକୁ ଆସିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ପରେ କଟକ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ ଓ ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରପକ୍ଷରେ ସେଠାକାର କେତେଜଣ ବୁଦ୍ଧିଜୀବୀ ପରିଚୟ ଗୋପନ ରଖି କହିଛନ୍ତି, ସ୍ଥାନୀୟ ନୁଣୁପଡ଼ିଆଠାରେ ବ୍ୟବସାୟୀମାନେ ଗୁଡ ରଖି ମଦ ପ୍ରସ୍ତୁତ କରୁଛନ୍ତି। ସେମାନଙ୍କ ବିରୋଧରେ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଉଭୟ ବିଭାଗର କେତେଜଣ ଅସାଧୁ କର୍ମଚାରୀ ସେମାନଙ୍କଠାରୁ ମାସରେ ଲକ୍ଷାଧିକ ଟଙ୍କା ନେଉଛନ୍ତି। ଏ ସମ୍ପର୍କରେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପଟେଲ କହିଛନ୍ତି, ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ ତଥ୍ୟ ସଂଗ୍ରହ କରାଯାଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ।






**ଆଜିର ମନ୍ତବ୍ୟ**

"ଦେଶର ଦୁଇ ଶ୍ରେଣୀ ମଧ୍ୟରେ ବ୍ୟବଧାନ ବଢ଼ୁଛି। ଗୋଟିଏ ପଟେ ଶାସକ ଦଳ ଦ୍ୱାରା କ୍ଷମତାସମ୍ପନ୍ନ ଗୋଷ୍ଠୀ ସୁରକ୍ଷିତ ଥିବାବେଳେ ସେମାନଙ୍କ ଇଙ୍ଗିତରେ ଦେଶର ଆଇନ ପ୍ରଣୟନ ହେଉଛି। ଅନ୍ୟପଟେ ସାଧାରଣ ଭାରତୀୟଙ୍କୁ ମୌଳିକ ସାମଗ୍ରୀ ଏପରିକି ପରିବା କିଣି ଖାଇବା କଷ୍ଟକର ହେଉଛି। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଜନମ କରି ଦେଲି ଜୋଇଁଙ୍କୁ,**
**ପୁଅ ଜନମ କରି ଦେଲି ବୋହୂକୁ।**

ଝିଅ ପାଇଁ ଯୋଗ୍ୟ ଜୋଇଁ ଓ ପୁଅ ପାଇଁ ମନଲାଖି ବୋହୂଟିଏ ଯୋଗାଡ଼ କରିବା ବଡ଼ ଦାୟିତ୍ୱର କଥା ହୋଇଥାଏ। ପୁଅ ଏବଂ ଝିଅ ଜନ୍ମ କରି ସେମାନଙ୍କ ଦାୟିତ୍ୱ ଯଥାକ୍ରମେ ବୋହୂ ଏବଂ ଜୋଇଁ ହସ୍ତେ ସମର୍ପଣ କରି ଚିନ୍ତାମୁକ୍ତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅ ଗଲେ ଘର ସରଇ ନାହିଁ**
**ବୋହୂ ଆଣିଲେ ଘର ପୂରଇ ନାହିଁ।**

ଝିଅକୁ ବିଭାଦେଇ ଶାଶୁଘରକୁ ପଠାଇଦେଲା ପରେ ବାପଘର ଲୋକସଂଖ୍ୟା କମିଯାଉଥିବା ବେଳେ ତାହା ବୋହୂ ଆସିବା ଦ୍ୱାରା ପୂରଣ ହୋଇଯାଇଥାଏ। ଠିକ୍ ସେମିତି ଝିଅ ବାହାଘର ବେଳେ ଯାନି ଯୌତୁକ ପାଇଁ ଖର୍ଚ୍ଚ କରାଯାଇଥିବା ଧନ ବୋହୂ ଆଣିବା ଦ୍ୱାରା ପୂରଣ ହୋଇଥାଏ। ଏହିଭଳି ଯୋଗ ବିୟୋଗ ପ୍ରକ୍ରିୟା ଯୋଗୁ ସଂଖ୍ୟା ଏବଂ ଧନର କୌଣସି ହାନିଲାଭ ଘଟି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଜେଲ ଗଲେ ଗଣିଆ ଅତିରିକ୍ତ ତହସିଲଦାର

**ନୟାଗଡ଼,(ଲୋକନାଥ ମିଶ୍ର)/ଗଣିଆ,୨୮।୭(ସନ୍ତୋଷ କୁମାର ପ୍ରଧାନ)**

ନୟାଗଡ଼ ଜିଲା ଗଣିଆ ତହସିଲର ଅତିରିକ୍ତ ତହସିଲଦାର ବନମାଳୀ ପରିଡା ୩ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଶୁକ୍ରବାର ଧରା ପଡ଼ି ଗିରଫ ହୋଇଛନ୍ତି। ପରେ ଭୁବନେଶ୍ୱର ଭିଜିଲାନ୍ସ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅତିରିକ୍ତ ତହସିଲଦାର ପରିଡ଼ାଙ୍କୁ ଜେଲ ଯିବାକୁ ପଡ଼ିଛି। ନୟାଗଡ଼ ଓ ଭୁବନେଶ୍ୱର ଭିଜିଲାନ୍ସ ପକ୍ଷରୁ ଅତିରିକ୍ତ ତହସିଲଦାର ପରିଡାଙ୍କ ସରକାରୀ ବାସଭବନରେ ଚଢ଼ାଉ କରି ୬ଟି ୫୦୦ ଟଙ୍କିଆ ଲାଞ୍ଚ ଟଙ୍କା ଜବତ କରିବା ସହ ଅତିରିକ୍ତ ତହସିଲଦାରଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଭିଜିଲାନ୍ସ ପକ୍ଷରୁ ନଂ.୧୯/୨୩ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଇଥିଲା।

ଅନ୍ୟପକ୍ଷେ ଭିଜିଲାନ୍ସ ପକ୍ଷରୁ ଅତିରିକ୍ତ ତହସିଲଦାରଙ୍କ ସରକାରୀ ବାସଭବନରୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜାତ ଜବତ କରାଯାଇଛି। ନୟାଗଡ଼ ବ୍ଲକର ନାଗମୁଣ୍ଡଳି ଘରେ ତାଲା ପଡିଥିବାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ହୋଇନାହିଁ। ତେବେ ରାତିରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯିବାର ରହିଛି।

### ୩ ହଜାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ

ଏ ନେଇ ଅଭିଯୋଗକାରୀ ଦଶପଲ୍ଲା ଦୁଆରୀ ଗାଁର ଅଜିତ କୁମାର ପ୍ରଧାନ କୁହନ୍ତି, ୨୪ ତାରିଖରେ ମୋର ଏକ ବାଲି ବୋଝେଇ ହାଇୱାକୁ ଅତିରିକ୍ତ ତହସିଲଦାର ପରିଡ଼ା ଗଣିଆ ତହସିଲ ସମ୍ମୁଖରେ ଅଟକାଇ କାଗଜାତ ଯାଞ୍ଚ କରିଥିଲେ। କାଗଜାତ ସବୁ ଠିକ୍‌ଠାକ୍ ଥିଲେ ମଧ୍ୟ ୧୫ ହଜାର ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେଲେ ହଇରାଣ କରିବାର ଧମକ ଦେଇଥିଲେ। ଆଲୋଚନା ପରେ ୧୩ ହଜାର ଟଙ୍କା ଦେବାକୁ ବାଧ୍ୟ କରିଥିଲେ। ବିଭିନ୍ନ ସମୟରେ ଆମଠାରୁ ହାତଗୁଞ୍ଜା ନେଉଥିଲେ। ହେଲେ ବିନା କାରଣରେ ବାଧ୍ୟବାଧକତା କରାଇ ଲାଞ୍ଚ ନେବାକୁ କହିବାରୁ ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲି। ୨୫ ତାରିଖରେ ୧୦ ହଜାର ଲାଞ୍ଚ ଦେଇଥିଲି। ଆଉ ୩ ହଜାର ଶୁକ୍ରବାର ସରକାରୀ ବାସଭବନରେ ଦେଇଥିଲି। ସେତେବେଳେ ଅତିରିକ୍ତ ତହସିଲଦାର ନିଶ କଳା କରୁଥିଲେ। ଟେବୁଲର କାଲ୍‌କୁଲେଟର ତଳେ ରଖିବାକୁ କହିବାରୁ ରଖିଥିଲି। ପରେ ଭିଜିଲାନ୍ସ ଟିମ୍ ଟଙ୍କା ଜବତ କରିଥିଲା।

# ୮ ହଜାର ଟଙ୍କା ନେଇ ଭିଜିଲାନ୍ସରେ ଏଏସ୍‌ଆଇ

**ଦଶମନ୍ତପୁର,୨୮।୭( ଅରବିନ୍ଦ ନାୟକ )**

ଏକ ମାମଲା ରଫାଦଫା କରିଦେବାକୁ ୮ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କୋରାପୁଟ ଜିଲା ଦଶମନ୍ତପୁର ଥାନାର ଜଣେ ଏଏସ୍‌ଆଇ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ନାମ ଦୀପିକା ହୀରା। ଖବରରୁ ଜଣାପଡ଼ିଛି, ଗତବର୍ଷ ଫେବୃୟାରୀରେ ନିର୍ବାଚନ ସମୟରେ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ନିର୍ବାଚନରେ ଖଜୁରିଗୁଡ଼ା ଗ୍ରାମର ମହେଶ୍ୱର ସାଉନ୍ତା ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଏହି ସମୟରେ ପରଜାବେଡାପଦର ପଞ୍ଚାୟତ ଏସ.ତୋଟାଗୁଡ଼ା ଗ୍ରାମର ବୀରେନ୍ଦ୍ର ଖସଲାଙ୍କଠାରୁ ୨୦ହଜାର ଟଙ୍କା ଉଧାର ନେଇଥିଲେ। ଦୀର୍ଘ ମାସ ପରେ ବୀରେନ୍ଦ୍ର ଦେଇଥିବା ଅର୍ଥ ମହେଶ୍ୱରଙ୍କୁ ମାଗିଥିଲେ। ମହେଶ୍ୱର ଟଙ୍କା ଦେବାରେ ବିଳମ୍ବ କରିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ମହେଶ୍ୱର ଥାନାର ଦ୍ୱାରସ୍ଥ ହୋଇ ବୀରେନ୍ଦ୍ର ଓ ତାଙ୍କ ଭାଇ ହେମନ୍ତଙ୍କ ନାମରେ ମିଥ୍ୟା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ୧୩।୭।୨୩(୮୫/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ରଫାଦଫା କରିଦେବାକୁ ତଦନ୍ତ ଦାୟିତ୍ୱରେ ଥିବା ଏଏସ୍‌ଆଇ ହୀରା ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କୁ ଦେବି କହି ବୀରେନ୍ଦ୍ରଙ୍କୁ ୧୩ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବୀରେନ୍ଦ୍ର ୨୪ ତାରିଖରେ ହୀରାଙ୍କୁ ୫ ହଜାର ଟଙ୍କା ଦେଇ ବଳକା ଅର୍ଥ ଶୁକ୍ରବାର ଦେବାକୁ କହିଥିଲେ। ଏ ସମ୍ପର୍କରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପ୍ରତିଶ୍ରୁତି ମୁତାବକ ବୀରେନ୍ଦ୍ର ଶୁକ୍ରବାର ୮ହଜାର ଟଙ୍କା ଏଏସ୍‌ଆଇ ହୀରାଙ୍କୁ ଦେଉଥିବା ବେଳେ ପୂର୍ବରୁ ସେଠାରେ ଜଗି ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଧରିଥିଲେ। ଚଢ଼ାଉରେ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅରୁଣ ନାୟକ, ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ, ସାବିତ୍ରୀ ପ୍ରଧାନ ସାମିଲ ହୋଇଥିଲେ। ଏହି ଘଟଣାରେ ଥାନା ଅଧିକାରୀ ମହାନ୍ତିଙ୍କୁ ମଧ୍ୟ ଭିଜିଲାନ୍ସ କର୍ମଚାରୀମାନେ ଜେରା କରିଥିବା ଅତିରିକ୍ତ ଏସ୍‌ପି ନାୟକ କହିଛନ୍ତି।



ଦୀପିକା ହୀରା

**ପ୍ରଥମ ପୃଷ୍ଠାରୁ...**

## ୨୫୦ ଟଙ୍କାର ଲଟେରି ...

ଟିକେଟ ବୋଲି ତାଙ୍କ ପୁଅ କହିଥିଲେ। ସେମାନେ ଲଟେରି ଟଙ୍କାରେ ଘର କରିବେ, ପିଲାଙ୍କ ଶିକ୍ଷା ଖର୍ଚ୍ଚ ଭରଣା କରିବେ ଓ ଋଣ ଶୁଝିବେ ବୋଲି କହିଛନ୍ତି। ବେବି ଏବଂ କୁଛିମାଲୁଙ୍କ ପାଖରେ ଟଙ୍କା ନ ଥିବାରୁ ଟିକେଟ କିଣିବା ପାଇଁ ସେମାନେ ୧୨ ଟଙ୍କା ୫୦ ପଇସା ଲେଖାଏ ଦେଇଥିଲେ। ଏହ୍‌କେଏସ୍ ଗ୍ରୁପ୍‌ର ଏହି ସଦସ୍ୟମାନେ ଏତେ ଗରିବ ଥିଲେ ଯେ ଗାଡ଼ିରେ ଯିବାକୁ ଟଙ୍କା ନ ଥିବାରୁ ସେମାନେ ପ୍ରତିଦିନ ଚାଲି ଚାଲି ମ୍ୟୁନିସିପାଲିଟି କାର୍ଯ୍ୟାଳୟକୁ ଯାଉଥିଲେ।





# ଭୁଲ୍ ଅସ୍ତ୍ରୋପଚାର ଯୋଗୁ ମହିଳାଙ୍କ ଜୀବନ ଗଲା

## ଅଭିଯୋଗ ଆଣିଲେ ପରିବାର ଲୋକ

**ଭଦ୍ରକ,୨୮।୭(ସନାତନ ରାଉତ)**

ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରରେ ତ୍ରୁଟି ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ବାଲେଶ୍ୱର ଜିଲା ଔପଦା ବ୍ଲକ ଅଧୀନ ଗଡ଼ସାହି ଗ୍ରାମର ଯଶୋବନ୍ତ ବାରିକଙ୍କ ସ୍ତ୍ରୀ ଜୟନ୍ତୀ(୨୪)। ତାଙ୍କ ବାପଘର ଆଗରପଡ଼ା ଥାନା ଅଧୀନ ରାଉତରାପୁର ଗ୍ରାମରେ। ଡାକ୍ତରଙ୍କ ଭୁଲ୍ ଅପରେଶନ ଯୋଗୁ ଜୟନ୍ତୀଙ୍କ ଜୀବନ ଯାଇଥିବା ନେଇ ତାଙ୍କ ବାପା ହୃଷୀକେଶ ବେଜ ଶୁକ୍ରବାର ଅପରାହ୍ନରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଜୟନ୍ତୀଙ୍କ ସ୍ୱାମୀ ଯଶୋବନ୍ତ ଏନେଇ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜୟନ୍ତୀ ବାପଘରକୁ ଆସିଥିବା ବେଳେ ଗତ ମଙ୍ଗଳବାର ରାଉତରାପୁର ଆଶାକର୍ମୀଙ୍କ ସହ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅସ୍ତ୍ରୋପଚାର ପାଇଁ ଯାଇଥିଲେ। ଅସ୍ତ୍ରୋପଚାର ସାରି ଘରକୁ ଫେରିବା ପରେ ସନ୍ଧ୍ୟାରେ ତାଙ୍କ ପେଟ ଫୁଲିବା ସହ ବାନ୍ତି ହୋଇଥିଲା। ଭୀଷଣ ଯନ୍ତ୍ରଣା ହେବାରୁ ତାଙ୍କୁ ରାତିରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ବୁଧବାର ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ତାଙ୍କର ଆଉ ଏକ ଅସ୍ତ୍ରୋପଚାର କରାଯାଇଥିଲା। ତଥାପି ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ କଟକ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ଶୁକ୍ରବାର ମୃତଦେହ ଗାଁକୁ ଅଣାଯାଇଥିଲା। ଜୟନ୍ତୀଙ୍କର ମାତ୍ର ୧୬ ମାସର ଶିଶୁପୁତ୍ର ଥିବାବେଳେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କିପରି କରାଗଲା, ସେନେଇ ପ୍ରଶ୍ନ ଉଠିଛି।

# ରାସ୍ତାରେ ଧାନତଳି ରୋଇଲେ ଗ୍ରାମବାସୀ



ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଜଡିଦା ପଞ୍ଚାୟତ ଅଧୀନ ଘୁଣ୍ଟିବିଲ ଗାଁର କାଦୁଅ ପଚପଚ ରାସ୍ତା ଉପରେ ମହିଳାମାନେ ଧାନତଳି ରୋଉଛନ୍ତି।

**ଉଦଳା,୨୮।୭(ସନ୍ତୋଷ କୁମାର ବାଛିନୀ)**

ଗାଁକୁ ନାହିଁ ଭଲ ରାସ୍ତା। ଆଣ୍ଠୁଏ ଲେଖାଏ ଖାଲ। କାଦୁଅ ପଚପଚ ରାସ୍ତାରେ ବର୍ଷାଦିନେ ଯାଇଆସି ହେଉନାହିଁ। ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ପ୍ରଶାସନ ପ୍ରତିକାର ବ୍ୟବସ୍ଥା କରୁନାହିଁ। ଏଥିରେ ଅତିଷ୍ଠ ହୋଇ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଜଡିଦା ପଞ୍ଚାୟତ ଅଧୀନ ଘୁଣ୍ଟିବିଲ୍ ଗ୍ରାମବାସୀ ଶୁକ୍ରବାର ଅଭିନବ ପ୍ରତିବାଦ କରିଛନ୍ତି। ସେମାନେ କାଦୁଅ ପଚପଚ ଗାଁ ରାସ୍ତାରେ ଧାନତଳି ରୋଇବା ସହ କପ୍ତିପଦା-ଠାକୁରମୁଣ୍ଡା ରାସ୍ତାର ନେଦାମ ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ତୁରନ୍ତ ଗ୍ରାମ ରାସ୍ତା ମରାମତି ସହ ଭଲ ସଡ଼କଟିଏ ନିର୍ମାଣ କରିବାକୁ ଦାବି କରିଥିଲେ। ଦୀର୍ଘ ସମୟ ଧରି ରାଜ୍ୟ ରାଜପଥ ଅବରୋଧ ଯୋଗୁ ଉଦଳା-ଠାକୁରମୁଣ୍ଡା ଓ କପ୍ତିପଦା-କେନ୍ଦୁଝର ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଯାତ୍ରୀବାହୀ ବସ୍ ସହ ଯାନବାହନ ଅଟକି ରହିଥିଲା। ଖବର ପାଇ କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। କପ୍ତିପଦା ବିଡିଓ ସିଦ୍ଧେଶ୍ୱର ନାୟକ ପହଞ୍ଚି ଉକ୍ତ ରାସ୍ତା ବୁଲି ଦେଖିଥିଲେ। ରାସ୍ତାର ଏପରି ଅବସ୍ଥାକୁ ନେଇ ସ୍ଥାନୀୟ ସରପଞ୍ଚ ମିନତୀ ମଢ଼େଇଙ୍କ ସହ ଆଲୋଚନା କରିଥିଲେ। କାଦୁଅ ଉପରେ ମୋରମ ପକାଇ ରାସ୍ତାକାମ କରାଯିବ ବୋଲି ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ। ତେବେ ସରକାରୀ ସ୍ତରରେ ଅନୁମୋଦନ ହେବା ପରେ ଖୁବ୍‌ଶୀଘ୍ର ରାସ୍ତା କାମ ଆରମ୍ଭ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ନିଖୋଜ ନାବାଳକଙ୍କୁ...

ରାସ୍ତାରୋକୋ କରିଥିଲେ। କିଆକଟା ପୋଲିସ ସେଠାରେ ପହଞ୍ଚିବା ପରେ ଲୋକେ ଅଧିକ ତାତିଯାଇଥିଲେ। ପୋଲିସ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଅନୁଗୋଳ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ରାୟଗୁରୁ, ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଆଠମଲ୍ଲିକ ଉପଜିଲାପାଳ ତରଣି ସୁନା, ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ, କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଠାକୁରଗଡ଼ ଆଇଆଇସି ପ୍ରିୟବ୍ରତ ଦାସ, ହଣ୍ଡପା ଆଇଆଇସି ନମିତା ନାୟକଙ୍କ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଜବତ କରିଥିଲେ। ଏ ସମ୍ପର୍କରେ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ନିଖୋଜ ଅଭିଯୋଗ ପରେ ପୋଲିସ ତଦନ୍ତ କରୁଥିଲା। ମହିଳା ପୂଜକଙ୍କୁ ଡାକି ପଚରାଉଚରା କରୁଥିଲା। ତେବେ ମୃତଦେହ ମିଳିବା ପରେ ଉତ୍ତେଜନା ଦେଖାଦେଇଥିଲା। ଅନୁଗୋଳରୁ ଏକ ପୋଲିସ ଟିମ୍ ସେଠାକୁ ପଠାଯାଇ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରାଯାଉଛି। ମହିଳା ପୂଜକଙ୍କ ସମେତ ୩ ଜଣଙ୍କୁ ଅଟକ ରଖାଯାଇଛି।

## ଶ୍ରୀମନ୍ଦିର ଦାନବାକ୍ସରୁ ...

ସେବାୟତଙ୍କ ନଜରକୁ ଏହା ଆସିଥିଲା। ସେମାନେ ଏ ସଂକ୍ରାନ୍ତରେ ଗାରଦରେ ଜଣାଇଥିଲେ। ପରେ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ଜେଟିପି ଦାନବାକ୍ସକୁ ଆଣି ଗାରଦରେ ଜିମା ଦେଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦାନବାକ୍ସରୁ ଚୋରି କରିବା ପରେ ଏହାକୁ ସେଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଏହି ଘଟଣା ନେଇ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି। ଶ୍ରୀମନ୍ଦିର ସର୍ବଦା କଡ଼ା ସୁରକ୍ଷା ବଳୟରେ ରହିଥାଏ। ଶ୍ରୀମନ୍ଦିର ପୋଲିସ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ମନ୍ଦିର ପରିସର ଓ ବାହାରେ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇ ଦିଆଯାଉଛି। ସେହିପରି ଦାରୁଦିଅଁଙ୍କ ରାତ୍ର ପହୁଡ଼ ପରେ ଶ୍ରୀମନ୍ଦିର ପରିସରରୁ ସମସ୍ତ ଭକ୍ତଙ୍କୁ ବାହାରକୁ କଢାଯାଇ ଦ୍ୱାର ବନ୍ଦ କରାଯାଇଥାଏ। କେବଳ ଡ୍ୟୁଟିରେ ଥିବା ଶ୍ରୀମନ୍ଦିର ପୋଲିସ ଏବଂ ଓଡ଼ିଶା ପୋଲିସ ମନ୍ଦିର ପରିସରରେ ରହିଥାନ୍ତି। ରାତିରେ ଶ୍ରୀମନ୍ଦିର ପରିସର ଓ ବାହାରେ ପୋଲିସ ନିୟୋଜିତ ଥିବା ସତ୍ତ୍ୱେ କିପରି ଚୋରି ହେଲା ଓ କେହି ଜାଣିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସକଙ୍କୁ ଅବଗତ କରାଯିବା ସହ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଛି। ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ଓ ସିଂହଦ୍ୱାର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶ୍ରୀମନ୍ଦିର ପରିସରରୁ ଚୋରି ହେବା ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ମନ୍ଦିର ପରିସର, ଦକ୍ଷିଣଦ୍ୱାର ନିକଟ ରାମମନ୍ଦିର ଓ କୋଇଲିବୈକୁଣ୍ଠ ନିକଟ ସୁଆର ନିଯୋଗ କାର୍ଯ୍ୟାଳୟରୁ ଚୋରି ହୋଇଥିଲା। ଚୋରି ଘଟଣାରେ ଜଣେ ନାବାଳକ ସମ୍ପୃକ୍ତ ଥିଲେ। ଏପରିକି ଗତବର୍ଷ ଜଣେ ବ୍ୟକ୍ତି ଶ୍ରୀମନ୍ଦିର ରୋଷଘରେ ପଶି ଚୁଲିଗୁଡ଼ିକୁ ଭାଙ୍ଗିଦେଇଥିଲେ। ଏବେ ଦାନବାକ୍ସରୁ ଚୋରି ଘଟଣା ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛି। ଚୋରି ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଅଭିଯୋଗ କରାଯିବ ବୋଲି ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି। ସେହିପରି ସିଂହଦ୍ୱାର ଥାନା ଅଧିକାରୀ ଶ୍ୱେତପଦ୍ମା ଦାସ କହିଛନ୍ତି, ରାତି ୮ଟା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ପକ୍ଷରୁ ଅନୁସନ୍ଧାନ ଚାଲିଛି। ଏହି ଘଟଣାରେ କାହାକୁ ଅଟକ ରଖାଯାଇନାହିଁ।

## ନବଙ୍କ ନାଁରେ ଗୋପାଳଙ୍କୁ ...

ମାନସିକ ରୋଗର ଔଷଧ ଖାଉଥିବା କଥା ପଚରାଯାଇଛି। ସେଥିରେ ସେ କିଛିଦିନ ହେଲା ଔଷଧ ଖାଇବା ଛାଡ଼ିଦେଇଥିବା କଥା କହିଛନ୍ତି। ତେଣୁ ସେ ମାନସିକ ରୋଗୀ ଥିବା ଜଣାପଡୁଛି। ଅନ୍ୟପଟେ ମେଡିକାଲ କର୍ମଚାରୀ ମନୋଜ ଭୟଭୀତ କରିଥିବା କଥା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ସେଥିରେ ଗୋପାଳ ରାଜି ହୋଇଛନ୍ତି।ସେହିପରି ଗୋପାଳଙ୍କ ପୁତୁରାକୁ ଚାକିରି ଦେବା ନେଇ ନବଙ୍କ ସହ ବଚସା ହେବା, ନବଙ୍କ କର୍ମୀ ଓ ସମର୍ଥକ ଧମକ ଦେବା, ମନ୍ତ୍ରୀ ନିଜେ ହତ୍ୟା ଧମକ ଦେବା ଭଳି ଅନେକ ପ୍ରଶ୍ନ ରହିଥିଲା। ହେଲେ ଗୋପାଳ ଟଙ୍କା ଜବତ କରିବା ପରେ ନବ ରାଗିଥିବା, ନବଙ୍କ ସମର୍ଥକଙ୍କୁ ମାରପିଟ କରିବା ଯୋଗୁ ତାଙ୍କ ଉପରେ ରାଗ ଥିବା, ନବଙ୍କ କର୍ମୀମାନେ ହତ୍ୟା ଧମକ ଦେଇଥିବା ଭଳି ପ୍ରଶ୍ନରେ ହଁ କରିଥିଲେ। ଏଥିରୁ ଜଣାପଡୁଛି ଗୋପାଳ ଓ ନବଙ୍କ ଭିତରେ ସମ୍ପର୍କ ଠିକ୍ ନ ଥିଲା ବୋଲି ଓକିଲ ନାଏକ କହିଛନ୍ତି। ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ଝାରସୁଗୁଡା ଜିଲା ବ୍ରଜରାଜନଗର ଗସ୍ତରେ ଯାଇଥିବା ବେଳେ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ଗାନ୍ଧୀ ଛକରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ସର୍ଭିସ ବନ୍ଧୁକରୁ ଗୁଳିକରି ହତ୍ୟା କରିଥିଲେ। ତାଙ୍କୁ ଗିରଫ କରାଯିବା ପରେ ପ୍ରଥମେ ଝାରସୁଗୁଡ଼ା ଜେଲରେ ରଖାଯାଇଥିଲା। ପରେ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଛି। ହତ୍ୟାକାଣ୍ଡର ୧୧୮ଦିନ ପରେ ତଦନ୍ତ ଦାୟିତ୍ୱ ନେଇଥିବା କ୍ରାଇମ୍‌ବ୍ରାଞ୍ଚ ୫୩୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଛି। ଏଥିରେ ୮୯ ଜଣଙ୍କ ସାକ୍ଷ୍ୟ ଓ ଜେରା କରାଯାଇଥିବା ରିପୋର୍ଟ ରହିଥିଲା। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ଦାସ ହତ୍ୟା କରିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି । ଏପରି କି ଗୋପାଳ ସମ୍ପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ଏହି ହତ୍ୟାକାଣ୍ଡ ଘଟାଇଥିବା ଦର୍ଶାଯାଇଛି। ହେଲେ ହତ୍ୟାର ରହସ୍ୟ ଏ ପର୍ଯ୍ୟନ୍ତ କ୍ରାଇମ୍‌ବ୍ରାଞ୍ଚ ଖୋଲିପାରି ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ସକାଳୁ ବନ୍ଧୁଙ୍କ ସହାନୁଭୂତିସୂଚକ କଥାରେ ହୃଦୟ ବିଗଳିତ ହୋଇଯିବ। ସମ୍ପର୍କୀୟଙ୍କ ସହାୟତାରେ ଆଶା କରୁଥିବା ଦିଗରୁ ଅଧିକ ଅର୍ଥ ପାଇ ଖୁସି ହେବେ। କୃତ୍ତିକା ନକ୍ଷତ୍ର ନୂତନ ଯୋଜନା କ୍ଷେତ୍ରରେ ଉଚ୍ଚ ଆଶା ଧରି ଆଗେଇବେ। କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ତଥା ସାମାଜିକ ସ୍ତରରେ ସାହାଯ୍ୟ, ସହଯୋଗ, ସମ୍ମାନ ପାଇ ଖୁସି ହେବେ।

**ବୃଷ** - ଆଜି ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପରିସ୍ଥିତି ବଦଳି ଯାଇପାରେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ଅସୁବିଧା ହେବନାହିଁ। ମୃଗଶିରା ନକ୍ଷତ୍ର ସମ୍ପର୍କ ହାନି କାରଣରୁ ମାନସିକ ଅସ୍ଥିରତା ଅନୁଭବ କରିବେ।

**ମିଥୁନ** - ଆଜି ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ସଫଳତା ପାଇବେ ନାହିଁ। ପରିବାର ଭିତରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟାର ସରଳ ସମାଧାନର ଆଶା କ୍ଷୀଣ ହୋଇପାରେ। ଆରଦ୍ରା ନକ୍ଷତ୍ର ସମସ୍ତ ସୁବିଧା ଓ ସୁଯୋଗ ଲାଭ କରି କାମ ହାସଲ କରିବେ।

**କର୍କଟ** - ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି କାମ କରି ପରେ ଅନୁତାପ କରିବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ନିଜ ଲୋକଙ୍କଠାରୁ ମଧ୍ୟ ସହଯୋଗ ପାଇବେନି। ଆଜି ପୁନର୍ବସୁ ନକ୍ଷତ୍ରର ସାହିତ୍ୟ, ସାମ୍ବାଦିକତା, ଅନୁସନ୍ଧାନ, ପ୍ରଶାସନିକ ସ୍ଥିତି ଭଲ ରହିବ। ବ୍ୟବସାୟ ଅଧିକ ନ ହେଲେ ମଧ୍ୟ ମନ୍ଦ ହେବନାହିଁ।

**ସିଂହ** - କର୍ମକ୍ଷେତ୍ରରେ ପଦୋନ୍ନତି କିମ୍ବା କୌଣସି ସୂତ୍ରରୁ ଅର୍ଥାଗମ ସମ୍ଭାବନା ରହିଛି। ମାନସିକ ସ୍ତରରେ କିଛି ଦୁଃଖ ରହିଥିଲେ ମଧ୍ୟ ଆବଶ୍ୟକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ପାଇଁ ଦିନଟି ବହୁତ ଭଲ। ପୂର୍ବାଫାଲଗୁନୀ ନକ୍ଷତ୍ର ପାରିବାରିକ ସମସ୍ୟାର ସମାଧାନ ଦିଗରେ ଚେଷ୍ଟିତ ହେବେ।

**କନ୍ୟା** - ଆଜି ହସ୍ତା ନକ୍ଷତ୍ର ବନ୍ଧୁମାନଙ୍କ ସହାୟତାରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଫେରିବା ବାଟରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। କଥା କଟାକଟି ପରିପ୍ରେକ୍ଷୀରେ କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପାରିବାରିକ ଦିଗରୁ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ।

**ତୁଳା** - ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭକରି ଉଚ୍ଚସ୍ତରରୁ କିମ୍ବା ସଭାସମିତିରୁ ସମ୍ମାନିତ ହେବେ। ପରିବାରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ ଏବଂ ଅଯଥା ବିଭିନ୍ନ କଥାରେ ମନ ବିଚଳିତ ରହିପାରେ। ବିଶାଖା ନକ୍ଷତ୍ର ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଭୁଲ୍ ବୁଝାମଣାରେ ପାଖ ପଡ଼ୋଶୀମାନେ ହତାଦର ମନୋଭାବ ପୋଷଣ କରିବେ।

**ବିଛା** - ସମସ୍ୟା ଆସିଲେ ମଧ୍ୟ ତାହାର ସମାଧାନର ଉପାୟ ବାହାର କରିବାରେ ସଫଳ ହେବେ। ବ୍ୟବସାୟ ବୃଦ୍ଧି ପାଇବା ସାଙ୍ଗକୁ ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ। ଅନୁରାଧା ନକ୍ଷତ୍ର ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ ଏବଂ କୌଣସି ପ୍ରୋଗାମ କରିବାର ମସୁଧା କରିପାରନ୍ତି। ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ଧନୁ** - କର୍ମବ୍ୟସ୍ତତା ମଧ୍ୟରେ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ସଂଗଠନ, କର୍ମଶାଳା, ସଙ୍ଗୀତ ସମାରୋହ, ମନୋରନ କାର୍ଯ୍ୟକ୍ରମ କ୍ଷେତ୍ରରେ ଶୁଭଫଳ ପାଇବେ। ପରିବାର ଭିତରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ମକର** - ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ଲାଭକରି ଉପକୃତ ହେବେ। କର୍ମକ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ହେତୁ ଈର୍ଷାପରାୟଣ ବ୍ୟକ୍ତିଙ୍କ ଟେନ୍‌ସନ ବଢ଼ିଯିବ। ସଭାସମିତି, ଲେଖାପଢ଼ା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଚୁକ୍ତିପତ୍ରରୁ ଶୁଭଫଳ ପାଇବେ। ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ।

**କୁମ୍ଭ** - ଅନ୍ୟମାନଙ୍କ ସାହାଯ୍ୟ ନେଇ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଶତଭିଷା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। କୌଣସି ଆଲୋଚନାରେ ସାଧାରଣ କଥାକୁ ନେଇ ବନ୍ଧୁ କ୍ଷୁବ୍ଧ ହୋଇପାରନ୍ତି।

**ମୀନ** - ଆଜି ପାରିବାରିକ ଜୀବନରେ ମଧ୍ୟ ଆନନ୍ଦର ଲହରି ସୃଷ୍ଟି କରିପାରେ। ଉତ୍ତରଭାଦ୍ର ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରା ଓ ବାଣିଜ୍ୟ ଏବଂ ପରିବହନ ସକାଶେ ଦିନଟି ବହୁତ ଭଲ। ମାଲିମକଦ୍ଦମା ତଥା ବିବାଦୀୟ ଓ ଅମୀମାଂସିତ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଆଜି ଶ୍ରାବଣ (ମଳ) ଶୁକ୍ଳପକ୍ଷର ସର୍ବସମ୍ମତ ହରିଶୟନ (ବଡ଼) ଏକାଦଶୀ, ଶନିବାର, ଜୁଲାଇ ୨୯ ତାରିଖ, ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ, ମହରମପର୍ବ, ଆସୁରା, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୬ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୧୬ ମଧ୍ୟେ ରାହୁକାଳ।

# ପ୍ରାର୍ଥନା ବେଳେ ଖସିଲା କଂକ୍ରିଟ: ଛାତ୍ରୀ ଗୁରୁତର

ଭୋଗରାଇ, ୨୮।୭(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୁନାଧର ପଞ୍ଚାୟତ ମାଟିଖିଣା ପ୍ରାଥମିକ ସ୍କୁଲରେ ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ ପ୍ରାର୍ଥନା ହେଉଥିବା ବେଳେ ଛାତରୁ କଂକ୍ରିଟ ପ୍ଲାଷ୍ଟର ଖସି ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି। ସମ୍ପୃକ୍ତ ଛାତ୍ରୀ ହେଲେ ସୁନାଧରବସାଣ ଗ୍ରାମର ହରନାରାୟଣ କରଙ୍କ ଝିଅ ପ୍ରତିଭା। ଛାତ୍ରୀଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ କଟକ କିମ୍ବା ଭୁବନେଶ୍ୱର ସ୍ଥାନାନ୍ତର ଲାଗି ଡାକ୍ତର ପରାମର୍ଶ ଦେଇଛନ୍ତି।

ଏହି ପ୍ରାଥମିକ ସ୍କୁଲ ବିପଦସଙ୍କୁଳ ଅବସ୍ଥାରେ ଥିବା ବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସ୍କୁଲରେ ଶ୍ରେଣୀଗୃହ କାନ୍ଥ, ଛାତ ଫାଟିଯାଇଥିବାରୁ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧି, ବିଡ଼ିଓ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ବାରମ୍ବାର ସ୍କୁଲ ମରାମତି ପାଇଁ ଦାବି କରିଥିଲେ। ହେଲେ ତାହା କେବଳ ପ୍ରତିଶ୍ରୁତିରେ ସୀମିତ ରହିଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ସ୍କୁଲ ମରାମତି କରା ନ ଗଲେ ଛାତ୍ରୀଛାତ୍ର, ଶିକ୍ଷକ, ପାଚିକାମାନେ ଭୟଙ୍କର ବିପଦରେ ସମ୍ମୁଖୀନ ହେବେ ବୋଲି ଆଶଙ୍କା ଦେଖାଦେଇଛି। ଏହି ଘଟଣାରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜଗେଶ୍ୱର ଜେନା ଘଟଣାର ତଦନ୍ତ କରିବା ସହିତ ଉଚ୍ଚ କର୍ତ୍ତୃପକ୍ଷକୁ ଜଣାଇବେ ବୋଲି କହିଛନ୍ତି।

# ଅଡୁଆ କଲା ୧୪ ବର୍ଷ ପୁରୁଣା ଅଡିଟ୍ ରିପୋର୍ଟ

■ ସୁବର୍ଣ୍ଣପୁର ଏଡିଏମ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ
■ ୨୦୦୪ରେ ଚାପି ଦେଇଥିଲେ ୨.୪୨ କୋଟିର ଆର୍ଥିକ ଅନିୟମିତତା

ସୋନପୁର, ୨୮।୭(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା ଭୂ-ସଂସ୍କାର ଆଇନରେ ମକଦ୍ଦମା ଫଇସଲା କରିବାରେ କର୍ତ୍ତବ୍ୟରେ ଅବହେଳା କାରଣରୁ ରାଜ୍ୟ ସରକାର ସହିଥିଲେ ୨ କୋଟି ୪୨ ଲକ୍ଷ ୬୬ ହଜାର ୧୧୭ ଟଙ୍କାର ରାଜସ୍ୱ କ୍ଷତି। ୨୦୦୪ରେ ହୋଇଥିବା ଏହି ଆର୍ଥିକ ଅନିୟମିତା ୨୦୦୯-୧୦ ଆର୍ଥିକ ବର୍ଷରେ ହୋଇଥିବା ଅଡିଟ୍‌ରୁ ଧରାପଡ଼ିଥିଲା। ତେବେ ୧୪ ବର୍ଷ ତଳର ଉକ୍ତ ଅଡିଟ୍ ରିପୋର୍ଟକୁ କାଇଦା କରି ଚାପି ଦିଆଯାଇଥିଲା। ହେଲେ ୧୯ ବର୍ଷ ତଳର ଏହି ଘଟଣାରେ ରାଜ୍ୟ ସରକାର ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ପରେ ତତ୍କାଳୀନ ବଲାଙ୍ଗୀର ତହସିଲଦାର ତଥା ଏବେକାର ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ (ଏଡିଏମ୍) ସୂର୍ଯ୍ୟନାରାୟଣ ଦାଶଙ୍କ ଅଡୁଆ ବଢ଼ିଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏ ନେଇ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଗତ ଜୁଲାଇ ୧୭ରେ ଚିଠି ନଂ. ୨୦୭୨୩ ଅନୁଯାୟୀ ଏଡିଏମ୍ ଦାଶଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହାର ନକଲ ବଲାଙ୍ଗୀର ଜିଲାପାଳ, ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ରାଜସ୍ୱ ପର୍ଷଦ ସଚିବଙ୍କୁ ପଠାଯାଇଛି। ୧୯୬୨ ଓଡ଼ିଶା ସିଭିଲ ସର୍ଭିସ୍ (ସିସିଏ) ରୁଲସ୍ ୧୫ ଅନୁଯାୟୀ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏହି ପଦକ୍ଷେପ ନେଇଛି।



ସୁବର୍ଣ୍ଣପୁର ଏଡିଏମ୍ ସୂର୍ଯ୍ୟନାରାୟଣ ଦାଶ

ଅତିରିକ୍ତ ଜିଲାପାଳ ଦାଶଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ କରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ପତ୍ର ସଂଖ୍ୟା ୧୫୯୧/୨୩।୫।୨୦୨୩ରେ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। ଏହାକୁ ସରକାର ଗ୍ରହଣ କରିବା ସହ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନିର୍ଦ୍ଦେଶ ଅନୁଯାୟୀ ସୁବର୍ଣ୍ଣପୁର ଜିଲାପାଳଙ୍କ ନିକଟରୁ ନୋଟିସପ୍ରାପ୍ତି ସ୍ୱୀକାର କରିବାର ୧ ମାସ ମଧ୍ୟରେ ଏଡିଏମ୍ ଦାଶ ଲିଖିତ ଭାବେ ନିଜର ପକ୍ଷ ରଖିପାରିବେ। ନିଜର ପକ୍ଷ ରଖିବା ପାଇଁ ସେ ବଲାଙ୍ଗୀର ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇ ଆବଶ୍ୟକ ରେକର୍ଡ ଦେଖିପାରିବେ। ବଲାଙ୍ଗୀର ଜିଲାପାଳଙ୍କ ଅନୁମତିକ୍ରମେ ରେକର୍ଡ କପି ଆଣିପାରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ସୂର୍ଯ୍ୟନାରାୟଣ ଦାଶ ବଲାଙ୍ଗୀରରେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ୨୦୦୪ରେ ଓଡ଼ିଶା ଭୂ ସଂସ୍କାର ଆଇନର ଧାରା ୮(କ) ଅନୁସାରେ ମକଦ୍ଦମା ଫଇସଲା କରିବାରେ ତାଙ୍କର ଢିଲା ପଣ ଓ କର୍ତ୍ତବ୍ୟରେ ଅବହେଳା କାରଣରୁ ସେତେବେଳେ ରାଜ୍ୟ ସରକାରଙ୍କ ୨ କୋଟି ୪୨ ଲକ୍ଷ ୬୬ ହଜାର ୧୧୭ ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା। ୨୦୦୯-୧୦ ଅଡିଟ୍ ରିପୋର୍ଟରୁ ଏହି ଅନିୟମିତତା ଜଣାପଡ଼ିଥିଲା। ତେବେ ୧୪ ବର୍ଷ ତଳର ଉକ୍ତ ଅଡିଟ୍ ରିପୋର୍ଟକୁ ଚାପି ଦିଆଯାଇଥିଲା। ରାଜସ୍ୱ ବିଭାଗର ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଜିଲାପାଳ ରାଣା ତତ୍କାଳୀନ ବଲାଙ୍ଗୀର ତହସିଲଦାର ସୂର୍ଯ୍ୟନାରାୟଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ। ଅନ୍ୟପଟେ ତହସିଲଦାର ପଦବୀରୁ ପଦୋନ୍ନତି ପାଇ ସୂର୍ଯ୍ୟନାରାୟଣ ଏବେ ଜଣେ ଏଡିଏମ୍। ଜଣେ ଅତିରିକ୍ତ ସଚିବ ପାହ୍ୟାର ଅଧିକାରୀଙ୍କ ପାଇଁ ୧୯ ବର୍ଷ ତଳର ଆର୍ଥିକ ଅନିୟମିତତା ଅଡୁଆ ସୃଷ୍ଟି କରିଛି। କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବାରୁ ଜୁଲାଇ ୧୭ ପରଠାରୁ ତଦନ୍ତ ନ ସରିବା ପର୍ଯ୍ୟନ୍ତ ତାଙ୍କୁ ବିଭାଗୀୟ ପଦୋନ୍ନତି ମିଳିବ ନାହିଁ। ସେହିପରି ଓଡ଼ିଶା ସିଭିଲ ସର୍ଭିସ (ସିସିଏ) ରୁଲସ୍ ୧୫ ଅନୁଯାୟୀ ସେ ଦୋଷୀ ସାବ୍ୟସ୍ତ ହେଲେ ସରକାର ତାଙ୍କଠାରୁ ରାଜସ୍ୱ କ୍ଷତିର ମୂଳଧନ ସହିତ ବାର୍ଷିକ ୧୨% ସରଳ ସୁଧ ହାରରେ ପ୍ରାୟ ୭ କୋଟି ଅର୍ଥ ଆଦାୟ କରିପାରନ୍ତି। ସେହିପରି ପଦର ଅବନତି, ଇନ୍‌କ୍ରିମେଣ୍ଟ ବନ୍ଦ ସହ ନିୟମ ଅନୁଯାୟୀ ସରକାର ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।



Government of Odisha
General Administration & Public Grievance Department
*****
MEMORANDUM

Bhubaneswar, Dated the 17th July 2023

No.GAD-SER2-CASE3-0003-2023/ 20723 / Gen., Shri Suryanarayan Dash, OAS(SAG), ex-Tahasildar, Bolangir now Additional District Magistrate, Subarnapur is hereby informed that it is proposed to hold an enquiry against him under Rule-15 of the Orissa Civil Service (Classification Control and Appeal) Rules, 1962. The substance of the imputations of misconduct in respect of which the enquiry is proposed to be held is set out in the enclosed statement of articles of charge (Annexure-I). A statement of the imputation of misconduct in support of articles of charge is enclosed (Annexure-II). A list of document by which, and list of witnesses by whom, articles of charge are proposed to be sustained is also enclosed (Annexure-III).

2. Shri Dash is directed to submit his written statement of defence within 30 days from the date of receipt of this memorandum and also to state if he desires to be heard in person.

3. He may peruse the relevant records in the office of the Tahasildar, Bolangir and take relevant extracts thereof to submit the written statement of defence with permission from competent authority. He is further requested to peruse and take extracts of the documents/ records mentioned in the Memo of Evidence (Annexure-III), those have not been provided herewith, in the office of the Tahasildar, Bolangir.

4. If he fails to submit his written statement of defence within the stipulated period of 30 days from the date of receipt of this memorandum, it will be presumed that he has no explanation to offer and action as deemed proper will be taken ex-parte.

5. Receipt of memorandum should be acknowledged by him.

BY ORDER OF GOVERNOR
17/7
(Surendra Kumar)
Additional Chief Secretary

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଚିଠି।

# ସାପ କାମୁଡ଼ାରେ କଲେଜ ଛାତ୍ରୀ ମୃତ

ପାଟଣା, ୨୮।୭(ବୀରକିଶୋର ଦାଶ)

**ପୁଣି ଘରୋଇ ମେସ୍‌ରେ ଅଘଟଣ**

■ ୧୫ ଦିନ ମଧ୍ୟରେ ତୃତୀୟ ଘଟଣା
■ ବେଆଇନ ଛାତ୍ରାବାସ ଉପରେ ଅଙ୍କୁଶ ନାହିଁ

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଜାଲି ପଞ୍ଚାୟତ ନିଶ୍ଚିତପୁରରେ ବେଆଇନ ଭାବେ ଚାଲିଥିବା ଆବାସିକ କୋଚିଂ ସେଣ୍ଟରରେ ଗତ ରବିବାର ୩ ନିଷ୍ପାପ ଶିଶୁ(୨ ଛାତ୍ରୀ, ୧ ଛାତ୍ର)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ଜିଲା ଓ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ଘଟଣାର ସପ୍ତାହେ ନ ପୂରୁଣୁ ପୁଣି ଜଣେ କଲେଜ ଛାତ୍ରୀଙ୍କ ଘରୋଇ ମେସରେ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତ ଛାତ୍ରୀ ଜଣକ ହେଲେ ସାହାରପଡ଼ା ବ୍ଲକ୍ ଦାମା ହୁଦା ପଞ୍ଚାୟତ ବଡ଼ପଶି ଗ୍ରାମର କୈଳାସ ଲୋହାରଙ୍କ ଝିଅ ସ୍ୱପ୍ନା ଲୋହାର(୧୭)। ସେ ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟରେ +୨ କଳାରେ ଅଧ୍ୟୟନ କରୁଥିଲେ।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଶିବନାରାୟଣପୁର ମୌଜାସ୍ଥିତ ଲକ୍ଷ୍ମୀପ୍ରିୟା ମେସ ନାମକ ଏକ ଘରୋଇ ଛାତ୍ରୀ ନିବାସରେ ରହି ସ୍ୱପ୍ନା ପାଠ ପଢୁଥିଲେ। ଗୁରୁବାର ରାତିରେ ସେ ମେସ୍‌ରେ ତଳେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ଅନ୍ତେବାସୀ ଗୁରୁତର ଅବସ୍ଥାରେ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ଡାକ୍ତର ଲକ୍ଷ୍ମଣ ମହାନ୍ତ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ଝିଅଟିକୁ ସାପ କାମୁଡ଼ିଥିବା ଅନୁମାନ ହେଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ। କେନ୍ଦୁଝରରେ ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୩) ରୁଜୁ ହୋଇଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବଶଙ୍କର ଆଲଦା କହିଛନ୍ତି। ଏନେଇ ମେସ ମାଲିକ ଯୁଧିଷ୍ଠିର ମହାନ୍ତଙ୍କୁ ପଚାରିବାରୁ ପିଲାମାନେ ଭଡ଼ା ସୂତ୍ରରେ ରହି ରୋଷେୟା ରଖି ପାଠ ପଢୁଥିଲେ। ମୋତେ ବର୍ଷକୁ ଜଣକ ପିଛା ୫୫୦୦ଟଙ୍କା ଦେଉଥିଲେ। ଘର ଯେତିକି ସ୍ୱଚ୍ଛ ଓ ଉଚ୍ଚାଅଛି ସାପ ପଶିବା ସମ୍ଭବ ନୁହେଁ। ଡାକ୍ତର ମଧ୍ୟ ସନ୍ଦେହରେ ଚିକିତ୍ସା କରିଛନ୍ତି ବୋଲି କହିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ସଦର ବ୍ଲକ୍‌ର ଏକ ଆବାସିକ ଛାତ୍ରାବାସରେ ଗତ ୧୫ ତାରିଖରେ ସାପ କାମୁଡ଼ାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଗୁରୁତର ହୋଇଥିଲେ। ଏହାର କିଛି ଦିନ ପରେ ଚମ୍ପୁଆର ଏକ ଆବାସିକ କୋଚିଂ ସେଣ୍ଟରରେ ୩ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ପରେ ପ୍ରଶାସନ ତତ୍ପର ହୋଇଥିଲା। ସମସ୍ତ ଘରୋଇ କୋଚିଂ ସେଣ୍ଟର ଯାଞ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ତଥାପି ଘଟଣାକୁ ରୋକାଯାଇପାରିଲା ନାହିଁ କି ଅଞ୍ଚଳରେ ଚାଲିଥିବା ବେଆଇନ କୋଚିଂ ସେଣ୍ଟର ଉପରେ ଅଙ୍କୁଶ ଲାଗିପାରୁନାହିଁ। ଗତ ୧୫ଦିନ ମଧ୍ୟରେ ଜିଲାରେ ଏହିପରି ୩ ଘଟଣା ଘଟିଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲେ ବାଲେଶ୍ୱର ଏସ୍‌ପି

**ଓଏସ୍‌ଏସ୍‌ସି ଜେଇ ସିଭିଲ ମେନ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲା**



ଏସ୍‌ପି ସାଗରିକା ନାଥ

ବାଲେଶ୍ୱର, ୨୮।୭(ମାନସ ବିଶ୍ୱାଳ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍‌ଏସ୍‌ସି) ଜେଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ମାଷ୍ଟରମାଇଣ୍ଡ ଏବଂ ରାଜ୍ୟର ଦୁଇଜଣ ଶିକ୍ଷକ ସମ୍ପୃକ୍ତ ଥିବାରୁ ସମସ୍ତଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବାଲେଶ୍ୱର ଜିଲା ଏସ୍‌ପି ସାଗରିକା ନାଥ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଏନେଇ ଶୁକ୍ରବାର ସୂଚନା ମିଳିଛି।

ଏହି ମାମଲାର ମାଷ୍ଟରମାଇଣ୍ଡ ବିହାର ରାଜ୍ୟର ବିଶାଲ କୁମାର ଚୌରାସିଆ (୩୫) ପାଟନା ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କ ଅଫିସ୍‌ର ଜଣେ ବରିଷ୍ଠ କର୍ମଚାରୀ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିହାର ଏଜିଙ୍କୁ ଚିଠି ଲେଖିଛନ୍ତି ବାଲେଶ୍ୱର ଏସ୍‌ପି। ସେହିପରି ଯାଜପୁର ଜିଲାର ସୁଶାନ୍ତ କୁମାର ସାହୁ (୪୨) ଶିକ୍ଷକ ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଯାଜପୁର ଡିଇଓଙ୍କୁ ଏବଂ ଗଞ୍ଜାମ ଜିଲାର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ (୩୩) କନ୍ଧମାଳ ଜିଲାରେ ଶିକ୍ଷକତା କରୁଥିବାରୁ କନ୍ଧମାଳ ଡିଇଓଙ୍କୁ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିଠି ଲେଖିଥିବା ଜଣାପଡ଼ିଛି। ଏଥିସହିତ ଡିଲ୍‌ରେ ସମ୍ପୃକ୍ତ ୮୮ ପ୍ରାର୍ଥୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ଓଏସ୍‌ଏସ୍‌ସିକୁ ଚିଠି ଲେଖିଥିବା ବେଳେ ଭବିଷ୍ୟତରେ ଓଏସ୍‌ଏସ୍‌ସି ସମସ୍ତ ପରୀକ୍ଷାରୁ ସେମାନଙ୍କୁ ନିବୃତ୍ତ ରଖିବାକୁ ଚିଠି ଲେଖିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ୧୬ ତାରିଖରେ ଓଏସ୍‌ଏସ୍‌ସି ଜେଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ନେଇ ବାଲେଶ୍ୱର ପୋଲିସକୁ ସୂଚନା ମିଳିଥିଲା। ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ସହଦେବଖୁଣ୍ଟା ଥାନା ଅ୧୬ ନଂ. ଜାତୀୟ ରାଜପଥର ବାରୁଣୀ ବ୍ରିଜ୍‌ଠାରେ ଏକ ଗ୍ରୁପ୍‌କୁ ଠାବ କରାଯାଇ ସେମାନଙ୍କ ନିକଟରୁ ତଥ୍ୟ ଅନୁସାରେ ଅନ୍ୟ ଏକ ଗ୍ରୁପ୍‌କୁ ଦୀଘା ନିକଟ ଏକ ହୋଟେଲରୁ ମୋଟ ୯ଜଣଙ୍କୁ ଗିରଫ କରାଯାଇଥିଲା। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୩୦୩/୨୩) ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇଥିଲା। ସେମାନଙ୍କ ନିକଟରୁ ମିଳିଥିବା ତଥ୍ୟ ଅନୁସାରେ ବାଲେଶ୍ୱର ପୋଲିସର ସ୍ୱତନ୍ତ୍ର ଟିମ୍ ବିହାର, ମଧ୍ୟପ୍ରଦେଶ ଏବଂ ଓଡ଼ିଶାରୁ ମାଷ୍ଟରମାଇଣ୍ଡଙ୍କ ସହ ୮ଜଣଙ୍କୁ ଗିରଫ କରିଥିଲା। ମୋଟ ଗିରଫ ୧୭ଜଣଙ୍କ ଠାରୁ ୨୫ଟି ମୋବାଇଲ, ୩ଟି ଦସ୍ତଖତ ଥିବା ବ୍ଲାଙ୍କ ଚେକ୍, ୩ଟି ଅରିଜିନାଲ ସାର୍ଟିଫିକେଟ୍, ଗୋଟିଏ ବସ୍, ଗୋଟିଏ ସ୍କର୍ପିଓ, ୩ଟି କାର୍, ୨ଟି ଟ୍ରାଭେଲର୍ସ, ନଗଦ ଲକ୍ଷାଧିକ ଟଙ୍କା ଜବତ କରାଯାଇଥିବା ଗତ ୨୭ ତାରିଖରେ ବାଲେଶ୍ୱର ଏସ୍‌ପି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ।



> କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। -ଶ୍ରୀଅରବିନ୍ଦ



# ଦୁର୍ନୀତି ବିରୋଧୀ ବାର୍ତ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୨୦୨୪ ବିଧାନସଭା ନିର୍ବାଚନ ପାଇଁ ପ୍ରାୟ ଏକ ବର୍ଷ ବାକି ଥିବାବେଳେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟର ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ଉତ୍ତରଦାୟୀ କରି ଦୁର୍ନୀତି ବିରୋଧରେ ଏକ ଦୃଢ଼ ବାର୍ତ୍ତା ଦେବାର ସୁଯୋଗ ହାତକୁ ନେଉଛନ୍ତି। ସୂଚନା ଅନୁଯାୟୀ, ଦୁର୍ନୀତି ଅଭିଯୋଗ ଥିବା ରାଜ୍ୟର ୪୧ଜଣରୁ ଅଧିକ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଆଣ୍ଟି କରପ୍ସନ ବ୍ୟୁରୋ(ଏସିବି) ବା ଦୁର୍ନୀତି ନିବାରଣ ବ୍ୟୁରୋ ତଦନ୍ତ କରୁଛି। ଗତବର୍ଷ ପ୍ରାରମ୍ଭରେ ଖଟ୍ଟର ରାଜ୍ୟ ଭିଜିଲାନ୍ସ ବ୍ୟୁରୋର ନାମକୁ ଦୁର୍ନୀତି ନିବାରଣ ବ୍ୟୁରୋ ଭାବରେ ନାମିତ କରିଥିଲେ। ସେତେବେଳେ ବରିଷ୍ଠ ଆଇପିଏସ୍ ଅଧିକାରୀ ଶତ୍ରୁଜିତ କପୁର ତାହାର ନେତୃତ୍ୱ ନେଇଥିଲେ ଓ ଦୁର୍ନୀତି ବିରୋଧରେ ବଡ଼ ପରିବର୍ତ୍ତନ ଆରମ୍ଭ ହୋଇଥିଲା। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ ସରକାର କୋହଳ ମନୋଭାବ ପୋଷଣ କରୁଛନ୍ତି ବୋଲି ବିରୋଧୀଦଳ ଅଭିଯୋଗ ଆଣିବା ପରେ ଖଟ୍ଟର ଏହି ପଦକ୍ଷେପ ନେଇଥିଲେ। କପୁର ଏକ ବ୍ୟାପକ ତଦନ୍ତର ନେତୃତ୍ୱ ନେଇଛନ୍ତି, ଯେଉଁଥିରେ ୧୨ ଜଣ ଆଇଏଏସ୍ ଅଧିକାରୀ, ୨ ଜଣ ଆଇପିଏସ୍ ଅଧିକାରୀ, ୩ଜଣ ଆଇଏଫ୍ଏସ୍ ଅଧିକାରୀ, ୨୦ଜଣ ଏଚ୍ସିଏସ୍ ଅଧିକାରୀ ଏବଂ ୪ଜଣ ଏଚ୍ପିଏସ୍ ଅଧିକାରୀଙ୍କ ସମେତ ଅନେକ ସରକାରୀ କର୍ମଚାରୀ ଦୁର୍ନୀତି ଫାଶରେ ପଡ଼ିଛନ୍ତି । ଏସିବି ମୁଖ୍ୟଙ୍କ ଅନୁଯାୟୀ, ଲାଞ୍ଚ ନେବା ଅଭିଯୋଗରେ ଅନେକ ଅଧିକାରୀଙ୍କୁ ତାଙ୍କ ଟିମ୍ ଗିରଫ କରିଛି ଏବଂ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ବ୍ୟୁରୋ ଅନୁମତି ଚାହୁଁଛି। ସୂତ୍ରରୁ ଜଣାପଡ଼ିଛି, ଦୁର୍ନୀତି ଅଭିଯୋଗର ସମ୍ମୁଖୀନ ହେଉଥିବା ଅତି କମ୍‌ରେ ଦୁଇଜଣ ବରିଷ୍ଠ ଆଇଏଏସ୍ ଅଧିକାରୀ ଏସିବିର ପଦକ୍ଷେପକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚିଛନ୍ତି। ଖଟ୍ଟର ତାଙ୍କ ଲକ୍ଷ୍ୟରେ ସଫଳ ହୋଇପାରିବେ ନା ଭାଜପା ସପକ୍ଷରେ ନିର୍ବାଚନକୁ ଆଣିପାରିବେ, ତାହା ଦେଖିବାକୁ ବାକି ରହିଲା।

### ମଧ୍ୟରାତ୍ରର ନିଷ୍ପତ୍ତି

କେନ୍ଦ୍ର ସରକାରରେ ଆସନ୍ନ ପରିବର୍ତ୍ତନର ଗୁଞ୍ଜରଣ ସୃଷ୍ଟି ହୋଇଛି। ଏହା ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ କ୍ୟାବିନେଟରୁ ହଟାଯିବା ନେଇ ଗୁଜବ ଉଠିଛି, ଯଦିଓ ଏହା ଅସମ୍ଭବ ମନେହେଉଛି । ଦେଖିବାକୁ ଗଲେ ବାସ୍ତବରେ ପରବର୍ତ୍ତୀ ବଜେଟ କେବଳ ନିର୍ବାଚନ ଭିତ୍ତିକ ହେବ। ସମ୍ଭବତଃ ଅର୍ଥମନ୍ତ୍ରୀଙ୍କ ଅଫିସର୍ ଅଫ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ପଦରୁ ବିବେକ ସିଂ ହଟିବା ପରେ ଏଭଳି ହାସ୍ୟାସ୍ପଦ କଥା ଉଠିଛି। ଏବିଭିପି ପ୍ରତି ସମର୍ପିତ ରହିଆସିଥିବା ସିଂଙ୍କ କାର୍ଯ୍ୟକାଳକୁ ସମୟ ପୂର୍ବରୁ ଅପ୍ରତ୍ୟାଶିତ ଭାବେ ଶେଷକରିବା ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଏହା ପଛରେ ଥିବା କାରଣଗୁଡ଼ିକ ବିଶେଷକରି ମଧ୍ୟରାତ୍ରରେ ହଠାତ୍ ନିଆଯାଇଥିବା ଏଭଳି ନିଷ୍ପତ୍ତିକୁ ନେଇ ଅନେକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ସିଂ ପଦ ଛାଡ଼ିବା ସମସ୍ତଙ୍କୁ ଅଧିକ ଆଶ୍ଚର୍ଯ୍ୟ କରିଛି। ଏହି ଶାସନର ସ୍ୱଭାବକୁ ଦେଖିଲେ ଜଣାଯାଏ ଏଠାରେ ବହୁ ସମୟରେ ସ୍ୱଚ୍ଛତା ପାଇବା କଷ୍ଟକର। କୌତୂହଳର ବିଷୟ, ଜାନୁୟାରୀ ୨୦୨୨ରେ ସିଂଙ୍କୁ ୪ ବର୍ଷ ପାଇଁ ସୀତାରାମନଙ୍କ ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଥିଲା। କେତେକେ ଦାବି କରିଛନ୍ତି ଯେ, ସିଂ ଆଗାମୀ ନିର୍ବାଚନରେ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଇଚ୍ଛା କରିଥିଲେ। ଅନ୍ୟମାନେ ମତ ଦେଇଛନ୍ତି ଯେ, ସେ କୌଣସି ପଦବୀ ପାଇଁ ଆଗ୍ରହୀ ହୋଇ ନ ପାରନ୍ତି। ଯାହା ହେଉନା କାହିଁକି, ଆଶା କରାଯାଉଛି, ସେ ଝାଡ଼ଖଣ୍ଡରେ ଏକ ନୂତନ ଦାୟିତ୍ୱ ଗ୍ରହଣ କରିବେ, ଯାହାର ନିର୍ବାଚନ ସହ ସମ୍ପର୍କ ରହିଛି।

### ସିଭିଲ ସର୍ଭାଣ୍ଟ: ଅତୀତ ଓ ବର୍ତ୍ତମାନ

ଇଷ୍ଟ ଇଣ୍ଡିଆ କମ୍ପାନୀ 'ସିଭିଲ ସର୍ଭାଣ୍ଟ'ଶବ୍ଦ ଉଦ୍ଭାବନ କରିଥିଲା। ଏହି କମ୍ପାନୀ ଅଢ଼େଇ ଶତାବ୍ଦୀ ମଧ୍ୟରେ ନିରନ୍ତର ଭାବେ ଭାରତରେ ବ୍ରିଟିଶର ପ୍ରଭାବ ବିସ୍ତାର କରି ଚାଲିଥିଲା। କିନ୍ତୁ ଏହାର ପ୍ରାଧାନ୍ୟ ଉପରେ ନିୟନ୍ତ୍ରଣ ବଜାୟ ରଖିବା ପାଇଁ କମ୍ପାନୀ ଭାରତୀୟ ଏଜେଣ୍ଟମାନଙ୍କ ସହଯୋଗ ଆବଶ୍ୟକ କରୁଥିଲା। ବାସ୍ତବରେ ଅଫିମ ବଦଳରେ ଚା' ଆଣିବା ଭଳି ସିଭିଲ ସର୍ଭାଣ୍ଟ ବି ଚାଇନାରୁ ଅଣାଯାଇଥିଲେ। ସିଭିଲ ସର୍ଭାଣ୍ଟ ଧାରଣା ନିରପେକ୍ଷତା ଏବଂ ଜନସେବା ବିଚାରକୁ ଧାରଣ କରିଥିଲା, ଯଦିଓ ବାସ୍ତବରେ ବହୁ ସମୟରେ ଏହା କମ୍ପାନୀର ଉପନିବେଶିକ ଉଦ୍ଦେଶ୍ୟ ଦ୍ୱାରା କଳୁଷିତ ହୋଇଥିଲା। ସମୟ କ୍ରମେ 'ସିଭିଲ ସର୍ଭାଣ୍ଟ'ଶବ୍ଦଟି ସରକାରୀ କର୍ମଚାରୀ ବା ଅଧିକାରୀ ପାଲଟିଲା, ଯେଉଁମାନେ ଜନସାଧାରଣଙ୍କ ପାଇଁ କାମ କରନ୍ତି ଓ ରାଜ୍ୟ କାର୍ଯ୍ୟ ପରିଚାଳନା କରିଥାନ୍ତି। ଭାରତୀୟ ପରିପ୍ରେକ୍ଷୀରେ ଏମାନେ ନମ୍ର ବାବୁ! ମୋଗଲ ଯୁଗରେ ବି 'ବାବୁ' ସମ୍ମାନର ମୋହର ଥିଲା, ଯାହା ଜଣେ ଭାରତୀୟଙ୍କ ପାଇଁ ସର୍ବୋଚ୍ଚ ସମ୍ମାନ। ବ୍ରିଟିଶମାନେ ତାଙ୍କ ଶାସନରେ 'ବାବୁ' ଶବ୍ଦ ଗ୍ରହଣ କରି ସେମାନଙ୍କର ବିଶ୍ୱସ୍ତ ଭାରତୀୟ ସହାୟକମାନଙ୍କୁ ସମ୍ବୋଧିତ କରିବା ପାଇଁ ଏହି ଶବ୍ଦ ଉପଯୁକ୍ତ ବୋଲି ସ୍ଥିର କରିଥିଲେ। ଆଜି 'ବାବୁ'ର ଏକ ସୁନାମ ରହିଛି, ଏଥିରେ ପ୍ରଶଂସା ଓ ଅପମାନ ବି ଅଛି। ବାବୁମାନେ କାହାଣୀକୁ ପୁନଃଲିଖନ କରିବା ଲକ୍ଷ୍ୟରେ ଅଛନ୍ତି। ପ୍ରଶାସନିକ ସଂସ୍କାର ସହିତ ସେମାନେ ବୃତ୍ତିଗତ, ଉତ୍ତରଦାୟିତ୍ୱ ଏବଂ ଜନସେବା ଉପରେ ଗୁରୁତ୍ୱ ଦେଇ ଏହି ଶବ୍ଦର ମହତ୍ତ୍ୱକୁ ପୁନଃନିର୍ଦ୍ଧାରଣ କରିବାକୁ ଚେଷ୍ଟା କରୁଛନ୍ତି । 'ସିଭିଲ ସର୍ଭାଣ୍ଟ'ଶବ୍ଦର ଉତ୍ପତ୍ତି ଏକ ଶୋଷଣକାରୀ ପ୍ରାଇଭେଟ କମ୍ପାନୀ ସହ ଜଡ଼ିତ ହୋଇପାରେ, କିନ୍ତୁ ଏହାର ଅର୍ଥ ପରିବର୍ତ୍ତନ ଆମ ଜଟିଳ ଇତିହାସ ଏବଂ ପ୍ରଶାସନିକ ବ୍ୟବସ୍ଥାର ବିବର୍ତ୍ତନକୁ ପ୍ରତିଫଳିତ କରିଛି।

Email: dilipcherian@gmail.com

# ପଠନ, ଲିଖନ ଓ ବନାନ ଚୁଲିକୁ ଗଲାଣି



ସହଦେବ ସାହୁ

ସ୍ମାର୍ଟ ଫୋନ୍ ନିଜର ସାଙ୍ଗ ହୋଇଗଲା ଦିନୁ ଡିଜିଟାଲ୍ ଆକର୍ଷଣ ଏତେ ବଢ଼ିଗଲାଣି ଯେ ଆକର୍ଷଣ ଶବ୍ଦ ଆଉ ଯୁକ୍ତିଯୁକ୍ତ ମନେ ହେଉନାହିଁ, ଏହା ଏକ ଡିଷ୍ଟ୍ରାକ୍ସନ୍ ବା ଅନ୍ୟମନସ୍କତାର କାରଣ ହେଲାଣି। ଛପା ବହି କି ଖବରକାଗଜ ପଢ଼ାପଢ଼ିରେ ଆଉ ମନ ନାହିଁ, ଚିଠିପତ୍ର ଲେଖିବାରେ ଓ ଡାକଘରେ ପକାଇବା ଆମେ ଭୁଲିବା ଆରମ୍ଭ କଲୁଣି। ଥୁଣ୍ଟାମୁନବାଲା କାଠି (ଷ୍ଟାଇଲ୍‌ସ) କଲମର ଜାଗା ନେଲାଣି, ଆଉ ଅଙ୍ଗୁଳିର ଅପାରଗପଣିଆକୁ ବଢ଼ାଇଦେଲାଣି, ଭୁଲ୍ ବା ଏକାଧିକ ଅକ୍ଷର ବା ମାତ୍ରାକୁ ବାଛିବାରେ ସିଦ୍ଧହସ୍ତ ନ ହୋଇ ସିଦ୍ଧମୁନ ହେଲୁଣି। ବ୍ୟାକରଣ ଭୁଲିଯାଅ, ଲମ୍ବା ଲମ୍ବା ଓ ଶୁଦ୍ଧ ବାକ୍ୟ ଭୁଲିଯାଅ। ଇଲୁ (ଆଇ ଲଭ୍ ୟୁ) ଭଳି ସଂକ୍ଷିପ୍ତ ଶବ୍ଦ ବା ଇମୋଜି ଭଳି ଭାବସୂଚକ ମୁଖଭଙ୍ଗୀର ବ୍ୟଙ୍ଗ ଛବି ବ୍ୟବହାର କର। ସଂକ୍ଷିପ୍ତ ସନ୍ଦେଶ (ଏସ୍‌ଏମ୍‌ଏସ୍) କଲେ ବ୍ୟାକରଣ ବା ରଚନାଶୈଳୀ ପ୍ରତି ଲକ୍ଷ୍ୟ ରଖିବା ଦରକାର ନାହିଁ। ଅକ୍ଷର ଓ ମାତ୍ରା ମିଶି ୨୫୦ରୁ ବେଶି ନୁହେଁ, ବେଶି ହେଲେ ଥର ଥର କରି ଲେଖିବ, ଅବଶ୍ୟ ପ୍ରାପକ ପୂରା ପାଉଛି। ବ୍ୟାକରଣକୁ ଗୁଳିମାର, ଉଚ୍ଚାରଣ ଉପରେ ଧ୍ୟାନ ଦିଅ, ଗୋଟିଏ ଅକ୍ଷର ଗୋଟିଏ ଶବ୍ଦ ବୁଝାଇପାରେ ତ ପୂରା ଶବ୍ଦ କାହିଁକି ଲେଖିବ? କାଳକ୍ରମେ ନୂଆ ଶବ୍ଦ ଡିଜିଟାଲ୍-ଦୁନିଆର ଲୋକଙ୍କ ଶବ୍ଦଭଣ୍ଡାର (ଭୋକାବୁଲାରି)ର ଅଂଶ ହୋଇପଡ଼ିଲାଣି। ଟାଣିଓଟାରି ମାନେ ବୁଝିବାକୁ ପଡ଼ିବ, ଯଥା 'ନିମିତ୍ତ' ବା 'ପାଇଁ' ଲାଗି ଇଂଲିଶ'ଫର୍' ନ ହୋଇ ସଂଖ୍ୟା '୪', 'ଫୋର୍' ତା ବୁଝାଇବ। ଇମୋଜି ତୁମ ମନର ଭାବ ବୁଝାଇବ। 'ଅମରକୋଷ' ଭୁଲିଯିବାର ବେଳ ଆସିଗଲାଣି।

ହାତରେ ଲେଖିବା ଅଭ୍ୟାସ କମିଗଲେ ପଢ଼ିବାର 'ସ୍ପୃହା' କମିଯିବ, 'ସ୍ପୃହା' କମିଗଲେ ଲମ୍ବା ଲମ୍ବା ରଚନା ପଢ଼ିବାର 'ସାମର୍ଥ୍ୟ' ଆପେ ଆପେ ହ୍ରାସ ପାଇବ, ନବଯୁବବର୍ଗ ଓ ସିନିୟର୍ ସିଟିଜେନ୍‌ମାନେ ବହିପତ୍ର ନ ପଢ଼ି ସ୍ମାର୍ଟଫୋନ୍‌ରେ ମେଶିନ ପଢୁଥିବା ଶୁଣିଦେଉଛନ୍ତି। ଶ୍ରୁତି ବା ଅଡିଓ ସୁବିଧା ମଣିଷକୁ ନିରକ୍ଷର ହେବାକୁ ପ୍ରବର୍ତ୍ତାଉଛି, ହାତ ଲେଖା କି ବହି ଲେଖା ପଢ଼ିବାରେ ସମୟ କଟାଇବା ମାନେ ଧୀରସ୍ଥିର ହୋଇ ବସିରହିବା, ଚଳଚଞ୍ଚଳ ଜୀବନରେ ନବଯୁବମାନେ ଗୋଟିଏ କାମରେ ସାରିବାଯାଏ ସ୍ଥିର ରହିବା ଚାହୁଁନାହାନ୍ତି। କ'ଣ ବେଦ ଉପନିଷଦ୍ ସମୟର ଶ୍ରୁତି ଯୁଗ ଫେରୁଛି? ଏପରି ପରିସ୍ଥିତିକୁ ଉତ୍ସାହିତ କରୁଛି କିଣ୍ଡଲ୍ ଭଳି କହିବା ବହି। ସ୍ମାର୍ଟ ଫୋନ୍ ପକେଟରେ ଥିବ ତ କାନରେ ସ୍ପିକର୍ ନ ଲଗାଇ ବହିର ପାଠ ଶୁଣିହେବ। ମୁଦ୍ରିତ ଖବରକାଗଜଗୁଡ଼ିକ ବି ଇଣ୍ଟରନେଟ୍‌ରୁ ନୂଆ ନୂଆ ଖବର ସଂଗ୍ରହ କରିନେଉଛନ୍ତି, ୩ କି ୫ କି ୭ ମିନିଟ୍‌ର ଶୁଣିବା (ଲିଶିନିଂ) ସାଙ୍ଗକୁ ପଢ଼ାପାଠ ଯୋଗାଉଛନ୍ତି।



ଆଇଟି-ବିଶେଷଜ୍ଞ ଗୁରୁ ଓ ଆମେ ଶିଷ୍ୟ ହୋଇ ପୁଣି ଗୁରୁ-ଶିଷ୍ୟ ପରମ୍ପରାକୁ ଫେରିବା ମନେହୁଏ। ଘଟଣାର ଜାଗାକୁ ଯାଇ ବା ଗବେଷଣା କରି ନୂଆ ତଥ୍ୟ ବାହାର କରିଥିବା ବ୍ୟକ୍ତି ପାଖକୁ ଯାଇ ଖବର ସଂଗ୍ରହ କରିବା ଅଭ୍ୟାସ ଛାଡ଼ିଦେଇ ଯାହା ଡିଜିଟାଲ ଆକାରରେ ମିଳୁଛି ତାକୁ ବହି ବା ଖବରକାଗଜ ବା ପତ୍ରିକାକୁ ଉତ୍ତାରିନେବେ ନିଜର ସମ୍ପାଦନା ସହିତ। ଆମ ଭିତରୁ ଅନେକେ ଖବରକାଗଜ ପଢ଼ିବା ଛାଡି ଇଣ୍ଟର୍‌ନେଟ୍‌ରେ ଖବର ପଢ଼ିଶୁଣି ଦେଉଛୁ। ପୂର୍ବାପର ସମ୍ପର୍କ ବି ଆମକୁ ଇଣ୍ଟରନେଟ୍‌ରେ ମିଳୁଛି, ଆମ ଅଞ୍ଚଳର ପାଠାଗାରକୁ ଯାଇ ଦରାଣ୍ଡିବାକୁ ପଡୁନାହିଁ, ସମୟର ଅପଚୟ ଓ ଅର୍ଥର ବ୍ୟୟଭାର କମୁଛି।

ଏସବୁର ଅର୍ଥ ଓ କାରଣ ହାତପାଆନ୍ତାରେ ସ୍ମାର୍ଟଫୋନ୍। ତାହା ଆମର ଅନ୍ୟମନସ୍କତା (ଡାଇଭର୍ସନ୍ ବା ଡିଷ୍ଟର୍ବାନ୍ସ) ବଡ଼ କାରଣ, ଆମେ କୌଣସି ଗୋଟିଏ କାମରେ ମନୋନିବେଶ କରିପାରୁନାହୁଁ। ପ୍ରତିଦିନ ଆମେ ଏତେ ବେଶି ପରିମାଣର ସୂଚନା, ଖବର ବା ଜ୍ଞାନ ପାଉଛୁ ଯେ ଆମ ମସ୍ତିଷ୍କ ଏତେଗଡ଼ିଏ କଥା ହଜମ କରି ପଢ଼ାପଢ଼ି କରିବାର ସାମର୍ଥ୍ୟ ଯୋଗାଡ଼ କରିବାରେ ଏତେ ତୁରୁତୁରିଆ ହୋଇ ଯାଉଛୁ ଯେ ଆମ ବ୍ରେନ୍ ସେଗୁଡ଼ିକର ଯଥାଯଥଃ ପ୍ରକ୍ରିୟାକରଣ କରିପାରୁନାହିଁ, ନିଷ୍ପତ୍ତି ନେଇପାରୁନାହିଁ। ଅବିରତ ବିଜ୍ଞପ୍ତି ଆସୁଛି ବହୁତ ପ୍ରକାରର ମଞ୍ଚରୁ, ଆପ୍ସରୁ, ଡିଭାଇସ୍‌ରୁ, ସୋସିଆଲ୍ ମିଡିଆରୁ, ବିଭିନ୍ନ ଖବର ମିଡିଆ ମଞ୍ଚରୁ। କୌଣସି ଗୋଟିଏ ମଞ୍ଚକୁ ବିଶେଷ ଧ୍ୟାନ ଦେଇପାରୁନାହୁଁ। ଏକାଗ୍ରତା ହରାଇବା ଆରମ୍ଭ କଲୁଣି। କମ୍ପ୍ୟୁଟର ମଣିଷ ପରସ୍ପରର ପ୍ରଭାବ ଅନୁଧ୍ୟାନ କରୁ କରୁ ଗବେଷକମାନେ ଦେଖିଲେ ପଢ଼ିବା-ମସ୍ତିଷ୍କ କିପରି ବିକଶିତ ହେଲା, ପୁଣି ବିଭିନ୍ନ ପାଠ ପଢ଼ି ସେଗୁଡିକର ସମ୍ମିଶ୍ରଣରେ ନୂଆ ନୂଆ ଧାରଣା (ଆଇଡିଆ) ତିଆରି କରିବାର ସାମର୍ଥ୍ୟ କିପରି ବିକଶିତ ହେଲା। ଏହା ଭିତରେ ଥିବା ସ୍ପାନ୍ ଅଫ୍ ଆଟେନଶନ୍ (ଧ୍ୟାନର ପରିସର) ଉପରେ ବି ଗବେଷଣା ହେଲା। ପଢ଼ିବାର ଗୁରୁତ୍ୱ ବଢ଼ିଲା କାରଣ ତା' ଦୃଷ୍ଟିକୋଣ ବଢ଼ାଇଲା, ବିଭିନ୍ନ ଆଇଡିଆକୁ ଛଣାଛଣି (ଡିସର୍ନିଂ) କରି କେଉଁଟା ସ୍ଥାନିତ ହେବା ଯୋଗ୍ୟ ତାହା ବାଛିପାରିଲା, ଆହୁରି ଭାବିହେଲା, ଆହୁରି ପଢ଼ିବାକୁ ଇଚ୍ଛା ହେଲା। ପଢ଼ିବା ଗହୀରରୁ ଗହୀରତର ହେଲା, ଚିନ୍ତା କରିବାର ସାମର୍ଥ୍ୟ ବଢ଼ିଲା, ତେଣୁ ମଣିଷ ବାଛିପାରିଲା କେଉଁଟା ବେଶି ଉପଯୁକ୍ତ। ପିଲାର ଶିଖିବାର (ପଢ଼ିବାର) ସ୍ପୃହା ବଢ଼ିଲା।

ସାଧାରଣ ଲୋକଙ୍କ ଅଜାଣତରେ ଏହା ଭିତରେ ବହୁତ ବଦଳିଗଲାଣି। ଆମେ ଏତେ ଶୀଘ୍ର ଶୀଘ୍ର ନୂଆ ନୂଆ ଆଇଡିଆରେ ଅବଗତ ହେଉଛୁ ଯେ ଗୋଟିଏ ପାଠ ଭିତରେ ମଜ୍ଜି (ବୁଡ଼ି) ଗଲେ ଯେ ବେଶି ଜାଣିହେବ ତା' ଭୁଲିଗଲୁଣି। ଏତେ ଶୀଘ୍ର ଶୀଘ୍ର ପଢୁଛୁ ଯେ ସତେ ଯେମିତି ଜୀବନକାଳ ସରିଆସୁଛି। ସ୍ମାର୍ଟ ଫୋନ୍ ଆମ ନଜରକୁ ଆକର୍ଷଣ କରୁଥିବ ତ ଆମେ ଯେଉଁ କାମ କରିବା କଥା ତା' ଉପରେ ଆମ ଧ୍ୟାନ କେନ୍ଦ୍ରୀଭୂତ ହେବ କିପରି? ହଜାର ହଜାର ଇଞ୍ଜିନିୟର, ଡେଭଲପ୍‌ର, ଡିଜାଇନର୍ ଓ ପ୍ରୋଗ୍ରାମର୍ ଲୋକଙ୍କ ମନ ଜିଣିବା ଲାଗି ଜାଣିଶୁଣି ପ୍ରୋଗ୍ରାମ ତିଆରି କରୁଛନ୍ତି – ଆମ ଧ୍ୟାନ ଆକର୍ଷଣ କରିବାର ଚେଷ୍ଟା କରୁଛନ୍ତି, କେମିତି ଆମେ ଅଧିକରୁ ଅଧିକ ବିଜ୍ଞାପନ ଦେଖିବା ତା' ଚେଷ୍ଟା କରୁଛନ୍ତି। ଖାଉଟିକୁ ପ୍ରଲୁବ୍ଧ କରୁଛନ୍ତି। ଆମେ ବି ସୂଚିପତ୍ର ଦେଖି ଦେଇ ବହି ବିଷୟରେ ଅନୁମାନ କରିନେଉଛୁ। ବହିର ଶେଷ ମଲାଟରେ ଥିବା ସଂକ୍ଷିପ୍ତ ଲେଖାରୁ ବହି ବିଷୟରେ ସମ୍ପୂର୍ଣ୍ଣ ଧାରଣା କରିନେଉଛୁ। ହାତରେ ଦୁଇଟି ସ୍ମାର୍ଟ ଫୋନ୍ ଥିବ, ଆଖି ଆଗରେ ଲାପ୍‌ଟପ୍‌ର ସ୍କ୍ରିନ୍‌ରେ ଚାର୍ଟ ଦିଶୁଥିବ, କମ୍ପାନୀ କ'ଣ ଚାହୁଁଛି ତାକୁ ଖୋଜୁଥିବ – ଏ ତିନି ତିନିଟା କାମ ଏକାଥରକରେ!

ଏମିତି ମଲ୍ଟିଟାସ୍କିଂରେ କଗ୍ନିଟିଭ୍ କଷ୍ଟ (ବିଚାର କରିବାରେ ବ୍ୟୟ) ଖୁବ୍ ବେଶି। ଘରେ ପହଞ୍ଚି ଆଉ କିଛି କରିବାକୁ ଇଚ୍ଛା ହୁଏ ନାହିଁ ତ ଘରସଂସାର ଭାଙ୍ଗିବାର ସମ୍ଭାବନା ବଢ଼େ, କାରଣ ଦମ୍ପତି ଭିତରେ ବିଳମ୍ବରେ ଘରକୁ ଫେରିବା ଘେନି ସନ୍ଦେହ ବଢ଼େ ଓ କଳି ଜନ୍ମ ନିଏ। ମିଡିଆ ମଲ୍ଟିଟାସ୍କିଂ ବି ସାମ୍ବାଦିକଙ୍କୁ ଓ ଖବରକାଗଜର ସମ୍ପାଦକମାନଙ୍କୁ ବହୁତ ଜଞ୍ଜାଳ ଦିଏ। ଗୁଡ଼ିଏ ମିଡିଆ ମଞ୍ଚ, ବିବିଧ ଘଟଣା, କ୍ରସ୍ ଆଲୋଚନା, ପ୍ରୋସେସେସ୍ ବା ପ୍ରକ୍ରିୟାମାନ, ଏତେ ପ୍ରକାରର କାମ ଏକାଥରେ ମାଡି ବସେ ଯେ ଖବର ସଂଗ୍ରହ ଓ ସମ୍ପାଦନକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରି ସହସମ୍ପାଦକମାନଙ୍କୁ ଦିଆଯାଏ। ଏବେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଏସବୁ କାମ ନେଇଯିବ। ମଣିଷ ଏଆଇର ମାଲିକ ହେବା ସାଙ୍ଗେ ସାଙ୍ଗେ ତାହାର ଅଧୀନ ହୋଇ ରହିବ। ସ୍ମାର୍ଟ ଫୋନ୍‌ର ଅବସ୍ଥିତି କାନ ଓ ଆଖିର ଦିଗ୍‌ବଳୟରେ ଅଛି ବୋଲି ଜାଣିଥିବା ଲୋକର ମନ ସେଆଡେ ଥାଏ, ଛାତ୍ରମାନଙ୍କ ଏକ ଡିଷ୍ଟ୍ରାକ୍ସନ୍ ବା ଚିତ୍ତବିଭ୍ରମ, ତେଣୁ ଫେଲ୍ ହେବାର ବା କମ୍ ମାର୍କ ରଖିବାର ଏକ ମୁଖ୍ୟ କାରଣ।

sahadevas@yahoo.com

# ରାସ୍ତା ଦୁର୍ଘଟଣାର ପ୍ରତିକାର



ଡ.ମୌସୁମୀ ପରିଡ଼ା

ଜନସଂଖ୍ୟା ବୃଦ୍ଧି ଓ ପାଣିପାଗର ପରିବର୍ତ୍ତନ ଅନୁଯାୟୀ ସ୍ଥାନାଭାବ, ଖାଦ୍ୟପାନୀୟ ଅଭାବ ଇତ୍ୟାଦି ସମସ୍ୟା ଦ୍ୱାରା ଜୀବଜନ୍ତୁମାନେ ଅଳ୍ପବହୁତେ ପ୍ରଭାବିତ। ପ୍ରାୟତଃ ଖାଦ୍ୟ କିମ୍ବା ପାନୀୟ ପାଇଁ ରାସ୍ତାକଡ଼ରେ କିଛି ପାଳିତ ଓ ବୁଲା ଜୀବଜନ୍ତୁ ରାସ୍ତା ଅବରୋଧ କରୁଥିବା ବା ଏଣେତେଣେ ବୁଲୁଥିବାର ଦୃଷ୍ଟିଗୋଚର ହୁଏ। ପ୍ରକାଶ ଥାଉ କି ବୁଲାକୁକୁରଙ୍କ ସଂଖ୍ୟାରେ ଭାରତ ପୃଥିବୀରେ ପ୍ରଥମ। ପ୍ରାୟ ୨୦ କୋଟି ବୁଲାକୁକୁର ରହୁଥିବା ପୃଥିବୀରେ ଭାରତର ଏହି ସଂଖ୍ୟା ପାଖାପାଖି ୬.୨ କୋଟି। ଆମ ଦେଶରେ ବିପୁଳ ପରିମାଣରେ ଖାଦ୍ୟ ନଷ୍ଟ ହୋଇ ଏଣେତେଣେ ପଡିରହିବା ବୁଲାକୁକୁରମାନଙ୍କ ସଂଖ୍ୟାବୃଦ୍ଧିର ଅନ୍ୟତମ କାରଣ। ନେଦରଲାଣ୍ଡ ଏକମାତ୍ର ଦେଶ, ଯେଉଁଠାରେ ବୁଲାକୁକୁରଙ୍କୁ ଦେଖିବାକୁ ମିଳେନାହିଁ। କାରଣ ସେଠାକାର ଲୋକେ ଏମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ନିଜ ଘରେ ଖାଦ୍ୟ ଓ ଆବଶ୍ୟକୀୟ ପ୍ରତିଷେଧକ ସହିତ ଲାଳନପାଳନ କରନ୍ତି।

ପ୍ରଶାସନ ତରଫରୁ କାଗଜ କଲମରେ ଏସବୁର ଯଥାବିଧି ତଦାରଖ ଚାଲିଛି ବୋଲି ପ୍ରତିବର୍ଷ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦିଆଯାଉଥିବାବେଳେ ବୁଲା ଜୀବଜନ୍ତୁଙ୍କ ଦ୍ୱାରା ଅକାଳରେ ଅନେକ ପ୍ରାଣହାନି ଘଟୁଛି। ଉଦ୍‌ବେଗର କଥା ଯେ ରାସ୍ତା ଦୁର୍ଘଟଣା କେବଳ ମଦ୍ୟପାନଜନିତ କିମ୍ବା ଦ୍ରୁତ ଗାଡ଼ିଚାଳନା ଯୋଗୁ ନୁହେଁ ବୁଲା କୁକୁର, ଷଣ୍ଢ, ମାଙ୍କଡ଼ଙ୍କ ସହିତ ଛେଳି, ମେଣ୍ଢା, ଗୋରୁ, ମଇଁଷି ଆଦି ଗୃହପାଳିତ ପଶୁମାନଙ୍କ ଦ୍ୱାରା ମଧ୍ୟ ସଂଘଟିତ ହୋଇଚାଲିଛି। ରାସ୍ତାରେ ଦିନକୁ ଦିନ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଅନେକ ଜୀବନ ଚାଲିଯାଉଛି। ଦ୍ରୁତ ଗାଡିଚାଳନା, ଡ୍ରାଇଭିଂ ଲାଇସେନ୍ସ, ଗାଡ଼ି କାଗଜପତ୍ର, ହେଲମେଟ୍ ପିନ୍ଧିବାକୁ ନେଇ ନୀତିନିୟମ ଓ ଫାଇନ୍ ଆଦାୟ କରାଯାଉଥିଲେ ମଧ୍ୟ ବୁଲା ଜୀବଜନ୍ତୁ କିମ୍ବା ଖରାପ ରାସ୍ତାକୁ ନେଇ ସେହିପରି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ।

ପୃଥିବୀର ସର୍ବବୃହତ୍ ଜନସଂଖ୍ୟାବିଶିଷ୍ଟ ଦେଶ ଭାରତ। ଜନସଂଖ୍ୟାର ଘନତା ଦୃଷ୍ଟିରୁ ଖାଦ୍ୟ, ସ୍ଥାନ, ରୋଜଗାରକୁ ଭିତ୍ତିକରି ନାନାଦି ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। କିଛି କିଛି ସମସ୍ୟାକୁ ଏଡ଼େଇଦେବା ସମସ୍ୟାର ନିରାକରଣ ନୁହେଁ ବରଂ ବର୍ଦ୍ଧୀକରଣ। ଏହାକୁ ଅଣଦେଖା କରିବା ହେତୁ ଜୀବଜନ୍ତୁଜନିତ ଦୁର୍ଘଟଣା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମାଞ୍ଚଳରେ ତ ଏ ସମସ୍ୟା ଉତ୍କଟ। ନିହାତି ଦଶ କି.ମି. ବାଟ ଭିତରେ ବିଭିନ୍ନ ଗୃହପାଳିତ ପଶୁମାନଙ୍କ ଅବାଧ ଚଳପ୍ରଚଳ ଦେଖିହେବ। ଦୁର୍ଘଟଣାରେ ସେମାନଙ୍କ ପଶୁ ଆହତ କିମ୍ବା ନିହତ ହେଲେ ଗାଡିଚାଳକଠାରୁ ଜରିମାନାସ୍ୱରୂପ ମୋଟା ଅଙ୍କର ଅର୍ଥ ଆଦାୟ କରିନେବେ। ଅଥଚ ସେମାନଙ୍କ ପଶୁ ଦ୍ୱାରା ଗାଡିଚାଳକ ମୃତ୍ୟୁ କିମ୍ବା ଆଘାତପ୍ରାପ୍ତ ହେଲେ ତାକୁ କୌଣସି କ୍ଷତିପୂରଣ ମିଳେନାହିଁ। ବିଚିତ୍ର ନିୟମ ଆମ ଦେଶରେ ଯାହା ଅସମାନ, ଅନିୟନ୍ତ୍ରିତ ଓ କୁପରିଚାଳିତ।

ଭାରତରେ ଏବେସୁଦ୍ଧା ପ୍ରାୟ ୬.୨ କୋଟି ବୁଲାକୁକୁର ଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୧୭ଲକ୍ଷରୁ ଅଧିକ ଓ ଦେଶର ଦ୍ୱିତୀୟ ବୃହତ୍ତମ ବୁଲାକୁକୁର ଥିବା ରାଜ୍ୟ। ଉତ୍ତରପ୍ରଦେଶ, ଓଡ଼ିଶା



ଓ ମହାରାଷ୍ଟ୍ରରେ ଏହି ସଂଖ୍ୟା ସର୍ବାଧିକ। ଏକ ଅଧ୍ୟୟନରୁ ଜଣାଯାଏ ଯେ କୁକୁରମାନଙ୍କର ପ୍ରଜନନ କ୍ଷମତା ଏତେ ଅଧିକ ଯେ ମାତ୍ର ତିନି ବର୍ଷ ମଧ୍ୟରେ ୩୦୦ ପର୍ଯ୍ୟନ୍ତ ସଂଖ୍ୟା ବୃଦ୍ଧି କରିପାରନ୍ତି। ସେମାନଙ୍କ ଦ୍ୱାରା ବିଭିନ୍ନ ରୋଗ ବ୍ୟାପିବା ସହିତ ରାସ୍ତା ଦୁର୍ଘଟଣାରେ ଲୋକଙ୍କ ପ୍ରାଣହାନି ଘଟିଚାଲିଛି। ସେମାନଙ୍କୁ ଉଚିତ ସମୟରେ ରୋଗ ପ୍ରତିଷେଧକ ସହିତ ପ୍ରଜନନ କ୍ଷମତାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା କରିବା ନିହାତି ଜରୁରୀ।

ଆନିମଲ୍ ୱେଲଫେଆର୍ ବୋର୍ଡ ବୁଲା କୁକୁରଙ୍କର ଖାଦ୍ୟ ବ୍ୟବସ୍ଥା ସହିତ ସେମାନଙ୍କ ପ୍ରତି କେହି ଯେପରି କ୍ରୂର ଆଚରଣ ନ କରେ ସେଥିପାଇଁ ବିହିତ ପଦକ୍ଷେପ ନେଉଛି। ଆଇନ ଅନୁଯାୟୀ କୁକୁରମାନଙ୍କ ପାଇଁ ଜନ୍ମନିୟନ୍ତ୍ରଣ ବ୍ୟବସ୍ଥା କରାଯାଉଛି। ସେମାନଙ୍କୁ ଆଘାତ ଦେବା, ମାରିଦେବା, ବିଷ ଦେବା, ସ୍ଥାନାନ୍ତରିତ କରିବା ଆଇନତଃ ଦଣ୍ଡନୀୟ ଅପରାଧ। ୧୮୬୦ରୁ ନିର୍ଦ୍ଧାରିତ ଭାରତୀୟ ପିଙ୍ଗଳ ଧାରା ୪୨୮ ଅନୁଯାୟୀ ପଶୁମାନଙ୍କ ପ୍ରତି ନୃଶଂସତା ନିରାକରଣ ପାଇଁ ଆବଶ୍ୟକ ସ୍ଥଳେ ଦୁଇବର୍ଷ କାରାଦଣ୍ଡ କିମ୍ବା ଫାଇନ୍ ବ୍ୟବସ୍ଥା କରାଯାଇଛି। ଏହା ଉଚିତ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ।

ପ୍ରତ୍ୟେକ ପ୍ରାଣୀର ଏ ପୃଥିବୀରେ ବଞ୍ଚିବା ପାଇଁ ସମାନ ଅଧିକାର ରହିଛି। କିନ୍ତୁ ଅନୁପାତ ଠିକ୍ ନ ରହିଲେ ପ୍ରକୃତିର ଭାରସାମ୍ୟ ରହିବନାହିଁ। ପ୍ରାଣୀଜନିତ ରାସ୍ତା ଦୁର୍ଘଟଣା ବହୁ ପରିମାଣରେ ବଢ଼ିଛି। ଗାଡ଼ି ଚାଳକ ସେଥିପ୍ରତି ସତର୍କ ଓ ସଜାଗ ରହିଲେ ମଧ୍ୟ ଦୁର୍ଘଟଣାକୁ ଏଡ଼େଇ ଦିଆଯାଇ ନ ପାରେ। ଗୋରୁ, ମଇଁଷି, ଛେଳିମେଣ୍ଢା ଆଦି ଗୃହପାଳିତ ପଶୁମାନଙ୍କ ପାଇଁ ସେମାନଙ୍କ ମାଲିକମାନେ ଦାୟୀ ରହିବା ଉଚିତ। କାରଣ ସେମାନେ ନିଜ ଦାୟିତ୍ୱ ସଂପନ୍ନ ନ କରି ରାସ୍ତାରେ ଛାଡ଼ି ଦେଉଥିବା ଅପରିଣାମଦର୍ଶିତା; ଯେଉଁଥିରେ ଲଗାମ୍ ଲାଗିବା ଆବଶ୍ୟକ। ସେହିପରି ବୁଲାକୁକୁରମାନଙ୍କ ଜନ୍ମ ନିୟନ୍ତ୍ରଣ ସହିତ ରାସ୍ତାରେ ସେମାନଙ୍କ ଅବାଧ ବିଚରଣ ବିଷୟରେ ପ୍ରଶାସନ ଦୃଷ୍ଟିଦେବା ନିହାତି ଜରୁରୀ।

ପଶୁ ସଂରକ୍ଷଣ କରିବା ନ୍ୟାୟରେ ଜନସାଧାରଣଙ୍କ ଜୀବନହାନି ନ ହେଉ। ହାତୀ, ଚିତା, ହରିଣ, ସମ୍ବର ଆଦି ବନ୍ୟପ୍ରାଣୀମାନେ ଜଙ୍ଗଲରୁ ସହରମୁହାଁ ହେବାରେ, ସେମାନଙ୍କ ବାସଭୂମିକୁ ନଷ୍ଟ କରୁଥିବା ମଣିଷମାନେ ଦାୟୀ ହେବା ପରି ବୁଲାଜୀବଜନ୍ତୁଙ୍କ ଅବାଧ ବିଚରଣରେ ପଶୁପାଳକମାନେ ମଧ୍ୟ ସମପରିମାଣରେ ଦାୟୀ। ତେଣୁ ସେମାନଙ୍କଠାରୁ ମଧ୍ୟ ଫାଇନ୍ ଆଦାୟ କରାଯାଉ। କିନ୍ତୁ ମାଲିକହୀନ ବୁଲାକୁକୁରମାନଙ୍କ ବିଚରଣ ଓ ଆଚରଣ ଏବଂ ସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେଥିପ୍ରତି ଆବଶ୍ୟକୀୟ ପଦକ୍ଷେପ ନେବା ଏବଂ ତାହା ପାଳିତ ହେଉଛି କି ନାହିଁ ସେସବୁର ତଦାରଖ କରିବା ପ୍ରଶାସନିକ ଦାୟିତ୍ୱ; ଯାହାଫଳରେ ରାସ୍ତା ଦୁର୍ଘଟଣା ହ୍ରାସ ପାଇବ। କେବଳ ମୋଟର ଆରୋହୀ ଚାହିଁଲେ ଦୁର୍ଘଟଣାରୁ ବର୍ତ୍ତିପାରିବ ନାହିଁ ସେଥିପାଇଁ ଉପଯୁକ୍ତ ପଥ, ପଥିକ, ମାଲ୍‌ବାହୀ ବଡଯାନଗୁଡ଼ିକର ମନଇଚ୍ଛା ଅବାଧ ଚଳପ୍ରଚଳରେ ଲଗାମ୍ କଷିବା ସହିତ କଡ଼ା ଆଭିମୁଖ୍ୟର ଆବଶ୍ୟକତା ରହିଛି।

ମୋ- ୯୪୩୭୩୧୭୦୨୬

## ଏଇ ଭାରତରେ

ବାଇକିଂକୁ ଭଲ ପାଇଲେ ବି ମହିଳା ସଶକ୍ତୀକରଣରେ ରହିଛି ଜୟ ଭାରତୀଙ୍କ ଆନନ୍ଦ। ହାଇଦ୍ରାବାଦ ନିବାସୀ ଭାରତୀ ୨୦୧୩ରୁ ୧ ଲକ୍ଷ କି.ମି. ଡ୍ରାଇଭ କରିସାରିଲେଣି। ଅନ୍ୟପକ୍ଷରେ ୨୦୧୯ରେ ଏମ୍‌ଓଡବ୍ଲୁଓ ନାମକ ସାମାଜିକ ଅଭିଯାନ ଆରମ୍ଭ କରି ତା' ମାଧ୍ୟମରେ ଆର୍ଥିକ ସ୍ତରରେ ଦୁର୍ବଳ ଥିବା ୩୦୦୦ରୁ ଅଧିକ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିପାରିଛନ୍ତି। ମହିଳାମାନଙ୍କୁ ମାଗଣାରେ ବିଶେଷକରି ଦୁଇଚକିଆ ଓ ତିନିଚକିଆ ଯାନ (ଅଟୋ) ଡ୍ରାଇଭିଂ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରି ରୋଜଗାରର ବାଟ ଦେଖାଉଛନ୍ତି। ଏପରି କି ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ, ଅନ୍ୟ ମହିଳାମାନଙ୍କୁ ମଧ୍ୟ ଚାକିରି ପାଇବାରେ ସାହାଯ୍ୟ କରୁଛନ୍ତି। ସେ ୫ ଲକ୍ଷ ଟଙ୍କାରେ ଏମ୍‌ଓଡବ୍ଲୁଓ ଅଭିଯାନ ଆରମ୍ଭ କରି ତେଲଙ୍ଗାନା ସରକାରଙ୍କ ସହଯୋଗରେ ୧ ଏକର ଜମିରେ ଟ୍ରେନିଂ ସ୍କୁଲ ପ୍ରତିଷ୍ଠା କରିଥିଲେ। ମହିଳାମାନେ ୧୫ରୁ ୨୦ ଦିନରେ ଡ୍ରାଇଭିଂ ଶିଖିଯାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁଲାଇ ୧୯୯୮

- କାମ୍ବୋଡିଆରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ହୁନସେନଙ୍କ କାମ୍ବୋଡିଆନ ପିପୁଲ୍ସ ପାର୍ଟିର ବିପୁଳ ବିଜୟ।
- ଜମ୍ମୁ-କଶ୍ମୀରର ଦୋଦା ଜିଲା ଅନ୍ତର୍ଗତ ଶାନାଠାକା ଗ୍ରାମରେ ଉଗ୍ରବାଦୀଙ୍କ ଆଖିବୁଜା ଗୁଳିମଡ଼ରେ ୨ ମହିଳାଙ୍କ ସମେତ ୧୬ ମୃତ।
- ଆମେରିକାର ଭାରତ ଉପରେ ଲାଗୁ କରାଯାଇଥିବା ଅର୍ଥନୈତିକ ପ୍ରତିବନ୍ଧକର ସାଙ୍କେତିକ ପ୍ରତିବାଦ ସ୍ୱରୂପ କେନ୍ଦ୍ର ମନ୍ତ୍ରଣାଳୟଗୁଡ଼ିକର କ୍ୟାଣ୍ଟିନରେ ପେପ୍‌ସୀ ଓ କୋକ୍ ବିକ୍ରି ନିଷେଧ।

## ଚିରନ୍ତନୀ

ପୂର୍ଣ୍ଣ ଦୁଇଗୋଟି ଶଶୀ ନ ଖେଳୁଣୁ ତା'
ନୟନ ପରେ
ନ ଶିଖୁଁ ଡାକିବା ପାଇଁ ତୋଳି ତାକୁ କ୍ଷୁଦ୍ର
ଦୁଇ କରେ
ଦିଓଟି ଶଶୀରେ ତା'ର ସରିଯାଏ କ୍ରୀଡ଼ା
ନ ଦେଖଇ ସୁଖ ପୀଡ଼ା!
(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | 2 | | | |
| | | | | | | 7 | 1 | 9 |
| | | 1 | | | | | | 6 |
| 9 | | | | 1 | | 5 | | 2 |
| 4 | | | | 3 | | 1 | | |
| | | 7 | | | 9 | | | 4 |
| 3 | | 4 | | 6 | | | | |
| | 5 | 9 | | | 4 | 8 | | |
| | | | | | 5 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 2 | 4 | 3 | 8 | 9 | 6 | 1 |
| 6 | 1 | 3 | 2 | 7 | 9 | 8 | 4 | 5 |
| 4 | 8 | 9 | 5 | 6 | 1 | 2 | 3 | 7 |
| 9 | 4 | 6 | 7 | 8 | 5 | 3 | 1 | 2 |
| 5 | 3 | 1 | 9 | 2 | 4 | 7 | 8 | 6 |
| 2 | 7 | 8 | 3 | 1 | 6 | 4 | 5 | 9 |
| 3 | 9 | 4 | 1 | 5 | 2 | 6 | 7 | 8 |
| 1 | 6 | 7 | 8 | 9 | 3 | 5 | 2 | 4 |
| 8 | 2 | 5 | 6 | 4 | 7 | 1 | 9 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ବିରିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରର ବିକଳ ଚିତ୍ର

ମହାଶୟ,

ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୨୦୧୦ ମସିହାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଛି। ଏହା ବିରିଡ଼ି ବ୍ଲକ ୨୧ଟି ପଞ୍ଚାୟତର ୩ ଲକ୍ଷରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁରକ୍ଷା କବଚ। ମାତ୍ର ଗତ ୧୩ ବର୍ଷ ମଧ୍ୟରେ ଏହି ଅନୁଷ୍ଠାନର ଭିତ୍ତିଭୂମି ଉନ୍ନୟନ ଦିଗରେ ସରକାରୀ ଅବହେଳା ଜଳଜଳ ହୋଇ ଦିଶୁଛି। ବହିଃ ବିଭାଗ ଚିକିତ୍ସା କେନ୍ଦ୍ର, ଡାକ୍ତରଙ୍କ ପ୍ରକୋଷ୍ଠ, ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟାଳୟ, ପରୀକ୍ଷାଗାର ଓ ରୋଗୀଙ୍କ ପ୍ରତୀକ୍ଷାଳୟ ଏବେ ଭଙ୍ଗାଟିଣ ଘରେ ରହିଛି। ସେହିପରି ନିରାମୟ ଔଷଧ ବିତରଣ କେନ୍ଦ୍ର ଓ ଟିକାକରଣ ପ୍ରକୋଷ୍ଠ ଭଙ୍ଗା ଆଜ୍‌ବେଷ୍ଟସ ଘରେ ଚାଲିଛି। ସାମାନ୍ୟ ବର୍ଷା ହେଲେ ପାଣି ଗଳିବା ଫଳରେ ରୋଗୀସେବା ବ୍ୟାହତ ହେଉଛି। ଇନଭର୍ଟର ଆବଶ୍ୟକତା ଅନୁସାରେ ନ ଥିବାରୁ ବିଦ୍ୟୁତ୍ କାଟ ସମୟରେ ମଧ୍ୟ ରୋଗୀସେବା ବ୍ୟାହତ ହେଉଛି। ୧୦ ଜଣ ଡାକ୍ତର ଥିବା ବେଳେ ଆବାସସ୍ଥଳି ମାତ୍ର ଗୋଟିଏ ରହିଛି। ଅନ୍ୟ ସମସ୍ତ କର୍ମଚାରୀଙ୍କ ପାଇଁ ଆବାସ ଗୃହର ଘୋର ଅଭାବ ରହିଛି। ଏହି ଚିକିତ୍ସାଳୟର ଅଭାବ ଅସୁବିଧା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଥିବା ସତ୍ତ୍ୱେ ଏହାର ବିକଳ ଚିତ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ନ ପାରିବା ଦୁର୍ଭାଗ୍ୟଜନକ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

କେସିଙ୍ଗା,୨୮।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନସ୍ଥ ପରଲସିଙ୍ଗା ଗ୍ରାମ ପଞ୍ଚାୟତ ସରାପଦର ଗ୍ରାମର ଡିଲେଶ୍ୱର ଗୌଡ଼ଙ୍କ ଗତ ବୁଧବାର ମୁମ୍ବାଇ ସହରରେ ମୃତ୍ୟୁ ଘଟିଛି। ଶୁକ୍ରବାର ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ପରିବାରବର୍ଗ ଗାଁ ମଶାଣିରେ ଶବ ଶତ୍କାର କରିଥିଲେ। ପରଲସିଙ୍ଗା ଗ୍ରାମ ପଞ୍ଚାୟତ ସରାପଦର ଗ୍ରାମର ଧନ ଗୌଡ଼ଙ୍କ କନିଷ୍ଠ ପୁତ୍ର ଡିଲେଶ୍ୱର ଗତ ଏପ୍ରିଲରେ ଦାଦନ ଖଟିବାକୁ ମୁମ୍ବାଇ ସହରକୁ ଯାଇଥିଲା। ସେଠାକାର ଏକ ପ୍ରତିଷ୍ଠିତ କମ୍ପାନୀରେ କାମ କରୁଥିଲେ। ଦୁଇ ତିନି ଧରି ଜ୍ୱର ହେବାରୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲା। ଗତ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା। କମ୍ପାନୀ ମାଲିକ କିଛି ଆର୍ଥିକ ସହାୟତା ଦେଇ ନ ଥିଲେ। ଡିଲେଶ୍ୱରଙ୍କ ବାପା ୮୦ ହାଜର ଟଙ୍କା ଫୋନ ପେ'ରେ ପଠାଇବାରୁ ଭଡାରେ ଏକ ଆମ୍ବୁଲାନ୍ସରେ ମୃତଦେହ ଗାଁକୁ ଅଣାଯାଇଥିଲା। ପରଲସିଙ୍ଗା ସରପଞ୍ଚ କୃତାଞ୍ଜଳି ଗୌଡ଼ ମୃତକଙ୍କ ବାପା ଧନ ଗୌଡ଼ଙ୍କୁ ହାରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲା ଆଦିବାସୀ ସଂଘ

■ପୋଲିସ ଓ ଆଦିବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି

■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୮ ଦଫା ଦାବିପତ୍ର

ନୂଆପଡ଼ା,୨୮।୭(ମକାରୁ ବେମାଲ)

ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲାର ବିଭିନ୍ନ ସମସ୍ୟାର ଦାବି ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଭାନୁ ପ୍ରତାପ ସିଂ ମାଝିଙ୍କ ନେତୃତ୍ୱରେ ଶହ ଶହ ଆଦିବାସୀ ଏକତ୍ରିତ ହୋଇ ସ୍ଥାନୀୟ ପୋଲିସ ପଡିଆ କଲ୍ୟାଣ ମଣ୍ଡପଠାରୁ ପାରମ୍ପରିକ ବେଶଭୂଷା ଓ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ବାଜା ବଜାଇ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଧସେଇ ପଶିବା ବେଳେ ପୋଲିସ ଓ ଆଦିବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୧୮ଦଫା ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିହାରୀ ଲାଲ ବିଶ୍ୱାଳଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ଝିଅ ସରୋଜିନି ମାଝି, ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ବାଳକୃଷ୍ଣ ଶବର, ରାଜୁ ଖାଡିଆ, ଜୟରାମ ଶବର, ଖାମସିଂ ମାଝି, ଭକ୍ତବନ୍ଧୁ ଧରୁଆ, ଜ୍ଞାନେଶ୍ୱର ମାଝି, କାର୍ତ୍ତିକେଶ୍ୱର ମଲ୍ଲିକ, ଦୁର୍ବଳ ମାଝି, ବିକ୍ରମ ମାଝି, ରମାକାନ୍ତି ମାଝି, ଅମ୍ବିକା ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଆଦିବାସୀମାନଙ୍କ ପାଇଁ ଆସୁଥିବା ଅନୁଦାନ ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ପ୍ରତିବାଦ କରି ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ମନ୍ତ୍ରୀ ଢୋଲକିଆଙ୍କ କୁଶ ପୁତ୍ତଳିକା ଦାହା କରିଥିଲେ। ଅନ୍ୱେଷା ଯୋଜନାରେ ପରିଚାଳିତ ବିଦ୍ୟାଳୟରେ ହେଉଥିବା ଦୁର୍ନୀତିର ପର୍ଦ୍ଦାଫାଶ ସହ କେନ୍ଦ୍ରୀୟ ସାମାଜିକ ଅଡିଟ କରାଯାଉ, କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ୟୁସିସିକୁ ରଦ୍ଧ କରାଯାଉ, ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ ଜମିକୁ ପଟ୍ଟା ପ୍ରଦାନ କରାଯାଉ, ଗୋଷ୍ଠିଗତ ଅଧିକାରରେ ପଟ୍ଟା ପ୍ରଦାନ ପ୍ରଶାସନର ଅବହେଳାକୁ ଦୃଢ ନିନ୍ଦା କରାଯାଇଛି। ଜଙ୍ଗଲ ଜମି ପଟ୍ଟାରେ ଫସଲ ବୀମା ଧାର୍ଯ୍ୟ କରାଯାଉ, ଜଙ୍ଗଲ ଜମି ପଟ୍ଟାରେ ଉତ୍ପାଦନ ହେଉଥିବା ଫସଲକୁ ମଣ୍ଡିରେ ବିକ୍ରି ପାଇଁ ଅନୁମତି ପ୍ରଦାନ, ଜଙ୍ଗଲ ଜମି ପଟ୍ଟାରେ କୃଷି ଋଣ ପ୍ରଦାନ କରାଯାଉ, ଜଙ୍ଗଲ ଜମି ପଟ୍ଟାରେ ଜମି ମରାମତି ସକାଶେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଲାଗୁ କରାଯାଉ, ଆଦିବାସୀଙ୍କ ସ୍ୱତନ୍ତ୍ର ବିକାଶ ପାଇଁ ପ୍ରଯୁଜ୍ୟ ଯୋଜନା ଆର୍‌ଏଲ୍‌ଟିଏପିରୁ ଖର୍ଚ୍ଚ ନ ହୋଇ ପଡି ରହିଥିବା ୧୦ କୋଟି ଟଙ୍କା ଶାସକ ଦଳର ଜଣେ ପ୍ରଭାବଶାଳୀ ରାଜନେତା ଓ ଜିଲା ପ୍ରଶାସନ ଦ୍ୱାରା ଅପବ୍ୟବହାର ପ୍ରତିବାଦ କରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲା। ଜିଲା ପ୍ରଶାସନ ଏହି ସବୁ ସମସ୍ୟା ସମାଧାନ ଶୀଘ୍ର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଭୟାବହ ହେବ ବୋଲି ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ଚେତାବନୀ ଦେଇଛି।



ପୋଲିସ ସହ ଆଦିବାସୀଙ୍କ ଧସ୍ତାଧସ୍ତି।

# କଳାହାଣ୍ଡି ଜିଲାରେ ନୂଆ ରେଳଲାଇନ ସଂଯୋଗ ଦାବି


ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ଦେଉଛନ୍ତି ଡ଼. ସୁନୀତି ମୁଣ୍ଡ।

**ରେଳ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା**

ଭବାନୀପାଟଣା,୨୮।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ରେଳ ସଂଯୋଗ ଉପେକ୍ଷିତ ହେବା ଯୋଗୁ ଶିଳ୍ପକ୍ଷେତ୍ର ଅବହେଳିତ ରହିଛି। ଏଥିପାଇଁ ଜିଲାର ସାମାଜିକ ଓ ଅର୍ଥନୈତିକ ବିକାଶରେ ବାଧକ ସୃଷ୍ଟି ହେଉଛି। ଆଜି ପର୍ଯ୍ୟନ୍ତ ଜିଲବାସୀ ଉପଯୁକ୍ତ ରେଳସେବା ପାଇବାରୁ ବଞ୍ଚିତ ରହିଛନ୍ତି। ତେଣୁ ଜିଲାରେ ରେଳ ସମସ୍ୟା ସମାଧାନ ଦାବି ନେଇଁ ଦିଲ୍ଲୀରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଛନ୍ତି କଳାହାଣ୍ଡି ବିକାଶ ପରିଷଦର ଅଧକ୍ଷା ଡ଼. ସୁନୀତି ମୁଣ୍ଡ। ଏ ନେଇ ରେଳମନ୍ତ୍ରୀଙ୍କୁ ସେ ୧୨ଦଫା ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଜିଲାରେ ୧୯ଟି ପ୍ରମୁଖ ଧର୍ମୀୟ ସ୍ଥଳ, ବାଣିଜ୍ୟ କେନ୍ଦ୍ର, ଐତିହାସିକ ସ୍ଥାନ, ପର୍ଯ୍ୟଟନସ୍ଥଳ, ଅଭୟାରଣ୍ୟ ମଧ୍ୟରୁ କେବଳ ଜୁନାଗଡ ଓ ଭବାନୀପାଟଣାକୁ ରେଳ ସଂଯୋଗ ହୋଇଛି। ଅନ୍ୟ ପ୍ରମୁଖ ସ୍ଥାନଗୁଡିକ ରେଳ ସୁବିଧାରୁ ବଞ୍ଚିତ ରହିଛି। କେସିଙ୍ଗା ଓ ଭବାନୀପାଟଣା ମଧ୍ୟରେ ରେଳ ସଂଯୋଗ କରିବା ସହ ଭୁବନେଶ୍ୱର-ଜୁନାଗଡ଼ ଏକ୍ସପ୍ରେସ୍ରେ ପ୍ରଥମ ଶ୍ରେଣୀ ବାତାନୁକୂଳିତ ବଗି ଖଞ୍ଜିବା ଓ ଭୁବନେଶ୍ୱରରୁ ଜୁନାଗଡ ଏବଂ ଜୁନାଗଡରୁ ଭୁବନେଶ୍ୱରକୁ ସକାଳୁ ଏକ ଟ୍ରେନ ଚଳାଚଳ କରିବା ପାଇଁ ଦାବି ହୋଇଛି। ଭୁବନେଶ୍ୱରରୁ କେସିଙ୍ଗା ଭାୟା ଉତ୍କେଳା ଏକ ନୂଆ ରେଳପଥ, ଜୟପୁର ଓ ଜୁନାଗଡ ରୋଡ ମଧ୍ୟରେ ନୂଆ ରେଳପଥ, ଜୁନାଗଡ ଓ ଆମ୍ବାଗୁଡା ମଧ୍ୟରେ ଭାୟା ନବରଙ୍ଗପୁର ଓ କୋକସରା ଏକ ନୂଆ ରେଳପଥ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ। ସେହିପରି ବିଶାଖାପାଟଣାରୁ ଜୁନାଗଡ଼ ରେଳ ସଂଯୋଗୀକରଣ ଦ୍ୱାରା ଅଧିକ ଜନସାଧାରଣ ଉପକୃତ ହୋଇପାରନ୍ତେ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

# ଶ୍ରେଣୀଗୃହ ଅଭାବ, ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର



ଶ୍ରେଣୀଗୃହ ଅଭାବରୁ ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର।

**ରାଜପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ**

■୫-ଟି ରୂପାନ୍ତରଣ ପରେ ବି ସୁଧୁରୁନି ସମସ୍ୟା

ଜୁନାଗଡ଼,୨୮।୭(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ରାଜପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୫-ଟି ରୂପାନ୍ତରଣରେ ସାମିଲ ହେବା ପରେ ମଧ ସମସ୍ୟା ଦୂର ହୋଇନାହିଁ। ଶ୍ରେଣୀଗୃହ ଅଭାବ ଥିବାରୁ ବାରଣ୍ଡାରେ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ବର୍ଷା ହେଲେ ସ୍କୁଲ ଛୁଟି ହେଉଥିବା ଜଣାପଡ଼ିଛି। ପ୍ରକାଶ ଯେ, ଏହି ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ପ୍ରାୟ ୪୧୪ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ହେଲେ ମାତ୍ର ୪ଟି ଶ୍ରେଣୀଗୃହ ରହିଛି। ସେଥିରେ ୬ରୁ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠପଢା ଯାଉଥିବା ବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର ବାରଣ୍ଡାରେ ବସି ପାଠ ପଢୁଛନ୍ତି । ଏପରିକି ସ୍କୁଲର ଲାଇବ୍ରେରି କୋଠାରେ ମଧ ଶିକ୍ଷକମାନେ ବାଧ ହୋଇ ଶିକ୍ଷାଦାନ କରୁଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ୫-ଟିରେ ରୂପାନ୍ତରିତ ହୋଇଥିଲେ ମଧ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯାଇ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୂର୍ବରୁ ସ୍କୁଲରେ ଜାଗା ସମସ୍ୟା ରହିଥିଲା। ଫଳରେ ସ୍କୁଲ କୋଠା ନିର୍ମାଣରେ ସମସ୍ୟା ଦେଖାଦେଇଥିଲା। ବର୍ତ୍ତମାନ ଜାଗା ସମସ୍ୟା ଦୂର ହୋଇଥିବା ସତ୍ତ୍ୱେ କୋଠା ନିର୍ମାଣ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ସ୍କୁଲ ସମସ୍ୟା ନେଇ ଜଣଶୁଣାଣି ଶିବିରରେ ଶିକ୍ଷକମାନେ ଜୁନାଗଡ଼ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରବା ସହ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

### ଆମ ଓଡ଼ିଶା ନବୀନ ଓଡ଼ିଶାକୁ ଭାଜପାର ବିରୋଧ

ନୂଆପଡ଼ା,୨୮।୭(ମକାରୁ ବେମାଲ)

ରାଜ୍ୟ ସରକାର ଘୋଷଣା କରିଥିବା ଆମ ଓଡିଶା ନବିନ ଓଡିଶା ଯୋଜନାକୁ ନେଇ ନୂଆପଡା ବିଧାନସଭା କ୍ଷେତ୍ରରେ ବିରୋଧୀଙ୍କ ବିରୋଧ ଦେଖିବାକୁ ମିଳୁଛି। ଯୋଜନା ମୁତାବକ ପ୍ରତ୍ୟକ ପଞ୍ଚାୟତକୁ ରାଜ୍ୟ ସରକାର ବିଭିନ୍ନ ବିକଶମୂଳକ କାର୍ଯ୍ୟ ପାଇଁ ୫୦ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ସ୍ଥିର କରିଛନ୍ତି। ତେବେ ଏହି ଟଙ୍କା କେଉଁଠି ଖର୍ଚ୍ଚ କରାଯିବ ସେ ନେଇ ପଞ୍ଚାୟତସ୍ତରରୁ ପ୍ରସ୍ତାବ ଦେବା ପାଇଁ କୁହାଯାଇଛି। ଏହି ପ୍ରସ୍ତାବ ପ୍ରସ୍ତୁତିରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଯଥା ହସ୍ତକ୍ଷେପ କରୁଛନ୍ତି ବୋଲି ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢୀ ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀରେ, ଦୃଷ୍ଟି ମାଝି, ଲାଲାରାମ ସାହୁ, ଭଗତ ସିଂ, ହେତୁରାମ ସାହୁ, ଗୋବିନ୍ଦ ଦଣ୍ଡସେନା, ଗୋବିନ୍ଦ ସିଂ ଠାକୁର ପ୍ରମୁଖ ସରକାରଙ୍କ ଆମ ଓଡିଶା ନବୀନ ଓଡିଶାକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ନିଜ ଅକ୍ତିଆରରେ ରଖିବାକୁ ଚାହୁଁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟ କୌଣସି ବିଧାସଭା କ୍ଷେତ୍ରରେ ଏପରି ବିଧାୟକ ପ୍ରସ୍ତାବ ପ୍ରସ୍ତୁତିରେ ହସ୍ତକ୍ଷେପ କରୁ ନ ଥିଲାବେଳେ ନୂଆପଡାରେ ବିଧାୟକ ନିଜେ ସରପଞ୍ଚଙ୍କୁ ଡକାଇ ପ୍ରସ୍ତାବ ପ୍ରସ୍ତୁତି କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ପାଢିଙ୍କ ଅଭିଯୋଗ ମୁତାବକ ଏହା ପଞ୍ଚାୟତକୁ ଆସିଛି ପଞ୍ଚାୟତ ସରପଞ୍ଚ, ସମିତ ସଦସ୍ୟ, ୱାର୍ଡମେମ୍ବର, ଓପ୍ରାଇମେରି ଷ୍ଟେକହୋଲ୍ଡରମାନେ ଏହାକୁ ପ୍ରସ୍ତୁତ କରି ଜିଲା ପରିଷଦକୁ ଦିଅନ୍ତୁ ଓ ତାହା ଜିଲାପାଳଙ୍କ ଅନୁମୋଦନ ପରେ ସରକାରଙ୍କ ନିକଟକୁ ଯାଉ ବୋଲି କହିବା ସହ ଏଥିରେ ମନ୍ତ୍ରୀଙ୍କର କଣ ଭୂମିକା ରହିଛି ବୋଲି ପ୍ରଶ୍ନ କରିଛନ୍ତି।

# ଅଗଷ୍ଟ ୩ରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିବେ


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଚେତାବନୀ**

କେସିଙ୍ଗା,୨୮।୭(ତୁମେଶ୍ୱର ସାହୁ)

ଆସନ୍ତା ଅଗଷ୍ଟ ୩ରୁ ୧୦ ତାରିଖ ଯାଏ ସମଗ୍ର କେସିଙ୍ଗା ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟକ୍ଷେତ୍ରରେ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ କରିବେ। ଅଲ ଓଡିଶା ପଞ୍ଚାୟତ ନିର୍ବାହୀ ସଂଘ କେସିଙ୍ଗା ସଭାପତି ତଥା କାଳାହାଣ୍ଡି ଜିଲା ସହସମ୍ପାଦକ ଲମ୍ବୁ ଶିଖା ଶୁକ୍ରବାର ଏଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଦୀର୍ଘ ବର୍ଷରୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପ୍ରବେଶିକା ଶିକ୍ଷା ଗତ ଯୋଗ୍ୟତା ଯୁକ୍ତ୨ରୁ ଯୁକ୍ତ୩ (ସ୍ନାତକ) କରିବା ସହ ଦରମା ହାର ୨୧ ହଜାର ୭୦୦ରୁ ୩୫ ହଜାର ୪୦୦କୁ ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି। ୧୦ ବର୍ଷ ଚାକିରି ପୂରଣ କରିଥିବା ନିର୍ବାହୀ ଅଧିକାରୀଙ୍କୁ ସ୍ୱତନ୍ତ୍ର ପଦବୀକୁ ପ୍ରମୋସନ ଦେବା ସହ ଦରମା ହାର ବୃଦ୍ଧି କରିବା ଏବଂ ଓପି.ଆର.ଏସ. କ୍ୟାଡ଼ରରେ ନିର୍ବାହୀ ଅଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସରକାର ଆଗାମୀ ୧୫ଦିନ ମଧ୍ୟରେ ଦାବିଗୁଡିକ ପୂରଣ ନ କଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ କ୍ଷେତ୍ରରେ ଯୋଗଦେବେ ନାହିଁ ଏବଂ ସମସ୍ତ ସରକାରୀ କାର୍ଯ୍ୟ ବନ୍ଦ କରି ଗଣଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଅଲ ଓଡିଶା ପଞ୍ଚାୟତ ନିର୍ବାହୀ ସଂଘ କେସିଙ୍ଗା ସଭାପତି ତଥା ଜିଲା ସହସମ୍ପାଦକ ଲମ୍ବୁ ଶିଖା, ଉପସଭାପତି ଶଙ୍କର ପ୍ରଧାନ ଓ ସମ୍ପାଦକ ପ୍ରହ୍ଲାଦ ସୁନାଙ୍କ ସମେତ ସମସ୍ତ ନିର୍ବାହୀ ଅଧିକାରୀ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

### ଲଡୁଗାଁଠାରେ କୃଷକ ତାଲିମ ଶିବିର

କୋକସରା,୨୮।୭(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁଠାରେ କୃଷକଙ୍କ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ଯୋଜନାର ୧୩ତମ କିସ୍ତି କୃଷକଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁପ କୁମାର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ କୃଷକ ଶିବିରରେ ଏଡିଓ ନାରାୟଣ ଉପାଧ୍ୟାୟ, କ୍ଷେତ୍ର ଅଧିକାରୀ ବଲ୍ଲା ହରୀକୃଷ୍ଣା ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଚାଷୀଙ୍କୁ ପ୍ରତିବର୍ଷ ୩ଟି କିସ୍ତିରେ ୬ ହଜାର ଟଙ୍କା ସହାୟତା କେନ୍ଦ୍ରର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଚାଷୀ ଦୁର୍ଗା ଅଗ୍ରୱାଲ, ସତ୍ୟ ନାରାୟଣ ଚୌଧୁରୀ, ପ୍ରଫୁଲ୍ଲ ମାଝି, ଗୋପାଳ ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ସାହୁ, ବ୍ୟୋମକେଶ ସାହୁ, ରାମ ସାହୁ, ହେମନ୍ତ କୁମାର ସାହୁ, ବିଶିକେଶନ ଠାକୁର, କୈଳାଶ ସାହୁ, ସୁଶୀଲ ପାଢ଼ୀ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ଭାଜପା ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀ, ସମ୍ପାଦକ ତ୍ରିନାଥ ଶବର, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପରିଦର୍ଶନ କମିଟିର ଧର୍ମଗଡ ସ୍ୱାଧାର ଗୃହ ପରିଦର୍ଶନ

ବେହେରା,୨୮।୭ (ଭୁପେଶ ତିୱାରୀ)

ଭାରତୀୟ ଆଦିମ ଜାତି ସେବକ ସଂଘ ପକ୍ଷରୁ ଧର୍ମଗଡ ସ୍ୱାଧାର ଗୃହ ଜିଲାସ୍ତରୀୟ ପରିଦର୍ଶନ କମିଟି ଶୁକ୍ରବାର ପରିଦର୍ଶନ କରିଥିଲେ। କମିଟି ଅଧକ୍ଷ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାତୀ ରାଣୀ ତ୍ରିପାଠୀ, ପ୍ରୋଗ୍ରାମ ଅଫିସର ନିୟତି ବାଲା ସୋରେନ, ଜିଲା ଶିଶୁ ମଙ୍ଗଳ କମିଟି ଅଧିକାରୀ ଭାରତ ଭୂଷଣ ପଣ୍ଡା, ସିଡିପିଓ ସୁଚରିତା ମହାପାତ୍ର, ଡାକ୍ତର ଅଶ୍ୱିନ କୁମାର କର, ପୋଲିସ ସବଇନ୍ସପେକ୍ଟର ସନ୍ତୋଷ କୁମାର ସେଠୀ ସ୍ୱାଧାର ଗୃହର ପରିଚାଳନା ଓ ଅନ୍ତେଃବାସୀଙ୍କ ରହିବା, ଖାଇବା, ସ୍ୱାସ୍ଥ୍ୟ ଏବଂ ସେମାନଙ୍କ ଥଇଥାନ ଆଦି ବିଷୟରେ ଅନୁଧ୍ୟାନ କରିଥିଲେ। ସ୍ୱାଧାର ଗୃହ ପରିଚାଳନା କମିଟି ସଦସ୍ୟ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଷୀ, ବିଦ୍ୟାଧର ସାହୁ, ଆଇନଜୀବୀ ସଂଯୁକ୍ତା ପଣ୍ଡା, ଆଇନଜୀବୀ ପ୍ରେମଲାଲ ସାଗର ଓ ଗୀତା ପଟ୍ଟନାୟକଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ସ୍ୱାଧାର ଗୃହର ପରିଚାଳକ ପ୍ରଦୀପ କୁମାର ମହାନ୍ତି, ପରିଚାଳିକା ନିବେଦିତା ପ୍ରଧାନ, କାଉନସେଲର ସରସ୍ୱତୀ ନାଏକ, ସହାୟିକା ରୋଜାଲିନ ନାଏକ, ସଭ୍ୟା ଶୋଭାସିନୀ ରାଉତ ଉପସ୍ଥିତ ଥିଲେ।

### ସ୍ୱୟଂ ଶାସିତ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ

ଖଡ଼ିଆଳ,୨୮।୭(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ଜିଲା ଏମ୍ପଲୟ ଏକ୍ସଚେଞ୍ଜଙ୍କ ସହାୟତାରେ ୟାର ଫୋର୍ସ ଅଗ୍ନିବୀର ବାୟୁ ଅଗ୍ନିପଥ ସ୍କିମ ଉପରେ ଏକ କ୍ୟାରିଅର କାଉନସେଲିଂ ଅନୁଷ୍ଠିତ ହୋଇଯାଇଛି। ସ୍କାଡ୍ରେନ ଲିଡ଼ର ଏନଏଏସସି, ଏଏଫ ଭୁବନେଶ୍ୱର ରାଜେଶ ଓ ଅବେଶ ଉପସ୍ଥାପନା କରିଥିଲେ। ଏଥିରେ ଅଗ୍ନିବୀର ସ୍କିମର କିପରି ଏପ୍ଲାଇ କରିବେ କଣ ଜିନିଷ ଦରକାର, ସ୍ୱାସ୍ଥ୍ୟଜନିତ କଣ ଦରକାର ଏ ଉପରେ ଆଲୋଚନା କରିଥିଲେ। ଏତତ ବ୍ୟତିତ ଏଥିରେ ଦରମା, ବୋନସ ଛୁଟି ପ୍ରଭୃତି ଆଲୋଚନା କରିଥିଲେ। ଚାରି ବର୍ଷ ଚାକିରୀ ପରେ ଅନ୍ୟାନ୍ୟ କ୍ଷେତ୍ରରେ କିପରି ଚାକିରୀ କରି ପାରିବେ ଏକ୍ସ ସର୍ଭିସିଂ ମେନ ଭାବେ ତା ଉପରେ ମଧ ଆଲୋଚନା କରିଥିଲେ। କଲେଜ ଅଧକ୍ଷ ଡ. ତରୁଣ କୁମାର ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଅଧାପିକା ଶୀଳା ତ୍ରିବେଦୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ଚୈତନ୍ୟ କୁମାର ମହାନ୍ତି ଓ କ୍ରୀଡା ଶିକ୍ଷକ ଡ. ସରୋଜ କୁମାର ପଣ୍ଡା ସହଯୋଗ କରିଥିଲେ। ଅତିଥି ଭାବେ ଅଧାପକ ଡ. ପଦ୍ମଲୋଚନ ବର୍ମା ଯୋଗଦେଇଥିବା ବେଳେ ଅଧାପକ ଡ଼. ରଣବୀର ସିଂ, ତଥାଗତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ଅଧାପକ ଚୈତନ୍ୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ସାମର୍ଥ୍ୟ ତାଲିମ ଶିବିର ଉଦ୍‌ଯାପିତ

ନୂଆପଡ଼ା,୨୮।୭(ମକାରୁ ବେମାଲ)

ନୂଆପଡା ସଦର ବ୍ଲକସ୍ତରୀୟ ଆନ୍ତର୍ନିବେଶି ଶିକ୍ଷା ଉପରେ ଆଧାରିତ ୩ ଦିନିଆ ସାମର୍ଥ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଭାରତ ସରକାରଙ୍କ ଷ୍ଟାର ପ୍ରଜେକ୍ଟ ଓ ସମଗ୍ର ଶିକ୍ଷାର ମିଳିତ ଆନୁକୂଲ୍ୟରେ ଜିଲା ଶିକ୍ଷା ଅଧିକାରୀ ଫୁଲମଣୀ ମୁର୍ମୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଓ ଆନ୍ତର୍ନିବେଶି ଶିକ୍ଷା ବିଭାଗର ମାର୍ଗ ଦର୍ଶନରେ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଜିଲା ଶିକ୍ଷା ପ୍ରତିଷ୍ଠାନ ନୂଆପଡାଠାରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି, ଜିଲା ଆନ୍ତର୍ନିବେଶି ଶିକ୍ଷା ସଂଯୋଜକ ହେମନ୍ତ ଭୋଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ଜିଲା ଶିକ୍ଷା ଅଧିକାରୀ ମୁର୍ମୁ ଯୋଗଦେଇ ସାଧାରଣ ବିଦ୍ୟାଳୟରେ ସାଧାରଣ ପିଲାଙ୍କ ସହିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ସମକକ୍ଷ ଭାବେ ଶିକ୍ଷା ଗ୍ରହଣ କରି ପାରିବେ ଓ ଦିବ୍ୟାଙ୍ଗ ପିଲାମାନେ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପାଇ ପାରିବେ। ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗ ଦର୍ଶନ ଦେବା ସହ ମାନପତ୍ର ପ୍ରଦାନ କରିଥିଲେ। ଶିବିରରେ ସଦର ବ୍ଲକର ୫୩ଟି ବିଦ୍ୟାଳୟରୁ ୫୩ଜଣ ଶିକ୍ଷୟତ୍ରୀ, ଶିକ୍ଷକ ଭାଗ ନେଇଥିଲେ। ବିଆରଟି ଉପେନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ ଚୈତରାମ ନାଏକ, ଚନ୍ଦ୍ରକଳା ଜଗତ, କାର୍ତ୍ତିକ ବିଶ୍ୱାଳ, କିଶୋର ପ୍ରଧାନ, ପ୍ରଫୁଲ୍ଲ ବାରିକ, ବୈକୁଣ୍ଠ ଖର୍ସେଲ, ଶନ୍ତରାମ ଦଣ୍ଡସେନା, ଆଲୋକ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପ୍ରଶିକ୍ଷଣ ନେଉଛନ୍ତି।

# ଦାନାରୀଗୁଡ଼ା-ପୁକେର ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

■ପୁକେର ଗାଁ ରାସ୍ତା, ଗାର୍ଡୱାଲ ନିର୍ମାଣ କାମ ନିମ୍ନମାନର

■ରାସ୍ତାରୁ ଉଠିଲା ପିଚୁ ଭାଙ୍ଗିଲା ଗାର୍ଡୱାଲ

■ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଅଭିଯୋଗ

ଲାଞ୍ଜିଗଡ଼,୨୮।୭(ରମେଶ ଚନ୍ଦ୍ର ନାୟକ)


ଦାନାରୀଗୁଡାଠାରୁ ପୁକେର ଗାଁ ରାସ୍ତା ବିଚ୍ଛିନ୍ନ ହେଇଯାଇଛି।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଦାନାରୀଗୁଡାଠାରୁ ପୁକେର ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହେଇଯାଇଛି। ଦାନାରୀଗୁଡାଠାରୁ ପୁକେର ଗାଁକୁ ସଂଯୋଗ କରୁଥିବା ଆରଡି ରାସ୍ତା ଓ ଗାର୍ଡୱାଲ କାମ ନିମ୍ନମାନର ହୋଇଥିବାରୁ ନିର୍ମାଣର ଏକ ମାସ ମଧ୍ୟରେ ରାସ୍ତାରୁ ଚିପ୍ସ ଉଠିଯାଉଥିବା ବେଳେ ଗାର୍ଡୱାଲ ମଧ ଭାଙ୍ଗି ଯାଇଥିଲା। ବର୍ତ୍ତମାନ ତାହା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବା ପୁକେର ଗାଁ ଲୋକେ ଅଭିଯୋଗ କରିଥିଲେ। ଦାୟିତ୍ୱରେ ଥିବା ଅଧିକାରୀ କର୍ଣ୍ଣପାତ କରି ନ ଥିଲେ। ଫଳରେ ଗାଁଠାରୁ ମୁଖ୍ୟ ରାସ୍ତା ଯୋଗାଯୋଗ ଏବେ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ବିଜେପୁର ସରପଞ୍ଚ ଜନନୀ ମାଝିଙ୍କ ସମେତ ପୁକେର ଗାଁ ଲୋକେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସୂଚନାମତେ, ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଦାନାରୀଗୁଡାଠାରୁ ପୁକେର ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ୨୦୨୨ ମେ'ରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧ କି.ମି. ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଭବାନୀପାଟଣାର ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଦାନାରୀଗୁଡା ଓ ପୁକେର ଗାଁକୁ ସଂଯୋଗ ଏହି ରାସ୍ତାର ମଧ ଭାଗରେ ଦୁଇ ପାର୍ଶରେ ଗାର୍ଡୱାଲ ନିର୍ମାଣ ସହିତ ୫ ଶହ ମିଟର ପିଚୁ କାମ ମଧ ହୋଇଥିଲା। କିନ୍ତୁ ରାସ୍ତା ଓ ଗାର୍ଡୱାଲ ନିମ୍ନମାନର ହୋଇଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ କର୍ଣ୍ଣପାତ କରି ନ ଥିବା ଗାଁ ଲୋକେ କହିଛନ୍ତି। ପ୍ରଶାସନିକ ଅଧିକାରୀ ଓ ଠିକାଦାରଙ୍କ ଅବହେଳା ଯୋଗୁ ଉକ୍ତ କାମ ପ୍ରତି ଦୃଷ୍ଟି ନ ଦେବାରୁ ମାତ୍ର ୧୧ ମାସ ପରେ ରାସ୍ତାରେ ଘାଇ ସୃଷ୍ଟି ହୋଇ ଗାଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଛାତ୍ରୀଛାତ୍ର, ରୋଗୀ, ଆମ୍ବୁଲାନ୍ସ ଉକ୍ତ ଗାଁକୁ ଯିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏ ନେଇ ଗତ ୨୪ ତାରିଖରେ ଲାଞ୍ଜିଗଡ ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସରପଞ୍ଚ ଜନନୀ ମାଝିଙ୍କ ସମେତ ଗାଁ ଲୋକେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ସରପଞ୍ଚ ଜନନୀ ମାଝିଙ୍କୁ ପଚାରିବାରୁ ନିମ୍ନମାନର କାମ ଯୋଗୁ ବର୍ତ୍ତମାନ ପୁକେର ଗାଁ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ମୁଁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛି ବୋଲି ପ୍ରକାଶ କରିଛନ୍ତି। ଦୁର୍ଗମ ଅଞ୍ଚଳକୁ ମାଓବାଦୀ ଭୟ ଯୋଗୁ ଜିଲାସ୍ତରୀୟ ଅଧିକାରୀ ଓ ନିର୍ବାଚନ ପ୍ରତିନିଧିମାନେ ଠିକ ଭାବେ ଉକ୍ତ ଅଞ୍ଚଳ ଯାଉ ନାହାନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଚିକିତ୍ସା ଅଭାବରୁ କର୍କଟ ପୀଡ଼ିତା ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଅମରପାଲି,୨୮।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଭାଲିଆପଦର ଗ୍ରାମର ଜଣେ କର୍କଟ ରୋଗାକ୍ରାନ୍ତ ମହିଳାଙ୍କ ଗୁରୁବାର ଅପରାହ୍ନରେ ମୃତ୍ୟୁ ଘଟିଛି। ଉକ୍ତ ମହିଳା ଜଣକ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ଉପଯୁକ୍ତ ଚିକିତ୍ସା ନ ପାଇ ଶେଷରେ ଆଖି ବୁଜି ଥିବା ଅଭିଯୋଗ ହୋଇଛି। ମୃତା ମହିଳା ଜଣକ ହେଲେ କୁନି ପଣ୍ଡା (୫୫)। ସେ ଦୀର୍ଘଦିନ ହେଲା କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ସ୍ୱାମୀ ନାରାୟଣ ପଣ୍ଡା ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଚାଲିବୁଲି ପାରୁନାହାନ୍ତି। ଉକ୍ତ ଦମ୍ପତି ନିଃସନ୍ତାନ ଥିବା ବେଳେ ପରିବାରରେ ନିଜର ବୋଲି କେହିନାହିଁ। ତାଙ୍କର ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିଲେ ହେଁ ଉଭୟ ସ୍ୱାମୀ ସ୍ତ୍ରୀ ରୋଗରେ ପଡି ଶଯ୍ୟାଶାୟୀ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବାକୁ କେହି ନ ଥିଲେ। ତେଣୁ ମହିଳା ଜଣକ ଚିକିତ୍ସା ନ ପାଇ ଘରେ ପଡିରହି ମୃତ୍ୟୁବରଣ କରିଛନ୍ତି। କୁନିଙ୍କ ପରଲୋକ ପରେ ସ୍ଥାନୀୟ ସରପଞ୍ଚ ନିରୁପମା ବଗର୍ତ୍ତି ହରିଶ୍ଚନ୍ଦ୍ର ଯୋଜନାରୁ ସରକାରୀ ସହାୟତା ପ୍ରଦାନ କରିଥିବା ବେଳେ ଅନ୍ତିମ ସଂସ୍କାର ପାଇଁ କିଛି ବଦାନ୍ୟ ବ୍ୟକ୍ତି ସହଯୋଗ କରିଥିବା ଜଣାଯାଇଛି। ନାରାୟଣ ଜଣେ ରୋଗାକ୍ରାନ୍ତ ବ୍ୟକ୍ତି ହୋଇଥିବାରୁ ତାଙ୍କର ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ସହ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

### ସହକାରୀ ପ୍ରଫେସର ପାଇଁ ଚୟନ ହେଲେ ଅଧ୍ୟାପିକା ସୀମାରାଣୀ



ଅମରପାଲି,୨୮।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପିକା ସୀମାରାଣୀ ବେହେରା ଓଡିଶା ଲୋକ ସେବା ଆୟୋଗ ଦ୍ୱାରା ଗ୍ରୁପ-୧ ସହକାରୀ ପ୍ରଫେସର ଭାବେ ଚୟନ ହୋଇଛନ୍ତି। ନିକଟରେ ପ୍ରକାଶିତ ଚୟନ ତାଲିକାରେ ସମଗ୍ର ଓଡିଶାରେ ସେ ସପ୍ତମ ସ୍ଥାନ ଅଧିକାର କରି ଚୟନ ହୋଇଛନ୍ତି।ସେ ପୂର୍ବରୁ ଓଡିଶା ଷ୍ଟାଫ ସିଲେକ୍ସନ୍ ବୋର୍ଡ ଦ୍ୱାରା ଚୟନ ହୋଇ ୨୦୨୩ ମସିହାରୁ ଚୟନ ହୋଇ ବୀରମହାରାଜପୁର ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ଅଧ୍ୟାପକ ଭାବରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି।ସୀମାରାଣୀ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଶିକ୍ଷାରେ ଏମ୍‌ଏ,ଏମ୍‌ଫିଲ ଡିଗ୍ରୀ ହାସଲ କରିଥିଲେ। ସେ ହେଉଛନ୍ତି କଟକ ଜିଲା ତୁଳସୀପୁର ମଠସାହିର କାର୍ତ୍ତିକ ଚନ୍ଦ୍ର ବେହେରା ଓ ନଳିନୀ ବେହେରାଙ୍କ ଝିଅ। ତାଙ୍କର ଏହି ସଫଳତାରେ ବୀରମହାରାଜପୁର କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କଲେଜ ପରିଚାଳନା କମିଟି ତରଫରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ଘୁଙ୍ଗିନାଳ ପୋଲ ଉପରେ ୪ ଫୁଟର ବନ୍ୟାଜଳ

ଅମରପାଲି,୨୮।୭(ପୀତାମ୍ବର ସାହୁ)

ଲଗାଣବର୍ଷା ଯୋଗୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଭୁଡିଆପାଲି ଓ ଲୁଡୁରପଙ୍କ ମଝିରେ ଥିବା ଘୁଙ୍ଗିନାଳ ପୋଲ ଉପରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ଉକ୍ତ ପୋଲ ଉପରେ ପ୍ରାୟ ୪ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ବୀରମହାରାଜପୁରରୁ ଅମରପାଲିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ଗୁରୁବାର ରାତିରେ ହୋଇଥିବା ବର୍ଷା ଯୋଗୁ ଶୁକ୍ରବାର ସକାଳୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଛି। ଏହି ପୋଲ କମ୍ ଉଚ୍ଚତା ହୋଇଥିବାରୁ ଏହା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁ ବୀରମହାରାଜପୁରରୁ ବହଳପଦର, ଦୁର୍ଜନତୈଲା ଓ ଲୁଡୁରପଙ୍କ ପଞ୍ଚାୟତର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମ ସମେତ ଖଣ୍ଡହତା ପଞ୍ଚାୟତର କେତେକ ଗ୍ରାମ, ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ରେଙ୍ଗାଲି, ବଡମାଳ, ଭାଲିଆକଟା, ଗରଗଡବାହାଲ ଆଦି ପଞ୍ଚାୟତର



ଘୁଙ୍ଗିନାଳ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି ।

ଲୋକେ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ବୀରମହାରାଜପୁରରୁ ଝୁମ୍ପୁରା-ସମ୍ବଲପୁର, ଚାରମାଳ-ରେଢ଼ାଖୋଲକୁ ମଧ୍ୟ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସ୍କୁଲ କଲେଜକୁ ଆସୁଥିବା ଛାତ୍ରୀଛାତ୍ର, ଶିକ୍ଷକମାନେ ମଧ୍ୟ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଉକ୍ତ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ସକାଳୁ ମୁର୍ଷୁଣ୍ଡିରୁ ଝୁମ୍ପୁରା ଦେଇ ସମ୍ବଲପୁର ଯାଉଥିବା ବସ୍, ସୋନପୁରରୁ ବୀରମହାରାଜପୁର-ଅମରପାଲି ଦେଇ ରେଢ଼ାଖୋଲ ଯାଉଥିବା ବସ୍, ରେଢାଖୋଲ-ଚାରମାଲ ଦେଇ ବୀରମହାରାଜପୁର-ସୋନପୁରକୁ ଯାଉଥିବା ବସ୍, ସମ୍ବଲପୁରରୁ ମୋଚିବାହାଲ-ବଡମାଲ ଦେଇ ମୁର୍ଷୁଣ୍ଡି ଆସୁ ଥିବା ବସ୍ ଚଳାଚଳ ବନ୍ଦ ରହିଥିଲା । ଏହାସହ କୌଣସି ଗୋଟିଏ ବି ଚାରିଚକିଆ ଗାଡି ସହିତ ବାଇକ୍ ମଧ୍ୟ ଯାଇପାରି ନ ଥିଲା । ବୀରମହାରାଜପୁର କଲେଜ, ମହିଳା କଲେଜ, ଭୁଡିଆପାଲି କଲେଜ, ରଥପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ବହଳପଦର, ଲୁଡୁରପଙ୍କ,

#### ବୀରମହାରାଜପୁର-ଅମରପାଲି ଯୋଗାଯୋଗ ବିଚ୍ଛିନ୍ନ

ଦୁର୍ଜନତୈଲା ଅଞ୍ଚଳରୁ ଛାତ୍ରୀଛାତ୍ରମାନେ ପାଠ ପଢିବାକୁ ଯାଇପାରି ନ ଥିବା ଜଣାଯାଇଛି । ଆମ୍ବୁଲାନ୍ସ ମଧ୍ୟ ଉକ୍ତ ପୋଲ ଦେଇ ଯାଇପାରିନାହିଁ। ପ୍ରାୟ ୩ ବର୍ଷ ପୂର୍ବରୁ ପୂର୍ତ୍ତ ବିଭାଗ ତରଫରୁ ଉକ୍ତ ପୋଲ କାମ କରିବା ପାଇଁ ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ସରିଥିଲା। ଠିକା ସଂସ୍ଥା ଉକ୍ତ ପୋଲ କାମ ଆରମ୍ଭ କରିଥିଲେ ମଧ୍ୟ ଜମି ବିବାଦ ଯୋଗୁ ଅଧାରେ କାମ ଛାଡି ଫେରାର ହୋଇଛି। ଏପଟେ ପୂର୍ତ୍ତ ବିଭାଗ କୌଣସ ପଦକ୍ଷେପ ନେଉନାହିଁ। ତେଣୁ ସାମାନ୍ୟ ବର୍ଷା ହେଲେ ଉକ୍ତ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇଥାଏ। ତେଣୁ ଅଞ୍ଚଳବାସୀ ହଇରାଣ ହୋଇଥାନ୍ତି। ସେହିପରି ବର୍ଷା ଯୋଗୁ ଉକ୍ତ ଘୁଙ୍ଗିନାଳର ଲୁଡୁରପଙ୍କ -ଘଣ୍ଟପାଲି ମଝିରେ ଥିବା ଅନ୍ୟ ଏକ ପୋଲ ଉପରେ ମଧ୍ୟ ୪ ଫୁଟର ବନ୍ୟାଜଳ ପ୍ରବାହିତ ହୋଇଛି। ସନ୍ଧ୍ୟା ବେଳେ ପୋଲ ଉପରୁ ବନ୍ୟାଜଳ କମିଥିବା ଜଣାପଡ଼ିଛି ।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

କନ୍ଧମାଳ,୨୮।୭(ଆଦିତେଶ୍ୱର ମିଶ୍ର)

#### କବିତା ହତ୍ୟା ମାମଲା

ବୌଦ୍ଧ ଜିଲା କନ୍ଧମାଳ ଅତିରିକ୍ତ ଜିଲା ଦୌରାଜଜ୍ ଶିବପ୍ରସାଦ ମହାପାତ୍ର ଶୁକ୍ରବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ବିନୋଦ ଦୀପଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରଛନ୍ତି। ମାମଲାରୁ ପ୍ରକାଶ ଯେ, କନ୍ଧମାଳ ବ୍ଲକ ଅଧୀନ ଖୁଣ୍ଟିଗୋରା ପଞ୍ଚାୟତ ଆଶ୍ରେଗାଁର ଶିବ ଦୀପ ଓ ଅର୍ଜୁନ ଦୀପ ପଡୋଶୀ ଥିବା ବେଳେ ଉଭୟ ପରିବାର ସଂପର୍କୀୟ ଅଟନ୍ତି। ଗତ ୧୭।୨୦୧୯ରେ ଶିବଙ୍କ ପରିବାର ଲୋକ ଇଟା ଗଢିବାକୁ ବାହାରକୁ ଯାଇଥିଲେ। ଘରେ ଶିବଙ୍କ ଝିଅ କବିତା ଏକୁଟିଆ ଥିଲେ। ସେ ଉକ୍ତ ଦିନ ଟିଭି ଦେଖିବାକୁ ଅର୍ଜୁନଙ୍କ ଘରକୁ ସନ୍ଧ୍ୟା ସମୟରେ ଯାଇଥିଲେ । ଅର୍ଜୁନଙ୍କ ପରିବାର ଲୋକ ଘରେ ନ ଥିବା ବେଳେ ତାଙ୍କ ପୁଅ ବିନୋଦ ଦୀପ (୨୮) ଘରେ ଥିଲେ। ଟିଭି ଦେଖିବା ସମୟରେ ବିନୋଦ ମନ୍ଦ ଉଦ୍ଦେଶ୍ୟ ରଖି କବିତାଙ୍କୁ ଟଣାଓଟରା କରିଥିଲେ। କିନ୍ତୁ ସେ କୌଶଳକ୍ରମେ ସେଠାରୁ ଚାଲି ଆସିଥିଲେ। ପୁନଶ୍ଚ ବିନୋଦ ବିଳମ୍ବିତ ରାତିରେ ତାଙ୍କ ଘରକୁ ଯାଇ ବଳାତ୍କାର ଉଦ୍ୟମ କରିବାରୁ କବିତା ଏହାର ପ୍ରତିରୋଧ କରିଥିଲେ। ଫଳରେ ଅଭିଯୁକ୍ତ ବିନୋଦ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ କବିତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପରିବାର ଲୋକ କନ୍ଧମାଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଥାନା କେସ ନଂ ୧୧୫/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲା ଅତିରିକ୍ତ ଜିଲା ଦୌରଜଜ୍‌ଙ୍କ ଅଦାଲତରେ (ଏସଟି ୫୩/୧୯) ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ଅଭିଯୁକ୍ତ ବିନୋଦଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଆହୁରି ଏକ ବର୍ଷ କାରାଦଣ୍ଡାଦେଶ ଭୋଗିବାକୁ ରାୟରେ ଲଲ୍ଲେଖ ରହିଛି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦୁତିଆ ଚରଣ ସାହୁ ପରିଚାଳନା କରୁଥିଲେ।

# ମଣିପୁର ହିଂସା ପ୍ରତିବାଦରେ ମହିଳା କଂଗ୍ରେସର ବିକ୍ଷୋଭ




ସୁବର୍ଣ୍ଣପୁରରେ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସୋନପୁର,୨୮।୭(ମୃତ୍ୟୁଞ୍ଜୟ ଶତପଥୀ)

ମଣିପୁର ହିଂସା ଓ କୁକି ମହିଳାଙ୍କୁ ଉଲଗ୍ନ କରି ବୁଲାଇବା ଘଟଣାକୁ ନେଇ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି। ଶୁକ୍ରବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲା ମହିଳା କଂଗ୍ରେସ କମିଟି ପକ୍ଷରୁ ମଣିପୁର ହିଂସା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୁରେଶ୍ୱରୀ ପାଠାଗାର ସମ୍ମୁଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସୂର୍ଯ୍ୟକାନ୍ତୀ ବାଘ ନେତୃତ୍ୱ ନେଇଥିଲେ। ରାଜେଶ୍ୱରୀ ତାଣ୍ଡିଆ, କବିତା କୁମ୍ଭାର, ପ୍ରତିମା ନାଏକ, ସୁକାନ୍ତି ତାଣ୍ଡିଆ, ଭାରତ ଯାଜ୍ଞସେନୀ ମିର୍ଗା, ମାଧବ କୁମ୍ଭାର ଓ ଶେଷଦେବ ମେହେର ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

### ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ଦାବି

ସୋନପୁର,୨୮।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମସ୍ତ କର୍ମଚାରୀଙ୍କ ଶିକ୍ଷାଗତ ପ୍ରମାଣପତ୍ରର ଯାଞ୍ଚ ପାଇଁ ଦାବି ହୋଇଛି। ଜିଲା ଯୋଜନା ଓ ଉନ୍ନୟନ ପରିଷଦର ପ୍ରାକ୍ତନ ସଭ୍ୟ ତଥା ଜିଲା ଶିଶୁ ସୁରକ୍ଷା କମିଟିର ପ୍ରାକ୍ତନ ଅଧ୍ୟକ୍ଷ ଆଇନଜୀବୀ ମଧୁସୂଦନ ପ୍ରଧାନ ଏହି ଦାବି କରିଛନ୍ତି। ପ୍ରଧାନ ଶୁକ୍ରବାର ସୁବର୍ଣ୍ଣପୁର ଜିଲାପାଳଙ୍କୁ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରି ଏ ସମ୍ପର୍କରେ ଲିଖିତ ଭାବେ ଅନୁରୋଧ କରିଥିବା ଜଣାପଡିଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥିତ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ରେ କାମ କରୁଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ଚାକିରିରେ ଯୋଗଦାନ ସମୟରେ ଦାଖଲ କରିଥିବା ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ନକଲ ପ୍ରଦାନ ପାଇଁ ଆଇନଜୀବୀ ପ୍ରଧାନ ସୂଚନା ଅଧିକାର ଆଇନ ଅନୁସାରେ ଉକ୍ତ ଅଫିସରେ ନିଯୁକ୍ତ ଜନସୂଚନା ଅଧିକାରୀଙ୍କୁ ମାଗିଥିଲେ। ଫେବୃୟାରୀ ୧୩ ତାରିଖରେ ପ୍ରଧାନ ଏହି ତଥ୍ୟ ମାଗିଥିବା ବେଳେ ତାଙ୍କୁ ଏ ପର୍ଯ୍ୟନ୍ତ ମିଳିନାହିଁ। ଅନ୍ୟପକ୍ଷେ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ପ୍ରଧାନଙ୍କୁ ଲିଖିତ ଭାବେ ଜଣାଇଛନ୍ତି ଯେ, ୟୁନିଟ୍‌ର ଅଧିକାରୀ ଓ କର୍ମଚାରୀ ନିଜ ପ୍ରମାଣପତ୍ର ଦେବା ପାଇଁ ଆଗ୍ରହୀ ନୁହଁନ୍ତି। ତେଣୁ ସେ ମାଗିଥିବା ତଥ୍ୟ ଦେଇ ପାରୁନାହାନ୍ତି। ତେବେ ପ୍ରମାଣପତ୍ର ଅସଲି କି ନକଲି ଜନସାଧାରଣ ଜାଣିବାର ଆବଶ୍ୟକତା ଅଛି। ତେଣୁ ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପ୍ରଧାନ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର



ମହିଳା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବୌଦ୍ଧ,୨୮।୭(ଅଜିତ୍ କୁମାର ବାରିକ)

ମଣିପୁରରେ ମହିଳାଙ୍କ ପ୍ରତି ହୋଇଥିବା ଅମାନୁଷିକ ଘଟଣାରେ ବୌଦ୍ଧରେ ମହିଳା କଂଗ୍ରେସ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । ଏଥିସହ ତୁରନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ବୌଦ୍ଧ ମହିଳା କଂଗ୍ରେସର ସଭାପତି କବିତା ମହାକୁଡ ଓ କଂଗ୍ରେସ ମହିଳା ଜିଲା ସଂଯୋଜିକା ମମତା ପଣ୍ଡାଙ୍କ ନେତୃତ୍ୱରେ ଦଳର କର୍ମୀମାନେ ଶୁକ୍ରବାର ଦିନ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ । ଏହି ଘଟଣାରେ ପ୍ରଧାନମନ୍ତ୍ରୀ ଓ ମଣିପୁର ମୁଖ୍ୟମନ୍ତ୍ରୀ ଆଦୌ ତତ୍ପରତା ଦେଖାଉ ନ ଥିବା ମହିଳା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମହିଳା କଂଗ୍ରେସର ମଞ୍ଜୁ ବେହେରା, ମେନକା ବେହେରା, ସରୋଜିନୀ ବେହେରା, ରିନା ବେହେରା ପ୍ରମୁଖ ସାମିଲ ଥିଲେ ।

# ଜିଲାସ୍ତରୀୟ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ

ଅମରପାଲି,୨୮।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ରେ ଶୁକ୍ରବାର ଜିଲାସ୍ତରୀୟ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲା ଚିକିତ୍ସା ଅଧିକାରୀ ଡା.ଦୁର୍ଗାଦତ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଡିପିଏଚଓ(ଡିସି) ଡା. ରମେଶ ଚନ୍ଦ୍ର ସ୍ୱାଇଁ, ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ରବୀନ୍ଦ୍ର ନାଥ ପଣ୍ଡା, ମହାନଦୀ ନେତ୍ର ଚିକିତ୍ସାଳୟର ଅଧୀକ୍ଷକ ଡା.ଦେବେନ୍ଦ୍ର ସାହୁ, ଏପିଡେମିଲୋଜିଷ୍ଟ ଡା.ବିଷ୍ଣୁପ୍ରିୟା ମାଝୀ, ଏଏମ ଏନସିଡି ଗୀତାଞ୍ଜଳୀ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ




ବିଶ୍ୱ ହେପାଟାଇଟିସ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ।

ଯୋଗ ଦେଇଥିଲେ। ଅତିଥିମାନେ ହେପାଟାଇଟିସ ରୋଗର ଲକ୍ଷଣ, କାରଣ ଓ ଏହାର ନିରାକରଣ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହିତ ସମସ୍ତେ ସଚେତନ ହୋଇ ଏହି ରୋଗର ମୂଳୋତ୍ପାଟନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଏଡିପିଏଚଓ ବୃନ୍ଦାବନ ସାହୁ ପରିଚାଳନା କରିଥିବା ବେଳେ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଉପଖଣ୍ଡ ଚିକିତ୍ସାଳୟର ବିପିଏମ ମହେନ୍ଦ୍ର ମିଶ୍ର, ବିଏଏମ ଅବିନାଶ ହୋତା, ପିଏଚଇଓ ସ୍ୱର୍ଣ୍ଣପ୍ରଭା ଜୁଏଡ,ଆଲୋକ ସେଠ, ପ୍ରଣବ ମହାପାତ୍ର, ହିମାଂଶୁ ବାରିକ, ମହାନଦୀ ନେତ୍ର ଚିକିତ୍ସାଳୟର କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବ୍ୟବସ୍ଥା ଘେରରେ ବଡଭୁର୍ଣ୍ଣା ପ୍ରାଥମିକ ବିଦ୍ୟାଳୟ

ତଳଗାଁ,୨୮।୭(କୁନା ବେହେରା)

ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ଦେବା ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରି ଆସୁଥିବା ବେଳେ କେଉଁଠି ବିଦ୍ୟାଳୟରେ ଶିକ୍ଷକ ନ ଥିବା ବେଳେ ଆଉ କେଉଁଠି ଭିତ୍ତିଭୂମି ନାହିଁ। ଫଳରେ ଉପଯୁକ୍ତ ଶିକ୍ଷାଦାନରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବଣପାହାଡ ଘେରା ତଳଗାଁ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ବଡଭୁର୍ଣ୍ଣା ଗ୍ରାମରେ ରହିଛି ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟରେ ଦୁଇଟି ଶ୍ରେଣୀ ଗୃହ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଶ୍ରେଣୀଗୃହରୁ ପାଣି ଗଳୁଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ପାଚେରି ନ ଥିବା ବେଳେ ଶୌଚାଳୟ ଓ ଖେଳପଡିଆ ନାହିଁ। ଏପରି କି ବିଦ୍ୟାଳୟ ଭିତରେ ଥିବା ନଳକୂପରୁ ପାଣି ବାହାରୁନାହିଁ । ଏପଟେ ରାଜ୍ୟ ସରକାର ୫-ଟି ବିଦ୍ୟାଳୟଗୁଡ଼ିକ ରୂପାନ୍ତରିତ କରୁଥିବା ବେଳେ ବଡଭୁର୍ଣ୍ଣା




ବିଦ୍ୟାଳୟ ନା ନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଯଥାଶୀଘ୍ର ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟାର ସମାଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ ଗ୍ରାମର ଜଗନ୍ନାଥ କହଁର, ବାସୁଦେବ ନାଏକ, ଜୟକୃଷ୍ଣ କହଁର ଓ ଅଇବନ ଯାନୀ ଦାବି କରିଛନ୍ତି ।

# ବର୍ଷାରେ ରାସ୍ତା କାଦୁଅ, ଯାତାୟାତ ବାଧାପ୍ରାପ୍ତ

ଅମରପାଲି,୨୮।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତର ଠାକୁରପୁର ଓ ଅନୁଗୋଳ ଜିଲା କିଆକଟା ପଞ୍ଚାୟତର ଶଙ୍ଖମାଳ ମଧ୍ୟରେ ଥିବା କେରାଣ୍ଡି ଯୋର ଉପରେ ବିଜୁ ସେତୁ ଯୋଜନାରେ ୨୦୨୧ ମସିହାରେ ଗୋଟିଏ ପୋଲ ନିର୍ମାଣ କରାଯାଇଥିଲା। ଏଥିପାଇଁ ୭ କୋଟି ୪୬ ଲକ୍ଷ ୯୪ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। କିନ୍ତୁ ସେତୁର ଉଭୟ ପାର୍ଶରେ ରାସ୍ତା ନିର୍ମାଣ ଅସମ୍ପୂର୍ଣ୍ଣ ପଡ଼ିରହିଛି। ଏବେ ଉଭୟ ଠାକୁରପୁର ଓ ଶଙ୍ଖମାଳରୁ ସେତୁ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ଠାକୁରପୁର ରାସ୍ତାରେ କାଦୁଅ ହୋଇଥିବା ବେଳେ ଶଙ୍ଖମାଳରୁ ସେତୁ ପର୍ଯ୍ୟନ୍ତ ରାସ୍ତାରେ ମେଟାଲ ସବୁ ବାହାରି ପଡ଼ିଛି। ଫଳରେ ଯାତାୟତ ବାଧାପ୍ରାପ୍ତ ହେଉଛି। ଏହି ରାସ୍ତା ଦେଇ ଡୁଲେଶ୍ୱର ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ଶହ ଶହ ଲୋକ ଯିବା ଆସିବା କରିଥାନ୍ତି। ସାମାନ୍ୟ ବର୍ଷାରେ ରାସ୍ତା କାଦୁଅ ପଚପଚ ହୋଇଯାଉଥିବାରୁ ଛାତ୍ରୀଛାତ୍ର ଓ ଲୋକେ ନାହିଁ ନ ଥିବା ଅସୁବିଧାରେ ପଡୁଛନ୍ତି। ସେହିଭଳି ବହଳପଦର ପଞ୍ଚାୟତ ଅନ୍ତର୍ଗତ ଚିଙ୍ଗରାନାଲି ଦେଇ ବିଶାଳପାଲି ଓ ପାତରପାଲି ଯାଏ ଲମ୍ବିଥିବା ରାସ୍ତା ଅବସ୍ଥା ବର୍ଷାରେ ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଅଞ୍ଚଳର ଏହା ଏକ ପ୍ରମୁଖ ରାସ୍ତା। ସ୍ଥାନୀୟ ଅମରପାଲି ହାଇସ୍କୁଲ ଓ ଖଣ୍ଡହତା କଲେଜ ଛାତ୍ରୀଛାତ୍ର ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ବର୍ଷର ଅନ୍ୟ ସମୟରେ କୌଣସି ମତେ ଚଳି ଯାଉଥିବା ବେଳେ ବର୍ଷାଦିନରେ ରାସ୍ତାରେ ଯିବା ମୁସ୍କିଲି ହୋଇପଡୁଛି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏସବୁ ରାସ୍ତାର ଶୀଘ୍ର ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।



ଠାକୁରପୁର ନିକଟରେ କାଦୁଅ ରାସ୍ତା ।

# ନୂତନ ଜାତୀୟ ଶିକ୍ଷା ନୀତି ଦ୍ୱାରା ଛାତ୍ରୀଛାତ୍ରଙ୍କ ବିକାଶ ହେବ

ବୌଦ୍ଧ,୨୮।୭(ଅଜିତ କୁମାର ବାରିକ)

#### ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟରେ ଖବରଦାତା ସମ୍ମିଳନୀ

କେନ୍ଦ୍ର ସରକାର ୨୦୨୦ ମସିହାରେ ନୂତନ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରିଥିଲେ। ନୂତନ ଶିକ୍ଷାନୀତି ହେବାର ୩ ବର୍ଷ ହୋଇସାରିଥିବା ବେଳେ ଏହାର ସଫଳତା ନେଇ ସୂଚନା ଦିଆଯାଇଛି। ଏନେଇ ଶୁକ୍ରବାର ଦିନ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଭାରପ୍ରାପ୍ତ ଅଧ୍ୟକ୍ଷା ରାଜଲକ୍ଷ୍ମୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ନୂତନ ଜାତୀୟ ଶିକ୍ଷା ନୀତି ଦ୍ୱାରା ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ହେବା ସହ କୁଶଳୀ ଶିକ୍ଷା ଭାଭ କରିପାରିବେ ବୋଲି ସୂଚନା ଦିଆଯାଇଥିଲା । ପୂର୍ବରୁ ଚାଲି ଆସୁଥିବା ପାରମ୍ପରିକ ଶିକ୍ଷା ନୀତିରେ ଏକ ନିର୍ଦ୍ଦିଷ୍ଟ ବୟସରେ ଶିଶୁମାନଙ୍କ ଶିକ୍ଷାଗ୍ରହଣ ବ୍ୟବସ୍ଥା ରହିଥିବା ବେଳେ ନୂତନ ଶିକ୍ଷା ନୀତି ଅନୁଯାୟୀ ଶିଶୁମାନଙ୍କ ଶିକ୍ଷା ଗ୍ରହଣ କରିବାର ବୟସକୁ ଭାଗ ଭାଗ କରାଯାଇ ବିଷୟଭିତ୍ତିକ ପାଠ୍ୟକ୍ରମକୁ




କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷା ଓ ଅନ୍ୟମାନେ ।

ଯିବା ପୂର୍ବରୁ ସେମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଜ୍ଞାନର ଅଗ୍ରଗତି ସହିତ ଆଧୁନିକ ସମାଜରେ ଶିଶୁମାନେ ବିଦ୍ୟାଳୟ ଶିକ୍ଷା ଗ୍ରହଣ ପୂର୍ବରୁ ମୋବାଇଲ, ଇଣ୍ଟରନେଟ ଆଦିର ବ୍ୟବହାରରେ ପାରଦର୍ଶିତା ଲାଭ କରିଯାଉଥିବାରୁ ଏହା ଅନେକାଂଶରେ ଶିଶୁମାନଙ୍କୁ ଅବାଟରେ ନେଇଯାଉଥିବା ଦେଖାଯାଇଛି। ତେଣୁ ଶିଶୁମାନଙ୍କ ଭବିଷ୍ୟତ ଗଠନ ପାଇଁ ୩ ବର୍ଷ ବୟସରୁ ବିଦ୍ୟାଳୟ ଶିକ୍ଷା ସହିତ ସଂଯୁକ୍ତ କରାଯାଇ ବିଭିନ୍ନ ପ୍ରଣାଳୀରେ ସେମାନଙ୍କୁ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି। ଫଳରେ ଜଣେ ଶିଶୁ ସଠିକ୍ ବୟସରେ ବିଷୟଭିତ୍ତିକ ଶିକ୍ଷା ଗ୍ରହଣ ପାଇଁ ଦକ୍ଷ ହେବାରେ ସହାୟକ ହୋଇପାରୁଥିବା ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷା ସୂଚନା ଦେଇଥିଲୋ। ଏହାବ୍ୟତୀତ ଶିଶୁମାନଙ୍କ ଶାରୀରିକ ବିକାଶ ପାଇଁ ଖେଳିବା, ଖେଳ ମାଧ୍ୟମରେ ଶିକ୍ଷାଦାନ, ବିଭିନ୍ନ ବିଷୟ ଭିତ୍ତିକ ଶିକ୍ଷା ପ୍ରତି ଆଗ୍ରହ ଜନ୍ମାଇବା, ବିଜ୍ଞାନ, ଗଣିତ ଭଳି ବିଷୟ ପ୍ରତି ବିଭିନ୍ନ ଶିକ୍ଷା ସାମଗ୍ରୀ ଜରିଆରେ ଶିଶୁମାନଙ୍କୁ ମାନସିକ ଭାବରେ ଦୃଢ କରିବା ଆଦି ନୂତନ ଶିକ୍ଷା ନୀତି ଯୋଗୁ ସଫଳ ହୋଇପାରିଛି ବୋଲି ସୂଚନା ଦିଆଯାଇଥିଲା। ରାଜ୍ୟର ୧୯ ଗୋଟି କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟରେ ୩ ବର୍ଷର ଶିଶୁମାନଙ୍କ ପାଇଁ ବାଳବାଟିକା ଶ୍ରେଣୀ ଖୋଲାଯାଇଥିବା ନେଇ ଅଧ୍ୟକ୍ଷା ବିଶ୍ୱାଳ ସୂଚନା ଦେଇଥିଲେ। ଅଗଷ୍ଟ ମାସରୁ ବାଳବାଟିକା ଶିକ୍ଷାଦାନ ଆରମ୍ଭ ହେବ ବୋଲି କହିଥିଲେ। ଏହି ଖବରାଦାତା ସମ୍ମିଳନୀରେ ବୌଦ୍ଧ ଜବାହାର ନବୋଦୟ କେନ୍ଦ୍ରୀୟ ବିଦ୍ୟାଳୟର ଭାଇସ୍ ପ୍ରିନ୍ସପାଲ ସୁରେଶ ସାହୁ ଓ କେନ୍ଦ୍ରୀୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରେଣୁ ସିଂ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ବଡ଼ଗାଁ,୨୮।୭(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ମହାବୀର ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ବାଇକ୍ ନିୟନ୍ତ୍ରଣ ହରାଇ ରାସ୍ତାପାର୍ଶ୍ୱ ବାଡ଼ରେ ପିଟି ହୋଇଥିଲା । ଏଥିରେ ଗାଡ଼ି ଚାଳକ ଗୁରୁତର ହୋଇଥିଲେ । ସେ ହେଲେ ରାଏଡିହି ଗ୍ରାମର ରିଷି କେଶନ ପ୍ରଧାନ । ତାଙ୍କ ଡାହାଣ ଗୋଡ ଭାଙ୍ଗିଯାଇଛି । ସ୍ଥାନୀୟ ଲୋକେ ତାଙ୍କୁ ସୁନ୍ଦରଗଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି । ସୂଚନାଯୋଗ୍ୟ, ରିଷିକେଶ ବାଇକ୍ ଯୋଗେ ବଡ଼ଗାଁରୁ ତାଙ୍କ ଗାଁକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା ।

## ଲଡୁଗାଁଠାରେ କୃଷକ ତାଲିମ ଶିବିର

କୋକସରା,୨୮।୭(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁଠାରେ କୃଷକଙ୍କ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ଯୋଜନାର ୧୩ତମ କିସ୍ତି କୃଷକଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି । ଏହି ଅବସରରେ ଅନୁପ କୁମାର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ କୃଷକ ଶିବିରରେ ଏଡିଓ ନାରାୟଣ ଉପାଧ୍ୟାୟ, କ୍ଷେତ୍ର ଅଧିକାରୀ ବଲ୍ଲା ହରିକୃଷ୍ଣା ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଚାଷୀଙ୍କୁ ପ୍ରତିବର୍ଷ ୩ଟି କିସ୍ତିରେ ୬ ହଜାର ଟଙ୍କା ସହାୟତା କେନ୍ଦ୍ରର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ଚାଷୀ ଦୁର୍ଗା ଅଗ୍ରୱାଲ, ସତ୍ୟ ନାରାୟଣ ଚୌଧୁରୀ, ପ୍ରଫୁଲ୍ଲ ମାଝି, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ପଟ୍ଟା ଜମି ଜବରଦଖଲ କାରୀଙ୍କଠାରୁ ଘର ଉଚ୍ଛେଦ



ସବ୍‌ଡେଗା,୨୮।୭ (ଅନନ୍ତ ପଟେଲ)

ସୁନ୍ଦରଗଡ ଜିଲା ସବ୍‌ଡେଗା ଗ୍ରାମର ଡାକ୍ତରଖାନା ରୋଡରେ ଗୌନ୍ତିଆ ସ୍ୱର୍ଗତ ଗିରିଶ ଚନ୍ଦ୍ର ନାଏକଙ୍କ ସ୍ତ୍ରୀ ପ୍ରଫୁଲ୍ଲ କୁମାରୀଙ୍କ ନାମରେ ଥିବା ପଟ୍ଟା ଜମିରୁ ୪୫ ଡିସିମିଲ ଜମି ଜବରଦଖଲ କରି ସେହି ଗ୍ରାମର ବୁଧମତି ନାଏକ ନାମ୍ନୀ ଜଣେ ମହିଳା ମାଟି ଘର ତିଆରି କରି ଦୀର୍ଘ ବର୍ଷରୁ ମାଡ଼ିବସିଥିଲେ । ଏଥିରେ ତାଙ୍କର ଜଣେ ପୁରୁଷ ବନ୍ଧୁ ସହଯୋଗ କରିଆସୁଥିଲେ । ଏନେଇ ପ୍ରଫୁଲ୍ଲ କୋର୍ଟରେ ବୁଧମତିଙ୍କ ନାମରେ ଏକ କେସ କରିଥିଲେ । ଦୀର୍ଘ ଦିନରୁ ଏହି ମାମଲା କୋର୍ଟରେ ବିଚାରାଧୀନ ଥିଲା । ପରେ କୋର୍ଟ ଉକ୍ତ ଜାଗାକୁ ଛାଡିବାକୁ ବୁଧମତିଙ୍କୁ ନୋଟିସ କରିଥିଲେ । ହେଲେ ବୁଧମତି କୋର୍ଟର ନିର୍ଦ୍ଦେଶକୁ ବେଖାତିର କରିଥିଲେ । ପରେ ଏନେଇ କୋର୍ଟ ଘର ଭାଙ୍ଗି ଜବର ଦଖଲ ଜମିକୁ ଉଦ୍ଧାର କରି ପଟ୍ଟା ଧାରୀଙ୍କୁ ହସ୍ତାନ୍ତର କରିବାକୁ ଏକ ରାୟ ଶୁଣାଇଥିଲେ । ଏନେଇ ସବ୍‌ଡେଗା ତହସିଲଦାରଙ୍କୁ ଚିଠି କରିଥିଲେ । ତହସିଲଦାର କୋର୍ଟ କର୍ମଚାରୀ ଏବଂ ତଳସରା ପୋଲିସ ଉପସ୍ଥିତିରେ ଜମି ଚିହ୍ନଟ କରି ଘର ଭାଙ୍ଗି ଜବରଦଖଲ କାରୀଙ୍କଠାରୁ ଜମି ଉଦ୍ଧାର କରିଥିଲେ ।



ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ମାଲଦା ପଞ୍ଚାୟତର ପିଲାମାନେ ନାଳ ପାରି ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି ।

# ନାଳ ପାର ହୋଇ ଅଙ୍ଗନୱାଡି ଯାଉଛନ୍ତି ପିଲା

ଟେନ୍‌ସା,୨୮।୭(ସମୀର କୁମାର ପାଢ଼ୀ)

**ପୋଲ ନିର୍ମାଣ ନେଇ ବଢୁଛି ଅନିଶ୍ଚିତତା**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ମାଲଦା ପଞ୍ଚାୟତ ଓରାଘାଟରୁ ଗୋପୀସାହିକୁ ଯିବା ପାଇଁ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ପୋଲ ନିର୍ମାଣ ହୋଇପାରିଲା ନାହିଁ । ଫଳରେ ବର୍ଷା ଦିନେ ଛୋଟ ପିଲାମାନେ ଜୀବନକୁ ବାଜି ଲଗାଇ ପାଣିଭରା ନାଳ ପାରି ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି । ଗୋପୀସାହିରେ ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବାରୁ ପିଲାମାନେ ଓରାଘାଟ ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥାନ୍ତି । ଓରାଘାଟରୁ ଗୋପୀସାହିକୁ ଯିବା ପାଇଁ ରାସ୍ତାରେ ଏକ ନାଳ ପଡ଼ିଥାଏ । ବର୍ଷାଦିନେ ଏହି ନାଳରେ ପାଣି ଭରିଯାଏ । ଫଳରେ ପିଲାମାନେ ଯିବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଅଙ୍ଗନୱାଡ଼ି ଦିଦି କାଖରେ କାଖେଇ କିମ୍ବା ପରିବାର ଲୋକେ ପିଲାଙ୍କୁ ନାଳ ପାର କଲେ ଯାଇ ପିଲାମାନେ ଅଙ୍ଗନୱାଡ଼ି ଯାଇଥାନ୍ତି । ଏହା କୌଣସି ଦିନେ ଅଧେ ନୁହେଁ ବର୍ଷା ଋତୁ ଆରମ୍ଭ ହେଲେ ଅଙ୍ଗନୱାଡ଼ି ପିଲାଙ୍କ ଦୁଃଖ ପଡିଥାଏ । ଏଥିପ୍ରତି କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ନ ହେବା ବିଡ଼ମ୍ବନାର ବିଷୟ । ଏ ନେଇ ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁଙ୍କୁ ପଚାରିବାରୁ, ଉକ୍ତ ନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ଖୁବ୍‌ଶୀଘ୍ର କାମ ଚାଲୁ ହେବ ବୋଲି ସେ କହିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଜଗନ୍ନାଥ ପାତ୍ରଙ୍କୁ ପଚାରିବାରୁ ଏନେଇ ଆମେ ଏକ ଆପ୍ରୁଭାଲ ଜିଲାପାଳଙ୍କୁ ପଠାଇଛୁ ବୋଲି ସେ ପ୍ରକାଶ କରିଥିଲେ ।

## ଜଗଦ୍ଧାତ୍ରୀ ଏସ୍‌ଏଚ୍‌ଜି ପକ୍ଷରୁ ଖୋଲିଲା ମିଲେଟ ଶକ୍ତି ଟିଫିନ କେନ୍ଦ୍ର

ସୁନ୍ଦରଗଡ,୨୮।୭(ଜୟ ନାରାୟଣ ମେଣ୍ଢୁଲି)

ଓଡିଶା ମିଲେଟ ମିଶନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ଜଗଦାଧାତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଅବନକେଲା ବଜାର ଛକଠାରେ ଏକ ପୁଷ୍ଟି ଶସ୍ୟ ଟିଫିନ କେନ୍ଦ୍ର ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି । ଜିଲା ପରିଷଦ ସଭାପତି କୁନ୍ତି ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଟାଙ୍ଗରପାଲି ବ୍ଲକ ଅତିରିକ୍ତ ବ୍ଲକ ସଂଯୋଜକ ଅମିୟ ରଞ୍ଜନ ଲେଙ୍କା ସଭା ପରିଚାଳନା କରିଥିଲେ । ମିଶନ ଶକ୍ତିର ବ୍ଲକ ସଂଯୋଜିକା ଲଳିତା ସୁକାନ୍ତି ଲାକ୍ରା, ଓଡିଶା ମିଲେଟ ମିଶନର ଜିଲା ସଂଯୋଜିକା ମମତା କିରେଇ, ଜିଲା ପରିଷଦ ସଭ୍ୟା ଗେଲହବତୀ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା ଓ ସେବକର ବ୍ଲକ ସଂଯୋଜକ ଠଣସୁନ୍ଦର ଗନ୍ଧା ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଦ୍ୱାରା ମାଣ୍ଡିଆ ଓ ବିଭିନ୍ନ ପୁଷ୍ଟିଶସ୍ୟରୁ ତିଆରି କେକ, ବରା, ଆଳୁଚପ, ଆରିସା, ରସବରା, ଠେଠେରୀ, ଲଡୁ, କାକରା, ନିମକି ଓ ସର୍ବତ ଇତ୍ୟାଦି ପ୍ରଦର୍ଶିତ କରାଯାଇ ବିକ୍ରି କରାଯାଇଥିଲା । ଶେଷରେ କୁନ୍ତୀ ପ୍ରଧାନ ନଦୀସୁଗୁଡା ଗ୍ରାମର ମାଣ୍ଡିଆ କ୍ଷେତ ପରିଦର୍ଶନ କରି ଚାଷୀଙ୍କ ସହିତ ମାଣ୍ଡିଆ ଚାଷ ବିଷୟରେ ଆଲୋଚନା କରିଥିଲେ ଏବଂ ସେମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଶାଳ ବନଛୋର, ଯଶୋବନ୍ତ ରାଉତ, ସଞ୍ଜୟ ସିଂ, ଶୁଭମ ପସାୟତ, ଆକାଶ ଚୌଧୁରୀ ଓ ସୁମନ୍ତ ଖମାରି ପ୍ରମୁଖ ପରିଚାଳନା କରିଥିଲେ । ଜିଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ଓଡିଶା ମିଲେଟ ମିଶନ ତରଫରୁ ଟାଙ୍ଗରପାଲି ବ୍ଲକ ନିମନ୍ତେ ସହଯୋଗୀ ଅନୁଷ୍ଠାନ ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ କାମ କରୁଛି । ଟାଙ୍ଗରପାଲି ବ୍ଲକର ଜଗଦ୍ଧାତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ଅବନକେଲାକୁ ମିଲେଟ ଶକ୍ତି ଟିଫିନ କେନ୍ଦ୍ର ଆରମ୍ଭ କରିବା ନିମନ୍ତେ କୃଷି ବିଭାଗର ଆତ୍ମା ତରଫରୁ ସହାୟତା ପ୍ରଦାନ କରାଯାଇଛି ।



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ବଣାଇଁ,୨୮।୭( ପ୍ରଦୀପ ତ୍ରିପାଠୀ)

୭୭ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବଣାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ସୁରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକର ପ୍ରାରମ୍ଭରେ ଉପସ୍ଥିତ ସଦସ୍ୟାସଦସ୍ୟଙ୍କୁ ସ୍ୱାଗତ ଜଣାଇ ଆଗାମୀ ସ୍ୱାଧୀନତା ଦିବସକୁ କିପରିଭାବେ ଶାନ୍ତି ଶୃଙ୍ଖଳାର ସହିତ ମହାସମାରୋହରେ ପାଳନ କରାଯିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉପଜିଲାପାଳ ଏହି ଅବସରରେ ଦିବସ ପାଳନର କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦଭାବେ ଆଲୋଚନା କରି ସମ୍ପୃକ୍ତ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ । ପ୍ରସ୍ତାବିତ କାର୍ଯ୍ୟକ୍ରମ ଅନୁସାରେ, ଆସନ୍ତା ୮ରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ପୂର୍ବାହ୍ନ ୧୦ ଘଟିକା ସମୟରେ ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା ,ଇଂଲିଶ ବକ୍ତୃତା, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାମାନ ଆୟୋଜିତ ହେବ । ସେହିପରି ୯ମ, ୧୦ମ ଶ୍ରେଣୀ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, ଇଂଲିଶ ବକ୍ତୃତା, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗୀତା ମଧ୍ୟ ହେବ । ଅଗଷ୍ଟ ୧୫ ତାରିଖ ଭୋର ୪ଟା ୩୦ରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯିବ । ୬ଟା ୩୦ ସୁଦ୍ଧା ଦେଓଗାଁ, ଲଲେଇ ଛକ ସମେତ ସହରର ବିଭିନ୍ନ ସ୍ଥାନରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯିବ । ସେହିଭଳି ୭ଟା ୩୦ ମଧ୍ୟରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସନ୍ଧ୍ୟା ପୂର୍ବରୁ ଅବତରଣ କରିବା ପାଇଁ ସ୍ଥିର କରାଯାଇଛି । ସକାଳ ୯ଟାରେ ରାଜା ଧରଣୀଧର ବହୁମୁଖି ଖେଳ ପଡିଆଠାରେ ଉପଜିଲାପାଳଙ୍କ ଦ୍ୱାରା ଉପଖଣ୍ଡ ସ୍ତରୀୟ ପତାକା ଉତ୍ତୋଳନ କରିଯିବା ସହ ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରାଯିବ । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବା ସହ ଚଳିତ ବର୍ଷ ୧୦ମ ବୋର୍ଡ ପରୀକ୍ଷାରେ ଉପଖଣ୍ଡ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀଙ୍କୁ ମଧ୍ୟ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି । ଶେଷରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ବହୁମୁଖି ଖେଳ ପଡିଆ କାର୍ଯ୍ୟକ୍ରମ ପରେ ଉପଜିଲାପାଳଙ୍କ ସହିତ ବଣାଇଁର ବିଭିନ୍ନ ପ୍ରଶାସନିକ ଅଧିକାରୀ ଉପଖଣ୍ଡ ଚିକିତ୍ସାଳୟ ଓ କାରାଗାରକୁ ଯାଇ ଅନ୍ତେବାସୀଙ୍କୁ ବିଭିନ୍ନ ପ୍ରକାରର ଫଳମୂଳ ବଣ୍ଟନ କରିବାକୁ ସ୍ଥିରୀକୃତ କରାଯାଇଛି । ଅନୁଷ୍ଠିତ ଏହି ବୈଠକରେ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା, ବଣାଇଁ ତହସିଲଦାର ହାବିଲ ଖାଖା, ଥାନା ଅଧିକାରୀ ରଞ୍ଜନ କୁମାର ନାୟକ, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ, ଅଧ୍ୟାପକ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହିଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ ।



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ରାଜଗାଙ୍ଗପୁରରେ ମହରମ ପାଳନ ନେଇ ଶାନ୍ତି କମିଟି ବୈଠକ

ରାଜଗାଙ୍ଗପୁର,୨୮।୭ (ଅଶୋକ ପାଣି)

ମହରମ ପର୍ବ ପାଳନ ଓ ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ କରିବାକୁ ଶୁକ୍ରବାର ରାଜଗାଙ୍ଗପୁର ଡାକବଙ୍ଗଳାରେ ଏକ ଶାନ୍ତି କମିଟି ବୈଠକ ପୋଲିସ ପ୍ରଶାସନ ପକ୍ଷରୁ ଡକାଯାଇଥିଲା । ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସୁନ୍ଦରଗଡ ଉପଜିଲାପାଳ ଦାଶରଥି ସରାବୁ, ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ପୂର୍ବତନ ଥାନାଧିକାରି ବିଭସ୍ୱ ପ୍ରଧାନ, ବର୍ତ୍ତମାନର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ତଥା ଅନ୍ୟ ପୋଲିସ ଅଧିକାରୀ, ୨ ଗୋଷ୍ଠୀର ବ୍ୟକ୍ତି ବିଶେଷଙ୍କ ସହ ସହରର ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଗୋଷ୍ଠୀ ବିବାଦକୁ ନେଇ ଉଭୟ ପକ୍ଷ ନିଜ ନିଜର ମନ୍ତବ୍ୟ ଦେଇଥିଲେ । ପୋଲିସ ପ୍ରଶାସନ ସମସ୍ତଙ୍କୁ ବୁଝାଇ ସହରରେ ଭାଇଚାରା ରଖିବା ପାଇଁ ଆବେଦନ କରିଥିଲେ । ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ କାହାରିକୁ ଛଡା ଯିବନାହିଁ । ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ରାଜଗାଙ୍ଗପୁରରେ ଭବିଷ୍ୟତରେ କୌଣସି ଧାର୍ମିକ ଶୋଭାଯାତ୍ରା ହେବନାହିଁ ବୋଲି ଆରକ୍ଷୀ ଅଧିକ୍ଷକ ଚେତବାନୀ ଦେଇଥିଲେ । ବର୍ତ୍ତମାନ ସ୍ଥିତିକୁ ନେଇ ଶୋଭାଯାତ୍ରା ସ୍ଥଗିତ ରଖି କେବଳ ନିଜ ଅଞ୍ଚଳରେ ଶୋଭାଯାତ୍ରା କରିବାକୁ ବିଭିନ୍ନ ମହରମ ଆଖାଡା କମିଟି ମତ ଦେଇଛନ୍ତି ବୋଲି ଏସଡିପିଓ ସୂଚନା ଦେଇଛନ୍ତି ।

## ଅନ୍ତର୍ନିବେଶୀ ଶିକ୍ଷା ଉପରେ କର୍ମଶାଳା

ରାଜଗାଙ୍ଗପୁର,୨୮।୭ (ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ଶିକ୍ଷା ପ୍ରଶାସକ, ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ, ଅଭିଭାବକଙ୍କ ଅନ୍ତର୍ନିବେଶୀ ଶିକ୍ଷା ଉପରେ ଏକ କର୍ମଶାଳା ଡିସିବିଏଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଡାଲମିଆ ସିମେଣ୍ଟ ମୁଖ୍ୟ ଚେତନ ଶ୍ରୀବାସ୍ତବ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ, ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ, ଡାଲମିଆ ସିମେଣ୍ଟ ସହକାରୀ ନିର୍ଦ୍ଦେଶକ ଡ. ନୀଳାଦ୍ରି ଭୂଷଣ ପାଢ଼ୀ, ଜାତୀୟ ବୃତ୍ତି ପରାମର୍ଶ କେନ୍ଦ୍ରର ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ରାମ କିଶୋର ଶର୍ମା, ରାଜଗାଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆ, ଶିବ ନାରାୟଣ ପରିଜା ପ୍ରମୁଖ ଯୋଗଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆ ପ୍ରଥମେ ସ୍ୱାଗତ ଭାଷଣ ଦେଇଥିଲେ । ରାମ କିଶୋର ଶର୍ମା ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ବର୍ତ୍ତମାନ ଓ ଭବିଷ୍ୟତ କର୍ମ ଜୀବନୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଅଭିଭାବକ, ପ୍ରଶାସକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗୁରୁଦାୟିତ୍ୱ ବିଷୟରେ ସୂଚନା ଦେଇଥିଲେ । ଶେଷରେ କିଚିଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ ।



କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ ।

## ମହରମ ପାଇଁ ଶାନ୍ତି କମିଟି ବୈଠକ

କୁଆଁରମୁଣ୍ଡା,୨୮।୭(ମହେନ୍ଦ୍ର କୁମାର ସାହୁ)

ମହରମ ପର୍ବ ପାଳନ ପାଇଁ କୁଆଁରମୁଣ୍ଡା ଫାଣ୍ଡିରେ ଶାନ୍ତି କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୀରମିତ୍ରପୁର ଏସ୍‌ଡିପିଓ ସୁଶାନ୍ତ ଦାଶ ଅଧ୍ୟକ୍ଷତା କରି ଭାଇଚାରାର ଏହି ପର୍ବ କିପରି ଶୃଙ୍ଖଳାର ସହ ପାଳନ କରାଯିବ ସେ ନେଇ ଉପସ୍ଥିତ ବିଭିନ୍ନ ସମ୍ପ୍ରଦାୟର ବରିଷ୍ଠ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ଏହି ବୈଠକରେ କୁଆଁରମୁଣ୍ଡା ମହରମ କମିଟି ସଦସ୍ୟ, ରଥ ଓ ରାମ ନବମୀ ଆଖଡ଼ା କମିଟି ଏବଂ କୁଆଁରମୁଣ୍ଡା ନାଗରିକ କମିଟିର ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ । କୁଆଁରମୁଣ୍ଡା ଜମିଦାର ସଞ୍ଜୀବପ୍ରତାପ ସିଂଦେଓ, ଶରତ ତନ୍ତୀ, ସଞ୍ଜୀବ ଅଗସ୍ତି, ମନୋଜ ଦାସ, ରାଜେଶ ଖାଲଖୋ,ଏମ୍‌ଡି ଅବଦୁଲ,ଏମ୍‌ଡି ନଦୀମ, ଇମ୍‌ତିଆଜ ଅହମ୍ମଦ, କୃତାର୍ଥ କିଶୋର ଲାଲା, ଘନଶ୍ୟାମ ଦେବତା, ପ୍ରଫୁଲ୍ଲ ମଲ୍ଲିକ, ଗୁପ୍ତେଶ ସିଂ, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା, ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବୀରମିତ୍ରପୁର ଥାନାଧିକାରୀ ମନୋଜା ମଞ୍ଜରୀ ନାଏକ, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ । ନିର୍ଦ୍ଧାରିତ ସମୟରେ ମହରମ୍ ଶୋଭାଯାତ୍ରା ଆରମ୍ଭ କରି ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା ।

## ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଗୁରୁତ୍ୱ

କୁଆଁରମୁଣ୍ଡା,୨୮।୭(ମହେନ୍ଦ୍ର କୁମାର ସାହୁ)

ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ବୀରମିତ୍ରପୁର ପୋଲିସ ଉପଖଣ୍ଡର ରାଏବୋଗା, ବୀରମିତ୍ରପୁର, ହାତୀବାରି ଥାନା ସମେତ ନୂଆଗାଁ ଓ କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଆଗାମୀ ଦିନରେ ଶାନ୍ତିଶୃଙ୍ଖଳା ରକ୍ଷାକୁ ସୁଦୃଢ କରିବା ସହ ପିଏଲ୍‌ଏଫ୍‌ଆଇ, ଜେଏଲଟି, ପାହାଡିଚିତା ଭଳି ଅସାମାଜିକ ସଂଗଠନଗୁଡିକର ଗତିବିଧିକୁ କିଭଳି ରୋକାଯିବ ତାହାକୁ ପ୍ରାଥମିକ ଗୁରୁତ୍ୱ ଦେବି ବୋଲି ନୂତନଭାବେ ଯୋଗଦେଇଥିବା ବୀରମିତ୍ରପୁର ଉପଖଣ୍ଡ ପୋଲିସ ଅଧିକାରୀ ସୁଶାନ୍ତ ଦାଶ ନିଜ ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି । ଏହାସହ ଛୋଟପିଲାମାନେ କିଭଳି ଧଳା ଜହର ଭଳି ନିଶାରେ କବଳିତ ନ ହୁଅନ୍ତି ସେଥିପ୍ରତି ଲୋକେ ପୋଲିସକୁ ସହଯୋଗ କରିବା ପାଇଁ ନୂତନ ଏସ୍‌ଡିପିଓ ଦାଶ ସହଯୋଗ କାମନା କରିଛନ୍ତି । କୁଆଁରମୁଣ୍ଡାଭଳି ଏକ ଶାନ୍ତିପ୍ରିୟ ଅଞ୍ଚଳରେ ପୋଲିସ ଓ ସାଧାରଣ ଜନତା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ସହ ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ସମସ୍ତଙ୍କୁ ଏସ୍‌ଡିପିଓ ଦାଶ ଅନୁରୋଧ କରିଛନ୍ତି ।

## ମଣିପୁର ଘଟଣା ପ୍ରତିବାଦରେ ମହିଳା କଂଗ୍ରେସର ବିକ୍ଷୋଭ, ପ୍ରତିବାଦ ସଭା

ସୁନ୍ଦରଗଡ,୨୭।୭(ଜୟ ନାରାୟଣ ମେଣ୍ଢୁଲି)

ମଣିପୁର ହିଂସା ଘଟଣା ପ୍ରତିବାଦରେ ଜିଲା ମହିଳା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଡିଆରଡିଏ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ଏକ ପ୍ରତିବାଦ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । କଂଗ୍ରେସ ସଭାନେତ୍ରୀ ସରୋଜିନୀ ବାଙ୍କରାଙ୍କ ସଭାପତିତ୍ୱରେ ବରିଷ୍ଠ ନେତ୍ରୀ ଦେବସ୍ମିତା ସାମଲ, ବିନିତା ନାଏକ, ସନ୍ଧ୍ୟାରାଣୀ ନାଏକ, କଳ୍ପନା ଆପଟ, ଶାନ୍ତିଲତା ନାଏକ, ଜିଲା କଂଗ୍ରେସ କମିଟି ସଭାପତି ଜନାର୍ଦ୍ଦନ ଦେହୁରୀ, ରାଜଗାଙ୍ଗପୁର ବିଧାୟକ ତଥା ପିସିସି ଉପସଭାପତି ଡା. ରାଜେନ ଏକ୍କା, ପିସିସି କାର୍ଯ୍ୟକାରୀ କମିଟି ସଭ୍ୟ ରାଜକିଶୋର ଷଡ଼ଙ୍ଗୀ, ପିସିସି ସାଧାରଣ ସମ୍ପାଦକ ନିର୍ମଳ ନାଏକ, ଅମିତା ବିଶ୍ୱାଳ, ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ଜିଲା ଉପସଭାପତି ଅଜିତ ପ୍ରସାଦ, ପର୍ଶୁରାମ ସରାଫ, ଅରୁଣ ସାମଲ, ମୁନୁ ସରାଫ, ପ୍ରଦୀପ ସିଂହ, ନେପାଳ ଚନ୍ଦ୍ର ସାହୁ, କାଳୀପଦ ସାମଲ, ରାଜା ପଟ୍ଟନାୟକ, ଶୁଭେନ୍ଦୁ ନାଏକ, ଜିଲା ଯୁବ କଂଗ୍ରେସ କମିଟି ସଭାପତି ଆଲବର୍ଟ କିଣ୍ଡୋ, ଦେବାଶିଷ ଦାସ, ମେଘନାଦ ନାଏକ, ଚିନ୍ତା ମଣି ସାହୁ ପ୍ରମୁଖ ଯୋଗଦେଇ ଏହି ଘଟଣାରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରି ସେହି ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ଦିଗରେ ଉଭୟ କେନ୍ଦ୍ର ଓ ମଣିପୁର ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ । ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ ।




ସଫଳ ଛତୁଚାଷୀ ପୁନିଆ କୁଜୁର ।

# ପେସା ଅଙ୍ଗନୱାଡି କର୍ମୀ, ନିଶା ଛତୁ ଚାଷ

କୁଆଁରମୁଣ୍ଡା,୨୮।୭(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଗୋବିରା ଗୀର୍ଜାଟୋଲା ଗାଁର ପୁନିଆ କୁଜୁର ଦୀର୍ଘବର୍ଷ ଧରି ନିକଟସ୍ଥ ଏକ ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି । ପ୍ରତ୍ୟେକ ଦିନ କାର୍ଯ୍ୟ ସାରି ଘରକୁ ଫେରିବା ପରେ ବୃଥାରେ ସମୟ ଅପଚୟ ନ କରି ଛତୁ ଚାଷରେ ଲାଗିଯାଆନ୍ତି । ପେସା ଅଙ୍ଗନୱାଡି କର୍ମୀ, ମାତ୍ର ନିଶା ତାଙ୍କର ଛତୁ ଚାଷ । ଘର ଅଗଣାରେ ଛତୁ ଚାଷ କରି ପୁନିଆ ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଏଥିସହ ଗ୍ରାମର ୨ ଗରିବ ପରିବାରକୁ ଆର୍ଥିକ ସହାୟତା ଯୋଗାଇବାରେ ସହାୟକ ହୋଇପାରିଛନ୍ତି । ପୁନିଆ କହିବାକଥା,



ସଫଳ ଛତୁଚାଷୀ ପୁନିଆ କୁଜୁର ।

ତାଙ୍କ ପରିବାର କହିଲେ ଶାଶୁ, ଶ୍ୱଶୁର, ୨ପିଲା ଓ ସ୍ୱାମୀ । ମାସିକ ୭ ହଜାର ଦରମାରେ ଏବେକାର ମହଙ୍ଗା ଯୁଗରେ ଚଳିବା କାଠିକର ପାଠ । ପରିବାରର ଆର୍ଥିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ପୁନିଆ ଦିନରାତି ବିଭିନ୍ନ ସ୍ୱପ୍ନ ଦେଖିଥିଲେ ପୁନିଆ । ହେଲେ ଶେଷରେ ତାଙ୍କୁ ଛତୁ ଚାଷ ହିଁ ପ୍ରକୃଷ୍ଟ ମାଧ୍ୟମ ରୂପେ ମିଳିଥିଲା । ପ୍ରଥମେ ନିଜ ଅଗଣାରେ ୧୫ଟି ଛତୁ ବେଡ ରଖି ଚାଷ ଆରମ୍ଭ କରିଥିଲେ । ଏହାପରେ ଛତୁକୁ ଆଖପାଖ ବଜାରରେ କିଲୋ ପିଛା ୨୮୦ ଟଙ୍କାରେ ବିକ୍ରି କରି ମାସିକ ୩୦ ହଜାର ଟଙ୍କା ପାଇଥିଲେ । ଏଥିରେ ପୁନିଆ ଓ ତାଙ୍କ ପରିବାର ଉତ୍ସାହିତ ହୋଇ ଆଉ ୧୫ଟି ବେଡ ତିଆରି କରିଥିଲେ । କାର୍ଯ୍ୟ ବଢିଯିବାରୁ ଗ୍ରାମର ଅନ୍ୟ ୨ ଗରିବ ମହିଳାଙ୍କୁ ଏଥିରେ ନିୟୋଜିତ କରିଥିଲେ । ସରକାରୀ ପ୍ରୋତ୍ସାହନ ମିଳିଲେ ଏହି ଛତୁ ଚାଷ କେବଳ କୁଆଁରମୁଣ୍ଡା ବ୍ଲକ ନୁହେଁ ସମଗ୍ର ଜିଲାରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିବ ବୋଲି ପୁନିଆ କହିଛନ୍ତି ।

## ସଂକ୍ଷେପରେ

### ପୁରୀ-ଦୁର୍ଗ ଏକ୍ସପ୍ରେସ ଟ୍ରେନ ରହଣି ଦାବି କଲେ ରାଜ୍ୟସଭା ଏମ୍‌ପି

ଲୋଇସିଂହା,୨୮।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ରେଲୱେ ଷ୍ଟେଶନ ଏକ ପ୍ରମୁଖ ଷ୍ଟେଶନ। ଏଠାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ଜନସାଧାରଣଙ୍କ ସମେତ ସୋନପୁର ଓ ପଦ୍ମପୁର,ଗାଇସିଲାଟ ନିର୍ବାଚନ ମଣ୍ଡଳୀ ଅଧିବାସୀ ନିର୍ଭର କରିଥାନ୍ତି। ଜାତୀୟ ରାଜପଥରୁ ଷ୍ଟେଶନର ଦୂରତା ୧ ଶହ ମିଟର। ଯୋଗାଯୋଗ ଦୃଷ୍ଟିରୁ ଉତ୍ତମ ଷ୍ଟେଶନ। ରାଜସ୍ୱ ଆଦାୟରେ ମଧ୍ୟ ଭଲ ପ୍ରଦର୍ଶନ ରହିଛି। ଏଣୁ ଉକ୍ତ ଷ୍ଟେଶନରେ ପୁରୀ-ଦୁର୍ଗ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି। ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ ଟ୍ରେନ ଅନୁମତି ଦେବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖିଛନ୍ତି ରାଜ୍ୟସଭା ଏମପି ନିରଞ୍ଜନ ବିଶି। ଜନସାଧାରଣଙ୍କ ଆବେଗକୁ ଦୃଷ୍ଟିରେ ରଖି ସେଠାରେ ରହଣି ଦିଗରେ ଭୁବନେଶ୍ୱର ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଲୋଇସିଂହା ଜନସାଧାରଣ ଓ ସିନିୟର ସିଟିଜେନ ଆସେମ୍ବ୍ଲି ପକ୍ଷରୁ ରାଜ୍ୟସଭା ଏମ୍‌ପିଙ୍କ ନିକଟରେ ଲିଖିତ ଦାବି ହୋଇଥିଲା।

### ମାସେ ହେଲା ନଳକୂପ ଅଚଳ

ଲୋଇସିଂହା,୨୮।୭(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲିଆମୁଣ୍ଡା ଗ୍ରାମର ବଳଦେବପୁର ବସ୍ତିରେ ଥିବା ଏକ ନଳକୂପ ଗୋଟିଏ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଅଚଳ ହୋଇ ପଡିଛି। ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ ନଳକୂପ ମରାମତି ଦିଗରେ ଆନ୍ତରିକତା ଦେଖାଉନାହିଁ। ପିଇବା ପାଣି ପାଇଁ ବସ୍ତି ଲୋକେ ତହଲବିକଳ ହେଉଛନ୍ତି। ଏହାକୁ ନେଇ ବଳଦେବପୁରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବଳଦେବପୁର ବସ୍ତିରେ ୧୫ରୁ ୨୦ ପରିବାର ବାସ କରୁଛନ୍ତି। ବସ୍ତିର ତଳମୁଣ୍ଡରେ ଥିବା ନଳକୂପ ମାସେରୁ ଊର୍ଦ୍ଧ୍ୱ ସମୟହେଲା ଅଚଳ ହୋଇ ପଡିଛି। ବସ୍ତିବାସିନ୍ଦା ସମେତ ସେଠାରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କକୁ ଆସୁଥିବା ଉପଭୋକ୍ତା ମଧ୍ୟ ପିଇବା ପାଣି ପାଇଁ ହଟହଟା ହେଉଥିବା ଜୟନ୍ତ ନାୟକ କହିଛନ୍ତି। ଏସମ୍ପର୍କରେ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀଙ୍କୁ ପଚାରିବାରୁ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଶନିବାର ଓ ରବିବାର ଛୁଟି ରହିଛି। ଛୁଟି ପରେ ବୁଡିଆଞ୍ଚଳରୁ ଫେରିଲା ପରେ ମଙ୍ଗଳବାର କିମ୍ବା ବୁଧବାର ବଳଦେବପୁର ଯାଇ ମରାମତି କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ଦଳେଇ କହିଥିବା ସରପଞ୍ଚ ତ୍ରିପାଠୀ ସୂଚନା ଦେଇଛନ୍ତି।

### କିଷାନ ସମ୍ମାନ ନିଧି ସମର୍ପିତ କାର୍ଯ୍ୟକ୍ରମ

ନୂଆପଡ଼ା,୨୮।୭(ମକାରୁ ବେମାଲ): କୃଷକ ସମୃଦ୍ଧି କେନ୍ଦ୍ର ସରକାରଙ୍କ ୧୪ତମ କିଷାନ ସମ୍ମାନ ନିଧି ରାଶି ଗୁରୁବାର ଦେଶର ଚାଷୀମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଚାଷୀ ମାନଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସାରା ଦେଶରେ ବିଭିନ୍ନ ସ୍ଥାନରେ ଚାଷୀ ମାନଙ୍କୁ ଏକଜୁଟ କରି ଏହି କାର୍ଯ୍ୟକ୍ରମକୁ ଦେଖିବା ଓ ଶୁଣିବା ସହିତ ସଚେତନ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ନୂଆପଡା କୃଷି ବୈଜ୍ଞାନିକା ଶାଶ୍ୱତି ପଟ୍ଟନାୟକଙ୍କ ପୌରହିତରେ ନୂଆପଡା ସଦର ବ୍ଲକ ବୁଡିପାଲି ପଞ୍ଚାୟତ କାର୍ଯ୍ୟାଳୟଠାରେ ଚାଷୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏମ୍‌ପି ପ୍ରତିନିଧି ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ପଣ୍ଡା, ସ୍ଥାନୀୟ ସରପଞ୍ଚ ବୋଧନକର ସାହୁ, ବୁଡିପାଲି କୃଷି ସହ ଅଧିଦର୍ଶକ ବେଧାନିବତି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ ଶୁଣିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପାଣିଗ୍ରାହୀ ମୋଦି ସରକାରଙ୍କ ୯ ବର୍ଷ ଶାସନ କାଳରେ ହୋଇଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ ଉନ୍ନତିମୂଳକ କାର୍ଯ୍ୟ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପଣ୍ଡା କୁକୁଡା ଓ ଛେଳି ଚାଷ ଉପରେ ଚାଷୀମାନଙ୍କୁ ବିଭିନ୍ନ ସୂଚନା ଦେବା ସହ କେନ୍ଦ୍ର ସରକାରଙ୍କ ସହାୟତାରେ ମାଗଣାରେ ପ୍ରାଣୀଧନମାନଙ୍କୁ ବିଭିନ୍ନ ଟୀକାକରଣ ଚାଲିଥିବା ସୂଚନା ଦେଇଥିଲେ। କୃଷି ବୈଜ୍ଞାନିକା ପଟ୍ଟନାୟକ ଜିଲାର ଚାଷୀଙ୍କ ଉନ୍ନତିରେ କେନ୍ଦ୍ରର ଭୂମିକା ଓ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ।



କିଷାନ କଂଗ୍ରେସ ପକ୍ଷରୁ ପଥରଚେପାଠାରେ ଶୁକ୍ରବାର ରାଜ୍ୟ ରାଜପଥ ଅବରୋଧ କରାଯାଇଛି।

# କିଷାନ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ

ବଲାଙ୍ଗୀର,୨୮।୭
(ବୀରେନ୍ଦ୍ର କୁମାର ଝାଙ୍କର)

**ନୂଆ ସୂତାକଳ ପ୍ରତିଷ୍ଠା, ବିଜୟାନନ୍ଦ ଚିନିକଳର ପୁନଃ କାର୍ଯ୍ୟକ୍ଷମ ଦାବି**

ବଲାଙ୍ଗୀର ଜିଲାରେ ନୂତନ ସୂତାକଳ ପ୍ରତିଷ୍ଠା ଏବଂ ବିଜୟାନନ୍ଦ ଚିନିକଳର ପୁନଃ କାର୍ଯ୍ୟକ୍ଷମ ଦାବି ତେଜୁଛି। ଏହି ଦାବିରେ ଶୁକ୍ରବାର କିଷାନ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା।

ଶିଳ୍ପବିହୀନ ବଲାଙ୍ଗୀର ଜିଲାର ବେକାରୀ, ବେରୋଜଗାରୀ ଏବଂ ଦାଦନ ସମସ୍ୟା ଅନେକ ସମୟରେ ଜାତୀୟ, ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାର ଦୀର୍ଘ ୨୩ ବର୍ଷ ହେବ ବଲାଙ୍ଗୀର ଜିଲାରେ କୌଣସି ଏକ ନୂତନ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବାରେ ଅକ୍ଷମ ହୋଇଛନ୍ତି। ଅପରପକ୍ଷରେ ବଲାଙ୍ଗୀର ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ଚିନିକଳ ବନ୍ଦ ହୋଇ ପଡିଛି। ଏ ନେଇ ଜିଲାରେ ନୂତନ ସୂତାକଳ ପ୍ରତିଷ୍ଠା ଏବଂ ବିଜୟାନନ୍ଦ ଚିନିକଳର ପୁନଃ କାର୍ଯ୍ୟକ୍ଷମ ସମ୍ପର୍କରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବିଧାନସଭାରେ ୯ ବର୍ଷ ହେଲା ଉତ୍ଥାପନ କରୁଥିଲେ ମଧ୍ୟ ସରକାର କେବଳ ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଉଛନ୍ତି। ବଲାଙ୍ଗୀରରେ ସୂତାକଳ ପ୍ରତିଷ୍ଠା ଏବଂ ବିଜୟାନନ୍ଦ ଚିନିକଳର ପୁନଃ କାର୍ଯ୍ୟକ୍ଷମ ନେଇ ଜିଲା କିଷାନ କଂଗ୍ରେସ କମିଟି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ୭ ଦିନ ବିତି ଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ କିଛି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ତେଣୁ ଶୁକ୍ରବାର ଜିଲା କିଷାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏବଂ ରାଜ୍ୟ କିଷାନ କଂଗ୍ରେସ ସମ୍ପାଦକ ସରୋଜ ରଥଙ୍କ ସଂଯୋଜନାରେ ପଥରଚେପାଠାରେ ଦୁଇ ଘଣ୍ଟା ଧରି ରାଜ୍ୟ ରାଜପଥ ଅବରୋଧ କରାଯାଇଥିଲା। ଏହି ଅବସରରେ ଗଗନ ନାଥଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା ଯୋଗଦାନ କରି କହିଥିଲେ ଯେ, ଶିଳ୍ପ ବିହୀନ ବଲାଙ୍ଗୀର ଜିଲାରେ ଦାଦନ ସମସ୍ୟାର ସମାଧାନ, ବେକାରୀ ଯୁବକଙ୍କୁ ନିଯୁକ୍ତି ଏବଂ କପା ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ପାଇବାକୁ ହେଲେ ବଲାଙ୍ଗୀରରେ ନୂତନ ସୂତାକଳ ପ୍ରତିଷ୍ଠା ଏବଂ ବିଜୟାନନ୍ଦ ଚିନିକଳର ପୁନଃ କାର୍ଯ୍ୟକ୍ଷମ ଜରୁରୀ। ଏଥିପ୍ରତି ସରକାର ଦୃଷ୍ଟି ଦିଅନ୍ତୁ ନ ହେଲେ ଆଗାମୀ ଦିନରେ ବିରାଟ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକି ସରକାରଙ୍କ ନିଦ ହଜାଇ ଦେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଘାସିରାମ ବେହେରା, ସତ୍ୟବାନ ସାହୁ, ଲୋକନାଥ କୁମୁରା, କିଶୋର ସିଂନିନା, ଶ୍ରୀଧର ବାରିକ, ଶଙ୍କର ପୁରୋହିତ, ଫକୀର ମୋହନ ଥାଟି, ଯସ ତ୍ରିପାଠି, ମଚିନ୍ଦ୍ର ମହାକୁର, ପ୍ରମୋଦ ସାହୁ, ଲିଙ୍ଗ ପଶାୟତ, ନରେନ୍ଦ୍ର ମେହେର, ସଂକୀର୍ତ୍ତନ୍ୟ ମେହେର, ବିଦ୍ୟାଧର ସାହୁଙ୍କ ସମେତ ଜିଲା କଂଗ୍ରେସ କମିଟି ତରଫରୁ ଉପସଭାପତି ମନୀଷ ମିଶ୍ର, ସଞ୍ଜୟ ମିଶ୍ର, ବୁଲୁ ଦାନି, ଓମ ପ୍ରକାଶ କୁମ୍ଭାର, ଅଜୟ ବାଲି, ଜୁଲୁ ପଟ୍ଟନାୟକ, ଦଳିତ ନେତା ଜ୍ୟୋତିଷ ମୁଗ୍ରୀ, ଯୁବ କଂଗ୍ରେସ ସଭାପତି ନାସୀର ଖାନ, ଲୋପନ ମିଶ୍ର, ସୁଧାଂଶୁ ପଣ୍ଡା, ସମୀର କୁମ୍ଭାର, ରବି କୁମ୍ଭାର, ବିରେନ୍ଦ୍ର ବାବୁ, ଅଜିତ ମହାନନ୍ଦ ପ୍ରମୁଖଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ଚାଷୀମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସରପଞ୍ଚ ସଂଘ ପକ୍ଷରୁ ଦାବିପତ୍ର

ଲୋଇସିଂହା, ୨୮।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଶୁକ୍ରବାର ବିଡିଓ ଆକାଶ ରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ସଞ୍ଜୟ ଗଡତ୍ୟାଙ୍କ ନେତୃତ୍ୱରେ ଉପସଭାପତି ସୁଦୀପ ସା, ସମ୍ପାଦକ କୌସ୍ତୁଭ ସାହୁ, ନବକିଶୋର ନାଏକ, ରମାକାନ୍ତ ବିଶ୍ୱାଳ, ବିଜୁଳି ପଧାନ, ଲକ୍ଷ୍ମୀ ପଧାନ ପ୍ରମୁଖ ଏକ ପ୍ରତିନିଧି ବିଡିଓ ସାହୁଙ୍କୁ ବ୍ଲକ କାର୍ଯ୍ୟାଳୟରେ ଭେଟିଥିଲେ। ଏ ସରକାରରେ ପଞ୍ଚାୟତରେ ସରପଞ୍ଚଙ୍କ କ୍ଷମତା ସଙ୍କୁଚିତ ହେବାରେ ଲାଗିଛି। ରାଜ୍ୟ ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ପଞ୍ଚାୟତକୁ ୫୦ଲକ୍ଷ ଅନୁଦାନ ଦେବାକୁ ଘୋଷଣା କରିଛନ୍ତି। ଗ୍ରାମସଭା ମାଧ୍ୟରେ ପ୍ରକଳ୍ପ ଅନୁମୋଦନ କରାଯାଇ ସିଧାସଳଖ



ବିଡିଓଙ୍କୁ ସରପଞ୍ଚ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗ୍ରାମ ପଞ୍ଚାୟତକୁ ଏହି ଯୋଜନା କାର୍ଯ୍ୟକାରୀ ପାଇଁ କ୍ଷମତା ଦେବା ପାଇଁ ଦାବି କରାଯାଇଛି। ଏ ସରକାରରେ ସବୁକ୍ଷେତ୍ରରେ ପଞ୍ଚାୟତରେ ସରପଞ୍ଚଙ୍କ କ୍ଷମତାକୁ ସଙ୍କୁଚିତ କରାଯାଉଛି। ଏହାକୁ ବରଦାସ୍ତ କରାଯିବନାହିଁ। ଏଣୁ ଗ୍ରାମ ପଞ୍ଚାୟତର ଯୋଗ୍ୟ ରାଶନ କାର୍ଡ ଏବଂ ଭତ୍ତା ହିତାଧିକାରୀଙ୍କୁ ଚିହ୍ନଟ କରି ଯୋଜନାରେ ଅନ୍ତର୍ଭୁକ୍ତ କରିବାର କ୍ଷମତା ସରପଞ୍ଚମାନଙ୍କୁ ଦେବାକୁ ଦାବି ହୋଇଛି। ଏହା ବ୍ୟତୀତ ସରପଞ୍ଚ, ୱାର୍ଡସଭ୍ୟାସଭ୍ୟଙ୍କ ଭତ୍ତା ବୃଦ୍ଧି, ପଞ୍ଚାୟତ ଏକ ସ୍ଥାୟୀ ସଂସ୍ଥା ହୋଇଥିବାରୁ ଏମ୍‌ଜିଏନ୍‌ଆରଇଜିଏସ୍ ଓ ବିଭିନ୍ନ ଉନ୍ନୟନ କାମର ବିଲ୍ ପେମେଣ୍ଟ ପଞ୍ଚାୟତକୁ କ୍ଷମତା ପ୍ରଦାନ,ଡିଏସସି ଗ୍ରାମ ପଞ୍ଚାୟତରେ କାର୍ଯ୍ୟକାରୀ ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସମ୍ପାଦକ ସାହୁ କହିଛନ୍ତି, ସରପଞ୍ଚମାନଙ୍କୁ ଅଣଦେଖା କରି ଏହି ନୂଆ ଯୋଜନା ପାଇଁ ବିଜେଡି ଦଳର କର୍ମୀମାନେ ଆଗୁଆ ପ୍ରକଳ୍ପ ପାଇଁ ପ୍ରସ୍ତାବ ଦେଉଛନ୍ତି। ବହୁକ୍ଷେତ୍ରରେ ସରପଞ୍ଚମାନଙ୍କୁ ଅନ୍ଧାରରେ ରଖାଯାଉଛି। ଏହାକୁ ସରପଞ୍ଚ ସଂଘ ଦୃଢ ନିନ୍ଦା କରୁଛି। ଏହାର ପ୍ରତିବାଦରେ ଅଗଷ୍ଟ ୨ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଘ ସମ୍ପାଦକ ସାହୁ କହିଛନ୍ତି।

# ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆଦିବାସୀଙ୍କ ଶୋଭାଯାତ୍ରା

ପାଟଣାଗଡ଼, ୨୮।୭(ପ୍ରହ୍ଲାଦ ପାଢ଼ୀ)

- ଉପଜିଲାପାଳଙ୍କୁ ୧୧ ଦଫା ଦାବିପତ୍ର
- ଜିଲା ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘର ଜିଲାସ୍ତରୀୟ ନୂତନ କର୍ମକର୍ତ୍ତା ଶୁକ୍ରବାର ସ୍ଥାନୀୟ ଗଡଭିତର ପଡିଆଠାରେ ଏକତ୍ରିତ ହୋଇଥିଲେ। ନୂତନ ଭାବରେ ମନୋନୀତ ହୋଇଥିବା ସଂଘର ଜିଲା ସଭାପତି ସତ୍ୟନାରାୟଣ ଭୋଇଙ୍କ ନେତୃତ୍ୱରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ସଂଘର କର୍ମକର୍ତ୍ତାମାନେ ନିଜର ବ୍ୟକ୍ତବ୍ୟମାନ ପ୍ରଦାନ କରିବା ସହ ୧୧ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପଦ୍ମନାଭ ମହାରଣାଙ୍କ ଜରିଆରେ ପ୍ରଦାନ କରିଥିଲେ। ଏହି ସମୟରେ ତହସିଲଦାର ଲକ୍ଷ୍ମଣ ମାଝୀ ଉପସ୍ଥିତ ଥିଲେ। ଦାବିଗୁଡିକ ମଧ୍ୟରେ ଜାତିଆଣ ନିର୍ଯ୍ୟାତନା ଓ ଭେଦଭାବ ବିଲୋପ ପାଇଁ ନାଗରିକ ଅଧିକାର ଆଇନ ୧୯୫୫ ଅନୁସୂଚିତ ଜନଜାତି (ନିର୍ଯ୍ୟାତନା ନିବାରଣ) ଆଇନ ୧୯୮୯ ଓ ୧୯୯୫ କୁ କଡାକଡି ଭାବେ କାର୍ଯ୍ୟକାରୀ କରିବା, ନକଲି ଆଦିବାସୀ କେଶଗୁଡିକର ତଦନ୍ତ ପ୍ରକ୍ରିୟା ୩ ମାସ ମଧ୍ୟରେ ନିଷ୍ପତ୍ତି କରି କାର୍ଯ୍ୟାନୁଷ୍ଠାନ କରାଯାଉ ଆଦି ରହିଛି। ଏହା ସହ ଭୂମିହୀନ ପରିବାରକୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା, ଜଙ୍ଗଲ ଜମି ପଟ୍ଟାଧାରୀଙ୍କୁ କୃଷି ବୀମାରେ ସାମିଲ କରିବା, ଆଦିବାସୀଙ୍କ ଧାର୍ମିକ ସ୍ଥଳୀ,ପରମ୍ପରା ଓ ସଂସ୍କୃତିକୁ ସଂରକ୍ଷଣ ଓ ସୁରକ୍ଷା କରିବା, ଲୋଇସିଂହା ବ୍ଲକର ବିଅଁରପାଲିଠାରେ ମଞ୍ଜୁର ହୋଇଥିବା ୧୦୦ ଶଯ୍ୟା ବିଶିଷ୍ଟ କନ୍ୟାଶ୍ରମ ହଷ୍ଟେଲ ଓ ସ୍କୁଲ ସ୍ଥାପନ କରାଯାଉ, ବଲାଙ୍ଗୀର ଜିଲାରେ ଜଳସେଚନ, ବିଜୟାନନ୍ଦ ଚିନିକଳକୁ ପୁନଃ ପ୍ରଚଳନ କରାଯାଉ ଆଦି ଦାବି ରହିଛି। ପରେ ବ୍ରହ୍ମପୁରାସ୍ଥିତ ସୁଭଦ୍ରା ଭବନ ଠାରେ ବ୍ଲକ ସଭାପତି ଅଷ୍ଟରତ୍ନ ବରିହାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାରେ ନୂତନ ଭାବରେ ମନୋନୀତ ହୋଇଥିବା ଜିଲା ସଭାପତି ସତ୍ୟନାରାୟଣ ଭୋଇ, ସମ୍ପାଦକ ପୁରୁଷୋତ୍ତମ ଧରୁଆ, ପଶ୍ଚିମ ଓଡିଶା ଆଦିବାସୀ ମହାସଂଘର ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା, ଜିଲା ସଙ୍ଗଠକଙ୍କୁ ସଂଘର କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆୟୋଜିତ ସଭାରେ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ମାଝୀ, ବିପ୍ର ବିଶି, ଦଇତାରୀ ଭୋଇ, ଘିମାନନ୍ଦ ଭୋଇ, ଶରତ ସିଂ ଭୋଇ, ଧିନା ଭୋଇ, ଘନଶ୍ୟାମ ପଧାନୀ, ସୁରେଶ ଚନ୍ଦ୍ର ମାଝୀ, ମହେନ୍ଦ୍ର ବରିହା, ଯୁଧିଷ୍ଠିର ମିର୍ଦ୍ଧା, ଡିଙ୍ଗରଭୋଇ, ଖିରୋଦିନି ବରିହା, ସୁରୁବାଳୀ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

# ତୃଣମୂଳସ୍ତରରୁ ଦଳକୁ ସଙ୍ଗଠିତ କରିବାକୁ ଆହ୍ୱାନ



କଂଗ୍ରେସର ସାଙ୍ଗଠନିକ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଖପ୍ରାଖୋଲ,୨୮।୭(ଅଭୟ କୁମାର ତ୍ରିପାଠୀ)

**ଭାଲୁଡୁଙ୍ଗୁରିରେ କଂଗ୍ରେସର ସାଙ୍ଗନିକ ବୈଠକ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ଭାଲୁଡୁଙ୍ଗୁରି ଗାଁରେ ବ୍ଲକସ୍ତରୀୟ କଂଗ୍ରେସର ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ କଂଗ୍ରେସ ସଭାପତି ଜେଜେରାମ ସାହୁ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଅନିଲ କୁମାର ମେହେର, ପାଟଣାଗଡ଼ ବ୍ଲକ କଂଗ୍ରେସ ସଭାପତି ପତିତପାବନ ପଧାନ, ପାଟଣାଗଡ ଯୁବ କଂଗ୍ରେସ ସଭାପତି ଚନ୍ଦନ ସାହୁ, ବିଦ୍ୟାଧର ମେହେର, ଯବଦୁ ପଟେଲ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଦଳକୁ ତୃଣମୂଳସ୍ତରରୁ ସଙ୍ଗଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଫଳତା ଉପରେ ଲୋକଙ୍କୁ ସଚେତନ କରିବାକୁ କହିଥିଲେ। ବୈଠକରେ ବିଭିନ୍ନ ଦଳର ୨୦ଜଣ କର୍ମୀ କଂଗ୍ରେସରେ ଯୋଗ ଦେଇଥିବାବେଳେ ଦଳୀୟ ଗାମୁଛା ଦେଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକରେ ପ୍ରଦୀପ ସାହୁ, ସୁଶୀଲ ମାଝୀ, ବିପିନ ସାହୁ, କୁଣ୍ଡଲ ପଧାନ, ନିଳାମ୍ବର ବିଶ୍ୱାଳ, ଦିଲ୍ଲୀପ ଦାସ, ତେଜୁ ସାହୁ, ରଞ୍ଜିତ ଭୋଇ, ଦେବାର ବରିହା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ସାମୂହିକ ଛୁଟି ଦାବି କଲେ ଆଉଟସୋର୍ସିଂ କର୍ମଚାରୀ

ଲୋଇସିଂହା,୨୮।୭(ସୁଶାନ୍ତ ବାରିକ)

ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ, ରେଗୁରାଲ ଓ ଦରମା ବୃଦ୍ଧି ସାଙ୍ଗକୁ ମହିଳା କର୍ମଚାରୀଙ୍କ ପ୍ରସୂତିକାଳୀନ ଛୁଟି ଦାବି ହେଉଛି। ଆସନ୍ତା ୩୧ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ସବୁ ଦାବି ଜଣାଇବା ପାଇଁ ଓଡ଼ିଶା ସରକାରୀ ଆଉଟସୋର୍ସି କର୍ମଚାରୀ ମହାସଂଘ ନିଷ୍ପତ୍ତି ନେଇଛି। ଏହି କ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ବିଡିଓ ଆକାଶରଞ୍ଜନ ସାହୁଙ୍କୁ ଭେଟି ଅନିର୍ଦ୍ଦିଷ୍ଟ କାଳ ପାଇଁ ସାମୂହିକ ଛୁଟି ଦେବାକୁ ଶୁକ୍ରବାର ଦାବି କରିଛନ୍ତି। ବିଡିଓ ସାହୁଙ୍କୁ ଭେଟି ଥିବା ପ୍ରତିନିଧି ମଣ୍ଡଳୀରେ ଏମ୍‌ଜିଏନ୍‌ଆରଇଜିଏସ୍ ଆସିଷ୍ଟାଣ୍ଟ ସଂଗ୍ରାମ ମିଶ୍ର, ଶାନ୍ତନୁ ଭୋଇ, ଏସିପି ରାଜେଶ ବେହେରା, ଗୁଲସନ କୁମାର ସାହୁ, ଶାନ୍ତନୁ ପ୍ରଧାନ, ପୁଷ୍ପକରଞ୍ଜନ ସ୍ୱାଇଁ, କ୍ରିଷ୍ଣାମୟୀ ଛତ୍ରିଆ, ତ୍ରିଭୁଜ ରଣା, ଅରୁଣ କୁମାର ସାଗର ଓ ଛବିଳ ବେହେରା ପ୍ରମୁଖ ସାମିଲଥିଲେ।




ବିଡିଓଙ୍କୁ ଆଉଟସୋର୍ସିଂ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ।

# ରୋଗଣା ଅବସ୍ଥାରେ ଜମିହିଡ଼ରେ ବିତୁଛି ଜୀବନ





ବୁରୋମାଲ ଗାଁର ରଥ ବରିହା ଜମିହିଡ଼ରେ କୁଡ଼ିଆ କରି ରହିଛନ୍ତି।

ଖପ୍ରାଖୋଲ,୨୮।୭
(ଅଭୟ କୁମାର ତ୍ରିପାଠୀ)

**ରଥ ବରିହା ପାଇଁ ଯୋଜନେ ଦୂରରେ ସରକାରୀ ଯୋଜନା**

ସରକାର ଗରିବଙ୍କ ପାଇଁ ଅନେକ ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରାଉଥିବାବେଳେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ବୁରୋମାଲ ଗାଁର ରଥ ବରିହା(୬୫) ପାଇଁ ଅପହଞ୍ଚ ସରକାରୀ ଯୋଜନା। ଦୁଇ ବର୍ଷ ହେଲା ମୂତ୍ରାଶୟ ରୋଗରେ ଆକ୍ରାନ୍ତ ହୋଇ ଗାଁଠୁ ଦୁଇ କିଲୋମିଟର ଦୂର ନିଜ ଚାଷ ଜମି ହିଡ଼ରେ କୁଡ଼ିଆ କରି ଦୟନୀୟ ଭାବରେ ରହୁଥିବା ଦେଖିବାକୁ ମିଳିଛି। ସରକାର ମାଳମାଳ ଯୋଜନା କାର୍ଯ୍ୟକାରୀ କରାଉଥିଲେ ବି ପାଞ୍ଚ କିଲୋ ଚାଉଳକୁ ଛାଡ଼ିଦେଲେ ଆଉ କୌଣସି ସରକାରୀ ସହାୟତା ମିଳୁ ନ ଥିବା ଅସହାୟ ବୃଦ୍ଧ ରଥ ବରିହା କହିଛନ୍ତି। ସୂଚନା ଅନୁସାରେ ରଥ ବରିହାଙ୍କ ପୁଅ ବୋହୂ ତିନି ବର୍ଷ ହେଲା ଆନ୍ଧ୍ରପ୍ରଦେଶକୁ ଦାଦନ ଯାଇଥିବାବେଳେ ସେଠାରୁ ଘରକୁ ଫେରି ନାହାଁନ୍ତି। ନିଜ ବୁରୋମାଲ ଗାଁରେ ଥିବା ଘର ଭାଙ୍ଗିଯିବାରୁ ଶେଷରେ ନିରୁପାୟ ହୋଇ ଗାଁଠୁ ଦୁଇ କିଲୋମିଟର ଦୂର ଜଙ୍ଗଲ ପାଖ ଜମି ହିଡ଼ରେ କୁଡ଼ିଆ ତିଆରି କରି ଦୟନୀୟ ଭାବରେ ରହୁଥିବା ଦେଖାଯାଇଛି। ପାଞ୍ଚ କିଲୋ ଚାଉଳ ହିଁ ଭରଷା ହୋଇଥିବାବେଳେ ଗାଁକୁ କଷ୍ଟରେ ଆସି ଲୋକଙ୍କଠାରୁ ମାଗି ଜୀବନ ବିତାଉଥିବା ରଥ କହିଛନ୍ତି। ମଇଳା ପାଣି ପିଇବା ସହ କଷ୍ଟରେ ଚଳୁଥିବାବେଳେ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡ଼ିନାହିଁ। ଏପରିକି ଆବାସଯୋଜନା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ନ ମିଳିବା ସରକାରୀ ଯୋଜନାର ସଫଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ରୀନା ଜାଲଙ୍କୁ ପଚାରିବାରୁ ବୃଦ୍ଧଙ୍କ ସମ୍ପର୍କରେ ପ୍ରଶାସନକୁ ତୁରନ୍ତ ଜଣାଇ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏନେଇ ପାଟଣାଗଡ଼ ଉପଜିଲାପାଳ ଡ. ବିଜୟା ନନ୍ଦ ସେଠୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଆପଣଙ୍କଠୁ ଶୁଣୁଛୁ। କଣ ହୋଇଛି ତଦନ୍ତ କରି ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି କହିଛନ୍ତି।

ପ୍ରକାଶ ଯେ, ୨୦୦୯ ମସିହାରେ ଏହି ପଞ୍ଚାୟତର ଝିଣ୍ଟୁ ବରିହା ପରିବାରର ପାଞ୍ଚ ଜଣଙ୍କ ଅନାହାର ମୃତ୍ୟୁ ଘଟଣା ରାଜ୍ୟ ତଥା ଦେଶରେ ଏକ ଚର୍ଚ୍ଚିତ ଘଟଣା ହୋଇଥିଲା। ସେହି ପଞ୍ଚାୟତରେ ଜଣେ ଅସହାୟ ବୃଦ୍ଧ ଗାଁଠୁ ବାହାରେ ରୁଗ୍‌ଣ ଅବସ୍ଥାରେ ପାଣି ଘେରରେ ବିଲହିଡ଼ରେ ଜୀବନକୁ ବାଜି ଲଗାଇ ରହିବା ଘଟଣା ପୁଣି ଥରେ ଆଲୋଡନ ସୃଷ୍ଟି କରିଛି।

## ସଂକ୍ଷେପରେ

### ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ପଦ୍ମପୁର,୨୮।୭(ପ୍ରଦୀପ୍ତ ଦାଶ)

ପଦ୍ମପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ୨୦୨୩-୨୪ ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମନୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଇକମାଳ ବ୍ଲକ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କ ସଭାପତିତ୍ୱ କରିଥିଲେ। 'ବିଜ୍ଞାନ ଓ ମଣିଷର ବିକାଶ ଯାତ୍ରା'ର ବିଭିନ୍ନ ଦିଗ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସଭା ପୂର୍ବରୁ ଅତିଥିମାନେ ସମସ୍ତ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖିଥିଲେ। ଶେଷରେ ସମସ୍ତ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ଗ୍ରାମାଞ୍ଚଳରେ ବୁଲିବ ସଫେଇ ଗାଡ଼ି



ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ସହରାଞ୍ଚଳ ଭଳି ବରଗଡ଼ ବ୍ଲକ ଅନ୍ତର୍ଗତ ପଞ୍ଚାୟତଗୁଡ଼ିକର ଗ୍ରାମାଞ୍ଚଳରେ ଏଣିକି ସଫେଇ ଗାଡ଼ି ବୁଲିବ। ଏହି କ୍ରମରେ ଶୁକ୍ରବାର ବରଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ୭ଟି ଇଲେକ୍ଟ୍ରୋନିକ୍ସ ସଫେଇ ଗାଡ଼ି ଲୋକାର୍ପିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ବ୍ଲକ ଓ ପଞ୍ଚାୟତ ସହଭାଗିତାରେ ଏହି ଗାଡ଼ିଗୁଡ଼ିକ ଘରକୁ ଘର ବୁଲି ମଇଳା, ଆବର୍ଜନା ସଂଗ୍ରହ କରିବ ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହାର ଦାୟିତ୍ୱ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ବିଡ଼ିଓ ଯୁଧିଷ୍ଠିର ମେହେର, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

### ପୋଖରୀ ସଫେଇ କଲେ ଯୁବଗୋଷ୍ଠୀ



ଭେଡ଼େନ,୨୮।୭(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ବୁଦେଲବାହାଲି ଗ୍ରାମର ଉପରିକଟା ପୋଖରୀ ଅନାବନା ଘାସ ଓ ଶିଉଳିରେ ଭର୍ତ୍ତି ହାଇ ବ୍ୟବହାର ଅନୁପଯୋଗୀ ଥିଲା। ଗୁରୁବାର ରାତିରେ ପ୍ରବଳ ବର୍ଷା ହେବାରୁ ପୋଖରୀ ପାଣି ହିଡ଼ ଉପର ଦେଇ ବାହାରକୁ ପ୍ରବାହିତ ହୋଇଥିଲା। ଏହାର ସୁଯୋଗରେ ଗ୍ରାମର ଯୁବଗୋଷ୍ଠୀ ଶୁକ୍ରବାର ଏହାକୁ ସଫେଇ କରିବାକୁ ଅଣ୍ଟା ଭିଡିଥିଲେ। ସେମାନେ ପୋଖରୀରେ ଥିବା ଦଳ ଏବଂ ବୁରୋଝାଞ୍ଜିକୁ ସଫା କରି ଜଳସ୍ରୋତରେ ଭସାଇ ଦେଇଥିଲେ। ଫଳରେ ପୋଖରୀଟି ଏବେ ପରିଷ୍କାର ହେବା ସହ ଲୋକଙ୍କ ସ୍ନାନ ଉପଯୋଗୀ ହୋଇପାରିଛି। ସୂଚନାଯୋଗ୍ୟ, ବୁଦେଲବାହାଲିର ଉପରିକଟା ପୋଖରୀ ପୁନରୁଦ୍ଧାର ପାଇଁ ପଞ୍ଚାୟତ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ମାଟିକାମ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୋଖରୀରେ ଅନାବନା ଘାସ, ଦଳ, ବୁରୋଝାଞ୍ଜିରେ ଭର୍ତ୍ତିହୋଇ ବ୍ୟବହାର ଅନୁପଯୋଗୀ ହୋଇପଡିଥିଲା।

# ୪୮ ଘଣ୍ଟାରେ ଜାଗା ନ ଛାଡ଼ିଲେ କାର୍ଯ୍ୟାନୁଷ୍ଠାନ

**ଲେଙ୍ଗୁ ମିଶ୍ର ଛକ-ନୂଆ ଜିରା ବ୍ରିଜ ଜବରଦଖଲ ପ୍ରସଙ୍ଗ**

- ଜିଲାପାଳଙ୍କ ଆଦେଶରେ ସୀମା ଚିହ୍ନଟ ଆରମ୍ଭ
- ଅଡୁଆରେ ଜବରଦଖଲକାରୀ, ବଢ଼ିଲା ଚିନ୍ତା

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଲେଙ୍ଗୁ ମିଶ୍ର ଛକଠାରୁ ନୂଆ ଜିରା ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ୪୮ଘଣ୍ଟା ମଧ୍ୟରେ ଜବରଦଖଲ ଛାଡ଼ିବାକୁ ଜିଲାପାଳ ମୋନିଷା ବାନାର୍ଜୀ ଆଦେଶ କରିଛନ୍ତି। ସରକାରୀ ଜାଗା ଏବଂ ରାସ୍ତା ଉପରେ ବେଆଇନ ଭାବେ ଜବରଦଖଲ କରି କୋଠାବାଡ଼ି, ଦୋକାନ ନିର୍ମାଣ କରିଥିବା ଲୋକ, ଦୋକାନୀ ତଥା ଘର ମାଲିକଙ୍କ ଉଦ୍ଦେଶ୍ୟରେ ଏହି ଆଦେଶ ଜାରି ହୋଇଛି । ସ୍ୱଇଚ୍ଛାରେ ସେହି ଜାଗା ଛାଡ଼ି ଦେବାକୁ ପରାମର୍ଶ ଦିଆଯାଇଛି। ନଚେତ୍ ସେହି ବେଆଇନ ନିର୍ମାଣକୁ ଭାଙ୍ଗି ଦିଆଯିବ ଏବଂ ଜବରଦଖଲକାରୀଙ୍କ ବିରୋଧରେ ପୌର ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ପୌର ପ୍ରଶାସନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରୁ ଲେଙ୍ଗୁ ମିଶ୍ର ଛକଠାରୁ ନୂଆ ଜିରା ବ୍ରିଜ ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ଯୋଗେ ଏହି ସୂଚନା ଦିଆଯାଇଛି। ଏହାପରେ ଜବରଦଖଲକାରୀମାନଙ୍କ ଚିନ୍ତା ବଢ଼ି ଯାଇଛି। ଅନ୍ୟପଟେ ଜବରଦଖଲ ଉଚ୍ଛେଦ ଦୀର୍ଘଦିନର ଦାବି ହୋଇଥିବା ବେଳେ ଜିଲାପାଳଙ୍କ ଏଭଳି ଆଦେଶକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।




ଲେଙ୍ଗୁ ମିଶ୍ର ଛକ-ନୂଆ ବ୍ରିଜ୍ ରାସ୍ତାରେ ବିଭାଗୀୟ କର୍ମଚାରୀ ସୀମା ଚିହ୍ନଟ କରୁଛନ୍ତି ।

ପ୍ରକାଶ ଯେ, ବରଗଡ଼ ଗାନ୍ଧୀ ଛକରୁ ଲେଙ୍ଗୁ ମିଶ୍ର ଛକ, ଜିରା ବ୍ରିଜ ଦେଇ ଅମ୍ବାପାଲିକୁ ଏକଦା ଜାତୀୟ ରାଜପଥ ସଂଯୋଗ କରିଥିଲା। ସେତେବେଳେ ରାଜପଥ ମାନ୍ୟତା ପାଇଥିବା ରାସ୍ତା ଅସ୍ତିତ୍ୱ ହରାଇ ଏବେ ସଙ୍କୁଚିତ ହୋଇ ପଡ଼ିଛି। ଅନ୍ୟପଟେ ଜନସଂଖ୍ୟା ବୃଦ୍ଧି, ଟ୍ରାଫିକ୍ ସମସ୍ୟା ପାଇଁ ରାସ୍ତା ପ୍ରଶସ୍ତୀକରଣର ଆବଶ୍ୟକତା ଥିବାବେଳେ ସଙ୍କୁଚିତ ହୋଇ ପଡ଼ିଥିବା ଏହି ରାସ୍ତା ସହରର ସୌନ୍ଦର୍ଯ୍ୟକରଣରେ ବାଧକ ସାଜିଛି। ରାସ୍ତାରେ ସବୁବେଳେ ଟ୍ରାଫିକ୍ ସମସ୍ୟା ଲାଗି ରହୁଛି ଏବଂ ଯାତାୟାତ କରୁଥିବା ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ଲୋକଙ୍କ ପାଇଁ ରାସ୍ତାଟି ଅସୁରକ୍ଷିତ ହୋଇ ପଡ଼ିଛି। ରାସ୍ତା ଉପରେ ଅନେକ ମାଲବାହୀ ଗାଡ଼ି ଛିଡ଼ା ହେଉଥିବା ବେଳେ ରୋଗୀଙ୍କୁ ନେଉଥିବା ଆମ୍ବୁଲାନ୍ସ ମଧ୍ୟ ରାସ୍ତା ଅତିକ୍ରମ କରିବା କଷ୍ଟସାଧ୍ୟ ହୋଇ ପଡୁଛି ।

ଅପରପକ୍ଷେ ନୂଆ ଜିରା ବ୍ରିଜ ନିର୍ମାଣ ଶେଷ ହୋଇଥିବା ବେଳେ ବ୍ରିଜ୍ ଉପରେ ଯାତାୟାତ ଆରମ୍ଭ ହୋଇଛି। ଫଳରେ ପୂର୍ବାପେକ୍ଷା ଏହି ରାସ୍ତା ଦେଇ ଲୋକଙ୍କ ଯାତାୟାତ ତଥା ପରିବହନ ଗାଡ଼ି ଚଳାଚଳ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ନୂଆ ଜିରା ବ୍ରିଜ୍‌ରେ ଯାତାୟାତ ଆରମ୍ଭ ହେବା ପୂର୍ବରୁ ଲେଙ୍ଗୁ ମିଶ୍ର ଛକଠାରୁ ନୂଆ ଜିରା ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତା ଜବରଦଖଲକାରୀଙ୍କୁ ହଟାଇବା ଦାବି ନେଇ ସ୍ଥାନୀୟ ସମଲେଶ୍ୱରୀ ସଂଘ, ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଗତ ମାସ ୨୨ତାରିଖରେ ବିଭାଗୀୟ ଅଧିକାରୀମାନେ ରାସ୍ତା ମାପଚୁପ କରିଥିଲେ ହେଁ ମେଜର ନକ୍ସା ଧରି ସୀମା ଚିହ୍ନଟ କରୁଥିଲେ। ଫଳରେ ତାକୁ ବିରୋଧ କରି ମେଜର ନକ୍ସା ଅନୁଯାୟୀ ମାପଚୁପ କରିବାକୁ ଲୋକେ ଦାବି କରିଥିଲେ।

ଲୋକେ ମେଜର ନକ୍ସାରେ ମାପଚୁପକୁ ନାପସନ୍ଦ କରୁଥିବାବେଳେ ତାକୁ ନେଇ ସେତେବେଳେ ଚାପା ଉତ୍ତେଜନା ଦେଖାଯାଇଥିଲା। ମେଜର କିମ୍ବା ପୁରୁଣା ଜାତୀୟ ରାଜପଥ ନକ୍ସା ଅନୁଯାୟୀ ରାସ୍ତାର ସୀମା ଚିହ୍ନଟ ସହିତ ଜବରଦଖଲକାରୀଙ୍କୁ ହଟାଇବାକୁ ଲୋକେ ଅଡ଼ି ବସିଥିଲେ। ସେହି ସମୟରେ ଓକିଲ ସଂଘ ପହଞ୍ଚି ଲୋକଙ୍କ ଦାବିକୁ ଯଥାର୍ଥ ବୋଲି କହିଥିଲା। ଫଳରେ ସେତେବେଳେ ସୀମା ଚିହ୍ନଟ ଆଉ ଆଗେଇ ନ ଥିଲା। ଅନ୍ୟପଟେ ଅସନ୍ତୋଷ ବଢ଼ିବା ସହିତ ଚାପା ଉତ୍ତେଜନା ଲାଗି ରହିଥିଲା। ଏଭଳି ସ୍ଥିତିରେ ଓକିଲ ସଂଘ ଗତ ମାସ ୨୩ ତାରିଖରେ ଜିଲାପାଳଙ୍କୁ ଭେଟି ଲୋକଙ୍କ ଦାବିକୁ ଦୋହରାଇଥିଲା। ଏହାପରେ ଜିଲାପାଳ ଏକ କମିଟି ଗଠନ କରିବା ସହିତ ସେ ନେଇ ରିପୋର୍ଟ ଦେବାକୁ ଉପଜିଲାପାଳ ଲଲାଟ କୁମାର ଲୁହାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କଠାରୁ ରିପୋର୍ଟ ପାଇବା ପରେ ଜିଲାପାଳ ଜବରଦଖଲ ଉଚ୍ଛେଦ ନେଇ ସେଭଳି ଆଦେଶ କରିଥିବା ସୂଚନା ମିଳିଛି ।

## ସ୍କୁଲ ରୂପାନ୍ତୀକରଣ କାର୍ଯ୍ୟର ଶୁଭାରମ୍ଭ



ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯାଉଛି ।

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ହିନ୍ଦୀ ବାଳକ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସରକାର ୫-ଟି ରୂପାନ୍ତରୀକରଣ ପ୍ରକ୍ରିୟାରେ ସାମିଲ କରିଛନ୍ତି। ଶୁକ୍ରବାର ଉକ୍ତ ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଏହି କ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟ ପାଇଁ ଭୂମିପୂଜନ କରିଥିଲେ। ପ୍ରଧାନ ଶିକ୍ଷକ ଦିଲୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଶୋର ମିଶ୍ର, ସୁରେଶ୍ୱର ଶତପଥୀ, କାଉନସିଲର ସୁନନ୍ଦା ପଣ୍ଡା, ଝସକେତନ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ମାନଭଞ୍ଜନ ମହାପାତ୍ର, ସଦାଶିବ କରଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସଦସ୍ୟବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଫାଇଲେରିଆମୁକ୍ତ ଜିଲା କରିବାକୁ ଗୁରୁତ୍ୱ

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ଶୁକ୍ରବାର ସାମୁହିକ ଔଷଧ ସେବନ ପ୍ରକ୍ରିୟା(ଏମ୍‌ଡିଏ)କୁ କାର୍ଯ୍ୟକାରୀ କରିବା ପାଇଁ ଦ୍ୱିତୀୟ ଜିଲାସ୍ତରୀୟ ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ଅଗଷ୍ଟ ୧୦ରୁ ୧୯ତାରିଖ ପର୍ଯ୍ୟନ୍ତ ୨ବର୍ଷରୁ ଅଧିକ ବୟସର ଶିଶୁଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ଜିଲାର ସମସ୍ତ ଜନସାଧାରଣଙ୍କୁ ଫାଇଲେରିଆ ନିରାକରଣ ପାଇଁ ଔଷଧ ଖାଇବାକୁ ଦିଆଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ୩ଟି ଔଷଧର ସମାହାରରେ ପ୍ରସ୍ତୁତ ଔଷଧ କିଟ୍ ଘରକୁ ଘର ବୁଲି ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡ଼ି କର୍ମୀ ଏହାକୁ ଖୁଆଇବେ। ବର୍ଷକୁ କେବଳ ଥରେ ମାତ୍ର ଏହାକୁ ସେବନ କରାଯିବ ଏବଂ ନିୟମିତ ଭାବେ ୫ବର୍ଷ ସେବନ କରିବା ଜରୁରୀ ବୋଲି ସୂଚନା ଦିଆଯାଇଥିଲା ।

ବରଗଡ଼ ଜିଲାରେ ଏହା ତୃତୀୟ ବର୍ଷ ପାଇଁ ବଣ୍ଟନ କରାଯିବ। ଜିଲାର ଅମ୍ବାଭୋନା, ଭେଡ଼େନ, ଗାଇସିଲେଟ, ବରପାଲି ଆଦି ବ୍ଲକରେ ଫାଇଲେରିଆ ଦେଖାଯାଉ ଥିବାବେଳେ ବର୍ଷକୁ ଥରେ ମାତ୍ର ଏହି ଔଷଧ ସେବନ କରି ଜିଲାକୁ ଫାଇଲେରିଆ ମୁକ୍ତ କରାଯାଇ ପାରିବ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ। ସୁଚିନ୍ତିତ ଭାବେ ଯୋଜନା କରି ପ୍ରତ୍ୟେକ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପ୍ରତ୍ୟେକ ଜନସାଧାରଣଙ୍କ ଘରେ ଯେଉଁଭଳି ଔଷଧ ପହଞ୍ଚିବ, ସେଥିପାଇଁ କାର୍ଯ୍ୟ କରିବା ପାଇଁ ଜିଲାପାଳ ମୋନିଷା ବାନାର୍ଜୀ ଜିଲା ମଙ୍ଗଳ ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଶିକ୍ଷାଧିକାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫାଇଲେରିଆ ଏକ ମାରାତ୍ମକ ରୋଗ ହୋଇଥିବାରୁ ଜନସାଧାରଣ, ଜନପ୍ରତିନିଧି, ଫାଇଲେରିଆ ମୁକ୍ତ ଅଭିଯାନରେ ସହଯୋଗ କରିବାକୁ ଜିଲାପାଳ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସେହିପରି ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ପାଇଁ ବସବାସ କରୁଥିବା ଅଞ୍ଚଳରେ ପାଣି ଜମିବାକୁ ନ ଦେବା, ମଶାରୀ ବ୍ୟବହାର କରିବା, ତୁରନ୍ତ ଚିହ୍ନଟ କରି ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ ପାଇଁ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଫାଇଲେରିଆମୁକ୍ତ ଅଭିଯାନ ପାଇଁ ବୈଠକ ।

## କିଷାନ ସମ୍ମାନ ନିଧି ସମର୍ପିତ କାର୍ଯ୍ୟକ୍ରମ

ନୂଆପଡ଼ା,୨୮।୭(ମକାରୁ ବେମାଲ)

କୃଷକ ସମୃଦ୍ଧି କେନ୍ଦ୍ର ସରକାରଙ୍କ ୧୪ତମ କିଷାନ ସମ୍ମାନ ନିଧି ରାଶି ଗୁରୁବାର ଦେଶର ଚାଷୀମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଚାଷୀ ମାନଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସାରା ଦେଶରେ ବିଭିନ୍ନ ସ୍ଥାନରେ ଚାଷୀ ମାନଙ୍କୁ ଏକଜୁଟ କରି ଏହି କାର୍ଯ୍ୟକ୍ରମକୁ ଦେଖିବା ଓ ଶୁଣିବା ସହିତ ସଚେତନ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ନୂଆପଡା କୃଷି ବୈଜ୍ଞାନିକା ଶାଶ୍ୱତି ପଟ୍ଟନାୟକଙ୍କ ପୌରହିତରେ ନୂଆପଡା ସଦର ବ୍ଲକ ବୁଡ଼ିପାଲି ପଞ୍ଚାୟତ କାର୍ଯ୍ୟାଳୟଠାରେ ଚାଷୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏମ୍‌ପି ପ୍ରତିନିଧି ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ପଣ୍ଡା, ସ୍ଥାନୀୟ ସରପଞ୍ଚ ବୋଧନକର ସାହୁ, ବୁଡ଼ିପାଲି କୃଷି ସହ ଅଧିଦର୍ଶକ ବେଧାନିବତି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ ଶୁଣିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

# ଭୋଟଦାନ କେନ୍ଦ୍ର ପାଇଁ ବୈଠକ

ପଦ୍ମପୁର,୨୮।୭(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ଉପଜିଲାପାଳ ସଦାକର କୁମ୍ଭାରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ବର୍ଷା ସିଂ ବରିହାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପାଇଁ ପ୍ରତିଟି ଭୋଟକୁ ଗୁରୁତ୍ୱ ଦେଇ ପଦ୍ମପୁର ଉପଖଣ୍ଡ ପ୍ରଶାସନ ସ୍ୱତନ୍ତ୍ର ଉଦ୍ୟମ ଆରମ୍ଭ କରିଛି। ସେଥିପାଇଁ ବୈଠକରେ ସମସ୍ତ ରାଜନୈତିକ ଦଳମାନଙ୍କୁ ନିଜ ନିଜର ପ୍ରସ୍ତାବ ଦେବା ପାଇଁ ଅନୁରୋଧ କରାଯାଇଥିଲା। ସମସ୍ତଙ୍କଠାରୁ ପ୍ରସ୍ତାବ ଗ୍ରହଣ କରି ନିୟମ ଅନୁସାରେ ସେସବୁକୁ କାର୍ଯ୍ୟକାରୀ କରାଯିବ ବୋଲି ଉପଜିଲାପାଳ କହିଥିଲେ। ଭୋଟର ଯେଉଁଭଳି ଭାବେ ପୋଲିଂ ଷ୍ଟେଶନଗୁଡ଼ିକୁ ସୁବିଧାରେ ଭୋଟଦାନ ପାଇଁ ଆସିପାରିବେ ତାହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ବୋଲି କୁମ୍ଭାର କହିଥିଲେ। ୩୦୦ ଭୋଟର ବିଶିଷ୍ଟ ଗ୍ରାମଠାରୁ ଭୋଟ୍‌କେନ୍ଦ୍ର ୩ କିଲୋମିଟରରୁ ଅଧିକ ଦୂରତାରେ ଥିଲେ ସେଥିପାଇଁ ସ୍ୱତନ୍ତ୍ର ଭୋଟ୍‌କେନ୍ଦ୍ର ପାଇଁ ପ୍ରସ୍ତାବ ଦିଆଯାଇପାରିବ ବୋଲି ସେ କହିଥିଲେ। ସେହିପରି ଉପଜିଲାପାଳ କୁମ୍ଭାର ଗାଇସିଲେଟ ବ୍ଲକର ଡଙ୍ଗରମୁଣ୍ଡା ଗ୍ରାମକୁ ଯାଇ ସେଠାରେ ନୂତନ ବୁଥ୍ ପ୍ରସ୍ତାବର ସମୀକ୍ଷା କରିଥିଲେ। ସହକାରୀ ଜିଲାପାଳ ମନୋରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ରାଜବୋଡ଼ାସମ୍ବର ବିଡ଼ିଓ ବିଶ୍ୱନାଥ ସାହୁ ଉପସ୍ଥିତ ଥିଲେ।

## ଜନ୍ମଦିନରେ ବୃକ୍ଷରୋପଣ ପାଇଁ ଶପଥ



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ପାଇକମାଳ,୨୮।୭(ବଡ ଶତପଥି)

ପାଇକମାଳ ସରକାରୀ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୃକ୍ଷରୋପଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ ଜିଲା ପରିବେଶ ସମିତିର ସମ୍ପାଦକ ମିନକେତନ ସାହୁ ମୁଖ୍ୟ ଅତିଥି, ପରିବେଶ ସମିତିର ଉପ ସଭାପତି ବଡ ଶତପଥି, ପ୍ରକୃତି ବନ୍ଧୁ ତଥା ନୃସିଂହନାଥ ବନସ୍ପତି ବନ ପ୍ରକଳ୍ପ ସୋସାଇଟିର ସମ୍ପାଦକ ବିଭୂତି ଭୂଷଣ ମୁଣ୍ଡ, ଅବସରପ୍ରାପ୍ତ ଶିକ୍ଷକ ନନ୍ଦଲାଲ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଛ ଲଗାଇବା ପାଇଁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ ଜନ୍ମଦିନରେ ଗଛ ଲଗାଇା ପାଇଁ ଶପଥ ନେଇଥିଲେ। ତ୍ରିଲୋଚନ ନାୟକ ସଭା ପରିଚାଳନା କରିଥିବା ବେଳେ ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ୨୫୦ ଛାତ୍ରୀଛାତ୍ର ତଥା ଶିକ୍ଷକଙ୍କୁ ଅଳାଁ ଗଛ ବଣ୍ଟନ କରାଯାଇଥିଲା।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ଶୁକ୍ରବାର ଆସନ୍ତା ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ପି.ଏସ୍ ମୀନା, ଅତିରିକ୍ତ ଜିଲାପାଳ (ଏଡିଏମ୍) ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ଲଲାଟ କୁମାର ଲୁହାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିଲେ। ଆସନ୍ତା ସ୍ୱାଧୀନତା ଦିବସ ପାଳନର ରୂପରେଖ ଉପରେ ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ, ସ୍ୱାଧୀନତା ଦିବସରେ ରାମଧୂନ, ପ୍ରଭାତ ଫେରି, ପରେଡ୍ ଏବଂ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପରେଡ୍‌ରେ ମୋଟ୍ ୪୩ ଦଳ ଭାଗ ନେବେ ଏବଂ ରିଜର୍ଭ ପୋଲିସ ପକ୍ଷରୁ ଏହା ପରିଚାଳନା କରାଯିବ ବୋଲି ସୂଚନା ଦିଆଯାଇଥିଲା। ପାଣିମୋରାର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ନେଇ ବରିଷ୍ଠ ନାଗରିକ ସଂଘ ତଥା ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ବୈଠକ ପରିଚାଳନା କରିଥିଲେ।




ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକରେ ଜିଲାପାଳ, ଏସ୍‌ପି ଏବଂ ଏଡ଼ିଏମ ।

# କଲେଜ କ୍ୟାମ୍ପସରେ ସୁରକ୍ଷା ଦାବି

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ବିଭିନ୍ନ କଲେଜ କ୍ୟାମ୍ପସରେ ଅଣଛାତ୍ରଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଏକ ପ୍ରତିନିଧି ଦଳ ବରଗଡ଼ ଏସ୍‌ପିଙ୍କୁ ଭେଟି ଫେରାଦ ହୋଇଛନ୍ତି। ସେମାନେ ଏସ୍‌ପି ପି.ଏସ୍ ମୀନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି କଲେଜ କ୍ୟାମ୍ପସରେ ପୋଲିସ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି। ଗତ କିଛିଦିନ ତଳେ ବରଗଡ଼ ପଞ୍ଚାୟତ କଲେଜର ଜଣେ ଛାତ୍ରୀଙ୍କୁ ବ୍ଲେଡ୍‌ରେ ଆକ୍ରମଣ ହୋଇଥିଲା। ସେହିପରି ନିଶାଗ୍ରସ୍ତ ଅଣଛାତ୍ରମାନେ ଛାତ୍ରୀଛାତ୍ରଙ୍କ ମୋବାଇଲ ଲୁଟି ନେଉଥିବାବେଳେ କଲେଜ କ୍ୟାମ୍ପସରୁ ସାଇକେଲ ଚୋରି କରି ନେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଫଳରେ କଲେଜ କ୍ୟାମ୍ପସରେ ପୋଲିସ ସୁରକ୍ଷା ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଏସ୍‌ପିଙ୍କୁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ସଙ୍କେତ କୁମାର ସାହୁ, ରଜତ କୁମାର ସାହୁ, ରଜତ ସେଟ, ଟ୍ୱିଙ୍କିଲ ମହାପାତ୍ର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।



ଏସ୍‌ପିଙ୍କୁ ଫେରାଦ ହୋଇଥିବା ଏବିଭିପି ପ୍ରତିନିଧିବୃନ୍ଦ ।

# ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ଏକ ହତ୍ୟା ଅଭିଯୋଗ ନେଇ ଶୁକ୍ରବାର ଚାପା ଉତ୍ତେଜନା ଦେଖାଯାଇଥିଲା। ସ୍ଥାନୀୟ ୱାର୍ଡ ନଂ-୧୧ ମଙ୍ଗଳାଝୁଣ୍ଡି ପଡ଼ାର ମହିଳାମାନେ ଟାଉନ ଥାନାକୁ ଆସି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପଟେ ସେ ନେଇ ଥାନାରେ ଏକ ମାମଲା (ନଂ.୪୯୬/୨୩) ରୁଜୁ ହୋଇଛି ଏବଂ ଅଭିଯୁକ୍ତ ସ୍ୱାମୀ ରାହୁଲ ସିଂଙ୍କୁ ଗିରଫ କରାଯାଇଛି ବୋଲି ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ କହିଛନ୍ତି ।

ପ୍ରକାଶ ଯେ, ମଙ୍ଗଳା ଝୁଣ୍ଡିପଡ଼ାର ଶୀତଳ ବାଗ ଓ ରାହୁଲଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଶୀତଳ ନାବାଳିକା (୧୬) ଥିଲେ ଏବଂ ସେ ପଢ଼ିଯିବା ବାଟରେ ଗତବର୍ଷ ରାହୁଲ ତାଙ୍କୁ ନେଇ ବିଶି କଲୋନୀର ଏକ ଭଡ଼ାଘରେ ରଖିଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ସେହିପରି ଇତିମଧ୍ୟରେ ଶୀତଳ ୪ ମାସର ଗର୍ଭବତୀ ଥିବାବେଳେ ରାହୁଲ ଏବଂ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ମାରି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସେ ଆତ୍ମହତ୍ୟା କରିଛନ୍ତି ବୋଲି କହି ରାହୁଲଙ୍କ ପରିବାର ଲୋକେ ଖସିଯିବାକୁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଘଟଣାର ବିଧିବଦ୍ଧ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳାଝୁଣ୍ଡି ପଡ଼ାର ମହିଳାମାନେ ଥାନାକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ଟାଉନ ଥାନାରେ ମହିଳାଙ୍କ ବିକ୍ଷୋଭ ।




## ଆଜି କ'ଣ କେଉଁଠି

ରାଉରକେଲା
- ବ୍ୟଙ୍ଗ କବିତା ସାହିତ୍ୟ ଆସର, ବାସନ୍ତୀ ପାଠାଗାର, ସନ୍ଧ୍ୟା ୭ଟା ୩୦ମିନିଟ୍।
- ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ନିର୍ବାଚନ, ସେକ୍ଟର-୧୯ ଇସ୍ପାତ ମାର୍କେଟ, ସକାଳ ୮ଟା।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ କଲେଜ ଛାତ୍ର ମୃତ

ରାଉରକେଲା, ୨୮।୭(ସଙ୍ଗୀତା ଜେନା)

ଟାଙ୍ଗରପାଲି ଥାନା ଆଇଡିଏଲ କଲୋନୀରେ ଶୁକ୍ରବାର ଓଦାଲୁଗା ଶୁଖାଇବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମିଳନ ପ୍ରଧାନ (୧୯) । ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ଆଇଡିଏଲ କର୍ମଚାରୀ କିଶୋର ପ୍ରଧାନଙ୍କ ପୁଅ ମିଳନ ଶୁକ୍ରବାର ସକାଳ ସାଢ଼େ ୮ଟାରେ ନିକଟସ୍ଥ କୂଅକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ସେ ଗାଧୋଇ ସାରିବା ପରେ ଲୁଗା ଶୁଖାଉଥିବା ବେଳେ ପାଣିପମ୍ପ ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ଇଏସ୍ଆଇ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଆଜି ଇସ୍ପାତ ସେଣ୍ଟ୍ରାଲ ମାର୍କେଟର ନିର୍ବାଚନ

ରାଉରକେଲା, ୨୮।୭(ସଙ୍ଗୀତା ଜେନା)

ସେକ୍ଟର-୧୯ ଇସ୍ପାତ ସେଣ୍ଟ୍ରାଲ ମାର୍କେଟରେ ଶନିବାର ନିର୍ବାଚନ ହେବ। କୋଭିଡ୍ ମହାମାରୀ ପରେ ଏହି ନିର୍ବାଚନ ହେବାକୁ ଯାଉଥିବା ବେଳେ ମାର୍କେଟରେ ଉଷ୍ମତା ପ୍ରକାଶ ପାଇଛି। ଚଳିତ ଥର ଦୁଇଟି ପ୍ୟାନେଲ ନିର୍ବାଚନୀ ପ୍ରଚାର କରୁଥିଲେ। ଗୁରୁବାର ପ୍ରଚାର ଶେଷ ହୋଇଥିଲା। ମାର୍କେଟ ବଞ୍ଚିଲେ ଆମେ ବଞ୍ଚିବା ସ୍ଲୋଗାନ ନେଇ ଇଂ. ସୁଜିତ ସ୍ୱାଇଁଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସନ୍ତୋଷ ସ୍ୱାଇଁ ଓ କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସ୍ୱାଇଁ ନିର୍ବାଚନ ଲଢୁଛନ୍ତି। ଅନ୍ୟ ଏକ ପ୍ୟାନେଲରେ ପୂର୍ବତନ ସଭାପତି ଶଙ୍କର ଜେନା, ସାଧାରଣ ସମ୍ପାଦକ ମୁରଲୀଧର ମିଶ୍ର, କୋଷାଧ୍ୟକ୍ଷ ପଦବୀ ପାଇଁ ମୁରଲୀଧର ପାଣିଗ୍ରାହୀ ନିର୍ବାଚନ ଲଢୁଛନ୍ତି। ଶନିବାର ସକାଳ ୮ଟାରୁ ଦୁର୍ଗାମଣ୍ଡପରେ ଏହି ନିର୍ବାଚନ ହେବ। ନିର୍ବାଚନ ଅଧିକାରୀ ଭାବେ ସୁଶାନ୍ତ ସ୍ୱାଇଁ, ସଞ୍ଜୟ ଜୈନ, ନଳିନୀ ସାହୁ ଏହାକୁ ପରିଚାଳନା କରିବେ। ଏଥିରେ ୭ ଶହରୁ ଊର୍ଦ୍ଧ୍ୱ ଦୋକାନୀ ଭୋଟ ପ୍ରଦାନ କରିବେ ବୋଲି ସୂଚନା ମିଳିଛି।

### ରାଉରକେଲାରେ ଉତ୍ତରପ୍ରଦେଶ ପୋଲିସ

ରାଉରକେଲା, ୨୮।୭(ସଙ୍ଗୀତା ଜେନା)

ମଧ୍ୟପ୍ରଦେଶ ଗ୍ୱାଲିୟରର ୪ଜଣ ପୋଲିସ ଅଧିକାରୀ ରାଉରକେଲା ଆସି ଜଣେ ଛିନ୍ତାଇ ଅଭିଯୁକ୍ତଙ୍କୁ ଧରି ଶୁକ୍ରବାର ଫେରିଯାଇଥିବା ଜଣାପଡ଼ିଛି। ମାଲଗୋଦାମ ଅଞ୍ଚଳର ଉକ୍ତ ଅଭିଯୁକ୍ତଙ୍କୁ ଗୁରୁବାର ରାତିରୁ ସ୍ଥାନୀୟ ପୋଲିସ ସହାୟତାରେ ଧରିବା ପାଇଁ ଯୋଜନା କରାଯାଇଥିଲା। ସୂଚନାଯୋଗ୍ୟ, ମାଲଗୋଦାମ ଅଞ୍ଚଳର ଉକ୍ତ ଅଭିଯୁକ୍ତଙ୍କ ନାମରେ ଝିରପାଣି, ସେକ୍ଟର-୩, ସେକ୍ଟର-୭ ସମେତ ଅନ୍ୟ ଥାନାରେ ଆପରାଧିକ ମାମଲା ରହିଛି।



ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ସେକ୍ଟର-୧୬ ଇ-ବ୍ଲକ ସମ୍ମୁଖ ରାସ୍ତାକଡ଼ରେ ପଡିଥିବା ଅଳିଆ ଆବର୍ଜନାକୁ ଗୋରୁ ଖାଉଛନ୍ତି। (ଫଟୋ: ବିବେକ)

# ରୋକାଯାଉନି ବାଲି ଚୋରାଚାଲାଣ

ରାଉରକେଲା, ୨୮।୭(ସଙ୍ଗୀତା ଜେନା)

- ନାମକୁ ମାତ୍ର ପ୍ରଶାସନର ଧରପଗଡ଼
- ଚୋରା ଘାଟ ଉପରେ ମାଫିଆଙ୍କ ନଜର
- ଇସ୍ପାତ ଓ ଖଣି ବିଭାଗକୁ ଗଲାଣି ୩ ଘାଟ

କୋଏଲ ଓ ଶଙ୍ଖ ନଦୀର ବିଭିନ୍ନ ଘାଟରୁ ବାଲି ଚୋରାଚାଲାଣ ବଢ଼ିବାରେ ଲାଗିଛି। ଦିନରାତି ମେସିନ ବ୍ୟବହାର କରି ବାଲି ଉଠାଣ ହେଉଛି ଏବଂ ଡମ୍ପର ଓ ଟ୍ରକ ଯୋଗେ ବିଭିନ୍ନ ସ୍ଥାନକୁ ପଠାଯାଉଛି। ସରକାରୀ ନିୟମକୁ ଅଣଦେଖା କରି ବାଲି ଉଠାଯାଉଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ହେଉଛି। ସେହିପରି ସରକାରୀ ସ୍ଥିରୀକୃତ ବାଲିଘାଟ ବ୍ୟତୀତ ଅନେକ ଚୋରା ଘାଟ ମଧ୍ୟ ରହିଛି। ଏହି ଚୋରା ଘାଟଗୁଡ଼ିକରୁ ବାଲି ମାଫିଆମାନେ ବେଆଇନ ଭାବେ ବାଲି ଉଠାଉଛନ୍ତି। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ଲୋକଦେଖାଣିଆ ନାମକୁ ମାତ୍ର ଧରପଗଡ଼ କରାଯାଉଛି। ଫଳରେ ବାଲି ଚୋରା ଚାଲାଣକୁ ରୋକି ହେଉନାହିଁ ବୋଲି ସାଧାରଣରେ ଆଲୋଚନା ଚାଲିଛି।

ବିଭାଗୀୟ ସୂଚନା ଅନୁସାରେ, ବର୍ତ୍ତମାନ ରାଉରକେଲା ତହସିଲ ଅଧୀନରେ ତୁମକେଲା, କୋଏଲ ନଦୀର



ନଦୀରୁ ବେଆଇନ ଭାବେ ବାଲି ଚାଲାଣ କରାଯାଉଛି।

ପ୍ରଧାନପାଲି, ତର୍କେରା ବାଲିଘାଟ ୨ ଓ ୬, ତର୍କେରା ବାଲିଘାଟ ୩, ପଥରପାଣି ଝରାବାହାଲ ୧, ଟାଙ୍ଗରପାଲୀ ୧, ପଥରପାଣି -ଝରାବାହାଲ ୨ ସମେତ ୧୦ଟି ବାଲିଘାଟ ରହିଛି। ତେବେ ଏହିସବୁ ବାଲିଘାଟ ମଧ୍ୟରୁ କିଛି ନିଲାମ ହୋଇଥିବା ବେଳେ ଆଉ କିଛି ଘାଟ ନିଲାମ ହୋଇନାହିଁ। ନିଲାମ ହୋଇ ନ ଥିବା ଘାଟରୁ ମାଫିଆମାନେ ବାଲି ଉଠାଇ ଚାଲାଣ କରୁଛନ୍ତି । ଅନ୍ୟପକ୍ଷେ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢାଉ କରାଯାଉଛି। ୨୦୨୨-୨୩ ବର୍ଷରେ ୭,୮୧,୯୦୧ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ତ୍ରୈମାସିକରେ ବିଭିନ୍ନ ଥାନା ଅଞ୍ଚଳରେ ୯ଟି ବାଲି ଗାଡ଼ି ଧରାପଡ଼ିବା ସହ ୧,୧୨,୪୬୫ ଟଙ୍କା ଜରିମାନା ଆଦାୟ ହୋଇଛି। ଏଥିସହ ଖୁବ୍‌ଶୀଘ୍ର ବାଲିଘାଟଗୁଡ଼ିକର ମାଲିକାନା ଇସ୍ପାତ ଓ ଖଣି ବିଭାଗକୁ ଯିବା ପ୍ରକ୍ରିୟା ଆରମ୍ଭ ହେବ। କୋଏଲନଗର ଘାଟ, ତର୍କେରା ୨ ଓ ୩ ଇତିମଧ୍ୟରେ ଇସ୍ପାତ ଓ ଖଣି ବିଭାଗ ଦ୍ୱାରା ପରିଚାଳିତ ହେଲାଣି। ଅନୁରୂପ ଭାବେ ଟାଙ୍ଗରପାଲି ବାଲିଘାଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ଏହି ଘାଟଗୁଡ଼ିକ ଇସ୍ପାତ ଓ ଖଣି ବିଭାଗ ଅନ୍ତର୍ଭୁକ୍ତ ହେଲେ ଏହାର ଟେଣ୍ଡର ପ୍ରକ୍ରିୟା ସହ ହାଇଟେକ ଭାବେ ଧରପଗଡ଼ କରାଯିବ। ବାଲି ଟ୍ରକ୍‌ଗୁଡ଼ିକୁ ଅନ୍‌ଲାଇନ ପରମିଟ ପ୍ରଦାନ ସାଙ୍ଗକୁ ଜିପିଆର୍‌ଏସ୍ ଦ୍ୱାରା ପରିଚାଳିତ କରାଯିବ। ଏହାଦ୍ୱାରା ବେଆଇନ ବାଲି ଉଠାଣ ଓ ମନମୁଖି କାରବାର ଉପରେ ଅଙ୍କୁଶ ଲାଗିବ ବୋଲି ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲିକ କହିଛନ୍ତି।

# ଡେଙ୍ଗୁକୁ ଡାକୁଛି ମୁକୁଳା ନାଳ

ରାଉରକେଲା, ୨୮।୭(ଦିନେଶ ମିଶ୍ର)

**ଖଡିଆପଡା ବସ୍ତି**

ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ ଅଧୀନ ୱାର୍ଡ ନଂ-୯ର ଖଡିଆପଡା ବସ୍ତିରେ ଡ୍ରେନେଜ ସମସ୍ୟା ଯୋଗୁ ଲୋକେ ହଇରାଣ ହେଉଛନ୍ତି। ଏ ନେଇ ସେମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ଖଡିଆପଡା ବସ୍ତିରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହି ବସ୍ତିରେ ଥିବା ଡ୍ରେନ ମୁକୁଳା ପଡିଥିବାରୁ ଅଧିକାଂଶ ସମୟରେ ନର୍ଦ୍ଦମା ପାଣି ରାସ୍ତାରେ ଭାସୁଛି। ମୁକୁଳା ପଡିଥିବାରୁ ବୁଲାପଶୁ ଏହି ନାଳରେ ପଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ବର୍ଷାଦିନେ ନର୍ଦ୍ଦମା ପାଣି ରାସ୍ତା ଉପରେ ଭାସୁଛି। ବସ୍ତି ଲୋକଙ୍କ ଗାଧୁଆ ପାଣି, ଅଇଁଠା ଧୁଆ ପାଣି ଏହି ନାଳ ଦେଇ ଯାଉଛି। ଆର୍‌ଏମ୍‌ସି କର୍ମଚାରୀ ଏହି ନାଳକୁ ଦୀର୍ଘଦିନ ହେଲା ସଫେଇ କରି ନ ଥିବା ଅଭିଯୋଗ ହୋଇଛି। ନାଳରେ ଅପରିଷ୍କାର ପାଣି ଜମିରହିଥିବାରୁ ସେଠାରେ ମଶା, ମାଛି ବଂଶ ବିସ୍ତାର କଲେଣି। ଏହାର ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ଡେଙ୍ଗୁ ରୋଗ ବ୍ୟାପିବା ବସ୍ତିବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବସ୍ତିର ଶୁକ୍ରା ମିଞ୍ଜ କୁହନ୍ତି, ଆମ ବସ୍ତିରେ ମୁଖ୍ୟ ନାଳ ନ ଥିବାରୁ ବିଭିନ୍ନ ସମୟରେ ରାସ୍ତା ଉପରେ ପାଣି ଭାସୁଥାଏ। ଆର୍‌ଏମ୍‌ସି ପକ୍ଷରୁ ବସ୍ତିରେ ନାଳ କାମ କରାଗଲେ ବସ୍ତିବାସୀ ଉପକୃତ ହୁଅନ୍ତେ। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ବସ୍ତିଟିର ଅଧିକାଂଶ ଅଞ୍ଚଳ ଜଙ୍ଗଲ ଜମି ଉପରେ ଗଢି ଉଠିଛି। ଫଳରେ ଉକ୍ତ ବସ୍ତିରେ ଡ୍ରେନେଜ ବ୍ୟବସ୍ଥା କରାଯାଇନାହିଁ। ତଥାପି ଉକ୍ତ ବସ୍ତି ପରିଦର୍ଶନ କରି ମୁକୁଳା ପଡିଥିବା ନାଳ ସଫେଇ ବ୍ୟବସ୍ଥା କରିବୁ।



ଖଡ଼ିଆପଡା ବସ୍ତିରେ ଥିବା ଡ୍ରେନ୍।

# ବର୍ଷା ହେଲେ ଘରେ ପଶୁଛି ପାଣି

ରାଉରକେଲା, ୨୮।୭(ବିପ୍ଳବ ରଞ୍ଜନ ଦାଶ)

**ଟିସିଆଇ ବିଶ୍ୱକର୍ମା ବିହାର ବସ୍ତି**

ବର୍ଷା ହେଲେ ରାଉରକେଲା ଟିସିଆଇ ବିଶ୍ୱକର୍ମା ବିହାର ବସ୍ତି ବାସିନ୍ଦାଙ୍କ ଦୁର୍ଦ୍ଦଶା ବଢୁଛି। ବସ୍ତିରେ ଆଣ୍ଠୁଏ ପାଣି ଜମିବା ସହ ଘରେ ପଶୁଛି। ଫଳରେ ବସ୍ତି ବାସିନ୍ଦାଙ୍କ ଘରୁ ବାହାରିବାଟା ମୁସ୍କିଲ ହୋଇପଡୁଛି। ତେବେ ଏଭଳି ପରିସ୍ଥିତି ପାଇଁ ବୀରମିତ୍ରପୁର-ଲହୁଣୀପଡା ଜାତୀୟ ରାଜପଥ ନିର୍ମାଣ କାମ ଦାୟୀ ବୋଲି ସ୍ଥାନୀୟ ବସ୍ତିବାସୀ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ୨୦୧୬-୧୭ରେ ଉକ୍ତ ରାଜପଥ ନିର୍ମାଣ ସମୟରେ ବିଶ୍ୱକର୍ମା ବିହାର ବସ୍ତି ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥ ଡ୍ରେନ୍‌କୁ ପୋତି ଦିଆଗଲା। ଫଳରେ ବର୍ଷା ସମୟରେ ଜାତୀୟ ରାଜପଥ ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସିଧାସଳଖ ବସ୍ତି ମଧ୍ୟକୁ ପଶିଲା। ୪ବର୍ଷ ହେଲା ବର୍ଷା ସମୟରେ ବସ୍ତିର ପାଖାପାଖି ୨ହଜାର ଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ବସ୍ତିର ଛୋଟୁ ଭୁମିଜ, ଗୁପ୍ତେଶ୍ୱର ଶର୍ମା, ବିଶ୍ୱନାଥ ପ୍ରସାଦ ପ୍ରମୁଖ କହିଛନ୍ତି। ଏହି ସମସ୍ୟାର ସମାଧାନ ନ ହେଲେ ଆଗକୁ ଆର୍‌ଏମ୍‌ସି ଆଗରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ବସ୍ତିରେ ବର୍ଷା ପାଣି ଜମି ରହିଛି।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ଔଷଧ

ରାଉରକେଲା, ୨୮।୭(ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ସରକାରଙ୍କ ସିଟି ହେଲ୍‌ଥ ମିଶନ ଯୋଜନାରେ ରାଉରକେଲା ସହରର ଲକ୍ଷ ଲକ୍ଷ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ସେବା ଯୋଗାଇ ଦେବା ବ୍ୟବସ୍ଥା କରାଯାଇଛି। ୫୦ହଜାର ଜନସଂଖ୍ୟାରେ ସହରର ବସ୍ତିବାସିନ୍ଦାଙ୍କ ପାଇଁ ଗୋଟିଏ ଲେଖାଏ ସମନ୍ୱିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହୋଇଛି। ଏହିକ୍ରମରେ ରାଉରକେଲା ବସ୍ତି ଅଞ୍ଚଳରେ ରହୁଥିବା ୫ରୁ ୬ଲକ୍ଷ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଦେବା ପାଇଁ ୧୦ଟି ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ବିଶେଷଜ୍ଞ ଡାକ୍ତର ରୋଗୀମାନଙ୍କୁ ପରୀକ୍ଷା କରି ଆବଶ୍ୟକ ମୁତାବକ ଔଷଧ ଲେଖି ଦେଉଛନ୍ତି। ମାତ୍ର ଏସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଓ ରୋଗ ଅନୁସାରେ ଔଷଧ ଉପଲବ୍ଧ ହେଉନାହିଁ। ଫଳରେ ଏଠାକୁ ଆସୁଥିବା ରୋଗୀମାନେ ବାହାରୁ ଔଷଧ




ବାସନ୍ତୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

କିଣିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷେ ଅଧିକାଂଶ ସ୍ୱାସ୍ଥ୍ୟକେନ୍ଦ୍ରରେ ଫ୍ରିଜର ବ୍ୟବସ୍ଥା ନ ଥିବାରୁ କୋଟି କୋଟି ଟଙ୍କା ଔଷଧପତ୍ର ଖୋଲାରେ ରଖାଯାଉଛି। ଫଳରେ ମୂଲ୍ୟବାନ ଔଷଧ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ଶିଶୁମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଜରୁରୀକାଳୀନ ଡ୍ରପ୍ ମଧ୍ୟ ଆସୁ ନ ଥିବା ବସ୍ତି ଅଞ୍ଚଳର ରୋଗୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ବାସନ୍ତୀ ସମନ୍ୱିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜନୈକ କର୍ମଚାରୀ ନିଜ ନାଁ ଗୋପନ ରଖି କହିଛନ୍ତି, ଏଠାରେ ମଧୁମେହ ଓ ରକ୍ତଚାପ ଜନିତ ମେଡିସିନ ସହ ଶିଶୁ ମାନଙ୍କ ଡ୍ରପ୍ ଉପଲବ୍ଧ ହେଉନି। ମେଡିସିନ ରଖିବା ପାଇଁ ଫ୍ରିଜର ବ୍ୟବସ୍ଥା ନ ଥିବାରୁ ଔଷଧ ନଷ୍ଟ ହେଉଛି। ଏ ସମ୍ପର୍କରେ ଜିଲା ମେଡିସିନ ଷ୍ଟୋରର ଫାର୍ମାସିଷ୍ଟ ନିତ୍ୟାନନ୍ଦ ରଣାଙ୍କୁ ପଚାରିବାରୁ ସେ କହିଲେ, ୧୦ କେନ୍ଦ୍ରକୁ ନିୟମିତ ଔଷଧ ଯାଉଥିଲା। କିଛିଦିନ ହେଲା ଉପରୁ ମେଡିସିନ ନ ଆସିବାରୁ ବନ୍ଦ ଥିଲା। ଏବେ ମେଡିସିନ ଆସିଯାଇଛି। ଶନିବାରଠାରୁ କେନ୍ଦ୍ରମାନଙ୍କରେ ମେଡିସିନ ପହଞ୍ଚିବ ବୋଲି ରଣା କହିଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସରୋଜ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯେଭଳି ତୁରନ୍ତ ଔଷଧ ପହଞ୍ଚିବ ସେ ନେଇ ବ୍ୟବସ୍ଥା ହେବ। ଯିଏ ଅବହେଳା କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର କହିଥିଲେ।

# ଗଞ୍ଜେଇ ଜବତ, ଯୁବକ ଗିରଫ

ରାଉରକେଲା, ୨୮।୭(ସଙ୍ଗୀତା ଜେନା)

ରାଉରକେଲା ରେଲ ଷ୍ଟେଶନ ପାର୍କିଂ ଅଞ୍ଚଳରୁ ଆରପିଏଫ୍ ବ୍ୟାପକ ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବିହାର ପୂର୍ବ ଚମ୍ପାରଣର ବିଦୂର ସନୋଦିଆ(୩୧)। ତାଙ୍କଠାରୁ ୧୩ କେଜି ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଆରପିଏଫ ଏକ ମାମଲା (ନଂ.୧୫୧।୨୩) ରୁଜୁ କରି ଆଗାମୀ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୁକ୍ତଙ୍କୁ ରାଉରକେଲା ଅବକାରୀ ବିଭାଗକୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ଅଭିଯୁକ୍ତ ଏକ ବ୍ୟାଗରେ ଗଞ୍ଜେଇ ଧରି ବିହାର ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିଲେ। ସନ୍ଦେହ ହେବାରୁ ଆରପିଏଫ ଥାନାଧିକାରୀ ଶିବଲହରୀ ମୀନା, ଏଏସ୍ଆଇ ରାଜେଶ କୁମାର, ଓମକାର ସିଂ, ମଧୁରଞ୍ଜନ, ବଷ୍ଟି କୁମାର, ବିନୟ ସିଂ ଯାଦବ ପ୍ରମୁଖ ଚଢାଉ କରିଥିଲେ।

# ଉଦିତନଗରରେ ଖାଦ୍ୟ ବିଭାଗ ପକ୍ଷରୁ ଚଢ଼ାଉ

ରାଉରକେଲା, ୨୮।୭(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଉଦିତନଗର ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ୧୯ଟି ୟୁନିଟରେ ଯାଞ୍ଚ କରାଯିବା ସହ ୨୩ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ୱାଗତିକା ବେହେରା, ଦୀକ୍ଷା ଦେଙ୍କ ସମେତ ଅନ୍ୟମାନେ ଚଢ଼ାଉରେ ସାମିଲ ହୋଇଥିଲେ।

# ପାଇପ୍ ଫାଟି ରାସ୍ତାରେ ପାଣି

ରାଉରକେଲା, ୨୮।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପାନପୋଷ ରେଲୱେ ଷ୍ଟେଶନ ଗାନ୍ଧୀଛକ ରାସ୍ତାରେ ପାଇପ୍ ଫାଟି ପାନୀୟ ଜଳ ନଷ୍ଟ ହେଉଛି। ୪ମାସ ହେଲା ଏଭଳି ପାଣି ଅପଚୟ ହେଉଥିବା ବେଳେ ତାକୁ ମରାମତି କରାଯାଉନାହିଁ। ଏ ନେଇ ସ୍ଥାନୀୟ ବ୍ୟବସାୟୀମାନେ ରାଉରକେଲା ପିଏଚ୍‌ଡି ବିଭାଗଠାରୁ ଆରମ୍ଭ କରି ଜିଲା ପ୍ରଶାସନଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ସୂଚନା ଅନୁସାରେ, ୪ ମାସ ତଳେ ଛକରେ ଆପରାଧିକ ଗତିବିଧି ରୋକିବା ନେଇ ସ୍ମାର୍ଟସିଟି ପକ୍ଷରୁ ରାଉରକେଲା ସହରରେ ସିସି କ୍ୟାମେରା ଲଗାଗଲା। ଏଥିପାଇଁ ଗାନ୍ଧୀଛକ ସମେତ ବିଭିନ୍ନ ଛକରେ ଖୁଣ୍ଟ ପୋତାଗଲା। ତେବେ ଗାନ୍ଧୀଛକରେ ଖୁଣ୍ଟ ପୋତାଯିବା ସ୍ଥାନରେ ମାଟିତଳେ ପାନପୋଷ ବସ୍ତିକୁ ଯାଇଥିବା ପିଏଚ୍‌ଡି ପାଇପ ରହିଥିଲା। ଏଣୁ ଉକ୍ତ ସ୍ଥାନରେ ଖୁଣ୍ଟ ନ ପୋତି ଅନ୍ୟତ୍ର



ଗାନ୍ଧୀଛକ ରାସ୍ତାରେ ପାଣି ଭାସୁଛି।

ପୋତିବା ପାଇଁ ସ୍ଥାନୀୟ ବ୍ୟବସାୟୀମାନେ କହିଥିଲେ। ମାତ୍ର ସେମାନଙ୍କ କଥାକୁ ଏଡାଇ ଦେଇ ଉକ୍ତ ସ୍ଥାନରେ ଖୁଣ୍ଟ ପୋତି ଦିଆଗଲା। ଫଳରେ ପାଇପ ଫାଟିଯିବାରୁ ରାସ୍ତା ଉପରେ ପାଣି ଭାସୁଛି। ଏଥିସହ ରାସ୍ତା କାଦୁଅ ହେଉଥିବା ବେଳେ ଯାନବାହନ ଯାତାୟାତ ସମୟରେ ପାଣି ଛିଟ୍‌କା ମାରି ଦୋକାନରେ ପଡୁଛି। ତୁରନ୍ତ ଏହି ଛକରେ ଲଗାଯାଇଥିବା ସିସିଟିଭି କ୍ୟାମେରା ଖୁଣ୍ଟକୁ ଅନ୍ୟତ୍ର ପୋତିବାକୁ ସନ୍ତୋଷ ସାହୁ, ଅନୀଲ ସାହୁ ଓ ଗୁଡ୍ଡୁ ଝା ପ୍ରମୁଖ ବ୍ୟବସାୟୀ ଦାବିକରିଛନ୍ତି। ଏ ନେଇ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ତୁରନ୍ତ ଉକ୍ତ ଖୁଣ୍ଟକୁ ଅନ୍ୟତ୍ର ପୋତିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ଓଡ଼ିଶା ସୀମାନ୍ତରେ ଲାଗିଲା ପୋଷ୍ଟର

ରାଉରକେଲା, ୨୮।୭(ସଙ୍ଗୀତା ଜେନା)

**ମାଓବାଦୀଙ୍କ ଶହୀଦ ସପ୍ତାହ ପାଳନ**

ଜୁଲାଇ ୨୮ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ମାଓବାଦୀମାନେ ଶହୀଦ ସପ୍ତାହ ପାଳନ ପାଇଁ ଡାକରା ଦେଇଛନ୍ତି। ଏଥିପାଇଁ ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳ ଗୁଡ଼ିକରେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଏଥିଯୋଗୁ ଉଭୟ ରାଜ୍ୟକୁ ବସ୍‌ସେବା କିଛି ମାତ୍ରାରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ସୀମାରେ ଯାନବାହନକୁ କଡ଼ା ଯାଞ୍ଚ କରାଯାଉଛି। ସେହିପରି ଓଡ଼ିଶା ସୀମାନ୍ତ ମନୋହରପୁର ଅଞ୍ଚଳରେ ଶୁକ୍ରବାର ସକାଳେ ମାଓବାଦୀ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି। ଓଡ଼ିଶାର ବିଶ୍ରା ବ୍ଲକ ସଂଲଗ୍ନ ଝାଡ଼ଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳ ଶାନ୍ତିଶୃଙ୍ଖଳାରେ ଥିବାବେଳେ ପଶ୍ଚିମ ସିଂହଭୂମ ମନୋହରପୁର ପ୍ରଖଣ୍ଡ ମୁଖ୍ୟାଳୟ ନିକଟରେ ମାଓବାଦୀମାନେ ପୋଷ୍ଟର ଲଗାଇ ଦିବଂଗତ ମାଓବାଦୀ



ଓଡ଼ିଶା ସୀମାନ୍ତ ମନୋହରପୁରରେ ମାଓବାଦୀ ପୋଷ୍ଟର।

ନେତାମାନଙ୍କ ଉଦ୍ଦେଶ୍ୟରେ ଶହୀଦ ସପ୍ତାହ ପାଳନ କରୁଛନ୍ତି। ସେହିପରି ମାଓବାଦୀ ସଙ୍ଗଠନ ପକ୍ଷରୁ ମନୋହରପୁର ଥାନା ଅଞ୍ଚଳର ଅନେକ ସ୍ଥାନରେ ଏଭଳି ପୋଷ୍ଟର ଲଗାଯାଇଥିବା ଦେଖାଯାଇଛି। ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷାବଳ କରୁଥିବା ମାଓବାଦୀ ଦମନ କାର୍ଯ୍ୟରୁ ଓହରିଯିବାକୁ ପୋଷ୍ଟରରେ କୁହାଯାଇଛି। ଏଥିପାଇଁ ସୀମାନ୍ତ ଭାଲୁଲତା, ଜରେଇକେଲା, ମନୋହରପୁର, ଗୁଆ, ଜାମଦା, ଟୋବୋ ଘାଟି, ଡଙ୍ଗାପୋଷି, ସୋନୁଆ, ଗୋଇଲକେରା ଆଦି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ମାଓବାଦୀମାନେ ବସ୍ ରୁଟ ଅପେକ୍ଷା ଟ୍ରେନ ରୁଟ୍‌କୁ କ୍ଷତି କରିବାକୁ ଅଧିକ ପ୍ରୟାସ କରନ୍ତି। ଏ ସମ୍ପର୍କରେ ବିଶ୍ରା ଥାନା ଅଧିକାରୀ ଭଗବାନ ପୂଜାରୀ କହିଛନ୍ତି, ମାଓବାଦୀମାନେ ଶହୀଦ ସପ୍ତାହ ପାଳନ ଡାକରା ଦେଇଛନ୍ତି। ଏଥିପାଇଁ ଓଡ଼ିଶା ପୋଲିସ ସଜାଗ ରହିଛି। ଏପର୍ଯ୍ୟନ୍ତ କୌଣସି ମାମଲା ସାମ୍ନାକୁ ଆସିନାହିଁ। ଆନ୍ତଃରାଜ୍ୟ ବସ ଚଳାଚଳ କରୁଛି ବୋଲି ପୂଜାରୀ କହିଥିଲେ।

ସୂଚନାଯୋଗ୍ୟ, ସୀମାନ୍ତ ଦେଇ ପ୍ରତ୍ୟେକ ଦିନ ରାଉରକେଲାରୁ ଝାଡ଼ଖଣ୍ଡ ଗୁମଲା, ରାଞ୍ଚି, ସିମଡ଼େଗା, କୁଡୁ, ଲାତେହାର, ଗୟା ଓ ଅନ୍ୟ ଅଞ୍ଚଳକୁ ୬୦ରୁ ଊର୍ଦ୍ଧ୍ୱ ବସ୍ ଚଳାଚଳ କରୁଛି। ସେହିପରି ସିଆରପିଏଫ, ସୁରକ୍ଷା ବଳ ମିଳିତ ଭାବେ ଗତ ୬ମାସରୁ ମାଓବାଦୀ ଦମନ ଅପରେଶନ ଜାରି ରଖିଛନ୍ତି। ଏଥିରେ ମାଓବାଦୀମାନେ ଉତ୍ୟକ୍ତ ହୋଇ ବିଭିନ୍ନ ସମୟରେ ଆଇଇଡ଼ି ଖଞ୍ଜିବା ସହ ବିସ୍ଫୋରକ ଲଗାଇ ଆକ୍ରମଣ କରୁଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ସମ୍ବଲପୁର,(ବି.ଶଙ୍କର): ସିର୍ଦ୍ଦେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗରେ ବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ୧ଶହ ଜଣ ଶିଶୁ ଭାଗ ନେଇଥିଲେ। ଶିକ୍ଷକ ତପୋବନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲିପ କୁମାର ପାଢ଼ୀ ବିଜ୍ଞାନ ମେଳା ଆୟୋଜନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ନିରୂପମା ପଟେଲ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀ, ଲଳିତକଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ପୂର୍ବାହ୍ନ ୧୧ଟା।

# ଉତ୍ସବ ମାଧ୍ୟମରେ ଭାଷା, ସଂସ୍କୃତିର ପ୍ରଚାର

ସମ୍ବଲପୁର,୨୮।୭(ବି.ଶଙ୍କର)



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ସମ୍ବଲପୁରୀ ଦିନ୍ ଏକ ଉତ୍ସବ ହୋଇ ରହିନାହିଁ ପରନ୍ତୁ ଏହା ସମ୍ବଲପୁରୀ ଭାଷା, ସଂସ୍କୃତି, ପରମ୍ପରା ପ୍ରଚାରପ୍ରସାରର ଏକ ମାଧ୍ୟମ ହୋଇଛି। ମହାନଦୀ କ୍ଲବ ସଭାକକ୍ଷରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ କର୍ମକର୍ତ୍ତାମାନେ ଏହା କହିଛନ୍ତି।

ସେମାନେ ଆହୁରି କହିଥିଲେ, ମଞ୍ଚ ପକ୍ଷରୁ ସମ୍ବଲପୁର ସମେତ ରାଜ୍ୟର ୪୦ଟି ସ୍ଥାନରେ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କର ଜନ୍ମଦିନକୁ ସମ୍ବଲପୁରୀ ଦିନ୍ ଭାବେ ପାଳନ କରାଯାଇ ଆସୁଛି। ଅଗଷ୍ଟ ୧ରେ ଜେଲ ଛକରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଳନ କରାଯିବ। ଏହାକୁ ନେଇ ଦୁଇଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରୀ ଭାଷାରେ ଭିଡିଓ ଜରିଆରେ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି, ଯାହା ସମ୍ବଲପୁରୀ ଭାଷାକୁ ଆହୁରି ଋଦ୍ଧିମନ୍ତ କରିବ। ଜୁଲାଇ ୩୦ରେ ରଙ୍ଗୋଲି, ଚିତ୍ରାଙ୍କନ, ବାଇକ୍ ରାଲି ସମ୍ବଲପୁର ସହର ପରିକ୍ରମା କରିବ।

- ଅଗଷ୍ଟ ୧ରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍
- ସମ୍ବଲପୁରୀ ଭାଷାରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା

ଏହି ସମାରୋହରେ ସମ୍ବଲପୁରୀ କବିତା ପାଠ, ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସାଂସ୍କୃତିକ ଦଳଗୁଡିକ ସାମିଲ ହୋଇ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସାହିତ୍ୟିକ ଅମୃତଲାଲ ସାହୁଙ୍କୁ ଗୁରୁ ଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ ପ୍ରଦାନ କରାଯିବ। ବର୍ତ୍ତମାନ ପର୍ଯ୍ୟନ୍ତ ଫଟୋ ପ୍ରତିଯୋଗିତାରେ ୨୫ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିବା ବେଳେ କୃତୀମାନଙ୍କୁ ମୁଖ୍ୟ ମଞ୍ଚରେ ସମ୍ମାନିତ କରାଯିବ। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମସ୍ତ ସରକାରୀ କର୍ମଚାରୀଙ୍କୁ ଅଗଷ୍ଟ ୧ରେ ସମ୍ବଲପୁରୀ ବସ୍ତ୍ର ପରିଧାନ ଲାଗି ସରକାରୀ ନିର୍ଦ୍ଦେଶ ଜାରି କରିବାକୁ ପଶ୍ଚିମାଞ୍ଚଳର ସମସ୍ତ ଜିଲାପାଳମାନଙ୍କୁ ଅନୁରୋଧ କରାଯିବ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ବଲପୁରୀ ଦିନ୍ ସଂଯୋଜକ ଡ. ପ୍ରମୋଦ ରଥ, ଆବାହକ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସମ୍ବଲପୁରୀ ଭାଷା ସାହିତ୍ୟ ସଂଯୋଜିକା ପଙ୍କଜିନି ମେହେର, ମହିଳା ସଂଯୋଜିକା କାନ୍ତି ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଗାୟତ୍ରୀ ପୀଠରେ ପହଞ୍ଚିଲା ଶକ୍ତି କଳସ

ସମ୍ବଲପୁର,୨୮।୭(ବି.ଶଙ୍କର)

ହରିଦ୍ୱାର ଶାନ୍ତିକୁଞ୍ଜରୁ ଅଭିମନ୍ତ୍ରିତ ହୋଇ ଆସିଥିବା ଶକ୍ତି କଳସ ସମ୍ବଲପୁର କମଳିବଜାରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଗୁରୁବାର ରାତ୍ରିରେ ପହଞ୍ଚିଛି। ପୂଜାର୍ଚ୍ଚନା ପରେ ଏହାକୁ ପୀଠରେ ସ୍ଥାପନା କରାଯାଇଛି। ଆସନ୍ତା ଡିସେମ୍ବର ୨୭ରୁ ୩୦ ପର୍ଯ୍ୟନ୍ତ ସମ୍ବଲପୁର ରେମେଡଠାରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଏହି ଶକ୍ତି କଳସ ଅଣାଯାଇଛି। ଗତ ୨୦ ତାରିଖରେ ଯଜ୍ଞ ପରିଚାଳନା କମିଟି ଅଧ୍ୟକ୍ଷ ଦୀନଦୟାଲ ଅଗ୍ରୱାଲଙ୍କ ନେତୃତ୍ୱରେ ଉପେନ୍ଦ୍ର କୁମାର ପାଢ଼ୀ, ବାନାମ୍ବର ସର, ଦିଲୀପ ସାନବଡ଼, ଦୀପ୍ତିମୟୀ ବାରିକଙ୍କ ସମେତ ୨୩୦ଜଣ ଗାୟତ୍ରୀ ପରିବାର ସଭ୍ୟାସଭ୍ୟ ଏହି କଳସ ଆଣିବା ପାଇଁ ହରିଦ୍ୱାରକୁ ଯାଇଥିଲେ। ରାତିରେ ସମ୍ବଲପୁର ରେଳ ଷ୍ଟେଶନରେ ପହଞ୍ଚିବା ପରେ ନଳିନୀକାନ୍ତ ନାଥ, ସତ୍ୟନାରାୟଣ ପଟେଲ, ମଦନ ପାତ୍ର, ନଳିନୀ ପୂଜାରୀ ସ୍ୱାଗତ କରି ଗାୟତ୍ରୀ ଶକ୍ତିପୀଠକୁ ଆଣିଥିଲେ। ଆସନ୍ତା ୯ଦିନ ଯାଏ ଗାୟତ୍ରୀ ଜପ କରାଯିବା ପରେ ଏହି ଶକ୍ତି କଳସ ପଶ୍ଚିମ ଓଡ଼ିଶାର ୧୧ଟି ଜିଲାରେ ପରିକ୍ରମା କରି ଗାୟତ୍ରୀ ମହାଯଜ୍ଞର ପ୍ରଚାର କରିବ। ଝାରସୁଗୁଡା ରେଳ ଷ୍ଟେଶନଠାରେ ସାମାଜିକ କର୍ମୀ ରମେଶ ଗାନ୍ଧୀ, ଅର୍ଜୁନ ମୋର, ସୋନୁ ଥିରାନି, ଗୋବିନ୍ଦ ସାକୁନିଆ, ରାଜା ଟିବ୍ରିୱାଲ, ଶ୍ରୀୟମ ମହାପାତ୍ରଙ୍କ ସମେତ ଝାରସୁଗୁଡା ଗାୟତ୍ରୀ ପରିବାରର ସଦସ୍ୟ ଶକ୍ତି କଳସକୁ ସ୍ୱାଗତ କରିଥିଲେ।



କମଳିବଜାରଠାରେ ଶକ୍ତି କଳସକୁ ସ୍ୱାଗତ କରାଯାଉଛି।

## ହାତୀ ଚଳପ୍ରଚଳରୁ ବିଦ୍ୟୁତ୍ ସେବା ବ୍ୟାହତ

ସମ୍ବଲପୁର,୨୮।୭(ଶୁଭାଶିଷ ପାଢ଼ୀ)

ନୂଆପଡା ଜିଲା ଖରିଆର ବ୍ଲକ ଖାସନବାହଲ ଜନବସତି ଅଞ୍ଚଳରେ ହାତୀ ଚଳପ୍ରଚଳ ଯୋଗୁ ୪ଦିନ ହେଲା ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏଥିରେ ଖାସନବାହା, ଅର୍ତ୍ତତ୍ରାଣପୁର, ଚଚାରାଭଟା, ବାକରପୁର, ଦହେଲପଡା, ଚାଣ୍ଡେଲ, ବହଲପଦର, କିରନପୁର ପ୍ରଭୃତି ଗ୍ରାମ ପ୍ରଭାବିତ ହୋଇଛି। ସୂଚନା ଅନୁସାରେ ଏକ ଦନ୍ତା ହାତୀ ଧର୍ମଗଡ ଜଙ୍ଗଲରୁ ଛତିଶଗଡ ଯିବା ସମୟରେ ହାତୀପଲଠାରୁ ଅଲାଗା ହୋଇଯାଇଥିଲା। ଉକ୍ତ ଦନ୍ତାଟି ସିନାପାଲି ବ୍ଲକ ଦେଇ ଖରିଆର ବ୍ଲକ ଅଞ୍ଚଳରେ ଥିବା ଖାସନବାହାଳ ଜଙ୍ଗଲରେ ବୁଲୁଛି। ହାତୀର ଜୀବନ ରକ୍ଷା ଦୃଷ୍ଟିରୁ ଟିପିଡବ୍ଲ୍ୟୁଓଡିଏଲ୍ ଖରିଆର ସବ୍‌ଡିଭିଜନରେ ବନ ବିଭାଗ କର୍ମଚାରୀଙ୍କ ସହ ଯୋଗସୂତ୍ର ରକ୍ଷା କରି ହାତୀର ଚଳପ୍ରଚଳକୁ ଦେଖି ବିଦ୍ୟୁତ୍ ସରବରାହ ବନ୍ଦ କରୁଛି। ଫଳରେ ଗ୍ରାମଗୁଡିକରେ ବିଦ୍ୟୁତ୍ ସେବା ବ୍ୟାହତ ହେଉଛି । ଗ୍ରାହକମାନଙ୍କୁ ହୋଇଥିବା ଅସୁବିଧା ପାଇଁ କମ୍ପାନୀ ଦୁଃଖ ପ୍ରକାଶ କରୁଛି ବୋଲି ସୂଚନା ଦିଆଯାଇଛି।

## ୧୦ରୁ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ

ସମ୍ବଲପୁର,୨୮।୭(ଶୁଭାଶିଷ ପାଢ଼ୀ)

ଫାଇଲେରିଆ ନିରାକରଣ ପାଇଁ ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ ଜିଲାପାଳ କହିଥିଲେ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ଔଷଧ ଖୁଆଇବା ସହିତ ସେବନ ବିଧି ଉପରେ ସୂଚନା ପ୍ରଦାନ କରିବେ। ଜିଲାସ୍ତରୀୟ ଅଧିକାରୀ ଏହି ପ୍ରକ୍ରିୟାର ତଦାରଖ କରିବେ । ଜନସାଧାରଣ ଅଧିକରୁ ଅଧିକ କିପରି ଔଷଧ ସେବନ କରିବେ ସେଥିପ୍ରତି ଧ୍ୟାନ ଦିଆଯିବ। ଜିଲାରେ ପ୍ରଥମ କରି ତିନିପ୍ରକାର ଔଷଧ ଏକା ସାଙ୍ଗରେ ଦିଆଯିବ। ଦୁଇ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ କିମ୍ବା ଗୁରୁତର ରୋଗରେ ପୀଡିତଙ୍କ ବ୍ୟତୀତ ଅନ୍ୟ ସମସ୍ତେ ସେବନ କରିପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପ୍ରକାଶ କରିଛି। ଜିଲାକୁ ଫାଇଲେରିଆ ମୁକ୍ତ କରିବାକୁ ହେଲେ ଔଷଧ ସେବନକୁ ବ୍ୟାପକ କରିବାକୁ ବୈଠରେ ମତ ପ୍ରକାଶ ପାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଜେଡି, ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ରକ୍ଷା ପାଇଁ ହତ୍ୟା

ସମ୍ବଲପୁର,୨୮।୭ (ଶୁଭାଶିଷ ପାଢ଼ୀ)

**ଗୋପାଳଙ୍କ ଜମାନବନ୍ଦୀ**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ସର୍ବସମ୍ମୁଖରେ ଗୁଳିକରି ହତ୍ୟା ଅଭିଯୋଗରେ ଜେଲରେ ଥିବା ପୋଲିସ ଏଏସ୍ଆଇ ଗୋପାଳ ଦାସଙ୍କ ଜମାନବନ୍ଦୀ ଏବେ ପଦାକୁ ଆସିଛି। ସେଥିରେ ନବ ଦାସଙ୍କୁ ଗୋପାଳ ବାହୁବଳି ଭାବେ ଚିତ୍ରଣ କରିଛନ୍ତି। ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ରକ୍ଷା ପାଇଁ ନବଙ୍କୁ ଗୋପାଳ ହତ୍ୟା କରିଥିବା ଜମାନବନ୍ଦୀରୁ ଜଣାପଡ଼ିଛି। ଗତ ଫେବୃୟାରୀ ୧ରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରମେଶ ଚନ୍ଦ୍ର ଦୋରାଙ୍କ ନିକଟରେ ଅଭିଯୁକ୍ତ ଗୋପାଳ ତାଙ୍କ ଜମାନବନ୍ଦୀରେ କହିଛନ୍ତି, ନବ ଦାସ ବହୁତ ଅନ୍ୟାୟ କରୁଥିଲେ। ସରକାରୀ କର୍ମଚାରୀ ଓ ପୋଲିସକୁ ଧମକ ଦେଇ ସବୁକାମ କରୁଥିଲେ। ଗୁଣ୍ଡାଗିରି କରୁଥିବା ତାଙ୍କ ସମର୍ଥକମାନଙ୍କୁ ସେ ଥାନାରୁ ମୁକୁଳାଇବା ପାଇଁ ପୋଲିସ ଉପରେ ଚାପ ପକାଉଥିଲେ। ଗୁଣ୍ଡା ଲଗାଇ ଏଠାରେ ସମସ୍ତଙ୍କୁ ଧମକାଇ ସବୁ କାମ କରୁଥିଲେ। ବାଲି ବେପାର, ପାଉଁଶ ପରିବହନ ଓ ଅନ୍ୟାନ୍ୟ ଟ୍ରାନ୍ସପୋର୍ଟରେ ତାଙ୍କର ଗାଡ଼ି ଲାଗୁଥିବାବେଳେ ଧମକ ଦେଇ ଆଉ କାହାର ଗାଡ଼ି ଚଳାଇଦେଉ ନ ଥିଲେ। ଏଭଳି ଲୋକ ଯଦି ବଞ୍ଚିରହିବେ ତେବେ ସମାଜରେ ଅରାଜକତା ବଢ଼ିଯିବ ବୋଲି ଗୋପାଳ ଜମାନବନ୍ଦୀରେ କହିଛନ୍ତି।

## ଜିଲାସ୍ତରୀୟ ସଡ଼କ ସୁରକ୍ଷା ବୈଠକ

**ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ହେବା ଉପରେ ଗୁରୁତ୍ୱ**

ସମ୍ବଲପୁର,୨୮।୭ (ଶୁଭାଶିଷ ପାଢ଼ୀ)

ଜିଲାସ୍ତରୀୟ ସଡ଼କ ସୁରକ୍ଷା ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ଆଇଏଏସ୍ ପ୍ରୋବେଶନାରୀ ସ୍ନେହା ଅରୁଗୁଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁଙ୍କ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ମାଲିକ ସଙ୍ଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ହେବା ସହ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଗାଡି ଯାଞ୍ଚ କଡାକଡ଼ି କରିବା ସହ କାଗଜପତ୍ର ନ ଥାଇ ଗାଡି ଚଳାଉଥିଲେ ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ବିନା ହେଲ୍‌ମେଟରେ ଗାଡି ଚାଳନା, ବିନା ସିଟ ବେଲ୍ଟରେ ଚଳାଇବା ଉପରେ ନଜର ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ମରାମତି, ବିଭିନ୍ନ ସୂଚନା ଫଳକ ଲେଗାଇବା, ଅନଧିକୃତ ରୋଡ଼ ଡିଭାଇଡ଼ର ବନ୍ଦ କରିବା ଇତ୍ୟାଦି ଉପରେ ବୈଠକରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ଗତ ଜାନୁୟାରୀରୁ ଜୁନ ମାସ ପର୍ଯ୍ୟନ୍ତ ମଦ ପିଇ ଗାଡି ଚାଳନା ପାଇଁ ୪୧୫ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସରେ ଚାରା ରୋପଣ

ସମ୍ବଲପୁର, ୨୮।୭(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଉପଲକ୍ଷେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ହୋଇଥିଲା। ବିଶ୍ୱବିଦ୍ୟାଳୟ ବିଭିନ୍ନ ସ୍ଥାନରେ ୫୦୦୦ ବିହନ ବଲ୍ (ସିଡ୍‌ବଲ୍) ପକାଯାଇଥିଲା। ଏହାବ୍ୟତୀତ ବିଶ୍ୱବିଦ୍ୟାଳୟ ପରିସରରେ ୭୦୦ ଚାରା ରୋପଣ କରାଯାଇଥିଲା। କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ଏହି ଉତ୍ସବରେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ହିରାକୁଦ ହିଣ୍ଡାଲ୍‌କୋ ଓ ଏନ୍ଏସ୍ଏସ୍ ବ୍ୟୁରୋ ଦ୍ୱାରା କରାଯାଇଥିବା ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ସଞ୍ଜୁକ୍ତା ଦାସ, ବିତ୍ତ ନିୟନ୍ତ୍ରକ ଅଶୋକ କୁମାର ବେହେରା, ପ୍ରଫେସର ଦେବେନ୍ଦ୍ର କୁମାର ମହାଲିକ ଉପସ୍ଥିତ ରହିଥିଲେ ।

## ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ସମ୍ବଲପୁର,୨୮।୭ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ମହାନଗର ନିଗମ ବଡବଜାର ଆଞ୍ଚଳିକ ଆର୍ଟ ଗ୍ୟାଲେରି (ଗୌରୀ ଶଙ୍କର ସାହାଣୀ ପାର୍କ)ଠାରେ ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଏହାକୁ ଉଦଘାଟନ କରିଥିଲେ। ପ୍ରଦର୍ଶନୀ ଆସନ୍ତା ଅଗଷ୍ଟ ୧୫ ପର୍ଯ୍ୟନ୍ତ ପ୍ରତ୍ୟହ ଦିବା ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଚିତ୍ରକରମାନେ ଉପସ୍ଥିତ ରହିଥିଲେ। ଆଦିବାସୀଙ୍କ ଉପରେ ପର୍ଯ୍ୟବେସିତ ୩୭ ଗୋଟି ଚିତ୍ର କଳାର ଫଟୋ ପ୍ରଦର୍ଶିତ କରାଯାଇଛି। ଏହି ପ୍ରଦର୍ଶନୀ ଓଡିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜନ କରାଯାଇଛି। ଲଳିତକଳା ଏକାଡେମୀର ସଚିବ ପଞ୍ଚାନନ ସାମଲ, ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବରାଳ, ଗ୍ରନ୍ଥାଗାରିକ ନମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଚିତ୍ରକଳା ପ୍ରଦର୍ଶନୀ ଉଦଘାଟନୀ ଉତ୍ସବରେ ଅତିଥିମାନେ।



ବାଳିକା ଉଚ୍ଚବିଦ୍ୟାଳୟଠାରେ ଆୟୋଜିତ ନିଶା ନିବାରଣ ଅଭିଯାନ।

## ବାଳିକା ହାଇସ୍କୁଲରେ ନିଶାମୁକ୍ତ ଭାରତ ଅଭିଯାନ

ସମ୍ବଲପୁର,୨୮।୭(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନୁପାଲି ଶ୍ରୀଗଣେଶ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ନିଶାମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ବ୍ରହ୍ମା କୁମାରୀ ଦୀପା ନିଶାର କାରଣ ଓ ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ। ବ୍ରହ୍ମା କୁମାରୀ ସ୍ମିତା ଭଉଣୀ ପିଲାମାନଙ୍କୁ ଯୋଗାଭ୍ୟାସ କରାଇଥିଲେ। ବ୍ରହ୍ମାକୁମାର କୁମରମଣି ନିଶାମୁକ୍ତି ଉପରେ ସ୍ୱରଚିତ କବିତା ପାଠ କରିଥିଲେ।

## ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର,୨୮।୭(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ବାଣିଜ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଆନ୍ତର୍ଜାତୀୟ ବ୍ୟବସାୟ– ସମସ୍ୟା ଓ ସୁଯୋଗ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା ସ୍ୱାଗତ ଭାଷଣ ଓ ଡ. କ୍ଷୀରୋଦ ମହାରଣା ପ୍ରାରମ୍ଭିକ ସୂଚନା ଦେଇଥଲେ। ସ୍ନାତୋକତ୍ତର ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଚିନ୍ମୟ ଭୋଇ, ସରନ୍ୟା ସାହୁ, ମିନାକ୍ଷୀ ପ୍ରସାଦ, ଅନନ୍ୟା ପତି, ଶୁଭଶ୍ରୀ ସରଣ୍ୟା, ଶ୍ରୀକାନ୍ତ ଦାସ ମାଣିକପୁରି, ଚେଲ୍ସି ସିଂହଲ, ବବି ଦାସ, ଅନିତା ବିଶ୍ୱାଳ ଓ ସ୍ନାତକ ଛାତ୍ର ଆୟୁଷ ବଡ଼ାଇ ନିବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ବଳ, ସୁବାସ ଝଙ୍କାର, ଏ.ପ. ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ନାତକ ୨ୟ ବର୍ଷର ଛାତ୍ର ଆୟୁଷ ବଡ଼ାଇ ଧନ୍ୟବାଦ ଦେଇଥିଲେ ।

## ଚୋରି ଅଭିଯୋଗରେ ୨ ଗିରଫ





ଗିରଫ ୨ ଅଭିଯୁକ୍ତ।

**ଗୋଦାମରୁ ହୋଇଥିଲା ଚୋରି**

କୁଚିଣ୍ଡା,୨୮।୭(ବିରଞ୍ଚି ଦର୍ଦ୍ଦା)

କୁଚିଣ୍ଡା ଏନ୍ଏସିର ୬ନଂ. ୱାର୍ଡରେ ଥିବା ରାହୁଲ ଅଗ୍ରୱାଲଙ୍କ କିରାନା ଗୋଦାମରୁ ସାମଗ୍ରୀ ଚୋରି କରିବା ଅଭିଯୋଗରେ ଶୁକ୍ରବାର କୁଚିଣ୍ଡା ପୋଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁଚିଣ୍ଡା ଥାନା ଲସା ଗ୍ରାମର ମଧୁସୂଦନ ଡନସନା (୪୫) ଓ ମନୋଜ ମାଝି (୩୨)। ଏ ନେଇ କୁଚିଣ୍ଡା ପୋଲିସ ଆଇପିସି ୪୫୭, ୩୮୦ରେ ମାମଲା (ନଂ.୧୩୮/୨୩) ରୁଜୁକରି ଅଭିଯୁକ୍ତଙ୍କୁ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାକ୍ରମେ, କୁଚିଣ୍ଡା ୱାର୍ଡ ନଂ.୩ ବାସିନ୍ଦା ନଟବର ଅଗ୍ରୱାଲଙ୍କ ପୁଅ ରାହୁଲଙ୍କ ଏକ ଗୋଦାମ ୱାର୍ଡ ନଂ.୬ ପାର୍କ ପାଖରେ ରହିଛି। ଗୁରୁବାର ରାତିରେ ଗୋଦାମ ତାଲା ଭାଙ୍ଗି କେହି ଦୁର୍ବୃତ୍ତ କିରାନା ସାମଗ୍ରୀ ଚୋରି କରିନେଇଥିଲେ। ଶୁକ୍ରବାର ରାହୁଲ ଜାଣିବା ପରେ ଥାନାରେ ଲିଖିତ ରିପୋର୍ଟ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଏକ ଲିଟର ବିଶିଷ୍ଟ ୧୬ ଗୋଟି ଘିଅ ଡବା ଏବଂ ୧୦୦ ଗୋଟି ପ୍ୟାକେଟ ବିଶିଷ୍ଟ ମଧୁକୁଞ୍ଜ ଅଗରବତୀର ୩ଟି ଡବା ଜବତ କରିଛି।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ବଣ୍ଟନ

ନାକଟିଦେଉଳ,୨୮।୭
(ବୈକୁଣ୍ଠ ନାଥ ସାହୁ)





ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ସମ୍ବଲପୁର ଜିଲା ନାକଟିଦେଉଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଦିନ ଶ୍ରମ ଓ କର୍ମଚାରୀ ବୀମା ତଥା ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଏକ ମେଗା ସହାୟତା ଶିବିର ଆୟୋଜିତ ହୋଇଯାଇଛି । ଜିଲା ଶ୍ରମ ଅଧିକାରୀ ଶତ୍ରୁଜିତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେଢ଼ାଖୋଲ ବିଧାୟକ ଇଂ ରୋହିତ ପୂଜାରୀ, ସମ୍ମାନିତ ଅତିଥି ଭାବେ ଯୁଗ୍ମଶ୍ରମ ଆୟୁକ୍ତ ଘାସିରାମ ଡୁଡୁ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ଟିକେଶ୍ୱରୀ ମେହେର,ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ ଏବଂ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନଙ୍କ ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହ ସମସ୍ତ ପଞ୍ଜୀକୃତ ନିର୍ମାଣ ଶ୍ରମିକ ଯେପରି ଏହାର ସୁଫଳ ପାଇପାରିବେ ସେନେଇ ବିଭାଗ ତତ୍ପରତା ଦେଖାଇବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଶ୍ରମ ବିଭାଗ ପକ୍ଷରୁ ବିବାହକାଳୀନ ୧୫ଜଣ ହିତାଧିକାରୀଙ୍କୁ ୭ଲକ୍ଷ ଟଙ୍କାର ସହାୟତା ଓ ୧୧ଜଣ ହିତାଧିକାରୀଙ୍କୁ ମୃତ୍ୟୁକାଳୀନ ୨୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ୯ ଜଣ ହିତାଧିକାରୀଙ୍କୁ ଅନ୍ତେଷ୍ଟି କ୍ରିୟା ପାଇଁ ୪୫ହଜାର ଟଙ୍କା ସହିତ ୩ଜଣ ହିତାଧିକାରୀଙ୍କୁ ୫୪ହଜାର ଟଙ୍କା ଶିକ୍ଷା ସହାୟତା ପ୍ରଦାନ କରାଯାଇଥିଲା। ସମୁଦାୟ ୩୮ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ୨୮ଲକ୍ଷ ୯୯ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ପଞ୍ଜୀକୃତ ୧୦୦ଜଣ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଜିଲା ଶ୍ରମ ବିଭାଗର ମଙ୍ଗଳ ସଂଯୋଜକ ଚିନ୍ମୟ ରଞ୍ଜନ ବିଶ୍ୱାଳ, ଅଜିତ ପ୍ରଧାନ, ତ୍ରିଲୋଚନ ବାରିକ ,ଓଡଉଲ୍ଲା ଖାନ ପ୍ରମୁଖ ସହଯୋଗ କରିଥିଲେ।

# ସବୁଜ ସାନ୍ତ୍ୱନା

ଗଳ୍ପ

ପ୍ରଦୀପ ନାୟକ

ଘରୁ କାନ୍ଧରେ ବାହୁଙ୍ଗିଭାରରେ ବୋଉ ସଜାଡ଼ି ଦେଇଥିବା ଭାତ, ପାଣି ନେଇ ବିଲକୁ ବାହାରିବା ବେଳକୁ ଗୋଟେ ଜରିରେ ପାନ, ଦୋକ୍ତା ପୁଡ଼ିଆ ବଢ଼େଇଦେଲା। ପିନ୍ଧା ଗାମୁଛା ଖୋସଣିରେ ପୁଡ଼ିଆଟାକୁ ମାରି ଗାଁମୁଣ୍ଡକୁ ବାହାରିବା ବେଳକୁ ସବୁଥର ପରି କେଉଁଠୁ କାଉ ଦି'ଟା କା କା ହେଇ ମୁଣ୍ଡ ଉପରେ ଚକ୍କର କାଟିଲେ ବିଲମୁଣ୍ଡରେ ପହଞ୍ଚିବାଯାଏ। ସାରା ପାଟବିଲ ଗତ ଅମେଇସା ବେଳର ଲଘୁଚାପ ମେଘରେ ଝଳି ଦିଶୁଛି। କେଉଁଠି କେମିତି ହଳେ ହଳେ ବଳଦ କଢ଼ାଣ କରୁଛନ୍ତି, ତା' ନହେଲେ ଦିନ ପାଞ୍ଚଟାରେ ଟ୍ରାକ୍ଟର, ପାୱାରଟ୍ରିଲର ମନ୍ଥି ପକେଇଲାଣି ମାଟି। ଚାଷ ତରତର ବଣିଜ ମଠ ନ୍ୟାୟରେ ସବୁ ଚାଷୀ, ଭାଗଚାଷୀଏ ମାତି ଯାଇଛନ୍ତି ରୁଆ ଓପଡ଼ାରେ। ଓଡ଼, ଦୋଓଡ଼ କାଦୁଅ ପାଗକୁ ଅନଉଛି କିଏ? ଏବେ ଦି' ବୁଦା ବିଲରେ ନ ବସିଲେ ଭୋଦୁଅ ମାସକୁ କି ଭରସା! ଆଗକୁ ଗହ୍ମାପୂନେଇଁ ଆସୁଛି, ଏତେବେଳକୁ ବିଲରେ ଧାନ ବୁଦାମେଲିବା କଥା। ଏବେ ଜଳବାୟୁ ପରିବର୍ତ୍ତନରୁ ସବୁ ବିଳମ୍ବ। ଚାଷୀଙ୍କର ଧ୍ୱଅଘଷା ହେଇଗଲାଣି ଏସବୁ। ବଦଳି ଗଲାଣି ସେକାଳ ଖନା ବଚନ– ଆଗେ ବୁଣ୍ ପଛେ ବୁଣ୍, ଗର୍ଭଣାରେ ଗୁଣ୍ଗୁଣ୍। ଆଉ ଦିନ କେଇଟା ଗଲେ ଭାଦ୍ରବ ପଶିବ, କିନ୍ତୁ ରୁଆପରା ଏବେ ଆରମ୍ଭ ହେଉଛି। ଗର୍ଭଣାକୁ କେଉଁଠି ଧାନର ଗର୍ଭ ଗୁଣ୍ଗୁଣ୍ ହେବ? ଆକାଶକୁ ଚାହିଁ ଚାହିଁ ବେଳ ଗଲା। ଜ୍ୟେଷ୍ଠରେ ଦି'ବୁନ୍ଦା ଝରେଇ ଦେଲାଯେ ଚାଷୀପୁଅ ମାତିଗଲେ ତଳା ପକେଇବା ପାଇଁ। ତଳାବିଲ ଭାଙ୍ଗି ଓଳିଆରୁ ବିହନ ଅନୁକୂଳ କଲେ। ତଳା ବଢ଼ିଲା। ହେଲେ ଶ୍ରାବଣରେ ବର୍ଷାର ଦର୍ଶନ ନାହିଁ। ଟିଭି, ରେଡିଓର ମଉସୁମୀ ବିଭାଗ କଥାକୁ ଭରସା କରି ଶ୍ରାବଣ ଶେଷ। କେତେକ ବି ଆଚ୍ଛରା ଛାଡ଼ି ବଟୁରି ତଳା ଉପରେ ଭରସା କଲେ। ଏବେକୁ ଚାଷ ଛାଡ଼ିଲେଣି ଅନେକ ଲୋକ। ଗହୀର ପାଟ ଦିଶୁଛି ଅଧା ବେଣା, କାଇଁଚ ବଣ।

ଏବେ ହିଡ଼ବାଡ଼ ଉଠିଗଲା ପରି ଲାଗୁଛି ସାରା ପାଟ। ଯେଉଁ କିଛି ଜମି ଆବାଦ ହେଉଛି, ସେଥିରେ ହିଡ଼ବାଡ଼ ଅଛି। କାଦୁଅବିଲ ହିଡ଼ରେ ଗୋଡ଼ ଟିପିଟିପି ଚାଲିବାକୁ ପଡୁଛି। ଟିକେ ଚହଲିଗଲେ ପାଣି ମୁନ୍ଦାକ ରହିବ ନାହିଁ ମୂଲିଆଙ୍କ ପିଇବା ପାଇଁ। ଆହୁରି ଡାକେ ବାଟ ଅଛି ଯିବାକୁ। ପାଖ ବିଲରେ ରୁଆପୋତା କରୁଥିବା ଲୋକଙ୍କ କଥା କାନରେ ବାଜୁଛି। ଚାଷ ଆଗକୁ ବୁଡ଼ିଯିବ। ବିଲମୁଣ୍ଡକୁ ପାଣି ନାହିଁ, ଯୁରିଆ କିଲ ପଚାଶ ଧରିଲା, ପୋକମରା କଥା ଛାଡ଼। ମଜୁରି ଦିନକୁ ଚାରିଶ। ଧାନବୁଣାଠୁ ଧାନକଟା, ମଳାଯାଏ ହିସାବ କଲେ ଲୋକସାନ୍। କେବଳ ବିଲ ପଡ଼ିଆ ପଡ଼ିବ ବୋଲି ଧ୍ୱଅ ସହୁନି। ଭାଗଚାଷ କରିବାକୁ ଲୋକ ଅରାଜି ହେଉଛନ୍ତି। ତେଣେ ମଣ୍ଡିରେ ଧାନ ଥୋଇ, ଟୋକନ ମିଳୁନି। ଟୋକନ ମିଳୁଛି ତ ପଇସାକୁ ଚାହିଁ ଥା'। ମଣ୍ଡିବାଲାର କଟ୍‌ନୀ ଛଟ୍‌ନୀ ଅଛି। ଆଉ ବର୍ଷ କେଇଟାରେ ଚାଷ ଯିବ।

ବିଲମୁଣ୍ଡରେ ପହଞ୍ଚିବା ବେଳକୁ ଦି' ପାହି ରୁଆ ସରିବା ଉପରେ। ହିଡ଼ମୁଣ୍ଡରେ ବାହୁଙ୍ଗିରୁ ଖାଇବା ଓହ୍ଲେଇ ଦେଲା ବେଳକୁ କାମ ଛାଡ଼ି ମୂଲିଆମାନେ ଆସିଗଲେ। ମୁଣ୍ଡରୁ ଠେକା ଖୋଲି, ସେଇ ବିଲପାଣିରେ କାଦୁଅ ହାତ ଧୋଇଦେଲେ। ଟିକେ ବସିପଡ଼ିଲା ବେଳକୁ ଝାଳ ଗମ୍‌ଗମ୍ ବହିଯାଉଛି। ହିଡ଼ମୁଣ୍ଡରେ ଘାସୁଆ ଜାଗା ଦେଖି ପତର ବିଛେଇ ଦେଲେ।

ବୋଉ ପଖାଳ ସାଙ୍ଗକୁ ନଗେଇଖିଆ କରିଛି ମୁଟିଶାଗ ଭଜା, ପୋଡ଼ା ଆଳୁ ବାଇଗଣ ଭର୍ତ୍ତା, ଆମ୍ବୁଲ ଆଚାର। ମୁଁ ମୂଲିଆଙ୍କ ପାଖରେ ବସି ଲକ୍ଷ୍ୟ କରୁଥାଏ ସେମାନଙ୍କ ଖାଇବାକୁ। କେଡ଼େ ଆଗ୍ରହରେ ଖାଇଚାଲିଛନ୍ତି! ଟିକିଏ ବି ଅରୁଚି ନାହିଁ। ଭାତରୁ ଆଙ୍ଗୁଠିରେ ମଲାଧାନ ଅଲଗା କଲାବେଳେ କଥା ହେଉଛନ୍ତି ପୋଟିଆ ଧାନ ପଖାଳ ପେଯର ବାସ୍ନା କଉଠୁ ମିଳିବ? ଇଏ ଭାତ ଦି' ମୁଠା ପେଟରେ ପଡ଼ିଲେ ଦି'ଘଡ଼ି ଟାଣିନବ। ଆଉ ଏ ପାରିଜାତ, ସୁନାରି ଚାଉଳ ଖାଲି ଦେଖାସୁନ୍ଦର କଲରେଇଫୁଲ। ହୁଏତ ଏଇ ଖାଇବା ମୋତେ ଘରେ ରୁଚନ୍ତା ନାହିଁ। କିନ୍ତୁ ସେମାନଙ୍କ ଖାଇବାର ସନ୍ତୋଷକୁ ଦେଖି ମୋ' ପାଟିରୁ ଲାଳ ଜକେଇ ଆସୁଛି। କାଉ ଦି'ଟା ବି ହିଡ଼ ପାଖରେ ସେମାନଙ୍କ ହାତକୁ ଟାକି ରହିଛନ୍ତି। ସେମାନଙ୍କ ହାତରୁ କ'ଣ ଟିକେ ଟିକେ ପକେଇ ଦେଲେ ଝାମ୍ପି ପଡୁଛନ୍ତି କାଉମାନେ। ବିଲ ପାଣିକି ଧ୍ୟାନ କରି କାଣ୍ଟିବଗ ଝୁମ୍ପି ଚାଲିଛି ଝିଣ୍ଟିକା, ପୋକ ଜୋକ। କାଦୁଅ ବିଲରେ କାଣ୍ଡନଳ ସାପ ସର୍‌ସର୍ ହେଇ ହିଡ଼ ତଳେ ତଳକୁ ଗଳିଯାଉଛି। ବିଲ ହିଡ଼ସାରା କଳାପିମ୍ପୁଡ଼ି। ବସା ଉଜୁଡ଼ିଛି ବଦଳା ବର୍ଷା ଯୋଗୁଁ। ଟାଇଁଟାଇଁ ଖରା ମୂଲିଆଙ୍କ ଖୋଲା ପିଠି ଉପରେ ନାଚୁଛି। ଶୋଷି ନେଉଛି ଝାଳ। ମନକୁ ଆସୁଛି ଏ ବାଷ୍ପ ହେଇଯାଉଥିବା ଝାଳର କି ମୂଲ ସତରେ! କିଏ ଏ ଶ୍ରମଝାଳର ବୀମା ଦେଇପାରୁଚି? ସଂସାରରେ ସବୁର ବୀମା ଅଛି, ହେଲେ ଶ୍ରମଜୀବୀର?

ଖାଇବା ସମୟରେ ମୂଲିଆମାନେ ବିଲମାଳକୁ ଅନେଇ ନିଜନିଜ ଭିତରେ କଥା ହେଉଛନ୍ତି– ମହାନ୍ତି ଘର ବିଲ ଏବର୍ଷ ସବୁ ପଡ଼ିଆ। ତାଙ୍କ ବଡ଼ପୁଅ ଅଖଞ୍ଜ ହେଇ ଘରେ ବସିବା ଦିନୁ ଚାଷ ଠପ୍। ବରାଳ ଘରର ଆଉ ଚାଷରେ ନିଘା ନାହିଁ, ଦେଖୁନା ବିଲ ଠେଙ୍ଗ ପଡୁଛି। ମାଟିମୁଠା ଉଠେଇ ହିଡ଼ ଲଗେଇ ଦେଲେ ସେଇ ବିଲ ପରା ଆଠ ଭରଣ ଫଳିବ। ସୋଇଁ ଘର ବତା ନାଳିମୁହଁରେ ଗଲାଣି, ଟିକେ ହେପାଜତ ନାହିଁ। ପଧାନଘର ବିଲ ପହି ନାହିଁ ବୋଲି ବୁଲା ଗାଈଗୋରୁ ସବୁ ନଷ୍ଟ କରୁଛନ୍ତି, କେବଳ ମେରି କାନ୍ଧେଇ ଘରକୁ ଯିବା କଥା। ରାଉତଘର ପଟେ ବଳଦ ନଷ୍ଟ ହେବାପରେ ଏବେ ଆଉ କାହା ସାଙ୍ଗରେ ବଦଳିଆ କରିବ ବୋଲି ଅନେଇଛି, ଏଣେ ଭାଦ୍ରବ ଯିବା ଉପରେ। ସେଇଠି ଦେଖ ସୁନାମଇଁ କିଆରିରେ ବିଶ୍ୱାଳଘର ପୁଣି ଫି' ବର୍ଷ ସୁନା ଫଳଉଛନ୍ତି ନା ନାହିଁ! ମାଟି ସାଙ୍ଗରେ ମାଟି ନ ହେଲେ କ'ଣ ହେବ? ସେଇ ଜମିରୁ ଫଳେଇ ତ ପୁଣି ପ୍ରତିବର୍ଷ ବାହା ପୁଆଣି ଉଠେଇ ଚାଲିଛନ୍ତି। ଭାବ ଅଭାବରେ ପଛେ କରଜ କରିବେ, ହେଲେ ଜମିରେ ହାତ ମାରିବେ ନାହିଁ।

ମୂଲିଆଙ୍କ ଆତ୍ମୀୟତାଭରା କଥାରୁ ମୁଁ ବୁଝିପାରୁଛି ସେମାନଙ୍କର କେବଳ ମଜୁରି କରିବା ବେଉସା ନୁହଁ, ବରଂ ମାଲିକର ହାନିଲାଭ ସବୁଥିରେ ରହିଛି ଭାବ। ସବୁ ବିଲର ନକ୍ସା ଏମାନଙ୍କ ନଖ ଦର୍ପଣରେ। କେହିଜଣେ କହୁଛି, ଏବେ ପାଗ ଦେଇଛି, ଏଇ ଆଠ ଦଶଦିନ ଲାଗିପଡ଼ିଲେ ଭେଡ଼ାଟା ଆବାଦ ହେଇଯିବ। କାଲିଠୁ ପଶ୍ଚିମରୁ ଦେଉଳିଆ ବିଜୁଳି ଚମକୁଛି, କହିହେବନି କେତେବେଳେ ଆଉ ଦି' ଅସରା ହେଇଯିବ ଯେ ବଢ଼ି ମାଡ଼ିଆସିବ। ସେତେବେଳକୁ ସବୁ ଅବରିଆ ହେଇଯିବ। ବରଂ ବେହୁଡ଼ା, ବଛା ପଛକୁ ରହିବ, ଖାଲବିଲ ସବୁ କାମ ସରିବା ଦରକାର।

ଖାଇସାରିବା ପରେ ଅଣ୍ଟାରୁ ପାନ, ଦୋକ୍ତା ଟିକେ ଟିକେ ନେଇ ପୁଣି କାମକୁ ଉଠିଲା ବେଳକୁ ମୁଁ ସଜାଡୁଛି ବାହୁଙ୍ଗି ଘରକୁ ଫେରିବାକୁ। ଅନେକ ଦିନ ହେବ ଚାକିରି ବାକିରିକୁ ନେଇ ଏଥିରେ ମନ ଦେଇ ହେଉନାହିଁ। ବାପା ଘରେ ରହିଲେଣି। ଆଉ ବିଲବାଡ଼ି ଦେଖାଚାହାଁ କରିପାରୁ ନାହାନ୍ତି। କେତେଥର ଭାବିଛି ଚାଷ ବନ୍ଦ କରିଦେବି, ଏବେ କିଛି ବିଲ ମଧ ପଡ଼ିଆ। ମୁଁ କାନ୍ଧକୁ ବାହୁଙ୍ଗି ଉଠେଇଲା ବେଳକୁ ମୂଲିଆ ଜଣେ ମୋତେ ଶୁଣେଇ ଶୁଣେଇ କହିଲା– ବାବୁ ଚାକିରି କର, ଭଲକଥା। ହେଲେ ବସୁଧା ମା'କୁ ଅଣଦେଖା କର ନାହିଁ। ବେଳ ଆସିବ ଦେଖିବ, ମଣିଷ କ'ଣ କାଗଜ ଖାଇ ବଞ୍ଚିବ? ଜ୍ଞାନମଞ୍ଜି ଇଏ। ଜ୍ଞାନୀ ଲୋକ ପରା କହିଛନ୍ତି– ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବୁ କାହାଘେନି।

ଘରକୁ ଫେରିବାଯାଏ ସେମାନଙ୍କ କଥା ମୋ' ମନରେ କେବଳ ବିଶ୍ୱାସ ଜନ୍ମାଇ ନାହିଁ ବରଂ ଗୋଟେ ସବୁଜ ସାନ୍ତ୍ୱନାରେ ଭରିଦେଲା।

ମୋ: ୮୯୧୭୩୭୦୨୨୭



# ଶୈଶବ

ମିନିଗଳ୍ପ

ଗାୟତ୍ରୀ ସିଂହ

କୁହୁଡ଼ିରେ ଆଚ୍ଛାଦିତ ଶୀତ ସକାଳ। ସବୁ ଝାପ୍‌ସା ଝାପ୍‌ସା ଲାଗୁଛି। ପାଖରୁ କିଛି ଦୃଶ୍ୟ ହେଉଥିଲେ ମଧ୍ୟ ଦୂରକୁ କିଛି ଦିଶୁ ନାହିଁ। କାଁ ଭାଁ କେତୋଟି ଚାରିଚକିଆ ଦୁଇଚକିଆ ଯାନ ବ୍ୟତୀତ ରାସ୍ତା ପ୍ରାୟ ଶୁନ୍‌ଶାନ୍। ସେହି ଚାରିଚକିଆ ଗାଡ଼ି ମଧ୍ୟରେ ସକାଳର କ୍ଷୀର ଗାଡ଼ି ଦୁଇଟି ଏପଟ ସେପଟ ହେଉଛି। ହୋଟେଲ ସାମ୍ନାରେ କ୍ଷୀର ପନୀର ଗାଡ଼ି ସହିତ ଚିପ୍‌ସ ଚକୋଲେଟ ଗାଡ଼ି ଠିଆ ହୋଇଛି। ପାଖରେ ସ୍କୁଲ। ଆଜି ଶନିବାର ଥିବାରୁ ସକାଳୁ ସକାଳୁ ରାସ୍ତାରେ ପିଲାମାନଙ୍କର ଭିଡ଼। କାହାର ସାଇକେଲ ପଛପଟ କ୍ୟାରିଅରରେ ବହି ବ୍ୟାଗ୍ ଅଛି ତ କାହାର ସାମ୍ନା ପାଖ ବାସ୍କେଟରେ ବହି ବ୍ୟାଗ୍। ସମସ୍ତେ ସ୍କୁଲମୁହାଁ।

ସ୍କୁଲ ଫାଟକ ଖୋଲିବାକୁ ଡେରି ଅଛି। ପିଲାମାନେ ବହୁତ ସିନ୍‌ସିଅର। ଯଥେଷ୍ଟ ସମୟ ପୂର୍ବରୁ ଆସି ପହଞ୍ଚି ଯାଇଛନ୍ତି। ହୋଟେଲ ପାଖରେ ଅଇଁଠା ପତ୍ର ପାଇଁ କାଉ କୁକୁରଙ୍କ ଭିଡ଼। ସ୍କୁଲ ଗେଟ୍ ଖୋଲି ନ ଥିବାରୁ ପାଖ ଚିପ୍‌ସ ଚକୋଲେଟ ଦୋକାନରେ ପିଲାମାନେ ଭିଡ଼ ଜମାଇଛନ୍ତି। ସେହି ଭିଡ଼ ଭିତରୁ ଜଣେ ପିଲାକୁ ଆବିଷ୍କାର କଲି। ସମସ୍ତଙ୍କ ସାଇକେଲରେ ସ୍କୁଲ ବ୍ୟାଗ୍ ଥିବାବେଳେ ତା' ସାଇକେଲରେ କାଠ ବୋଝଟିଏ ବନ୍ଧା ହୋଇଥିଲା। ପିଲାମାନଙ୍କ କଥାବାର୍ତ୍ତା, ହସମଜାକୁ ସେ ମନଭରି ଉପଭୋଗ କରି ଖୁସି ହେଉଥିଲା। ମଝିରେ ମଝିରେ ସେମାନଙ୍କ କଥାରେ କଥା ମିଶାଇ କିଛି କହୁଥିଲା। ହେଲେ ତା' ସ୍କୁଲ ବ୍ୟାଗ୍ କାହିଁ! ସ୍କୁଲ ଡ୍ରେସ୍ ପିନ୍ଧିଛି, ହେଲେ ତା' ସାଇକେଲରେ ବ୍ୟାଗ୍ ପରିବର୍ତ୍ତେ କାଠ ବୋଝଟିଏ କ'ଣ ପାଇଁ ରଖାଯାଇଛି। କାହିଁକି କେଜାଣି ତା' ବିଷୟରେ ଜାଣିବା ପାଇଁ ଭାରି ଉତ୍କଣ୍ଠା ଜାତ ହେଲା।

ବିଚଳିତ ହୋଇପଡ଼ିଲି। କିଛି ଦୂରରେ ଠିଆ ହୋଇ ଅନୁଧ୍ୟାନ କଲି ତା' ଗତିବିଧି ଉପରେ। କିଛି ସମୟ ପରେ ସ୍କୁଲ ଗେଟ୍ ଖୋଲାଯିବା ପରେ ପିଲାମାନେ ସ୍କୁଲ ଭିତରକୁ ଚାଲିଗଲେ।

ପିଲାମାନେ ଚାଲିଯିବା ପରେ ଉକ୍ତ ପିଲାଟି ସାଇକେଲରେ ବନ୍ଧାଯାଇଥିବା କାଠକୁ ଖୋଲି ପାଖ ହୋଟେଲ ଭିତରେ ରଖିଦେଲା। ହୋଟେଲ ମାଲିକ ତାକୁ କିଛି ଟଙ୍କା ଦେବା ପରେ ପକେଟରେ ପୂରାଇଦେଲା। ଫେରିବା ବାଟରେ ତାକୁ ଅଟକାଇ ପଚାରିଲି, ଆରେ ତୁ ସ୍କୁଲ ଡ୍ରେସ୍ ପିନ୍ଧି ସ୍କୁଲ ନ ଯାଇ କାଠ କ'ଣ ବିକୁଛୁ! ନାଇ ବାବୁ ମୁଁ ପାଠ ପଢୁନି। ମୋ' ମାଆ ପର ଘରେ ମୂଲ ଲାଗି ପଇସା ସହିତ ପିନ୍ଧିବା ପାଇଁ ବାବୁ ଘରୁ ଡ୍ରେସ୍ ଆଣେ। ଏ ସ୍କୁଲ ଡ୍ରେସ୍ ବି ବାବୁଘର ଦେଇଥିଲେ। ମୋ' ଆଖିରେ ଲୁହ ଭରିଗଲା। କୁହୁଡ଼ି ଭିତରୁ କଅଁଳିଆ ସୂର୍ଯ୍ୟ କିରଣରେ ସମଗ୍ର ପରିବେଶ ଆଲୋକିତ ହୋଇ ସାରିଥିଲା। ସେ ଖୁସି ମନରେ ସାଇକେଲ ପେଡାଲ ମାରି ମାରି ଆଗକୁ ଯାଇସାରିଥିଲା, ହେଲେ ମୁଁ ସେଇଠି ଅଟକି ଯାଇଥିଲି। ମନ ଆଉ ମସ୍ତିଷ୍କ ଉଭୟ ଭାରାକ୍ରାନ୍ତ ହୋଇଯାଇଥିଲା।

ମୋ: ୭୬୦୬୯୫୭୪୪୫





**ନନ୍ଦିନୀ ଶତପଥୀ**ଙ୍କ ଜନ୍ମ ୯ ଜୁନ୍ ୧୯୩୧ରେ, କଟକରେ ଓ ପରଲୋକ ୪ ଅଗଷ୍ଟ ୨୦୦୬ରେ ଭୁବନେଶ୍ୱରରେ। ଭାରତୀୟ ରାଜନୀତିରେ ସେ ପ୍ରୟୋଜନୀୟ ହୋଇପଡ଼ିଥିଲେ ତାଙ୍କ ତାରୁଣ୍ୟରେ ଓ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ପ୍ରମାଣ କରିଦେଇଥିଲେ ପ୍ରଶାସନର ତାକତ। ଲୋକଙ୍କର ଛୋଟଛୋଟ ଦୁଃଖ, ଛୋଟଛୋଟ ପ୍ରତ୍ୟାଶାକୁ ପଢ଼ିବାର ଉଜ୍ଜ୍ୱଳ ଆଖି ଥିଲା ଏହି ରାଷ୍ଟ୍ରନାୟିକାଙ୍କର ଓ ଜାଣିଥିଲେ ତା'ର ପରିପୂର୍ତ୍ତି। ରାଜନୀତିରୁ ସମୟ ବାହାର କରି ସେ ଟେକିଦେଇଥିଲେ ସାହିତ୍ୟକୁ। ଗଳ୍ପ ଓ କବିତାରେ ସମ୍ପାଦି ଯାଇଥିଲେ ମଣିଷଙ୍କ ପ୍ରତି ହୃଦୟର ଅସୁମାରି ଦରଦ। ସରଳ, ଅଥଚ ଭାବ ଗଭୀର ନନ୍ଦିନୀଦେବୀଙ୍କର ସାହିତ୍ୟର ଭାଷା। ତାଙ୍କର ଏକ ବହୁ ପଠିତ କବିତା ଏଠି ପତ୍ରସ୍ଥ, ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କରି ପୁଣ୍ୟତିଥିରେ।

## ମୁଁ ଚଢ଼େଇ କହୁଛି

ସେ, ଚଢ଼େଇ କହୁଛି
ମୁଁ ଯାଉଛି, ମୁଁ ଯାଉଛି
ମୁଁ ତ ଯିବି, କେବେ ଯିବି
କେମିତି ଯିବି
ସେ କଥା କ'ଣ ମୁଁ ଜାଣିପାରିବି?
ଆମେ ସମସ୍ତେ ତ
ଦିନେ ନା ଦିନେ ଯିବା
କିନ୍ତୁ, ଏ ଚଢ଼େଇର ଡାକରେ
ମନଟା କାହିଁକି
ଅସମ୍ଭାଳ ହୋଇଯାଏ।

ସେତେବେଳେ ମନ ହୁଏ
ମୁଁ ଯାଉଛି
ଚାହିଁଲେ କ'ଣ ମୁଁ ଯାଇପାରିବି

କିଏ, କିଏ କହୁଛନ୍ତି
ଆଉ ତ ବହୁତ
କାମ କରିବାକୁ ଅଛି
ମୁଁ ଯିବି କୁଆଡ଼େ!

'ତମର ତ କାମ ସରିନି'
କ'ଣ ଆଉ କାମ?
କାମ ତ ଏଠି
କେହି କରିବାକୁ ନାହାନ୍ତି
ନିଜ ନିଜ କାମ
ପଇସା ଉପାର୍ଜନ
ଘରଦ୍ୱାର କରିବା
ଯେତେଯେତେ ଲୋଭ ମୋହ
କ୍ଷମତା ଓ ଚଉକି ପାଇଁକି।

ପରିଶ୍ରମ କଲେ
ଉପାର୍ଜନ ହୁଏ

ବିନା ପରିଶ୍ରମରେ
ଯେଉଁ ପଇସା ମିଳେ
ସେ ପଇସା କୋଉଠୁଁ ଆସେ?
ସେ ତ ଉପାର୍ଜନ ନୁହଁ।

ସେମିତି ବଡ଼ ବଡ଼ ଘର
ଆଉ ଭଲ ଭଲ ହୋଟେଲରେ
ନୂଆ ନୂଆ ସ୍ତ୍ରୀଲୋକମାନଙ୍କୁ
ଦେଖିବା ପାଇଁ
ଅଥବା ଟିଭିରେ
ଓଲଟା ସିଧା
ନାଚ ଦେଖିବା ପାଇଁ
ବହୁତ ବଡ଼ିଆ।
ମୁଁ ତ ଚଢ଼େଇ କହୁଛି
ମୁଁ ଯାଉଛି, ମୁଁ ଯାଉଛି।

# ସଂଘର୍ଷ

ଲଘୁଗଳ୍ପ

ପଦ୍ମାଳୟା ସାମଲ

ଡିସେମ୍ବରର ଦ୍ୱିତୀୟ ସପ୍ତାହ। ପ୍ରବଳ ଥଣ୍ଡା ଲାଗି ରହିଥାଏ। ମଞ୍ଜଥରା ଶୀତରୁ ରକ୍ଷା ପାଇବା ପାଇଁ ସନ୍ଧ୍ୟା ସମୟରୁ ଝରକା କବାଟ ସବୁ ବନ୍ଦ କରି ଘରେ ବସି ପଢୁଥାଏ। ବାଣୀବିହାରରୁ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ସାରି ଚାକିରି ପାଇଁ ଘରେ ରହି ସଂଘର୍ଷ ଜାରି ରଖିଥାଏ।

ସାନ ଭଉଣୀ ଭଳି ବି.ଏ. ପାସ୍ କରି ଘରେ ଅଛି। ବାପା ଆଉ ପୂର୍ବ ଭଳି ଚାଷ କାମକୁ ପାରୁନାହାନ୍ତି। ବୋଉର ମୋ' ଉପରେ ଉଚ୍ଚ ଆଶା। ମୋ' ପାଇଁ ଯେମିତି କର ବା ମର ସ୍ଥିତି। ସମୟ ପାଖାପାଖି ରାତି ଏଗାର। ଶୂନ୍‌ଶାନ୍ ରାତି। କାଲୁଆ ଶୀତରୁ ତାଟିକବାଟ ପଡ଼ିଗଲାଣି। ଶୁଣିଲି ପଡ଼ିଶାଘର ଖଳାରୁ ଭାଡ଼ି ଉପରେ ଧାନବାଡ଼ିଆର ଶବ୍ଦ। ମୋ' ପାଇଁ ତାହା ନୂଆ ନ ଥିଲା। କିନ୍ତୁ ଏକା ସାଙ୍ଗରେ ଦୁଇଟି ପାହାର ମତେ ଆଚମ୍ବିତ କଲା। ଭାବିଲି ଜଗା ନନା ତା'ର ସାଙ୍ଗକୁ ଡାକି ଆଣିଛି। ପଡୁପଡୁ ଶୋଇପଡ଼ିଛି। ନିଦଭାଙ୍ଗିଲା ବେଳକୁ ଭୋର ପାଞ୍ଚଟା। ବାହାରକୁ ଯାଇ ଦେଖିଲି ଜଗା ନନା ଧାନବିଡ଼ା ବାଡ଼େଇ ଚାଲିଛି।

ଚାଷିବନ୍ଦୀ ଘର ତାଙ୍କର। ବର୍ଷସାରା ଚଳିବା ପାଇଁ ଚାଷ ଉପରେ ନିର୍ଭର କରନ୍ତି। କିଛି ଭାଗଚାଷ ବି କରନ୍ତି ନିଜର କମ୍ ଜମି ଥିବାରୁ। ଆମ ଜମି ବି କିଛି ଭାଗ କରିଛନ୍ତି। ବଡ଼ବାପା ଚାଲିଗଲା ଦିନରୁ ନଳି ବଡ଼ବୋଉ ତାଙ୍କୁ ଚାଷ କାମରେ ସାହାଯ୍ୟ କରେ। ଏବକୁ ସେ ବି ଆଉ ପାରୁନି। ଆଖିକୁ ବି ଆଉ ଭଲ ଦିଶୁନି। ଛଅ ମାସ ହେବ ବାହା ହେଇଛି ଜଗା ନନା। ଭାବିଲି ନୂଆ ବାହାଘର, ଏମିତି ଶୀତ ରାତିରେ ନ ଶୋଇ କିଏ କ'ଣ ଧାନ ବାଡ଼ାଏ! କେତେ ବୋକା ମ ଏ ଜଗା ନନା! ଦିନ ବାରଟା ବେଳକୁ ତରକାରି ଧରି ନୂଆବୋଉ ପହଞ୍ଚିଲେ ଆମ ଘରେ। ତାଙ୍କୁ ପାଖରୁ ଦେଖି ପଚାରିଦେଲି, "କାଲି ରାତିରେ ଶୁଣିଲି ତୁମ ଖଳାରୁ ଦୁଇ ପାହାର, କିନ୍ତୁ ସକାଳୁ ଶୁଣିଲା ବେଳକୁ ପାହାରେ। ଏ କେମିତି କଥା। ଯାର ରହସ୍ୟ କ'ଣ?" ମୋ' କଥାଟା ତାଙ୍କୁ ଯେମିତି ଅଡୁଆ ଅଡୁଆ ଲାଗିଲା। ସେ ମୋ' କଥାର ଉତ୍ତର ନ ଦେଇ ଚାଲିଗଲେ।

ସେଦିନ ସାଙ୍ଗର ସାନ ଭଉଣୀ ବାହାଘରରୁ ଫେରି ଜଲ୍‌ଦି ଶୋଇପଡ଼ିଲି। ନିଦ ଭାଙ୍ଗିଗଲା ଭୋର ଚାରିଟା ବେଳକୁ। ପୁଣି ଧାନବାଡ଼ିଆର ଶବ୍ଦ ମତେ ଅତିଷ୍ଠ କଲା। ବାରି କବାଟ ଖୋଲି ଆମ ଖଳାରେ ଯାଇ ଠିଆହେଲି। ଆମ ଖଳାରେ ଠିଆ ହେଲେ ପଡ଼ିଶାଘର ଖଳା ସିଧା ଦିଶେ। ସେଦିନ ଯୋଗକୁ କୁହୁଡ଼ିରେ କିଛି ଦିଶୁ ନ ଥାଏ। କେବଳ ଧାନ ବାଡ଼େଇବାର ଶବ୍ଦ ଭାସି ଆସୁଥାଏ। କିଛି ସମୟ ପରେ ସେ ଶବ୍ଦ ଆଉ ଶୁଭିଲାନି। ପାଖରୁ ପାଉଁଜିର ଶବ୍ଦ ଶୁଣି ଚମକି ପଡ଼ିଲି। ଦି' ପାଦ ଆଗକୁ ଯାଇ ଦେଖିଲି ନୂଆବୋଉ ଧାନଖଳାରୁ ବାହାରି ତରତର ହୋଇ ତାଙ୍କ ଘରକୁ ଚାଲିଯାଉଛନ୍ତି। ତା'ହେଲେ କ'ଣ ନୂଆବୋଉ ଅନିଦ୍ରା ରହି ଜଗା ନନାକୁ ସାହାଯ୍ୟ କରୁଛନ୍ତି! ମତେ ଦେଖି ସେ ଯଦିଓ ଅପ୍ରସ୍ତୁତ ହୋଇଗଲେ, ତଥାପି ମୁରୁକି ହସିଦେଲେ। ମୁଁ କିନ୍ତୁ ତାଙ୍କ ହସରୁ ବାରିପାରୁଥିଲି ସଂଘର୍ଷର ଗନ୍ଧ। ତାଙ୍କର କୋମଳ ହାତକୁ ଚାହିଁ ମତେ ଲାଗିଲା ମୋ' ସଂଘର୍ଷଠାରୁ ତ ତାଙ୍କ ସଂଘର୍ଷ କିଛି କମ୍ ନୁହେଁ।

ମୋ: ୭୦୦୮୩୪୮୧୭୨



## ପୁସ୍ତକ ପରିଚୟ

### ସାରଳା



**(୧ମ ବର୍ଷ, ୧ମ ସଂଖ୍ୟା)**
**ସମ୍ପାଦକ:** ସଂଗ୍ରାମ ଜେନା
**ପ୍ରକାଶକ:** ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୫୦/–

'ଓଡ଼ିଶା ସାହିତ୍ୟ ଏକାଡେମୀ' ପକ୍ଷରୁ ପ୍ରକାଶ ପାଇଛି ଏକାଡେମୀର ନୂତନ ପତ୍ରିକା 'ସାରଳା'। ଏକାଡେମୀର ୬୬ତମ ପ୍ରତିଷ୍ଠା ଦିବସ ଅବକାଶରେ ଉନ୍ମୋଚିତ ଏହି ତ୍ରୈମାସିକ ପତ୍ରିକାରେ ଗଳ୍ପ, କବିତା, ଫିଚର, ଗୀତି କବିତା, ଅନୁବାଦ ଓ ଏକାଙ୍କିକା ଆଦି ସୃଜନଶୀଳ ସାହିତ୍ୟ ସ୍ଥାନିତ ହେବ ବୋଲି ପତ୍ରିକାର ସମ୍ପାଦକୀୟରେ କୁହାଯାଇଛି। ପୂର୍ବରୁ ପ୍ରକାଶ ପାଉଥିବା ଏକାଡେମୀର ମୁଖପତ୍ର 'କୋଣାର୍କ'ରେ କେବଳ ଗବେଷଣାତ୍ମକ ନିବନ୍ଧ ସ୍ଥାନ ପାଉଥିବାବେଳେ ସୃଜନଶୀଳ ଲେଖକଙ୍କ ପାଇଁ କୌଣସି ପତ୍ରିକା ନ ଥିଲା। ପତ୍ରିକାଟି ଜୁଲାଇ, ଅକ୍ଟୋବର, ଜାନୁୟାରୀ ଓ ଏପ୍ରିଲ ମାସର ପ୍ରଥମ ସପ୍ତାହରେ ପ୍ରକାଶ ପାଇବ। 'ସାରଳା' ପତ୍ରିକାର ନାମକରଣ ଆଦିକବି ସାରଳା ଦାସଙ୍କ ନାମ ଆଧାରରେ କରାଯାଇଛି, ଯେପରି ବଙ୍ଗଳା ଭାଷାର 'କୃତ୍ତିବାସ' ପତ୍ରିକା ଓ ହିନ୍ଦୀର 'ହରିଶ୍ଚନ୍ଦ୍ର' ପତ୍ରିକା (ବଙ୍ଗଳା ରାମାୟଣର କବି କୃତ୍ତିବାସ ଓଝା ଓ ହିନ୍ଦୀ କବି ଭାରତେନ୍ଦୁ ହରିଶ୍ଚନ୍ଦ୍ର)। 'ସାରଳା'ର ପ୍ରଥମ ସଂଖ୍ୟାରେ ପୁରୁଣା ନୂଆ ମିଶି ମୋଟ ୨୨ଜଣ କବିଙ୍କର କବିତା, ଦୁଇଟି ଗୀତି କବିତା, ଛ'ଟି ଗଳ୍ପ, ଅନୁବାଦ କବିତା, ଗଳ୍ପ ଓ ଆତ୍ମଜୀବନୀ, ଗୋଟିଏ ଏକାଙ୍କିକା ଓ ଦୁଇଟି ଫିଚର ପ୍ରକାଶ ପାଇଛି। ପ୍ରବୀଣ ଓ ଯୁବ ଲେଖକ, ଦେଶୀ ଓ ବିଦେଶୀ ସାହିତ୍ୟିକଙ୍କ ଗୁଣାତ୍ମକ ରଚନାରେ 'ସାରଳା' ସମୃଦ୍ଧ ଏବଂ ଓଡ଼ିଆ ଭାଷା ତଥା ଭାରତୀୟ ଭାଷାରେ ପ୍ରକାଶ ପାଉଥିବା ଉଚ୍ଚକୋଟୀର ପତ୍ରିକା ସହ ତା'ର ଉଦୟଲଗ୍ନରୁ ସମାସୀନ ହୋଇପାରିଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଅଛନ୍ତି ଡ. ହୃଷୀକେଶ ମଲ୍ଲିକ ଓ ପରିଚାଳନା ସମ୍ପାଦିକା ଶୁଚିସ୍ମିତା ମନ୍ତ୍ରୀ। ପ୍ରଚ୍ଛଦ ଆଙ୍କିଛନ୍ତି ରମାକାନ୍ତ ସାମନ୍ତରାୟ। ୧୩୬ ପୃଷ୍ଠାର (୧/୪ ସାଇଜ୍) ଏହି ପତ୍ରିକାର ମୂଲ୍ୟ ରଖାଯାଇଛି ଖଣ୍ଡ ପ୍ରତି ମାତ୍ର ଟ.୫୦/– ଓ ବାର୍ଷିକ ଦେୟ ଟ.୨୦୦/– (ବିଶେଷ ସଂଖ୍ୟା ବ୍ୟତୀତ)।

### ସ୍ମୃତି ନୈବେଦ୍ୟ



**ଲେଖିକା:** ଡା. ଅନୀତା ପଣ୍ଡା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର–୧
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୯୫/–

ଆଲୋଚ୍ୟ ପୁସ୍ତକର ରଚୟିତ୍ରୀ ଜୀବନରେ ବିଭିନ୍ନ ଅବକାଶରେ ଯେଉଁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ଓ ବିଶେଷ ଅନୁଭୂତି ଅର୍ଜନ କରିଛନ୍ତି, ତାକୁ ନେଇ ଏକ ସାରସ୍ୱତ–ସ୍ମୃତିକୋଷ ନିର୍ମାଣର ସ୍ୱପ୍ନ ଦେଖିଛନ୍ତି ଓ ସେ ସ୍ୱପ୍ନକୁ ସାକାର ମଧ୍ୟ କରିଛନ୍ତି। ଯେଉଁସବୁ ପ୍ରଖ୍ୟାତ ବ୍ୟକ୍ତିମାନଙ୍କ ସମ୍ପର୍କରେ ସେ ମୁକ୍ତବାକ୍, ସେମାନେ ହେଉଛନ୍ତି– ଡା. ଲଳିତ ପ୍ରକାଶ ଅଗ୍ରୱାଲ, ନେତ୍ର ପଟଳ ବିଶାରଦ ପଦ୍ମଶ୍ରୀ ମଦନମୋହନ, ପ୍ର. ନରେନ୍ଦ୍ର ନାଥ ସୁଦ୍, କାଳିନ୍ଦୀଚରଣ ପାଣିଗ୍ରାହୀ, ମନୋଜ ଦାସ, ଡା. ଏସ୍.ଏନ୍. ଫେଜେରଭ, ଟି.ଏ. କାସେ, ପ୍ର. ହରବର୍ଟ ଇ କଫମ୍ୟାନ୍, ନନ୍ଦିନୀ ଶତପଥୀ, ମହାପାତ୍ର ନୀଳମଣି ସାହୁ, ଅଖିଳ ମୋହନ ପଟ୍ଟନାୟକ, ଅଟଳ ବିହାରୀ ବାଜପେୟୀ, ରମା ଦେବୀ, ସୁନନ୍ଦା ପଟ୍ଟନାୟକ, ଅନୀମା ପେଦିନୀ, ରବି ରାୟ, ରାଜୀବ ଗାନ୍ଧୀ ଓ ଏ.ଆର୍. କିଦ୍‌ୱାଇ। ବହିଟିରୁ ଅନେକ ଅଳ୍ପଜ୍ଞାତ ସାରସ୍ୱତ ତଥ୍ୟ ଜାଣିବାକୁ ମିଳେ। ନନ୍ଦିନୀ ଶତପଥୀଙ୍କ ସମ୍ବନ୍ଧୀୟ ପରିଚ୍ଛେଦରେ ସାହିତ୍ୟ ସମ୍ପର୍କରେ ନନ୍ଦିନୀ ଦେବୀଙ୍କର ଧାରଣା ("ସାହିତ୍ୟକୁ ଜଳାଞ୍ଜଳି ଦିଆଯାଇପାରେନା। x x ଏହା ମଣିଷକୁ ଚିନ୍ତାମୁକ୍ତ କରିବାରେ ସାହାଯ୍ୟ କରିଥାଏ।") ଓ କୁନ୍ତଳା କୁମାରୀଙ୍କ ସମ୍ପର୍କରେ (୧୯୨୫ରେ 'ମହିଳା ବନ୍ଧୁ ସମିତି' ତାଙ୍କୁ 'ଉତ୍କଳ ଭାରତୀ' ସମ୍ମାନରେ ସମ୍ମାନିତ କରିଥିଲେ) ବହୁ ଜ୍ଞାତବ୍ୟ କଥା ଡା. ପଣ୍ଡା ଏ ବହିଟିରେ ଯେପରି ଲିପିବଦ୍ଧ କରିଛନ୍ତି, ଅନ୍ୟ ସମସ୍ତଙ୍କ ବିଷୟରେ ମଧ୍ୟ ଅନୁରୂପ ଭାବେ ସ୍ମୃତି–ସଜଳ ତାଙ୍କ ଲେଖା। ପାଠକ, ବିଶେଷକରି ଯୁବପିଢ଼ି ପାଇଁ ବହିଟିର ଉପାଦେୟତା ରହିଛି।

## କାଳକାଳକୁ



**"ବହୁ ଭୁଲ କରି ବିତିଥିବା ଜୀବନ କେବଳ ଅଧିକ ସମ୍ମାନାସ୍ପଦ ନୁହେଁ, କିଛି ନ କରି ବିତିଥିବା ଜୀବନଠାରୁ ବେଶୀ ଉପଯୋଗୀ ବି।"**
**– ଜର୍ଜ ବର୍ଣ୍ଣାଡ ଶ'**

**ଜର୍ଜ ବର୍ଣ୍ଣାଡ ଶ'**ଙ୍କ ଜନ୍ମ ୨୬ ଜୁଲାଇ ୧୮୫୬ରେ ଓ ପରଲୋକ ୨ ନଭେମ୍ବର ୧୯୫୦ରେ। ଏକାଧାରରେ ନାଟ୍ୟକାର, ସମାଲୋଚକ ଓ ରାଜନୈତିକ କର୍ମୀ ଏହି ଆଇରିଶ୍ ଲେଖକ ୧୮୮୦ରୁ ମୃତ୍ୟୁଯାଏଁ, ଏପରିକି ମୃତ୍ୟୁ ପରେ ବି ପାଶ୍ଚାତ୍ୟ ଥିଏଟରକୁ କ୍ରମାଗତଭାବେ ପ୍ରଭାବିତ କରିଛନ୍ତି। ରଚିତ ନାଟକ ସଂଖ୍ୟା ୬୦ରୁ ଅଧିକ, ଯାହା ମଧ୍ୟରେ ପ୍ରମୁଖ 'ମ୍ୟାନ୍ ଆଣ୍ଡ୍ ସୁପର ମ୍ୟାନ୍' (୧୯୦୨), 'ପିଗ୍‌ମାଲିଓନ' (୧୯୧୩) ଓ 'ସେଣ୍ଟ ଜୋନ୍' (୧୯୨୩)। ଶ' ଥିଲେ ତାଙ୍କ ପ୍ରଜନ୍ମର ଜଣେ ଅଗ୍ରଗଣ୍ୟ ନାଟ୍ୟକାର ଓ ୧୯୨୫ରେ ତାଙ୍କୁ ମିଳିଥିଲା ସାହିତ୍ୟ ପାଇଁ ନୋବେଲ ପୁରସ୍କାର। ସେ କହନ୍ତି: "ନିଜକୁ ପାଇଯିବା ନୁହେଁ, ନିଜକୁ ତିଆରିବା ଜୀବନର ଲକ୍ଷ୍ୟ।"

# ବାଘ ଓ ପରିସଂସ୍ଥା



ପରିସଂସ୍ଥା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରାକୃତିକ ବ୍ୟବସ୍ଥା। ଏହାର ସନ୍ତୁଳନ ରକ୍ଷା ତନ୍ମଧ୍ୟରେ ବାସ କରୁଥିବା ପ୍ରତ୍ୟେକ ସଜୀବର ସୃଷ୍ଟି , ବିକାଶ ଓ ସ୍ଥିତି ପାଇଁ ଅତ୍ୟାବଶ୍ୟକ ଏବଂ ପକ୍ଷାନ୍ତରେ ଏହି ପ୍ରତ୍ୟେକ ପ୍ରଜାତିର ମଧ୍ୟ ଏଥିପ୍ରତି ଅବଦାନ ରହିଛି। ଏଣୁ ତହିଁରୁ କାହାରି ବଂଶ ଅତ୍ୟଧିକ ହ୍ରାସ ବୃଦ୍ଧି ଏ ସନ୍ତୁଳନକୁ ବାଧା ପହଞ୍ଚାଇଥାଏ। ବର୍ତ୍ତମାନ ମନୁଷ୍ୟର ବିବିଧ ଅପରିଣାମଦର୍ଶୀ କାର୍ଯ୍ୟକଳାପ ହେତୁ ପରିବେଶ ବିପର୍ଯ୍ୟସ୍ତ ହେବା ସହିତ ଏମାନଙ୍କ ବାସସ୍ଥାନ ସଙ୍କୁଚିତ ହୋଇ ପରିସଂସ୍ଥୀୟ ସନ୍ତୁଳନକୁ ନଷ୍ଟ କରିବାରେ ଲାଗିଛି। ପରିଣାମରେ ପ୍ରତ୍ୟହ ବିଲୁପ୍ତ ହେବାରେ ଲାଗିଛି ଶତାଧିକ ଜଣା ଅଜଣା ପ୍ରଜାତି ଏବଂ ବିଲୁପ୍ତିପଥରେ ଆଗେଇ ଚାଲିଛନ୍ତି ଆହୁରି ଅନେକ। ବାଘ ଏବର ଶେଷୋକ୍ତ ଶ୍ରେଣୀର ଅନ୍ୟତମ ସଦସ୍ୟ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଜାତି ହୋଇଥିବାରୁ ଏହାର ବିଲୁପ୍ତି କିମ୍ବା ବ୍ୟାପକ ବଂଶହାନି ପରିବେଶ ଓ ପରିସଂସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିବ।

ଏକଦା ଆମ ଦେଶର ଅରଣ୍ୟଗୁଡ଼ିକରେ ଥିଲେ ହଜାର ହଜାର ସଂଖ୍ୟକ ବାଘ। ବ୍ୟାପକ ଶିକାର, କୃଷିର ସମ୍ପ୍ରସାରଣ ଓ ଶିଳ୍ପ ତଥା ବସତି ସ୍ଥାପନ ଲାଗି ଅରଣ୍ୟକ୍ଷୟ ଇତ୍ୟାଦି କାରଣରୁ ସେମାନଙ୍କ ବଂଶ ଦ୍ରୁତ ହ୍ରାସ ପାଇବାକୁ ଲାଗିଲା ଏବଂ ୧୯୭୨ ମସିହାରେ ଅନୁଷ୍ଠିତ ପ୍ରଥମ ସର୍ବଭାରତୀୟ ବ୍ୟାଘ୍ର ଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ପହଞ୍ଚିଯାଇଥିଲା ମାତ୍ର ୧୮୨୭ରେ। ତେଣୁ ତଦାନିନ୍ତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ପ୍ରଣୟନ କଲେ ଏବଂ ୨୯ଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପ୍ରତିଷ୍ଠା କରାଇଲେ। ଫଳରେ ସେମାନଙ୍କ ସଂଖ୍ୟା ହଠାତ୍ ବୃଦ୍ଧି ପ୍ରାପ୍ତ ହେଲା ଏବଂ ତତ୍ପରେ ପୁନଶ୍ଚ କିଛିଟା ହ୍ରାସ ପାଇଲା। କିନ୍ତୁ ୨୦୦୭ ମସିହାଠାରୁ ଏହା କ୍ରମାଗତ ଭାବେ ବଢ଼ି ବଢ଼ି ଚାଲିଛି। ସର୍ବଭାରତୀୟ ବ୍ୟାଘ୍ର ଗଣନା ଅନୁସାରେ ଏହା ୧୯୭୨ ମସିହାରୁ ୧୯୭୯ ମସିହା ମଧ୍ୟରେ ୧୮୨୭ ରୁ ୩୦୧୫କୁ ବୃଦ୍ଧି ପାଇଲା ବେଳେ ୧୯୮୪ ମସିହା ବେଳକୁ ୪୦୦୫ରେ, ୧୯୮୯ରେ ୪୩୩୪ରେ ପହଞ୍ଚିଥିଲା। ତତ୍ପରେ ୧୯୯୩ ମସିହାରେ ତାହା ୩୭୫୦ରେ, ୧୯୯୭ ମସିହା ବେଳକୁ ୩୫୦୬, ୨୦୦୨ ମସିହା ବେଳକୁ ୩୬୪୨ ଏବଂ ୨୦୦୬ ମସିହାରେ ୧୪୧୧କୁ ଖସି ଆସିଲା। କିନ୍ତୁ ଏହା ପରଠାରୁ ଅର୍ଥାତ ୨୦୧୦ ମସିହାରେ ଆମ ଦେଶର ବାଘ ସଂଖ୍ୟା ୧୭୦୬ ତଥା ୨୦୧୪, ୨୦୧୮ ଏବଂ ୨୦୨୨ ଯଥାକ୍ରମରେ ୨୨୨୬, ୨୯୬୭ ଏବଂ ୩୧୬୭କୁ ବୃଦ୍ଧି ପାଇବାର ବ୍ୟାଘ୍ର ଗଣନାରୁ ଜଣାପଡ଼ିଛି। ଇତିମଧ୍ୟରେ (୨୦୨୩ ମସିହା ସୁଦ୍ଧା) ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଖ୍ୟା ମଧ୍ୟ ୫୩ରେ ପହଞ୍ଚିଛି। ଫଳରେ ଏଠାରେ ଏବେ ବାସ କରୁଛନ୍ତି ସମଗ୍ର ବିଶ୍ୱର ୭୦ ରୁ ୭୫ ଶତାଂଶ ବାଘ। ଆଶା କରାଯାଏ ଯେ, ଆଗାମୀ ବର୍ଷଗୁଡ଼ିକରେ ଏମାନଙ୍କ ସଂଖ୍ୟା ଆହୁରି ୧୫୦୦ରୁ ୫୦୦୦ ପର୍ଯ୍ୟନ୍ତ ବଢ଼ିପାରେ। ତେବେ ଆମ ଦେଶରେ ସମୁଦାୟ ବାଘ ସଂଖ୍ୟାକୁ ୪୦୦୦ରୁ ୫୦୦୦ ମଧ୍ୟରେ ସୀମିତ ରଖିବାକୁ ମତ ଦେଲେଣି କିଛି ପରିବେଶବିଜ୍ଞାନୀ। ତଦନୁସାରେ ଏହା ତହିଁରୁ ଅଧିକ ହୋଇଗଲେ ସେଗୁଡିକର ସୁପରିଚାଳନା ହୋଇପାରିବ ନାହିଁ ଏବଂ ମଣିଷ-ବାଘ ସଂଘର୍ଷ ବଢ଼ି ଚାଲିବ। ଏପରିକି ପରିସଂସ୍ଥୀୟ ସନ୍ତୁଳନକୁ ମଧ୍ୟ ବ୍ୟାହତ କରିବ।

ବାଘକୁ କୁହାଯାଏ 'ଛତ୍ର ପ୍ରଜାତି'। କାରଣ ଖାଦ୍ୟଶୃଙ୍ଖଳ ଶୀର୍ଷରେ ଥିବା ଖାଦକ ହିସାବରେ ଏହା ନିଜେ ବାସ କରୁଥିବା ପରିସଂସ୍ଥାର ରୂପରେଖ ନିର୍ଦ୍ଧାରଣ କରେ ଏବଂ ଏହା ମାଧ୍ୟମରେ ସୁରକ୍ଷାର 'ଛାୟା' ପ୍ରଦାନ କରେ ହଜାର ହଜାର ଅନ୍ୟାନ୍ୟ ପ୍ରଜାତିମାନଙ୍କୁ। ଆମ ଦେଶର ୩୫୦ରୁ ଅଧିକ ନଦନଦୀର ନିର୍ଗମନ ଘଟିଛି ବାଘମାନଙ୍କ ବାସସ୍ଥଳୀରୁ। ଏହି ବଣଜଙ୍ଗଲ ପୂର୍ଣ୍ଣ ସ୍ଥାନଗୁଡିକ ମଣିଷ ଦାଉରୁ ଅଧିକ ସୁରକ୍ଷିତ। ସେଗୁଡିକ ନଦୀଗୁଡ଼ିକୁ ଜଳପୁଷ୍ଟ ହେବା, ବାୟୁରୁ ଅଙ୍ଗାରକାମ୍ଳ ଶୋଷଣ ସହିତ ତାହାକୁ ଅମ୍ଳଜାନରେ ସମୃଦ୍ଧ କରିବା ଏବଂ ଭୂତଳ ଜଳସ୍ତର ବୃଦ୍ଧି ଆଦି ପ୍ରାକୃତିକ ପ୍ରକ୍ରିୟାରେ ସହାୟକ ହେଉଛନ୍ତି। ଅନ୍ୟପକ୍ଷରେ ଏହାଦ୍ୱାରା ଜଳବାୟୁ ପରିବର୍ତ୍ତନ, ବାତ୍ୟା, ବନ୍ୟା ଇତ୍ୟାଦି ବିପର୍ଯ୍ୟୟ ନିୟନ୍ତ୍ରିତ ହେଉଛି। ଏସବୁର ମୂଲ୍ୟ ବାର୍ଷିକ ପ୍ରାୟ ୨୧୯ ହଜାର ନିୟୁତ ଆମେରିକୀୟ ଡଲାର ହୋଇପାରେ ବୋଲି ଆକଳନ କରିଛନ୍ତି ଭାରତ ଓ ଅଷ୍ଟ୍ରେଲିଆର ଏକ ବୈଜ୍ଞାନିକ ଦଳ।

> ୨୦୧୦ ମସିହାରେ ଆମ ଦେଶର ବାଘ ସଂଖ୍ୟା ୧୭୦୬ ଥିବାବେଳେ ୨୦୧୪ରେ ୨୨୨୬, ୨୦୧୮ରେ ୨୯୬୭ ଏବଂ ୨୦୨୨ରେ ୩୧୬୭କୁ ବୃଦ୍ଧି ପାଇବାର ବ୍ୟାଘ୍ର ଗଣନାରୁ ଜଣାପଡ଼ିଛି। ଏଥିସହିତ ୨୦୨୩ ମସିହା ସୁଦ୍ଧା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଖ୍ୟା ମଧ୍ୟ ୫୩ରେ ପହଞ୍ଚିଛି।

ବ୍ୟାଘ୍ର ସଂରକ୍ଷଣର ଜାଗତିକ ଉଷ୍ମତା ବୃଦ୍ଧି ଉପରେ ଏବେ ଅଧ୍ୟୟନମାନ ଚାଲିଛି। ସେଥିରୁ ଗୋଟିଏ ଭୋପାଳସ୍ଥିତ 'ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫରେଷ୍ଟ ମ୍ୟାନେଜମେଣ୍ଟ' ଏବଂ 'ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି 'ଦ୍ୱାରା ଛଅଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ବେଟ, କାହ୍ନା, କାଜିରଙ୍ଗା, ପେରିୟାର, ରାଥାମ୍ବୋର ଏବଂ ସୁନ୍ଦରବନଠାରେ ଅନୁଷ୍ଠିତ ହୋଇଥିଲା। ତହିଁରୁ ଜଣାପଡିଥିଲା ଯେ, ଏଗୁଡିକର ଅର୍ଥନୈତିକ ଅବଦାନ ହେଉଛି ବାର୍ଷିକ ୮.୩ ରୁ ୧୭.୬ ହଜାର ନିୟୁତ (ବିଲିୟନ) ଟଙ୍କା। ତତ୍ପରେ ୨୦୧୯ ମସିହାରେ ଆନାମଲାଇ, ବନ୍ଦିପୁର, କୁଧ୍ୱା, ମେଲଘାଟ, ନାଗାର୍ଜୁନସାଗର, ଶ୍ରୀସାଇଲମ୍, ପାକ୍କେ, ପାଲାମାଉ, ପାନ୍ନା, ସିମିଳିପାଳ ଏବଂ ବାଲ୍ମୀକି (୧୦ଟି) ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପଗୁଡ଼ିକରେ ଅନୁଷ୍ଠିତ ସେହି ପ୍ରକାର ଅଧ୍ୟୟନରୁ ଏଗୁଡିକର ସାମୂହିକ ଆର୍ଥିକ ଅବଦାନ (ପରିସଂସ୍ଥା ସମୁନ୍ନତ ଇତ୍ୟାଦି ) ୫,୦୯୫ରୁ ୧୬,୨୦୨ କୋଟି ଟଙ୍କା ବୋଲି ଆକଳନ କରାଯାଇଥିଲା। ତେବେ ଜାଗତିକ ଉଷ୍ମତା ହ୍ରାସ ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରକୁ ଏହାର ଅବଦାନ କଥା ତହିଁରେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା।

ନିକଟରେ ଏ ଦିଗରେ ଆଲୋକପାତ କରିଛନ୍ତି 'ନ୍ୟାଶନାଲ ୟୁନିଭର୍ସିଟି ଅଫ ସିଙ୍ଗାପୁର' ସ୍ଥିତ 'ସେଣ୍ଟର ଫର୍ ନେଚର-ବେସ୍‌ଡ କ୍ଲାଇମେଟ୍ ଚେଞ୍ଜ ସଲ୍ୟୁଶନ'ର ଆକାଶ ଲାମ୍ବା ଏବଂ ତାଙ୍କ ସହଯୋଗୀମାନେ। ତଦନୁସାରେ 'ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି' ଦ୍ୱାରା ଆମ ଦେଶରେ ସ୍ଥାପିତ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପଗୁଡ଼ିକର ଅର୍ଥନୈତିକ ଅବଦାନ ବାର୍ଷିକ ୬୭୯ କୋଟି ଟଙ୍କା ଏବଂ ସେଗୁଡ଼ିକ ବାୟୁମଣ୍ଡଳକୁ ପ୍ରାୟ ୧ ନିୟୁତ ଟନ୍ ଅଙ୍ଗାରକାମ୍ଳର ପ୍ରବେଶ ନିବାରଣ କରନ୍ତି। (ନେଚର ଇକୋଲୋଜି ଆଣ୍ଡ ଇଭାଲ୍ୟୁଶନ ପତ୍ରିକା, ଜୁନ୍ ୨୦୨୩)। ଏହା ବ୍ୟତୀତ ବାଘଙ୍କ ଉପସ୍ଥିତି ଅରଣ୍ୟକୁ କାଠମାଫିଆ ଏବଂ ଶିକାରୀମାନଙ୍କଠାରୁ ସୁରକ୍ଷା ଦେବା ଫଳରେ ଜୈବ ବିବିଧତାର ସୁରକ୍ଷା ଏବଂ ଜାଗତିକ ଉଷ୍ମତା ନିୟନ୍ତ୍ରଣ ମଧ୍ୟ ହୋଇପାରୁଛି।

ଇତିମଧ୍ୟରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବାହାରେ ଥିବା କେତେକ ଅରଣ୍ୟ ମଧ୍ୟରେ ବାଘ ଓ ଚିତାବାଘ ପାଳନ ଲାଗି ପ୍ରୟାସ ହେଉଛି। କାରଣ ସେସବୁ ସ୍ଥାନରେ ଆଗରୁ ସେମାନେ ବାସ କରୁଥିଲେ। କିନ୍ତୁ ଏ ଉଦ୍ୟମ ସଫଳ ହେଉନାହିଁ। କାରଣ ଇତିମଧ୍ୟରେ ସେଠାର ପରିସଂସ୍ଥା ବଦଳି ସାରିଛି। ଏପରିସ୍ଥଳେ ତାହା ନ କରି ଯଦି ସମ୍ଭବ ହୁଏ ଏବଂ ପରିବେଶ ବିଜ୍ଞାନୀମାନେ ସମ୍ମତ ହୁଅନ୍ତି ତେବେ ଅଧିକ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସ୍ଥାପନ, ସେଗୁଡ଼ିକୁ ସେମାନଙ୍କ ଯାତାୟତ ପାଇଁ ଅରଣ୍ୟ ରାସ୍ତା ଦ୍ୱାରା ଯୋଡ଼ିବା, ବାଘ ସମେତ ସେମାନଙ୍କ ଖାଦ୍ୟ ରୂପେ ବ୍ୟବହାର ହେଉଥିବା ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଶିକାର ରୋକିବା ଆଦି ଦିଗରେ ପଦକ୍ଷେପ ଅଧିକ ଫଳପ୍ରଦ ହେବ।

**- ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**
ଉଷାନିବାସ, ୧୨୪/୨୪୪୫ ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ-୯୯୩୭୩୦୧୪୬୦

## ରାଜ୍ୟ ଖବର

### ସଂକ୍ଷେପରେ

### ପ୍ରଥମେ ମହିଳା ଯାତ୍ରୀଙ୍କୁ ବସ୍‌ରେ ନ ଉଠାଇବା ପ୍ରସଙ୍ଗ: ମାଲିକ ଗଣିବେ ଜରିମାନା

**ଆର୍‌ଟିଓଙ୍କୁ ଚିଠି ଲେଖିଲା ଏସ୍‌ଟିଏ**

**ଭୁବନେଶ୍ୱର,୨୮।୭ (ଅନିଲ ଦାସ):** ମହିଳା ଯାତ୍ରୀଙ୍କୁ ଯଦି କୌଣସି ବସ୍ କର୍ମଚାରୀ ପ୍ରଥମେ ପାସେଞ୍ଜର ଭାବେ ଉଠାଇବାକୁ ବାରଣ କରିବେ ତେବେ ସମ୍ପୃକ୍ତ ବସ୍ ମାଲିକଙ୍କୁ ଜରିମାନା ଗଣିବାକୁ ପଡ଼ିବ। ବସ୍‌ର ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ ଅଭିଯୋଗ ଆସିବା ପରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ପକ୍ଷରୁ ଏଭଳି ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏ ନେଇ ଶୁକ୍ରବାର ଏସ୍‌ଟିଏ ସଚିବ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କୁ ଚିଠି ଲେଖିଛନ୍ତି। ମହିଳାଙ୍କୁ ପ୍ରଥମ ପାସେଞ୍ଜର ଭାବେ ବାରଣ କଲେ ବସ୍ ମାଲିକଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯିବ। ରାଜ୍ୟ ପରିବହନ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଯଦି କେଉଁଠି ମହିଳାଙ୍କୁ ପ୍ରଥମେ ବସ୍ ଉପରେ ଚଢ଼ିବା ପାଇଁ ବାରଣ କରାଯାଏ, ତେବେ ସମ୍ପୃକ୍ତ ବସ୍ ମାଲିକଙ୍କ ବିରୋଧରେ ମୋଟର ଯାନ ଆଇନ-୧୯୮୮ର ସେକ୍ସନ ୧୯୨(ଏ) ଅନୁଯାୟୀ ଇ-ଚାଲାଣ କଟାଯିବ। ନିକଟରେ ଜଣେ ମହିଳା ଯାତ୍ରୀ ଭୁବନେଶ୍ୱର ବରମୁଣ୍ଡାରୁ ମାଲକାନଗିରି ଯିବାକୁ ଚାହୁଁଥିଲେ। ସେ ବସ୍‌ରେ ଚଢ଼ିବାକୁ ଚାହିଁବାରୁ ବସ୍ କଣ୍ଡକ୍ଟର ତାଙ୍କୁ ବାରଣ କରିଥିଲେ। ବସ୍‌ରେ କେହି ପୁରୁଷ ଯାତ୍ରୀ ନ ଥିବାରୁ ମହିଳାଙ୍କୁ ପ୍ରଥମେ ବସ୍ ଭିତରକୁ ଯିବାକୁ ଅନୁମତି ମିଳି ନ ଥିଲା। ଏହି ଘଟଣାକୁ ନେଇ ଜଣେ ସାମାଜିକ କର୍ମୀ ରାଜ୍ୟ ମହିଳା କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କମିଶନ ତାଙ୍କ ପିଟିଶନକୁ ଗ୍ରହଣ କରି ଏଭଳି କୁତ୍ସିତ ପ୍ରଥାକୁ ବନ୍ଦ କରିବାକୁ ପରିବହନ ବିଭାଗକୁ ଚିଠି ଲେଖିଥିଲେ।

### ମାଓବାଦୀଙ୍କ ଶହୀଦ ସପ୍ତାହରେ ଗଡ଼ିଲା ସରକାରୀ ବସ୍

**ମାଲକାନଗିରି,୨୮।୭(ଦୁର୍ଯ୍ୟୋଧନ ପାତ୍ର):** ପ୍ରତିବର୍ଷ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ମାଓବାଦୀମାନେ ଶହୀଦ ସପ୍ତାହ ପାଳନ କରିଆସୁଛନ୍ତି। ଏଥିପାଇଁ ପୂର୍ବରୁ ମାଓବାଦୀମାନେ ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ବ୍ୟାନର ଲଗାଇଥାନ୍ତି। ହିଂସାକାଣ୍ଡ ଘଟାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲାରେ ସରକାରୀ ବସ୍ ଚଳଚଳ ମଧ୍ୟ ବନ୍ଦ। ତେବେ ବର୍ତ୍ତମାନ ସ୍ଥିତିରେ ସୁଧାର ଆସିଛି। ମାଓବାଦୀଙ୍କ ଦବାଦବ ବହୁମାତ୍ରାରେ ଜିଲାରେ କମିଛି। ମାଓବାଦୀ ଗଡ଼ ଭୁଶୁଡ଼ି ପଡ଼ିଛି। ଏଥିଯୋଗୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ମାଓବାଦୀଙ୍କ ଶହୀଦ ସପ୍ତାହ ଅବସରରେ ମାଲକାନଗିରିରେ ସରକାରୀ ବସ୍ ଚଳାଚଳ କରିଛି। ମାଲକାନଗିରି ପୋଲିସ, ଡିଭିଏଫ୍, ଏସଓଜି, ବିଏସଏଫ ଯବାନମାନେ ମିଳିତ କୋମ୍ବିଂ ଅପରେଶନ ଜାରି ରଖିଛନ୍ତି।

# ଜୁଲାଇ ୩୧ ସୁଦ୍ଧା ଶେଷ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଫସଲ ବୀମା ପଞ୍ଜୀକରଣ**

ଭୁବନେଶ୍ୱର,୨୮।୭ (ଅନିଲ ଦାସ)

ଜୁଲାଇ ୩୧ ସୁଦ୍ଧା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ କୃଷକମାନଙ୍କର ନାମ ପଞ୍ଜୀକରଣ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧାନ ପାଇଁ ଗ୍ରାମ ପଞ୍ଚାୟତ, ବିଜ୍ଞାପିତ ଅଞ୍ଚଳ ପରିଷଦ କିମ୍ବା ମ୍ୟୁନିସିପାଲିଟିରେ ଏବଂ ଅଣଧାନ ପାଇଁ ବ୍ଲକ ସ୍ତରରେ କୃଷକମାନଙ୍କର ନାମ ପଞ୍ଜୀକୃତ ହେଉଛି। ପୂର୍ବରୁ ଋଣ ନେଇଥିବା କୃଷକମାନେ ସମ୍ପୃକ୍ତ ବ୍ୟାଙ୍କ ଶାଖା ବା ପ୍ରାଥମିକ କୃଷି ସମବାୟ ସମିତିରେ ନାମ ପଞ୍ଜୀକରଣ କରିପାରିବେ। ଋଣ ନେଇଥିବା ଚାଷୀମାନେ ବ୍ୟାଙ୍କ ଶାଖା, ଜନସେବା କେନ୍ଦ୍ର, ବୀମା କମ୍ପାନୀ ମଧ୍ୟସ୍ଥ ସଂସ୍ଥା, ବୀମା କମ୍ପାନୀଗୁଡ଼ିକରେ କାର୍ଯ୍ୟକ୍ଷମ କାର୍ଯ୍ୟାଳୟ କିମ୍ବା ବୀମା ଆପ୍ଲିକେଶନ ବ୍ୟବହାର କରି ନାମ ପଞ୍ଜୀକରଣ କରିପାରିବେ।

ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୀମା ପୋର୍ଟାଲରେ ପଞ୍ଜୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଲୋଚନା ହୋଇଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ଜୁଲାଇ ୩୧ ତାରିଖ ସୁଦ୍ଧା ସମସ୍ତ କୃଷକ ନିଜ ନିଜର ନାମ ବୀମା ପୋର୍ଟାଲରେ ପଞ୍ଜୀକରଣ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଏ ବର୍ଷ ମୌସୁମୀ ବିଳମ୍ବିତ ହୋଇଥିବାରୁ ଓ ବୀମା ପୋର୍ଟାଲରେ ବିଭିନ୍ନ କାରଣରୁ ପଞ୍ଜୀକରଣ ବିଳମ୍ବିତ ହେଉଥିବାରୁ ଏଥିପାଇଁ ସମୟସୀମା ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ତେବେ ଏ ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଯାଇ ନାହିଁ। ସମୟ ଶେଷ ହୋଇ ଆସୁଥିବାରୁ ଜୁଲାଇ ୩୧ ସୁଦ୍ଧା ଚାଷୀଙ୍କ ନାମ ପଞ୍ଜୀକରଣ କରିବାକୁ କୁହାଯାଇଛି। ଧାନ, ହରଡ଼, ମକା, ଚିନାବାଦାମ, ମାଣ୍ଡିଆ, କପା, ଅଦା, ହଳଦୀ ଭଳି ୮ଟି ଫସଲକୁ ବୀମାଭୁକ୍ତ କରିବା ପାଇଁ ଚଳିତ ବର୍ଷ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏ ସମ୍ପର୍କରେ ପୂର୍ବରୁ ଜିଲାରେ କେତେ ସଂଖ୍ୟକ ଚାଷୀମାନଙ୍କର ପଞ୍ଜୀକରଣ କରାଯିବ ସେ ନେଇ ଏକ ସମ୍ଭାବ୍ୟ ସଂଖ୍ୟା କୃଷି ବିଭାଗ ତରଫରୁ ପଠାଯାଇଛି। ଧାର୍ଯ୍ୟଲକ୍ଷ୍ୟ ପୂରଣ କରି ଚାଷୀମାନଙ୍କର ଯେତେ ଅଧିକ ସଂଖ୍ୟକ ନାମ ପଞ୍ଜୀକରଣ ହେବ ତାହା ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି। ଆସନ୍ତା ୨୯ ଓ ୩୦ ତାରିଖ ୨ ଦିନ ଛୁଟି ଥିବା ସତ୍ତ୍ୱେ ଜିଲା ପ୍ରଶାସନ, କୃଷି ବିଭାଗ ସମସ୍ତେ ସହଯୋଗ କରି କାର୍ଯ୍ୟ ତ୍ୱରାନ୍ୱିତ କରି ଚାଷୀମାନଙ୍କର ବୀମା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ସମସ୍ତ ଜିଲାରେ ଧାନ, ୧୬ ଜିଲାର ୭୫ ବ୍ଲକରେ ଚିନାବାଦାମ, ୯ ଜିଲାର ୪୪ ବ୍ଲକରେ କପା, ୧୪ ଜିଲାର ୧୨୧ ବ୍ଲକରେ ହରଡ ଓ ୧୮ ଜିଲାର ୧୮୦ ବ୍ଲକରେ ମକା, ୭ ଜିଲାର ୨୫ ବ୍ଲକରେ ଅଦା, ୬ ଜିଲାର ୬୬ ବ୍ଲକରେ ମାଣ୍ଡିଆ ଆଦି ଫସଲକୁ ଚାଷୀମାନେ ବୀମାକରଣ କରିପାରିବେ। ୨୦୧୬ରୁ ଓଡ଼ିଶା ସରକାର ରାଜ୍ୟରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲ କ୍ଷତି ହେଲେ କ୍ଷତିଗ୍ରସ୍ତ କୃଷକମାନଙ୍କୁ ବୀମା କମ୍ପାନୀ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯାଉଛି। ଏହି ପଞ୍ଜୀକରଣ ପାଇଁ ରାଜ୍ୟ ସରକାର ନିଜ ଭାଗ ପ୍ରିମିୟମ ବହନ କରିବା ସହ କୃଷକମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ପ୍ରିମିୟମ ଅଂଶ ମଧ୍ୟ ପ୍ରଦାନ କରୁଛନ୍ତି। ରାଜ୍ୟରେ ପ୍ରାୟ ୨୫ ଲକ୍ଷ କୃଷକ ପଞ୍ଜୀକରଣ କରାଯାଇ ପ୍ରାୟ ୨୧ ଲକ୍ଷ ହେକ୍ଟର ଜମି ବୀମାଭୁକ୍ତ ହେବ ବୋଲି ଆଶା କରାଯାଇଛି। ତ୍ୱରିତ ପଦକ୍ଷେପ ନିଆଯାଇ ଆଗାମୀ ୪ ଦିନ ମଧ୍ୟରେ ପଞ୍ଜୀକରଣ କାର୍ଯ୍ୟ ଶେଷ କରିବାକୁ ଜିଲାପାଳମାନଙ୍କୁ କୁହାଯାଇଛି। କୃଷକମାନଙ୍କୁ ବୀମା ପଞ୍ଜୀକରଣ ନିମନ୍ତେ ବିଭିନ୍ନ ସ୍ତରରେ ସଚେତନ କରାଯାଉଛି। ଋଣ ନେଇଥିବା କୃଷକମାନଙ୍କ ପାଇଁ ଅଗଷ୍ଟ ୧୬ ତାରିଖ ସୁଦ୍ଧା ତଥ୍ୟ ଅପ୍‌ଲୋଡ କରିବାର ବ୍ୟବସ୍ଥା ରହିଛି। ସରକାରୀ ଅଧିକାରୀ, ଜନସେବା କେନ୍ଦ୍ର ଏବଂ ବୀମା କମ୍ପାନୀ ପ୍ରତିନିଧିଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଏହି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ କୃଷି ବିଭାଗ ପଦାଧିକାରୀ ଉପସ୍ଥିତ ଥିବାବେଳେ ସମସ୍ତ ଜିଲାର ଜିଲାପାଳ, ଜିଲା ସମବାୟ ନିବନ୍ଧକ, ବିଡିଓ, କୃଷି ଅଧିକାରୀ ଏବଂ ସମବାୟ ସମିତିର କର୍ମକର୍ତ୍ତାମାନେ ଆଭାସି ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ।

# ଓଡ଼ିଶାର ବିଭିନ୍ନ ପଛୁଆବର୍ଗଙ୍କୁ କେନ୍ଦ୍ରର ଓବିସି ସୂଚୀରେ ସାମିଲ କରାଯାଉ



**କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀଙ୍କୁ ଅନୁରୋଧକଲେ ଧର୍ମେନ୍ଦ୍ର**

ଭୁବନେଶ୍ୱର, ୨୮।୭(ସୁନିତ୍ ମିଶ୍ର)

ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ବିଭିନ୍ନ ପଛୁଆବର୍ଗଙ୍କୁ କେନ୍ଦ୍ରର ଅନ୍ୟାନ୍ୟ ପଛୁଆବର୍ଗ (ଓବିସି) ସୂଚୀରେ ସାମିଲ କରିବା ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାରଙ୍କ ସହ ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ଗଞ୍ଜାମ ଓ ଗଜପତି ଜିଲାରେ ବସବାସ କରୁଥିବା 'ରାଜଶ୍ରୀ ବଳାଶି' ସମୁଦାୟର ପ୍ରତିନିଧିମାନେ ମଧ୍ୟ ଏହି ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଛନ୍ତି। ଏହାର ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଧର୍ମେନ୍ଦ୍ର ତାଙ୍କୁ ସାଧୁବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ଆର୍ଥିକ ଦୃଷ୍ଟିରୁ ପଛୁଆବର୍ଗର ଲୋକଙ୍କ ଉନ୍ନତି ପାଇଁ ନରେନ୍ଦ୍ର ମୋଦିଙ୍କ ସରକାର ପ୍ରତିଶ୍ରୁତିବଦ୍ଧ। ଅନ୍ୟାନ୍ୟ ପଛୁଆବର୍ଗ ନିମନ୍ତେ ଉଦ୍ଦିଷ୍ଟ ଜାତୀୟ କମିଶନ ଏବଂ ସଂରକ୍ଷଣ ବ୍ୟବସ୍ଥାରେ ବିଭିନ୍ନ ପଛୁଆବର୍ଗଙ୍କୁ ସାମିଲ କରାଯାଇ ସେମାନଙ୍କ ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରାଯାଇଛି।

# ୧୪ କି.ମି. ଭାରରେ ବୁହାହେଲେ ଗର୍ଭବତୀ



ଭାରରେ ବୋହି ଗର୍ଭବତୀଙ୍କୁ ନିଆଯାଉଛି।

**କଳାହାଣ୍ଡିରେ ପୁଣି ଜନନୀ ଯନ୍ତ୍ରଣା**

ଭବାନୀପାଟଣା,୨୮।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡିରେ ପୁଣି ସାମ୍ନାକୁ ଆସିଛି ଜନନୀ ଯନ୍ତ୍ରଣା। ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ଶେଷରେ ବାଧ୍ୟହୋଇ ପରିବାର ଲୋକେ ଭାରରେ ପ୍ରାୟ ୧୪ କି.ମି. ବୋହିଥିଲେ। ଶୁକ୍ରବାର ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିଲେଟ ପଞ୍ଚାୟତ ଝାଞ୍ଜି ଗାଁରେ। ଆଦିବାସୀ ଅଧ୍ୟୁଷିତ ଅପହଞ୍ଚ ଅଞ୍ଚଳ ଭାବେ ପରିଚିତ ଥୁଆମୂଳ ରାମପୁର ବ୍ଲକର ୬୦ ପ୍ରତିଶତ ଗାଁକୁ ପକ୍କା ରାସ୍ତା ନାହିଁ, ଯେଉଁଥିପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ଝାଞ୍ଜି ଗାଁର ରଶ୍ମିତା ମାଝିଙ୍କୁ ପ୍ରସବ ବେଦନା ହୋଇଥିଲା। ଡାକ୍ତରଖାନା ନେବା ପାଇଁ ପରିବାର ଲୋକେ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ହେଲେ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ଶେଷରେ ବାଧ୍ୟହୋଇ ପରିବାର ଲୋକେ ପ୍ରାୟ ୧୪ କି.ମି. ପେଡିପଦର ଛକ ପର୍ଯ୍ୟନ୍ତ ଭାରରେ ବୋହି ନେଇଥିଲେ। ପରେ ସେଠାରୁ ଏକ ଅଟୋ ଯୋଗେ କଲ୍ୟାଣୀସିଂପୁର ଡାକ୍ତରଖାନାକୁ ନେଇ ରଶ୍ମିତାଙ୍କୁ ଭର୍ତ୍ତି କରିଥିଲେ ପରିବାର ଲୋକେ। ମିଳିଥିବା ସୂଚନା ଅନୁଯାୟୀ, ସୀମାବର୍ତ୍ତୀ ସିଲେଟ ପଞ୍ଚାୟତ ବ୍ଲକ ମୁଖ୍ୟାଳୟଠାରୁ ୭୦ କିଲୋମଟର ଦୂରରେ ଥିବା ବେଳେ ଲୋକେ ରାୟଗଡା ଜିଲା କଲ୍ୟାଣୀସିଂପୁର ଉପରେ ନିର୍ଭର କରିଥାନ୍ତି। ଗାଁକୁ ରାସ୍ତା ନ ଥିବା ବେଳେ ବିଭିନ୍ନ ସମୟରେ ରୋଗୀ ଓ ଗର୍ଭବତୀଙ୍କୁ ଭାରରେ ବୋହି ଆଣିବାକୁ ପଡିଥାଏ। ଗାଁକୁ ରାସ୍ତା ନିର୍ମାଣ ନେଇ ବାରମ୍ବାର ଦାବି ପରେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି।

# ବନ୍ଧୁଙ୍କୁ ସହାୟତା କରି ବନ୍ଧାହେଲେ ୨

**କନିଷ୍ଠଯନ୍ତ୍ରୀଙ୍କ ନିକଟରୁ ମିଳିଲା ଜୀବନ୍ତ ଗୁଳି**

ଦାମନଯୋଡି,୨୮।୭(ନରସିଂହ ବ୍ରହ୍ମା)

ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ସୁନାବେଡ଼ା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ବିଦ୍ୟୁତ୍ ବିଭାଗ ଟାଟାପାୱାରର କନିଷ୍ଠଯନ୍ତ୍ରୀ ସରୋଜ କୁମାର ବେହେରା ଅଛନ୍ତି। ତାଙ୍କ ଘର ଦାମନଯୋଡି ନିକଟସ୍ଥ ଭେଜାପୁଟ ଅଞ୍ଚଳର ଶାନ୍ତି ନଗରରେ। ଗିରଫ ଅନ୍ୟ ଜଣେ ହେଉଛନ୍ତି ସଞ୍ଜୟ ପ୍ରଧାନ। ଉଭୟଙ୍କୁ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଖବରରୁ ଜଣାପଡିଛି, ସଞ୍ଜୟ ତାଙ୍କ ବାପାଙ୍କ ସହ ପାରିବାରିକ କୌଣସି ବିଷୟକୁ ନେଇ ନିକଟରେ କଳହ ହୋଇଥିଲା। ବାପାଙ୍କୁ ଭୟଭୀତ କରାଇବା ପାଇଁ ସଞ୍ଜୟ ବାପାଙ୍କୁ ବନ୍ଧୁକ ଦେଖାଇଥିଲେ। ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ସୁନାବେଡ଼ା ପୋଲିସ ସଞ୍ଜୟଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ତେବେ ବନ୍ଧୁକ ସମ୍ପର୍କରେ ତାଙ୍କୁ ପଚରାଯିବାରୁ ସେ ଟାଟାପାୱାରର କନିଷ୍ଠଯନ୍ତ୍ରୀ ସରୋଜଙ୍କ ନାଁ ନେଇଥିଲେ। ପୋଲିସ ତଦନ୍ତ କରି ସରୋଜଙ୍କଠାରୁ ଜୀବନ୍ତ ଗୁଳି ଜବତ କରିଥିଲା। ତାଙ୍କୁ ଗିରଫ କରି ଆଣି ପଚରାଉଚରା ପରେ କୋର୍ଟଚାଲାଣ କରାଯାଇଥିଲା। ସଞ୍ଜୟ ତାଙ୍କ ବାପାଙ୍କୁ ବନ୍ଧୁକ ଦେଖାଉଥିବା ବେଳେ ସେଥିରେ ଗୁଳି ନ ଥିଲା। ଏହି ଗୁଳି ସରୋଜଙ୍କ ନିକଟରେ ଥିଲା। ବନ୍ଧୁତା ଦୃଷ୍ଟିରୁ ସଞ୍ଜୟଙ୍କୁ ସାହାଯ୍ୟ କରି ସରୋଜ ଜେଲ ଗଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଲିଫ୍ଟ ଦେବା ବାହାନାରେ ଯୁବତୀଙ୍କୁ ଗଣବଳାତ୍କାର

**୩ ଗିରଫ, ବୋଲେରୋ ଜବତ**

କୁଚିଣ୍ଡା,୨୮।୭(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଲିଫ୍ଟ ଦେବା ବାହାନାରେ ଗଣବଳାତ୍କାର କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଆଇପିସି ଦଫା ୩୭୬, ୩୭୬(ଡି), ୩୬୬, ୧୨୦(ବି)ରେ ଏକ ମାମଲା (ନଂ.୧୦୧/୨୩) ରୁଜୁ କରି ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି ଗୁରୁବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋବିନ୍ଦପୁର ଥାନା ଗଡ଼ପୋଷ (ଦେହୁରିପଡା)ର ଇନ୍ଦ୍ର ଛଞ୍ଚାଣ (୩୮) ଓ ସୁରଜ ଗନ୍ଧା (୩୨) ଏବଂ ବୋଲେରୋ ଚାଳକ ରବଗା ପଞ୍ଚାୟତ ନୂଆଁପାଲିର ଜୀବନଧନ ଲୁଗୁନ(୩୨)। ପୋଲିସ ଏଥିରେ ବ୍ୟବହୃତ ବୋଲେରୋ (ଓଆର୍୨୨ଇ ୫୪୪୫)କୁ ଜବତ କରିଛି। ଘଟଣା ସମ୍ବେଦନଶୀଳ ହୋଇଥିବାରୁ ସମ୍ବଲପୁର ଡିଏସ୍‌ପି ପ୍ରଭା ଧାନ ଏହାର ତଦନ୍ତ କରୁଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଯୁବତୀ ଜଣକ ବୁଧବାର ଉଜଳାପାଟ ପଞ୍ଚାୟତର ଟାଙ୍ଗରମୁଣ୍ଡା ଷ୍ଟେଟ୍ ବ୍ୟାଙ୍କକୁ କୌଣସି କାମରେ ଆସିଥିଲେ। ସେଠାରୁ କାମସାରି ଅପରାହ୍ନ ୧ଟାରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ସମ୍ପର୍କୀୟଙ୍କ ଘରକୁ ବାହାରିଥିଲେ। ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିବା ସମୟରେ ବାଇକ୍‌ରେ ଇନ୍ଦ୍ର ଓ ସୁରଜ ଆସି ତାଙ୍କୁ ସମ୍ପର୍କୀୟଙ୍କ ଘରେ ଛାଡି ଦେବାକୁ କହି ବାଇକ୍‌ରେ ବସାଇ ମହାବୀର ପାହାଡ ଅଞ୍ଚଳକୁ ନେଇ ବଳାତ୍କାର କରିଥିଲେ। ପରେ ସେଠାରୁ ଯୁବତୀଙ୍କୁ ଗଡ଼ପୋଷକୁ ଆଣି ବୋଲେରୋ ଚାଳକଙ୍କୁ ଫୋନ୍‌ରେ ଡାକିଥିଲେ। ରାତିରେ ସେମାନେ ଗଡ଼ପୋଷରୁ ବିଦେଶୀ ମଦ କିଣି ପୀଡ଼ିତାଙ୍କୁ ଜୋର ଜବରଦସ୍ତି ମଦ ପିଆଇ ବୋଲେରୋରେ ନିଛାଟିଆ ସ୍ଥାନକୁ ନେଇ ପୁଣି ବଳାତ୍କାର କରିଥିଲେ। ବିଳମ୍ବିତ ରାତିରେ ସେମାନେ ପୀଡିତାଙ୍କୁ ମାତାଲ ଅବସ୍ଥାରେ ଛାଡିଦେଇ ଫେରାର ହୋଇଯାଇଥିଲେ। ପୀଡିତା ଗୁରୁବାର ଗୋବିନ୍ଦପୁର ଥାନାରେ ଲିଖିତ ଏତଲା ଦେବାରୁ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଯୁବତୀଙ୍କ ସମ୍ପର୍କୀୟ ଭାଇ ହୋଇଥିବାରୁ ତାଙ୍କୁ ବିଶ୍ୱାସ କରି ଯୁବତୀ ଜଣକ ତାଙ୍କ ବାଇକ୍‌ରେ ଯାଇଥିଲେ।



ଗିରଫ ୩ ଅଭିଯୁକ୍ତ।

**ଖସିଲା ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** କ୍ରମାଗତ ୨ୟ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୦୭(୧୦୬.୭୨) ପଏଣ୍ଟ କମି ୬୬,୧୬୦ (୬୬,୧୬୦.୨୦) ଅଙ୍କରେ କାରବାର ବନ୍ଦ କରିଥିଲା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪ (୧୩.୮୫) ପଏଣ୍ଟ ହ୍ରାସ ଘଟି ୧୯,୬୪୬(୧୯,୬୪୬.୦୫) ଅଙ୍କରେ କାରବାର ବନ୍ଦ ହୋଇଛି।

# ଗ୍ରାମୀଣ ବ୍ୟାଙ୍କିଙ୍ଗ୍ ସେବାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୮।୭: (ଅଭୟ ଦାଶ)**

ଦେଶର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବାବେଳେ ବଳକା ଲୋକ ଅର୍ଦ୍ଧସହରାଞ୍ଚଳ ଓ ସହରାଞ୍ଚଳ ଆଦିରେ ବସବାସ କରୁଛନ୍ତି। ଏପରିକି ବର୍ତ୍ତମାନ ସମୟରେ ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ଫଳରେ ଗ୍ରାମାଞ୍ଚଳ କ୍ଷେତ୍ରରେ ଯୁବ ଉଦ୍ୟୋଗୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ସରକାର ସମସ୍ତ ସରକାରୀ ଯୋଜନା ଓ ପ୍ରୋତ୍ସାହନ ଯୋଗାଇବା ସହ ଅର୍ଥନୀତି ଓ ନିଯୁକ୍ତିରେ ସୁଧାର ଆଣିବାକୁ ପ୍ରୟାସ କରୁଛନ୍ତି। ବିଗତ ଦିନର ପରିସ୍ଥିତି ଓ ବର୍ତ୍ତମାନ ସ୍ଥିତିକୁ ଠିକ୍ ଭାବେ ଆକଳନ କଲେ ଗ୍ରାମାଞ୍ଚଳର



ଅଶୋକ ଚନ୍ଦ୍ର

ଉନ୍ନତି ତାହା ପରିପ୍ରକାଶ କରୁଛି। ଏଭଳି କିଛି ଦୃଶ୍ୟପଟ ସହ ଗ୍ରାମୀଣ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବା ସହିତ କାରବାର ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର କହିଛନ୍ତି। ସେହିଭଳି ଓଡ଼ିଶାରେ କାନାରା ବ୍ୟାଙ୍କର ଉପସ୍ଥିତି ବହୁତ ଭଲ ରହିଥିବାବେଳେ ଆଗାମୀ ଦିନରେ ଆଉ କିଛି ନୂଆ ସେବା ସୁବିଧା ଓ ଶାଖା ରାଜ୍ୟବାସୀଙ୍କ ପାଇଁ ଆରମ୍ଭ କରାଯିବ ବୋଲି ସେ ମତପ୍ରକାଶ କରିଛନ୍ତି। ଏପରିକି ଓଡ଼ିଶାରେ କାନାରା ବ୍ୟାଙ୍କର ୨୭୭ ଟି ଶାଖା ରହିଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଆଉ ୧୦ଟି ନୂଆ ଶାଖା ଖୋଲିବାକୁ ଯୋଜନା ରଖିଛି। ସେହିପରି ରାଜ୍ୟରେ ବ୍ୟାଙ୍କର ମୋଟ କାରବାର ୩୪,୦୦୦ କୋଟି ଟଙ୍କାରୁ ଅଧିକ ରହିଥିବାବେଳେ ସରକାରଙ୍କ ସହ ମିଳିତ ଭାବେ ବ୍ୟାଙ୍କ କାର୍ଯ୍ୟ କରୁଛି। ଅପରପକ୍ଷରେ ମିଶନ ଶକ୍ତି ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଗତ ବର୍ଷ ୪୦୦ କୋଟିରୁ ଅଧିକ ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ଏପରିକି ଚଳିତ ବର୍ଷ ଋଣ ପରିମାଣ ଦ୍ୱିଗୁଣିତ କରିବାକୁ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ଏଥି ସହିତ ରାଜ୍ୟରେ ବେତନ ପ୍ୟାକେଜି ସ୍କିମ୍ ଆରମ୍ଭ ହୋଇଥିବା ଚନ୍ଦ୍ର ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ଗ୍ରହଣ ସହିତ ଉଭୟ ଋଣ ଓ ଜମା ଉପରେ ୧୦% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଋଣର ୫୫% ରାଶିକୁ ଖୁଚୁରା, କୃଷି ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରଦାନ କରଯାଇଥିବା ବେଳେ ୪୫% ରାଶି କର୍ପୋରେଟ ସଂସ୍ଥାମାନଙ୍କୁ ଦିଆଯାଇଛି ବୋଲି ଅଶୋକ ଚନ୍ଦ୍ର ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

## ଇଣ୍ଡିଗୋ ଦେବ ୩୦ଲକ୍ଷର ଜରିମାନା

**ଭୁବନେଶ୍ୱର,୨୮।୭**

ବିଗତ କିଛି ମାସ ହେବ ଘରୋଇ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଗୋ ଏୟାରଲାଇନ୍ସ ଉପରେ ଭିନ୍ନ ଭିନ୍ନ ଅଭିଯୋଗ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ନିକଟକୁ ଆସିଥିଲା। ଏପରିକି ଡିଜିସିଏ ବିଭିନ୍ନ ଘଟଣାର ତଦନ୍ତ କରିବା ସହ ଅନେକ ଦୁର୍ବଳତା ଦେଖିବାକୁ ପାଇଥିଲେ। ଫଳରେ ଡିଜିସିଏ କମ୍ପାନୀ ଉପରେ ୩୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ବିଶେଷକରି ଉକ୍ତ ଜରିମାନା ରାଶି ପୈଠ ସହିତ କମ୍ପାନୀର କାଗଜପତ୍ରକୁ ନେଇ ମଧ୍ୟ କିଛି ଜରୁରୀ ନିର୍ଦ୍ଦେଶ ଡିଜିସିଏ ପକ୍ଷରୁ ଦିଆଯାଇଛି। ସେହିଭଳି କମ୍ପାନୀକୁ ଡିଜିସିଏର ଆବଶ୍ୟକତା ଓଇଏମ୍ ମାର୍ଗଦର୍ଶିକା ଅନୁଯାୟୀ ନିଜ ଦସ୍ତାବିଜ ଏବଂ ପ୍ରକ୍ରିୟାରେ ପରିବର୍ତ୍ତନ କରିବାକୁ ମଧ୍ୟ କୁହାଯାଇଛି।

## ସ୍ୱତନ୍ତ୍ର ଡାକ ଟିକେଟ ଉନ୍ମୋଚିତ



**ଭୁବନେଶ୍ୱର,୨୮।୭**

ଭାରତୀୟ ଡାକ ବିଭାଗ ଓ ଆଇଟିସିର ମିଳିତ ସହଭାଗିତାରେ ଏକ ସ୍ୱତନ୍ତ୍ର ଡାକ ଟିକେଟ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ କୈଳାସ ଚୌଧାରୀ, ଡାକ ବିଭାଗର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ମଞ୍ଜୁ କୁମାର ଏବଂ ଆଇଟିସି ଏଗ୍ରିବିଜ୍‌ନେସ ଗ୍ରୁପ୍ ହେଡ୍ ଏସ୍.ଶିବକୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଡାକଟିକେଟ ଉନ୍ମୋଚନ କରିଥିଲେ। ଏ ସମ୍ପର୍କରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ କୈଳାସ ଚୌଧାରୀ ଭାରତ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସହିତ ଶ୍ରୀଅନ୍ନକୁ ପ୍ରୋତ୍ସାହିତ କରିବା ଦିଗରେ ଭାରତ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଆଇଟିସି ଲିମିଟେଡ୍‌ର ଗ୍ରୁପ୍ ହେଡ୍ (ଏଗ୍ରିବିଜ୍‌ନେସ୍) ଏସ୍.ଶିବକୁମାର କହିଥିଲେ, ମିଲେଟସକୁ ମୁଖ୍ୟ ସ୍ରୋତକୁ ଆଣିବା ନିମନ୍ତେ ସରକାରଙ୍କ ଅଗ୍ରାଧିକାରତାକୁ ସମର୍ଥନକରି ଆଇଟିସି ପକ୍ଷରୁ 'ଆଇଟିସି ମିଶନ ମିଲେଟସ'ନାମରେ ଏକ ଉତ୍ସର୍ଗୀକୃତ ପ୍ରୟାସ କାର୍ଯ୍ୟକାରୀ କରାଯାଉଛି, ଯାହା ମୁଖ୍ୟତଃ ୩ଟି ବିଷୟ ଉପରେ ଆଧାରିତ। ଏଥିରେ ନବସୃଜନ ସମର୍ଥିତ 'ଗୁଡ୍-ଫର୍-ୟୁ' ଖାଦ୍ୟ ବର୍ଗମାଳାର ବିକାଶ, ଏକ ଦୀର୍ଘସ୍ଥାୟୀ କୃଷି ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ତାହା ସହିତ ମୂଲ୍ୟଯୁକ୍ତ ତଥା ବଜାର ସଂଯୋଗକୁ ପରିବର୍ଦ୍ଧିତ କରିବା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ଏକ ଦମ୍‌ଦାର ମିଲେଟ୍ସ କୃଷିମୂଲ୍ୟ ଶୃଙ୍ଖଳା ସୃଷ୍ଟି କରାଯାଇଛି। ଏଥିସହ ପୋଷକତତ୍ତ୍ୱ ଦୃଷ୍ଟିରୁ ଏକ ଉନ୍ନତର ଖାଦ୍ୟ ବିକଳ୍ପ ଭାବେ ମିଲେଟ୍ସର ଫାଇଦା ସମ୍ପର୍କରେ ଉପଭୋକ୍ତାଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି।

## କେଏଚ୍‌ଏଲ୍ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ

**ଭୁବନେଶ୍ୱର,୨୮।୭**

ରାଜ୍ୟ ପ୍ରମୁଖ ଘରୋଇ ଚିକିତ୍ସାଳୟ କଳିଙ୍ଗ ହସ୍ପିଟାଲ ଲିମିଟେଡ୍ (କେଏଚ୍‌ଏଲ୍) ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା। ଉକ୍ତ ପଦଯାତ୍ରାରେ ବହୁ ସଂଖ୍ୟାର ଲୋକ ଉତ୍ସାହର ସହ ସାମିଲ ହୋଇଥିଲେ। ଏପରିକି ପଦଯାତ୍ରାରେ ସାମିଲ ସବୁ ବର୍ଗର ଅଂଶଗ୍ରହଣକାରୀ ହାତରେ ପ୍ଲାକାର୍ଡ ଓ ବ୍ୟାନର୍ ଧରି ହେପାଟାଇଟିସ୍ ଭଳି ମାରାତ୍ମକ ରୋଗରୁ ଦୂରେଇ ରହିବା ପାଇଁ ସଚେତନାତ୍ମକ ସ୍ଲୋଗାନ ଦେଇଥିଲେ। ବିଶେଷକରି କେଏଚ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶିକା ନିଲାଞ୍ଜନା ମୁଖାର୍ଜୀଙ୍କ ନେତୃତ୍ୱରେ ପଦଯାତ୍ରା ଆରମ୍ଭ ହୋଇଥିଲାବେଳେ କେଏଚ୍‌ଏଲ୍‌ର ମୁଖ୍ୟ ପରିଚାଳକ ଦେବୀପ୍ରସାଦ ନନ୍ଦ, ଏମ୍‌ଏସ୍ ଡା. ପି.କେ. ମିଶ୍ରଙ୍କ ସମେତ ବରିଷ୍ଠ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା. ଅନନ୍ତ ଅଗସ୍ତି ଏବଂ ଡା.ଦେବକାନ୍ତ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସେ କହିଛନ୍ତି, ହେପାଟାଇଟିସ୍ ଏକ ଭୟଙ୍କର ରୋଗ, ଯାହାର କିଛି ଲକ୍ଷଣ ହେଉଛି ଅସ୍ୱାସ୍ଥ୍ୟକର ପାଣି ପିଇବା, ନିମ୍ନମାନର ଖାଦ୍ୟ ଏବଂ ସ୍କିନିଂ ନ ଥିବା ରକ୍ତର ବ୍ୟବହାର ଇତ୍ୟାଦି।

ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ଆମେ ଅପେକ୍ଷା କରୁନାହୁଁ ଗୋଟିଏ ଜୀବନ, ଗୋଟିଏ ଯକୃତ' ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଆହ୍ୱାନ ବର୍ତ୍ତମାନ ଭାଇରାଲ୍ ହେପାଟାଇଟିସର ନିରାକରଣ ପ୍ରୟାସକୁ ତ୍ୱରାନ୍ୱିତ କରିବା ଏବଂ ଏହାର ଆବଶ୍ୟକତା ଥିବା ଯକୃତ ଲୋକଙ୍କ ପାଇଁ ପରୀକ୍ଷା ଏବଂ ଚିକିତ୍ସାର ଜରୁରୀ ଆବଶ୍ୟକତାକୁ ତ୍ୱରାନ୍ୱିତ କରିବା ଏହି ଅଭିଯାନରେ ବିଭିନ୍ନ ପ୍ରକାର ହେପାଟାଇଟିସ୍ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି।

## ଥର୍ମାଲ ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୨୮।୭**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ ତାପଜ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ଓ ଛତିଶଗଡ଼ ୟୁନିଟ୍‌ରେ ମଧ୍ୟ ଜାତୀୟ ତାପଜ ଇଞ୍ଜିନିୟର୍ସ ଦିବସ ପାଳନକରାଯାଇଛି। ବିଶେଷକରିକମ୍ପାନୀର ସର୍ବବୃହତ୍ କ୍ୟାପ୍‌ଟିଭ ଥର୍ମାଲ ପାୱାର ପୋର୍ଟଫୋଲିଓ ଓଡ଼ିଶାର ଝାରସୁଗୁଡ଼ା ଓ ଲାଞ୍ଜିଗଡ଼ ସମେତ ଛତିଶଗଡ଼ର କୋର୍ବାସ୍ଥିତ ବାଲ୍‌କୋଠାରେ ପ୍ରାୟ ୫୫୦୦ ମେଗାୱାଟ୍ ତାପଜ ବିଦ୍ୟୁତ୍ ଶକ୍ତି ୟୁନିଟ୍ ରହିଛି। ଏପରିକି ଉପରୋକ୍ତ ୟୁନିଟ୍‌ର ଇଞ୍ଜିନିୟର ଓ ବୈଷୟିକ କର୍ମଚାରୀମାନେ ବିଶେଷ ଦାୟିତ୍ୱ ତୁଲାଉଛନ୍ତି। ସେହିଭଳି ଘରୋଇ ଶିଳ୍ପରେ ସ୍ମାର୍ଟ ଉତ୍ପାଦନ ଅଭ୍ୟାସକୁ ଆଗେଇନେବା ଲାଗି କମ୍ପାନୀ ଶିଳ୍ପ ୪.୦ ଓ ୱେବ୍ ଟେକ୍‌ନୋଲୋଜିରେ ମଧ୍ୟ ନିଜର ସ୍ଥିତିକୁ ମଜଭୁତ କରିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଓଓ (ଆଲୁମିନିୟମ୍ ବ୍ୟବସାୟ) ସୁନୀଲ



ଗୁପ୍ତା କହିଛନ୍ତି, ଆମେ ନବୀକରଣଯୋଗ୍ୟ ଶକ୍ତିକୁ ଆମର ଶକ୍ତି ପୋର୍ଟଫୋଲିଓର ଏକ ଅଂଶ ଭାବେ ପରିଣତ କରୁଛୁ, ଯାହା ଆମକୁ ଭାରତର ପ୍ରଥମ ନିମ୍ନ ଅଙ୍ଗାରକାମ୍ଳ, ସବୁଜ ଆଲୁମିନିୟମ୍, ବ୍ରାଣ୍ଡେଡ୍ 'ରେଷ୍ଟୋରା' ଉତ୍ପାଦନ କରିବାରେ ସକ୍ଷମ କରିଛି। ଏପରିକି ଗ୍ରାହକମାନେ ସେମାନଙ୍କର କଞ୍ଚାମାଲର ସ୍ଥାୟୀ ପ୍ରମାଣ ନିଶ୍ଚିତ କରିବାକୁ ଧ୍ୟାନଦେବା ସହ ସମ୍ବଳର ନ୍ୟାୟପୂର୍ଣ୍ଣ ପରିଚାଳନା ଏବଂ ଆମର ଶକ୍ତି ମିଶ୍ରଣରେ ନବୀକରଣଯୋଗ୍ୟ ସାମଗ୍ରୀର ପର୍ଯ୍ୟାୟ ଏକୀକରଣ ଉପରେ କ୍ରମାଗତ ଧ୍ୟାନଦେଇ ଆମେ ଏକ ନେଟ୍ ଜିରୋ ଭବିଷ୍ୟତକୁ ଶିଳ୍ପର ପରିବର୍ତ୍ତନକୁ ସକ୍ରିୟ ଭାବେ ଆଗେଇନେଉଛୁ। ସେହିଭଳି ବେଦାନ୍ତ ଲିମିଟେଡ୍‌ର ସିଇଓ (ପାୱାର) ସୁନୀଲ କୁମାର ସତ୍ୟ କହିଛନ୍ତି, ଶକ୍ତି ସୁରକ୍ଷା ଦେଶର ପ୍ରଗତିର ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ଓ ଏହାର ସଫଳତା ନିଶ୍ଚିତ କରିବାରେ ଥର୍ମାଲ ଇଞ୍ଜିନିୟରମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ବେଦାନ୍ତ ଆଲୁମିନିୟମରେ ଆମର ପ୍ରତିଭାବାନ୍ ଇଞ୍ଜିନିୟର ଦଳଙ୍କ କାର୍ଯ୍ୟକାରିତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ଆମର କାର୍ଯ୍ୟ ଭବିଷ୍ୟତ ଗଠନ ଓ ଭାରତର ଶକ୍ତି ନିରାପତ୍ତାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ।

## ଆର୍‌ବିଏଫ୍ କାରବାରରେ ଅଭିବୃଦ୍ଧି

**ଭୁବନେଶ୍ୱର,୨୮।୭**

ଏଲ୍ ଆଣ୍ଡ ଟି ଫାଇନାନ୍ସର ରୁରାଲ ବିଜ୍‌ନେସ ଫାଇନାନ୍ସ (ଆର୍‌ବିଏଫ୍) ଶାଖା ପକ୍ଷରୁ ଗତ ଆର୍ଥିକ ବର୍ଷର ବ୍ୟବସାୟିକ ପ୍ରଦର୍ଶନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଆର୍‌ବିଏଫ୍ କାରବାରରେ ଅଭିବୃଦ୍ଧି ହେବା ସହ ଶିଳ୍ପରେ ଘଟିଥିବା ଅଭିବୃଦ୍ଧି ହାରକୁ ମଧ୍ୟ ଟପିଯାଇଛି। ଏପରିକି ଏହାର ଆସେଟ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ)ରେ ଅଭିବୃଦ୍ଧି ୪୧% ଏବଂ ଋଣ ଯୋଗାଣ କ୍ଷେତ୍ରରେ ଅଭିବୃଦ୍ଧି ୭୦% ହୋଇଛି। ଏ ସମ୍ପର୍କରେ ଏଲ୍ ଆଣ୍ଡ ଟି ଫାଇନାନ୍ସର ଚିଫ୍ ଏକଜିକ୍ୟୁଟିଭ (ରୁରାଲ ବିଜ୍‌ନେସ ଫାଇନାନ୍ସ, କଷ୍ଟମର ସର୍ଭିସେସ୍ ଆଣ୍ଡ ଅପରେଶନ୍ସ) ସୋନିଆ କ୍ରିଷ୍ଣନ କୁଟ୍ଟି କହିଛନ୍ତି,୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ରୁରାଲ ବିଜ୍‌ନେସ୍ ଫାଇନାନ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ନିରନ୍ତର ଅଭିବୃଦ୍ଧି ଏବଂ ଲାଭ ଉପାର୍ଜନ ମୂଳଦୁଆ ଉପରେ ନିର୍ମିତ ଏକ ଶୀର୍ଷ ଶ୍ରେଣୀ ରିଟେଲ ଫାଇନାନ୍ସ କମ୍ପାନୀ ଭାବେ ପ୍ରତିଷ୍ଠିତ ହେବାକୁ ଆମର 'ଲକ୍ଷ୍ୟ ୨୦୨୬' ମୁତାବକ ହୋଇଛି, ଯାହାର ସର୍ବାଧୁନିକ ପ୍ରଯୁକ୍ତି ଏବଂ ଇଏସ୍‌ଜି ପ୍ରୟାସ ସମୂହ ଉପରେ ପ୍ରାଧାନ୍ୟ ଜରିଆରେ ଦମ୍‌ଦାର ଆପଦ ପରିଚାଳନା ସାମର୍ଥ୍ୟ ରହିଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ରୁରାଲ ବିଜ୍‌ନେସ୍ ଫାଇନାନ୍ସ ସମ୍ପ୍ରତି ରହିଥିବା ବ୍ୟବସାୟିକ ପ୍ରକ୍ରିୟାଗୁଡ଼ିକୁ ମାର୍ଜିତ କରିବା, ନୂତନ ଉତ୍ପାଦ ପ୍ରଚଳନ ଏବଂ ପରିବର୍ଦ୍ଧିତ ଗ୍ରାହକ ଅନୁଭୂତି ତଥା ନିୟୋଜନତା ଜରିଆରେ ନିଜର ଅଭିବୃଦ୍ଧି ଧାରା ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି।

**ଫୁର୍‌ସତ୍**

# ଏକେ-୪୭ ଅର୍ଡର କଲେ ୮ ବର୍ଷୀୟ ବାଳକ

**ଆମଷ୍ଟରଡାମ୍**

ଅନ୍‌ଲାଇନ ଆପ୍ ମାଧ୍ୟମରେ ଆମେ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ କିମ୍ବା କିଛି ଜିନିଷ ଅର୍ଡର କରିଥାଉ। ହେଲେ ନିକଟରେ ଜଣେ ୮ ବର୍ଷର ପିଲା ଅନ୍‌ଲାଇନ୍ ମାଧ୍ୟମରେ ଏକେ- ୪୭ ବନ୍ଧୁକ ଅର୍ଡର କରିଛି ଏବଂ ତା'ର ଡେଲିଭରି ମଧ୍ୟ ଘରେ ଆସି ପହଞ୍ଚିଛି। ଯାହା ଦେଖି ତାଙ୍କ ମା' ଆଶ୍ଚର୍ଯ୍ୟ ହୋଇଛନ୍ତି। ନେଦରଲାଣ୍ଡର ବାସିନ୍ଦା ବାରବରା ଜେମିନି କହିଛନ୍ତି, ତାଙ୍କ ପୁଅ ସବୁବେଳେ ମୋବାଇଲ ଏବଂ କମ୍ପ୍ୟୁଟରରେ ଲାଗି ରହିଥାନ୍ତି। ସେ 'ଡାର୍କ ୱେବ୍' ଜରିଆରେ ଏତେ କମ୍ ବୟସରେ ସାଇବର କ୍ରାଇମରେ ଭର୍ତ୍ତି ହୋଇଯାଇଛି। ତାଙ୍କ ପୁଅ ଅନେକ ସମୟରେ ବହୁ କିଛି ଜିନିଷ ଅର୍ଡର କରିଥାଏ, କିନ୍ତୁ ତାହା ବିନା ମୂଲ୍ୟ କିମ୍ବା କମ୍ ମୂଲ୍ୟରେ। ରିପୋର୍ଟ ମୁତାବକ, ତାଙ୍କ ପୁଅ ଅନେକ ପ୍ରକାର କୋଡ୍ ବ୍ୟବହାର କରିଥାନ୍ତି। ଡାର୍କ ୱେବ୍



କଣ୍ଟେଣ୍ଟ ଆଇନ ବିରୋଧ । ଏଥିଲାଗି ସ୍ୱେଶାଲ ବ୍ରାଉଜର ବ୍ୟବହାର କରିବାକୁ ପଡ଼ିଥାଏ। ଏହି ଡାର୍କ ୱେବ୍ ଜରିଆରେ ଅନେକ ଅବୈଧ କାର୍ଯ୍ୟ ସବୁ କରିହୁଏ। ଡାର୍କ ୱେବ୍ ବାବଦରେ ସେ ତାଙ୍କ ମା'ଙ୍କୁ କହିଥିଲେ ମଧ୍ୟ ଯେତେବେଳେ ଏକେ-୪୭ ଘରକୁ ଆସିଲା, ସେତେବେଳେ ଏ ବାବଦରେ ଜଣାପଡ଼ିଲା। ପରେ ବାରବରା ସେହି ବନ୍ଧୁକକୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଯାଞ୍ଚରୁ ତାଙ୍କ ପୁଅ ଅନ୍ତଃରାଷ୍ଟ୍ରୀୟ ହ୍ୟାକରଙ୍କ ଜାଲରେ ଫସିଥିବା ଜାଣିବାକୁ ପାଇଥିଲେ।

## ଆଲିଆଙ୍କ ବଡ଼ ଫ୍ୟାନ୍ ମହେଶ

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଫିଲ୍ମ 'ରକି ଔର ରାନୀ କି ପ୍ରେମ୍ କାହାଣୀ'କୁ ନେଇ ଏବେ ଦର୍ଶକଙ୍କ ମଧ୍ୟରେ ଜବରଦସ୍ତ କ୍ରେଜ୍ ରହିଛି। ବୁଧବାର ଏହି ଫିଲ୍ମର ସ୍ୱେଶାଲ ସ୍କ୍ରିନିଂ ମୁମ୍ବାଇରେ ହୋଇଥିଲା। ସେଠାରେ ଅନେକ ନାମୀଦାମୀ କଳାକାର ଯୋଗଦେଇଥିଲେ। ଏଥିସହ ଆଲିଆଙ୍କ ଚଳଚ୍ଚିତ୍ର ଦେଖିବାକୁ ବାପା ମହେଶ ଭଟ୍ଟ ଏବଂ ମା' ସୋନି ରାଜଦାନ ଉପସ୍ଥିତ ଥିଲେ। ଆଲିଆଙ୍କ ମୁଭି ଦେଖି ମହେଶ ଭଟ୍ଟ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ତାଙ୍କୁ ପଚରା ଯାଇଥିବା ଅନ୍ୟ ପ୍ରଶ୍ନକୁ ଏଡାଇ ଦେଇ ସେ କେବଳ ଆଲିଆଙ୍କ ବଡ଼ ଫ୍ୟାନ୍ ବୋଲି କହିଥିଲେ। ତେବେ କରଣ ଜୋହରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆଲିଆଙ୍କ ସହ ରଣବୀର ସିଂ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ୧୭୮ କୋଟି ବ୍ୟୟରେ ନିର୍ମିତ ଏହି ଫିଲ୍ମ ଜୁଲାଇ ୨୮ରେ ରିଲିଜ୍ ହେବାର ଯୋଜନା ରହିଛି। ମୁଭିରେ ଆଲିଆ, ରଣବୀରଙ୍କ ବ୍ୟତୀତ ଧର୍ମେନ୍ଦ୍ର, ଅଞ୍ଜଳି ଆନନ୍ଦ, ପ୍ରୀତି ଜିଣ୍ଟା, ଜୟା ବଚ୍ଚନ, ସବାନା ଆଜ୍‌ମୀ, ଅନନ୍ୟା ପାଣ୍ଡେଙ୍କୁ ମଧ୍ୟ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ। ତେବେ ଆଲିଆ ୧୯୯୯ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହା ମଧ୍ୟରେ ସେ ତାଙ୍କ ପ୍ରଶଂସକଙ୍କୁ ଅନେକ ହିଟ୍ ଫିଲ୍ମ ଭେଟି ଦେଇଛନ୍ତି। ଆଗକୁ ତାଙ୍କ ହାତରେ ଆଉ ଏକ ଫିଲ୍ମ ରହିଛି। ଏଥିସହ ତାଙ୍କୁ କେତେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ ଦେଖିବାକୁ ମିଳିଛି।



## କ୍ୟାନ୍‌ସର ଚିହ୍ନଟ କରିବ କ୍ଷୁଦ୍ର ସର୍ଜିକାଲ ରୋବୋ



**ଲଣ୍ଡନ**

ବ୍ରିଟେନ୍‌ର ଲିଡ୍ସ ୟୁନିଭର୍ସିଟିର ଗବେଷକମାନେ ଏକ ଅତି କ୍ଷୁଦ୍ର ରୋବୋ ବିକଶିତ କରିଛନ୍ତି, ଯାହା ସାଧାରଣ ମାନର ଉପକରଣ ତୁଳନାରେ ଫୁସ୍‌ଫୁସ୍‌ର ୩୭ ପ୍ରତିଶତ ଭିତରକୁ ଯାଇପାରିବ ଓ କମ୍ କୋଷର କ୍ଷତି ଘଟାଇବ। ଏହି ରୋବୋ କ୍ୟାନ୍‌ସରର ପ୍ରଥମ ଲକ୍ଷଣ ଚିହ୍ନଟ କରିବାକୁ ସମର୍ଥ। ଚୁମ୍ବକ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଏହି ଅଲ୍‌ଟ୍ରାସଫ୍ଟ ପତଳା ଉପକରଣର ବ୍ୟାସ ମାତ୍ର ୨ ମିଲିମିଟର। ଏହା ସବୁଠୁ କ୍ଷୁଦ୍ର ବ୍ରୋଞ୍ଚିଆଲ ଟ୍ୟୁବ୍‌ରେ ପହଞ୍ଚିପାରୁଥିବାରୁ ଫୁସ୍‌ଫୁସ୍ କ୍ୟାନ୍‌ସର ଚିକିତ୍ସାରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ଲିଡ୍ସ ୟୁନିଭର୍ସିଟିର ଷ୍ଟର୍ମ ଲାବ୍‌ର ବୈଜ୍ଞାନିକ,ଇଞ୍ଜିନିୟର ଏବଂ ଚିକିତ୍ସକମାନେ ଉକ୍ତ ରୋବୋକୁ ବିକଶିତ କରିଛନ୍ତି।

# ୨ ଲକ୍ଷ ଚକୋଲେଟ ଚୋରି କରି ୧୮ ମାସ ଜେଲ



**ଲଣ୍ଡନ:** ଛୋଟ ପିଲା ଚକୋଲେଟ ଖାଇବା ବହୁତ ପସନ୍ଦ କରିଥାନ୍ତି। ଅନେକ ସମୟରେ ସେମାନେ ଚକୋଲେଟ ମଧ୍ୟ ଚୋରି କରିଥାନ୍ତି, ଏଥିପାଇଁ ତାଙ୍କୁ କିଛି ଛୋଟମୋଟ ଦଣ୍ଡ ମଧ୍ୟ ମିଳିଥାଏ। ହେଲେ ଯଦି କେହି ବଡ଼ ଲୋକ ଚକୋଲେଟ ଚୋରି କରିବେ, ତେବେ କ'ଣ ହେବ। ନିକଟରେ ଜଣେ ମହିଳାଙ୍କୁ ଚକୋଲେଟ ଚୋରି କରିବା ଅପରାଧରେ ଦେଢ ବର୍ଷ ଜେଲରେ ବିତାଇବାକୁ ପଡ଼ିଛି। ବ୍ରିଟେନ୍‌ର ୩୨ ବର୍ଷୀୟା ଜୋବି ପୁଲ୍ ୨ ଲକ୍ଷ କାଡବରି କ୍ରିମ୍ ଅଣ୍ଡା ବିଶିଷ୍ଟ ଚକୋଲେଟ ଚୋରି କରିଛନ୍ତି, ଯାହାର ମାର୍କେଟ ମୂଲ୍ୟ ୪୦ ହଜାର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୩୨ ଲକ୍ଷ ୭୫ ହଜାର ଟଙ୍କା ହେବ। ଏହି ଘଟଣା ଟେଲଫୋର୍ଡ ଅଞ୍ଚଳରେ ୧୧ ଫେବୃୟାରୀରେ ଘଟିଛି। କୋର୍ଟର ଫଇସଲା ଅନୁଯାୟୀ, ମହିଳା ଜଣଙ୍କ କାଡବରି କ୍ରିମ୍ ଅଣ୍ଡା ଭର୍ତ୍ତି ଏକ ଟ୍ରାକ୍ଟର ଚୋରି କରିନେଇଥିଲେ। ଏଥିପାଇଁ ସେହି ଦୋକାନୀଙ୍କୁ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା।



ଚଣ୍ଡିଗଡ଼ଠାରେ ଶୁକ୍ରବାର ପୂର୍ବତନ ହରିୟାଣା ପ୍ରଦେଶ କଂଗ୍ରେସ ସଭାପତି କୁମାରୀ ଶୈଳଜା, କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ ସୂର୍ଯ୍ୟେୱାଲା ଓ ପୂର୍ବତନ ମନ୍ତ୍ରୀ କିରଣ ଚୌଧୁରୀ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି।

# ଲୋକଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରୁଛି ଭାଜପା: ମମତା

କୋଲକତା,୨୮।୭

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ପୁଣି ଭାଜପାକୁ ଟାର୍ଗେଟ କରିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ଲୋକ ସଭା ନିର୍ବାଚନ ପୂର୍ବରୁ ରାଜ୍ୟର ଭାବମୂର୍ତ୍ତିକୁ ଖରାପ କରିବା ପାଇଁ ଲୋକଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବାକୁ ଭାଜପା ଯୋଜନା କରୁଛି। ନୂଆଦିଲ୍ଲୀରେ ରାଜ୍ୟ ୟୁନିଟର ବରିଷ୍ଠ ନେତାଙ୍କ ସହ ସାକ୍ଷାତ ସମୟରେ ଭାଜପାର ଏହି ଯୋଜନା ପ୍ରସ୍ତୁତ ହୋଇଛି। ବିଧାନସଭାରେ ମମତା ଦାବି କରିଛନ୍ତି, ତୃଣମୂଳ କଂଗ୍ରେସର ଭୋଟକୁ ଭାଗ କରି ପାରିବା ପାଇଁ ଭାଜପା ଯୋଜନା କରିଛି। ଧର୍ମ ଏବଂ ଜାତିଆଧାରରେ ସେମାନେ ସମାଜକୁ ବିଭାଜନ କରିବାକୁ ଚେଷ୍ଟା କରୁଛନ୍ତି।

# 'ଅଣଓଡ଼ିଆଙ୍କୁ ପ୍ରତିରୋଧ କରିବାର ସମୟ ଆସିଛି'

## ପ୍ରଭାକରନ୍‌ଙ୍କ ନାଁରେ ଏକାଧିକ ଜମି ରହିବା ଘଟଣାରେ ବର୍ଷିଲେ ଅପରାଜିତା

ଭୁବନେଶ୍ୱର, ୨୮।୭(ସୁନିତ୍ ମିଶ୍ର)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପୁଣିଥରେ ଅଣଓଡ଼ିଆ ପ୍ରସଙ୍ଗ ଉଠାଇ ଟାର୍ଗେଟ କରିଛନ୍ତି। ଜଣେ ଅଣ ଓଡ଼ିଆ ମହିଳାଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ଏକାଧିକ ଜମି ରହିବା କଥାକୁ ପ୍ରସଙ୍ଗ କରି ସେ ଓଡ଼ିଶାର ଚାଷୀମାନେ କୁଆଡ଼େ ଯିବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ସେ ଟୁଇଟ୍ ମାଧ୍ୟମରେ କିରୁଥାକି ପ୍ରଭାକରନ୍‌ଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ଜମି ବିଷୟରେ କହି ପ୍ରଶ୍ନ ଉଠାଇଛନ୍ତି। ଏହାସହ ଏବେ ଅଣଓଡ଼ିଆଙ୍କୁ ପ୍ରତିରୋଧ କରିବାର ସମୟ ଆସିଥିବା କହି ଟାର୍ଗେଟ କରିଛନ୍ତି।

ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ଲୋକମାନେ ଅଭିଯୋଗ କରୁଛନ୍ତି କିରୁଥାକି ପ୍ରଭାକରନ୍ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଏକାଧିକ ଜମି କିଣିଛନ୍ତି। ଯଦି ଏଭଳି ଛୋଟ ଛୋଟ ଜମି ପ୍ରଭାବଶାଳୀ ଲୋକଙ୍କ ସହାୟତାରେ କିଣାଯିବ ତେବେ ଓଡ଼ିଶାର ଚାଷୀମାନେ କୁଆଡ଼େ ଯିବେ। ଓଡ଼ିଆ ଚାଷୀ କ'ଣ ଛତିଶଗଡ଼ ନା ଝାଡ଼ଖଣ୍ଡ ଯିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ କିରୁଥାକି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ କିଣିଥିବା ଜମିର ବିବରଣୀ ମଧ୍ୟ ନିଜ ଟୁଇଟ୍‌ରେ ପୋଷ୍ଟ କରିଛନ୍ତି। ପ୍ରାୟ ୧୭.୭୪୬ ଏକର ବିଶିଷ୍ଟ ମୋଟ ୩୯ଟି ପ୍ଲଟ୍‌ର ହିସାବ ଅପରାଜିତା ଦେବା ସହିତ ଏବେ ମଧ୍ୟ ଆହୁରି ଅଧିକ ପରିମାଣର ଜମି କିଣିବା ପାଇଁ ପ୍ରଭାକରନ୍ ପ୍ରୟାସ କରୁଥିବା ସଂସଦୀୟ କ୍ଷେତ୍ରର ଲୋକେ ତାଙ୍କୁ ଜଣାଇଛନ୍ତି ବୋଲି ଅପରାଜିତା କହିଛନ୍ତି। ତେବେ ଓଡ଼ିଶାର ଖଣିରୁ ଅର୍ଥ ଉପାର୍ଜନକରି ସରକାରୀ ପ୍ରୋତ୍ସାହନରେ ରାଜଧାନୀ ଭୁବନେଶ୍ୱରରେ ଏଭଳି ଜମି କ୍ରୟ କରୁଥିବା ଅଣଓଡ଼ିଆଙ୍କୁ ଆମେ ପ୍ରତିରୋଧ କରିବାର ସମୟ ଆସିଯାଇଛି ବୋଲି ଅପରାଜିତା ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ସେ ଦେଇଥିବା ତଥ୍ୟ ଅନୁସାରେ ବି ପ୍ରଭାକରନ୍‌ଙ୍କ ନାଁରେ ଘାଟିକିଆରେ ୭୯ଡିସିମିଲ୍ ଜମି ରହିଛି। ଏହାସହ କିରୁଥାକି ପ୍ରଭାକରନ୍‌ଙ୍କ ନାଁରେ ବାପୁଜୀନଗର, ଚନ୍ଦ୍ରଶେଖରପୁର, ସୁନ୍ଦରପୁର, ପଦାସାହି, ଜୁଝାଗଡ଼, ପଥରଗାଡ଼ିଆ, ଦାରୁଠେଙ୍ଗ, ଭାଗବତୀପୁର ଓ ଗିରିଙ୍ଗାପୁଟ ମୌଜାରେ ଏହି ସବୁ ଜମି କ୍ରୟ ହୋଇଛି। ଏସବୁ ମଧ୍ୟରେ ଭଗବତୀପୁରଠାରେ ସର୍ବାଧିକ ୬ଟି ସ୍ଥାନରେ ମୋଟ ପ୍ରାୟ ୧୨ ଏକରରୁ ଅଧିକ ଜମି କ୍ରୟ କରାଯାଇଛି।

# ଆନ୍ତଃ ରାଜ୍ୟ ପ୍ରଶ୍ନପତ୍ର ର୍‍ୟାକେଟ ଧରାହେବା ପରେ ଭାଜପା ବିଚଳିତ କାହିଁକି: ବିଜେଡି

ଭୁବନେଶ୍ୱର,୨୮।୭ (ଅନିଲ ଦାସ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସ୍‌ଏସ୍‌ସି) ପ୍ରଶ୍ନପତ୍ର ଲିକ୍ ର୍‍ୟାକେଟ ଧରାପଡ଼ିବା ଘଟଣାକୁ ନେଇ ଓଡ଼ିଶା ଭାଜପା ନେତାମାନେ ଚିରାଚରିତ ଭାବେ ହୀନ ରାଜନୀତି କରିବା ଆରମ୍ଭ କରିଦେଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଶୁକ୍ରବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ କହିଛନ୍ତି, ନିକଟରେ ଓଡ଼ିଶା ପୋଲିସ ଏକ ଆନ୍ତଃରାଜ୍ୟ ପ୍ରଶ୍ନପତ୍ର ର୍‍ୟାକେଟର ରହସ୍ୟ ଉନ୍ମୋଚନ କରିବାରେ ସମର୍ଥ ହୋଇଛି। ପୋଲିସ ହାତରେ ଧରାପଡ଼ିଥିବା ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ହେଉଛନ୍ତି କେନ୍ଦ୍ର ସରକାରଙ୍କ ଗୋଟିଏ ବିଭାଗ ଅଧୀନରେ କାର୍ଯ୍ୟରତ ଜଣେ କର୍ମଚାରୀ। ଏହି ର୍‍ୟାକେଟ କେବଳ ଓଡ଼ିଶା ନୁହେଁ, ବିହାର, ମଧ୍ୟପ୍ରଦେଶ ଏବଂ ସେଣ୍ଟ୍ରାଲ ଷ୍ଟାଫ୍ ସିଲେକଶନ କମିଶନର ପ୍ରଶ୍ନପତ୍ର ଲିକ୍ ମାମଲାରେ ମଧ୍ୟ ସମ୍ପୃକ୍ତ ଅଛି। ଏହାଛଡ଼ା ଏହି ର୍‍ୟାକେଟ ଉତ୍ତରପ୍ରଦେଶ ଓ ଗୁଜରାଟର ଷ୍ଟାଫ୍ ସିଲେକଶନ କମିଶନ ପ୍ରଶ୍ନପତ୍ର ଲିକ୍‌ରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ତଦନ୍ତରୁ ସବୁ କଥା ସ୍ପଷ୍ଟ ହେବ। ମାତ୍ର ଓଡ଼ିଶା ଭାଜପା ନେତାମାନେ ଅଧୈର୍ଯ୍ୟ ହୋଇ ପଡୁଛନ୍ତି। ପ୍ରଶ୍ନପତ୍ର ଲିକ୍ ମାମଲାରେ ଗତ ୧୦ ଦିନ ମଧ୍ୟରେ ମାଷ୍ଟରମାଇଣ୍ଡ ସମେତ ୧୭ ଜଣଙ୍କୁ ପୋଲିସ ଗିରଫ କରିସାରିଲାଣି। ଆମେ ଭାବିଥିଲୁ, ଓଡ଼ିଶା ପୋଲିସର ଏଭଳି ଏକ ବଡ଼ ସଫଳତାକୁ ନେଇ ଭାଜପା ଅନ୍ତତଃ ରାଜନୀତି କରିବ ନାହିଁ। ମାତ୍ର ସବୁ କଥାରେ ହୀନ ରାଜନୀତି କରିବା ରାଜ୍ୟ ଭାଜପା ନେତାମାନଙ୍କର ପୁରୁଣା ଅଭ୍ୟାସ ରହିଛି। ତେଣୁ ସେମାନେ ସୁଧୁରିବେ କେମିତି। ପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଏପରି ସ୍ପର୍ଶକାତର ଘଟଣାରେ ରାଜନୀତି କରିବାରୁ ଭାଜପା ନେତାମାନେ ବିରତ ରୁହନ୍ତୁ ବୋଲି ଗୌତମବୁଦ୍ଧ କହିଛନ୍ତି।

# ଦୁର୍ନୀତିଗ୍ରସ୍ତ ସରକାର ପାଇଁ ଓଡ଼ିଶାର ବିକାଶ ହୋଇପାରୁନି: ମନମୋହନ

ଟାଙ୍ଗୀ (ଖୋର୍ଦ୍ଧା),୨୮।୭(ରଘୁନାଥ ସାହୁ)

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର ଖୋର୍ଦ୍ଧା ଜିଲା ଟାଙ୍ଗୀଠାରେ ଭାରତୀୟ ଜନତା ପାର୍ଟି(ଭାଜପା)ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ସୁବାସ ଜେନା, କୃଷକ ମୋର୍ଚ୍ଚା ଉପସଭାପତି ଶ୍ରୀରଜନ ମଙ୍ଗରାଜ ଓ ପୂର୍ବତନ ଜିଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସଭାପତି ସାମଲଙ୍କୁ ଗଙ୍ଗପଡା, ଖୋର୍ଦ୍ଧା, ରାମେଶ୍ୱର ଛକ, ଚାନ୍ଦପୁର ରାମଚଣ୍ଡୀ ମନ୍ଦିରଠାରେ ଦଳୀୟ କର୍ମୀମାନେ ସମ୍ବର୍ଦ୍ଧନା କରିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ସାମଲ କହିଥିଲେ, ଓଡ଼ିଶା ଖଣିଜ ସମ୍ପଦରେ ଭରପୂର ଥିବାବେଳେ ରାଜ୍ୟରେ ଥିବା ଦୁର୍ନୀତିଗ୍ରସ୍ତ ସରକାର ପାଇଁ ବିକାଶ ହୋଇପାରୁ ନାହିଁ। ନିର୍ବାଚନ ପୂର୍ବରୁ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେଇ ନିର୍ବାଚିତ ହୋଇସାରିବା ପରେ ପ୍ରତିଶ୍ରୁତିକୁ ଭୁଲିଯାଉଛନ୍ତି। ବିଜେଡିର ନେତା, ବିଧାୟକ, ମନ୍ତ୍ରୀମାନେ ନିଜ ଦାୟିତ୍ୱ ଭୁଲିଯାଇ ସଚିବମାନଙ୍କ ପାଇଁ ମଞ୍ଚ ନିର୍ମାଣ ଦାୟିତ୍ୱ ନେଉଥିବା ଦେଖାଯାଉଛି। ସେହିଭଳି ଓଡ଼ିଶାର ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୩ ବର୍ଷ ଶାସନ ମଧ୍ୟରେ ଜଳସେଚନ ସୁବିଧା ହୋଇପାରିଲା ନାହିଁ। ଓଡ଼ିଶା ପାଇଁ ଭାଜପାର ଡବଲ ଇଞ୍ଜିନ ସରକାର ଆବଶ୍ୟକ। ଫଳରେ ବିକାଶର ଧାରା ଆଗେଇଯିବ। ବିଜେଡି ମୁକ୍ତ ଓଡ଼ିଶା ପାଇଁ ଓଡ଼ିଶାବାସୀ ସଂକଳ୍ପ ନେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗ ଦେଇ ବିଜେଡି ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାର ସମ୍ପର୍କରେ ମତ ଦେଇଥିଲେ। ଦଳୀୟ କର୍ମୀମାନେ ସଂଗଠିତ ହୋଇ କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ।




ଟାଙ୍ଗୀଠାରେ ଆୟୋଜିତ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ।

# ଚାଷୀଙ୍କ ପଞ୍ଜୀକରଣ ସମୟ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବଢ଼ାଯାଉ: କଂଗ୍ରେସ

## ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା

ଭୁବନେଶ୍ୱର, ୨୮।୭(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀଙ୍କ ନାମ ପଞ୍ଜୀକରଣ ସମୟ ଚଳିତ ମାସ ୩୧ ତାରିଖ ସୁଦ୍ଧା ସରିବ। ସର୍ତ୍ତାବଳୀ ଅନୁଯାୟୀ ଅନ୍ତତଃ ପକ୍ଷେ ୨ ମାସ ପୂର୍ବରୁ ଚାଷୀ ବୀମାକରଣ କରିବାକୁ ସରକାର ବିଜ୍ଞପ୍ତି ପ୍ରକାଶ କରିବା କଥା। ହେଲେ ବିଳମ୍ବରେ ବିଜ୍ଞପ୍ତି ପ୍ରକାଶ କାରଣରୁ ଲକ୍ଷାଧିକ ଚାଷୀ ବୀମା ସମୟ ସୀମା ଜାଣିପାରି ନାହାନ୍ତି। ଏଥିପାଇଁ କିଏ ଦାୟୀ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ତେଣୁ ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ଫସଲବୀମା ପଞ୍ଜୀକରଣ ସମୟକୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଗୋଟିଏ ପଟେ ରାଜ୍ୟ ସରକାର ଚାଷୀଙ୍କ ପାଇଁ ପ୍ରିମିୟମ ଦେବାକୁ ବ୍ୟବସ୍ଥା କରୁଥିବା ବେଳେ ଅନ୍ୟପଟେ ଜାଣିଶୁଣି ଚାଷୀ ଫସଲବୀମା ପଞ୍ଜୀକରଣ ସମୟର ଅବଧି କମ୍ ଦିନ ପର୍ଯ୍ୟନ୍ତ ରଖିଛନ୍ତି। ଏହାଦ୍ୱାରା ବହୁ ଚାଷୀ ଫସଲ ବୀମା ପଞ୍ଜୀକରଣରୁ ବଞ୍ଚିତ ହେବେ। ସରକାର ଜାଣିଛନ୍ତି, ଏ ବର୍ଷ ମୌସୁମୀ ବିଳମ୍ବିତ ଏବଂ ଅନେକ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ମୌସୁମୀ କିଛିଦିନ ହେଲା ସକ୍ରିୟ ଥିଲେ ମଧ୍ୟ ୮୫ ପ୍ରତିଶତ ଚାଷ ଆରମ୍ଭ କରାଯାଇନାହିଁ। ଏଥିପାଇଁ ଫସଲ ବୀମା କରାଇବା ଏକାନ୍ତ ଜରୁରୀ। ବୀମା ପୋର୍ଟାଲରେ ମଧ୍ୟ ବିଭିନ୍ନ କାରଣରୁ ପଞ୍ଜୀକରଣ ବିଳମ୍ବିତ ହେଉଛି। ଦୁର୍ଭାଗ୍ୟର ବିଷୟ ଗତ ୪ ଦିନ ତଳେ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଓ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଆସନ୍ତା ୩୧ ସୁଦ୍ଧା ଫସଲବୀମା କରିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଧର୍ମକୁ ଆଖିଠାର ସଦୃଶ ବୋଲି ଅମିୟ ଅଭିଯୋଗ କରିଛନ୍ତି।

# ସିବିଆଇ ତଦନ୍ତ ଦାବି କଲା ଭାଜପା

## ଜେଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା

ଭୁବନେଶ୍ୱର, ୨୮।୭(ସୁନିତ୍ ମିଶ୍ର)

ଶିକ୍ଷିତ ବେକାର ଯୁବତୀଯୁବକ ଯେଉଁମାନେ ସରକାରୀ ଚାକିରି ଆଶାରେ ଅଛନ୍ତି ଓଡ଼ିଶା ସରକାର ସେମାନଙ୍କ ସହ ପ୍ରତାରଣା କରିଛନ୍ତି। ରାଜ୍ୟରେ ସରକାରୀ ଚାକିରି ବିକ୍ରି ହେଉଛି। ଓଡ଼ିଶାରେ ସରକାରୀ ପ୍ରୋତ୍ସାହନରେ ଚାଲିଥିବା 'ମନି ଫର୍ ଜବ୍' ର୍‍ୟାକେଟ୍‌ରେ ଗରିବ ମେଧାବୀ ପିଲାମାନେ ବଳିପଡୁଛନ୍ତି। ଏହାଦ୍ୱାରା ସରକାରୀ ଅଧିକାରୀ, ମନ୍ତ୍ରୀ, ଦଲାଲ ମାଲାମାଲ ହେଉଛନ୍ତି। ଜେଇ ସିଭିଲ ମେନ୍ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ଘଟଣାର ତଦନ୍ତ କରୁଥିବା ବାଲେଶ୍ୱର ଏସ୍‌ପିଙ୍କ ବୟାନ ପ୍ରମାଣିତ କରୁଛି ଯେ, ସରକାର ଚାହୁଁନାହାନ୍ତି ଅସଲ ଖଳନାୟକ ଧରାପଡ଼ନ୍ତୁ। ଓଏସ୍‌ଏସ୍‌ସିରେ ଅନ୍‌ଲାଇନ ଆବେଦନ ବେଳେ ଦିଆଯାଇଥିବା ମୋବାଇଲ ନମ୍ବର ଦଲାଲମାନଙ୍କ ହାତକୁ କିପରି ଗଲା। ଏହି ବଡ଼ କେଳେଙ୍କାରୀର ତଦନ୍ତ ଓଡ଼ିଶା ପୋଲିସ କଲେ ସତ ସାମ୍ନାକୁ ଆସିପାରିବ ନାହିଁ। ଓଡ଼ିଆ ପିଲାଙ୍କ ଭାଗ୍ୟ ଭବିଷ୍ୟତ ସହ ଆଉ ଖେଳ ନ ଖେଳି ସରକାର ଏହି ଘଟଣାରେ ସିବିଆଇ ତଦନ୍ତ କରାନ୍ତୁ ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଦାବି କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ପ୍ରିଣ୍ଟିଂ ପ୍ରେସ୍ ବିରୋଧରେ କାହିଁକି ଏଫ୍‌ଆଇଆର୍ କରାଯାଇନାହିଁ। ଯାହାକୁ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି ତାକୁ ଧରିବାର ୨୪ ଘଣ୍ଟା ଭିତରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନକୁ କ୍ଲିନ୍‌ଚିଟ୍ ଦେବା ପଛରେ କି ଉଦ୍ଦେଶ୍ୟ ରହିଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।


**GOVERNMENT OF ODISHA** No. O-486

**OFFICE OF THE SUPERINTENDING ENGINEER RURAL WORKS DIVISION, DHENKANAL**

E-Mail: eerwdivisiondhenkanal@yahoo.co.in

**e-Procurement Notice No. 02 / Road Works/2023-24**

1. Name of the Work : Road Works
2. Total No. of Works : 1 (One) No.
3. Estimated Cost : Rs.15.484 lakh
4. Class of Contractor : "D" & "C" Class
5. Period of Completion : 2 (Two) Calendar Months
6. EMD Required : As mentioned in the Annexure at Column - 04
7. Online for Biding : 04.08.2023 at 11.00 A.M. to 14.08.2023 upto 5.00 P.M.
8. Last date & time of seeking tender clarification : 11.08.2023 upto 4.00 P.M.
9. Date & time of opening of tender (Technical) : 16.08.2023 at 11.00 A.M.

Other details can be seen from the website **http://tendersorissa.gov.in**.

**Sd./- Executive Engineer**
**R.W. Division, Dhenkanal**
**OIPR-25101/11/0002/2324**

**ପୌରପରିଷଦ କାର୍ଯ୍ୟାଳୟ: ଝାରସୁଗୁଡ଼ା**
**MUNICIPAL OFFICE: JHARSUGUDA**

No.4746/JM Dt.27.7.23
e-Mail:jsgmunicipality@yahoo.com Fax:06645-273019
jharsugudam.hud@nic.in ☎ 06645-273019

**CORRIGENDUM TO EOI NOTICE NO. 4578/JM DT.19.07.2023**

**No.C-925:** The date of opening the EOI is being extended to dt.31.07.2023 instead of dt.29.07.2023, Due to declaration of holiday on 29th July, 2023 by Govt. of Odisha. All the term and conditions, timing and venue same as per the notification remaining same.

**Sd./- Executive Officer**
**Jharsuguda Municipality**
OIPR-13165/11/0016/2324

**OFFICE OF THE PANCHAYAT SAMITI, BANGIRIPOSI**

At/P.O.: Bangiriposi, Dist.: Mayurbhanj, Odisha
E-Mail: ori-Bangiriposi@nic.in

**Notice No. 03/2023-24** **Date: 26.07.2023**

No. i-262: Sealed tenders are invited from interested "C & B" Class Contractors registered with the Govt. for execution of Civil work under Panchayat Samiti, Bangiriposi, Mayurbhanj. The eligible criteria and the details of the tender documents which will be available at Block Panchayat Samiti, Bangiriposi. Interested bidders fulfilling the eligibility criteria may submit their Bid should be dropped at the Office of the Block Development Officer, Bangiriposi, Mayurbhanj. Other mode of communication will not be entertained.

1. Sale of Tender Papers : 27.07.2023 to 08.08.2023 upto 5.30 P.M.
2. Last date of receipt of tender paper : 10.08.2023 upto 5.30 P.M.
3. Date of opening of tender papers at Meeting Hall, Bangiriposi Block, Bangiriposi, Mayurbhanj : 11.08.2023 at 11.00 A.M.
4. Mode of receipt : Bid should be dropped at the Office of the Block Development Officer, Bangiriposi, Mayurbhanj
5. Envelope should be superscribed with the name of the works for which tender paper is being submitted otherwise will be rejected.
6. The tender paper received after due date or time will liable for rejection.

Authority reserves the right to reject all or any of the tender without assigning any reason thereof. Again the authority will not held responsible for any postal delay.

**Sd./- Block Development Officer**
**Bangiriposi, Mayurbhanj**
OIPR-19078/11/0004/2324

**OFFICE OF THE DISTRICT FISHERIES OFFICER, DHENKANAL**

Telephone No. 06762-224408, Email ID: adfdkl@gmail.com

**Notice No. 1534** **Date: 19.07.2023**

No. M-27: Sealed tenders are invited from interested reputed Travel Agencies/Tour Operators or Private individuals for providing 1 number (Petrol or Diesel) good condition Tiago/Bolt/Celerio/Indigo/Swift Dzire driven vehicle which shall conform to terms and conditions for official use in the District Fiseries Office, Dhenkanal on monthly rent basis.

1. The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid contract Carriage permit, proof uptodate next Payment etc. which are mandatory for plying of vehicle.
2. The Driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidder in shape of Account Pay Bank Draft down in favour of District Fisheries Officer, Dhenkanal and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of the hire change is quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of 17 Km. per liter.
7. The details of the make and year of manufacture of the vehicle, registration No., mileage (Kms. covered per liter) and name of Driver with Driver licence No. and period of validity should be specially provided in the general bid information to be furnished with the Tender (Annexure - III).
8. The tender completed in all respect should reach the undersigned on or before **Dt.31.07.2023 by 12 A.M.** and shall be opened on the same day at **3.00 P.M.** in presence of the bidder or their authorized representatives.
9. The application form for tender containing General Bid information and terms and conditions for Hiring of vehicles etc. will be available with the Office of the District Fisheries Officer, Dhenkanal on payment of Rs.100/- in the working hour & working day between Dt.20.07.2023 to 30.07.2023.
10. The undersigned reserved the right to accept or cancel the tenders without assigning any reason thereof.

**Sd./- District Fisheries Officer, Dhenkanal**
**OIPR-06053/11/0002/2324**

**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
Central workshop, Rasulgarh,Bhubaneswar-751010 (Odisha)
Tel-0674-2580107, E-mail: gmocclcws@gmail.com, (GSTIN-21AAACO2571K2ZM)
**"e"- Procurement Notice No. 19 /OCCL/2023-24 (on-line)**

**No.CAD-1458:** Type of work: Supply of Casting items for 12T & 14T Rope Drum Hoist of Barrage Bay & Under-sluice gate of Saptamatruka Barrage Project. Total No. of work: 01 (One). Period of supply: 120 (One hundred twenty) days.

| Procurement Officer | Bid Identification No. | EMD through on-line transfer system | Cost of Tender document (Including GST) through online transfer system | Availability of tender (Online) | Submission of Bid (On-line) |
|---|---|---|---|---|---|
| General Manager (Mech.), OCC Ltd., Central Workshop, Rasulgarh, Bhubaneswar | OCCL-MECH/ CWS/ 03/ 2023-24 | Rs. 55,000/- | Rs.11,800/- (Non-refundable) | 28.07.2023 10.00 AM to 18.08.2023 5.00 PM | 28.07.2023 10.00 AM to 18.08.2023 5.00 PM |

Date of Opening of the Technical Bid: 19.08.2023 at 11.30 AM
Further details can be seen from the Govt. website: (www.tendersodisha.gov.in)
Amendment/corrigendum/cancellation, if any shall be posted online only.

OIPR-34120/11/0027/2324 **Sd./- GENERAL MANAGER (MECH.)**

**OFFICE OF THE DISTRICT JUDGE, JHARSUGUDA**
**Dated, Jharsuguda the 26th Day of July, 2023.**
**ADVERTISEMENT NO. 01/2023**

**No.W-23:** Applications in the prescribed format are invited from the desirous candidates for filling up of the following Group- 'C' posts in the Judgeship of Jharsuguda under Odisha District and Civil Courts' Judicial Staff Services (Method of Recruitment and Conditions of Service) Rules, 2008 (Amendment Rules, 2010 & 2023) and subject to the result of W.P (C) No. 1273/2014 pending before the Hon'ble High Court of Orissa.

**CATEGORY-WISE VACANCY POSITION**

| Sl. No. | Name of Post | Scale of Pay as per Pay Matrix of ORSP Rules, 2017 | UR | SC | ST | SEBC | Total | Remarks |
|---|---|---|---|---|---|---|---|---|
| 1 | Junior Clerk-cum-Typist | Rs.19,900/- to 63,200/- (Level-4) | 5 (W-2) | 1 | 1 | 1 | 8 | The Vacancy reserved for Women/P.H./ Ex.Servicemen/ Sports Person is inclusive of vacancy of respective category to which they belong |
| 2 | Junior Typist | Rs.19,900/- to 63,200/- (Level-4) | - | - | 1 | - | 1 | |
| 3 | Stenographer (Grade-III) | Rs.25,500/- to 81,100/- (Level-7) | - | - | 1* | - | 1* | |
| | Total | | 5(W-2) | 1 | 3 | 1 | 10 | |

'*' Rolled over/ backlog vacancy
'W' stands for women candidates
**LAST DATE FOR RECEIPT OF APPLICATION :- 26.08.2023 by 5.00 P.M.**
For More details, please visit the website i.e. https://districts.ecourts.gov.in/jharsuguda Or https://jharsuguda.nic.in.

**Sd./-District Judge-cum-Chairman**
**District Recruitment Committee, Jharsuguda**
**OIPR-18064/11/0003/2324**

See Career Appointment on every Wednesday & Saturday

**Department of Water Resources**
**Superintending Engineer,**
**Minor Irrigation Division Ganjam-II, Berhampur**
Engineering School Road, Berhampur, 760010.
No.A- E-mail: mi2_exe.engr@yahoo.co.in

**REQUEST FOR BIDS (RFB) E-Procurement Notice**
**ABSTRACT OF E-PROCUREMENT NOTICE**

**RFB No.OIIPCRA-W2-GM-II-3/2023-24** **Date:18.07.2023**

| | |
|---|---|
| Name of the work | Civil Construction Works (Rehabilitation of Minor Irrigation Projects under OIIPCRA). |
| Total No of work | 15 Minor Irrigation Projects. |
| Estimate Cost of Work(s) | Varies approximately from Rs. 14.00 lakhs to Rs 69.26 lakh (Total estimated cost of the 15 Nos of works Rs 627.08 Lakh) |
| Cost of Bid Document | Free of cost |
| Time for completion | Refer to DTCN |
| Availability of Bid documents | From 01.08.2023 at 10.00 Hrs to 31.08.2023 up to 15.00 Hrs in the e-procurement website (https://octdms.in) , (https://tendersodisha.gov.in) |
| Date of Pre Bid meeting | 11.08.2023 From 11.30 Hrs 12.30 Hrs As per Para-7 of DTCN |
| Period for receipt of bid(s) | From 01.08.2023 at 10.00 Hrs to 31.08.2023 up to 15.00 Hrs |
| Payment of Bid cost / Bid security | Shall be paid online through the e procurement portal of govt. of Odisha. |
| Date of opening of the technical bid | On Dated 31.08.2023 at 15.30 Hrs |
| Date of opening of financial bid | To be intimated online after off-line evaluation of Technical Bid. |
| Digital signature certificate of Bidder | The bidder must possess compatible digital signature certificate (DSC) of Class-II or III. |
| Details about the tender | Available in website (https://octdms.in) , (https://tendersodisha.gov.in) |
| Name/Address of the OIT | Superintending Engineer, M.I.Division Ganjam II, Berhampur, in front of Depaul School Engineering School road Berhampur , Pin 760010. |

**Sd./- Superintending Engineer**
**M.I.Division, Ganjam-II, Berhampur**
**OIPR-32043/11/0007/2324**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଅଂଶୁ
ପରିବାରବର୍ଗ


ସାଇଦର୍ଶନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜ୍ୟୋତ୍ସ୍ନାଙ୍କୁ ବ୍ରୋଞ୍ଜ ପଦକ


ବ୍ରୋଞ୍ଜ ପଦକ ସହ ଜ୍ୟୋତ୍ସ୍ନା ଶବର।

**ଭୁବନେଶ୍ୱର, ୨୮।୭**
**(ତପନ ସ୍ୱାଇଁ)**

ଗ୍ରେଟର ନଏଡ଼ାରେ ଚାଲିଥିବା ଏସିଆନ ୟୁଥ୍ ଓ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଜ୍ୟୋତ୍ସ୍ନା ଶବର ୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪୦ କେଜି ମହିଳା ୟୁଥ୍ ବର୍ଗରେ ଭାଗ ନେଇଥିବା ଜ୍ୟୋତ୍ସ୍ନା ସ୍ନାଚ୍‌ରେ ୫୫ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୬୪ କେଜି ଉତ୍ତୋଳନ କରିଥିଲେ। ଓଭରଅଲ୍ ୧୧୯ କେଜି ଉତ୍ତୋଳନ ପାଇଁ ତାଙ୍କୁ ୩ଟି ବ୍ରୋଞ୍ଜ ପଦକ ମିଳିଥିଲା। ପ୍ରକାଶ ଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ ୩ଟି କାଟେଗୋରି (ସ୍ନାଚ୍, କ୍ଲିନ୍ ଆଣ୍ଡ ଜର୍କ ଏବଂ ମୋଟ)ରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପଦକ ପ୍ରଦାନ କରାଯାଇଥାଏ। ଏସିଆର ୧୮ଟି ଦେଶରୁ ଉଭୟ ୟୁଥ୍ ଓ ଜୁନିୟର (ମହିଳା ଓ ପୁରୁଷ) ବର୍ଗରେ ୨୨୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି।

# ସ୍ମିଥ୍‌ଙ୍କ ଅର୍ଦ୍ଧଶତକ ସମ୍ମାନ ରଖିଲା

## ପଞ୍ଚମ ଆଶେସ ଟେଷ୍ଟ

**ଲଣ୍ଡନ, ୨୮।୭**

ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ୫ମ ତଥା ଅନ୍ତିମ ଆଶେସ କ୍ରିକେଟ ଟେଷ୍ଟରେ ଷ୍ଟିଭେନ୍ ସ୍ମିଥଙ୍କ ଅର୍ଦ୍ଧଶତକ ଅଷ୍ଟ୍ରେଲିଆର ସମ୍ମାନ ରଖିଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୨୮୩ ରନ କରିଥିବାବେଳେ ଶୁକ୍ରବାର ଦ୍ୱିତୀୟ ଦିବସରେ ରିପୋର୍ଟ ପ୍ରସ୍ତୁତ ବେଳକୁ ଅଷ୍ଟ୍ରେଲିଆ ୮ ଉଇକେଟ ହରାଇ ୨୩୯ ରନ ସଂଗ୍ରହ କରିଛି। ସ୍ମିଥ ୭୧ ରନକରି ଆଉଟ ହୋଇଥିବାବେଳେ ଅଧିନାୟକ ପ୍ୟାଟ୍ କୁମିନ୍ସ ୨୨ ରନରେ ଅପରାଜିତ ରହିଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୬୧/୧ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଦିବସରେ ଚା' ବିରତି ପୂର୍ବରୁ ୧୮୫ ରନ ମଧ୍ୟରେ ୭ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ମାର୍ନସ ଲାବୁସେନ ୯, ଉସମାନ ଖ୍ୱାଜା ୪୭, ଟ୍ରାଭିସ ହେଡ୍ ୪, ମିଚେଲ ମାର୍ଶ ୧୬, ଆଲକ୍ସ କାରେ ୧୦ ଓ ମିଚେଲ ଷ୍ଟାର୍କ ୭ ରନକରି ଆଉଟ ହୋଇଥିଲେ। ତେବେ ମିଡିଲ ଅର୍ଡରରେ ସ୍ମିଥ ଏବଂ ଲୋୟର ଅର୍ଡରରେ କୁମିନ୍ସ ସତର୍କତାର ସହ ବ୍ୟାଟିଂ କରିବାରୁ ଦଳ ଏକ ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ସ୍ମିଥ ଓ କୁମିନ୍ସ ୮ମ ଉଇକେଟରେ ୧୦୩ ବଲ୍‌ରୁ ମୂଲ୍ୟବାନ ୫୪ ରନର ଭାଗୀଦାରି ଗଢ଼ିଥିଲେ। ୯୦ତମ ଓଭରର ଶେଷ ବଲ୍‌ରେ ଉଇକେଟ କିପର ଜନି ବେୟାରଷ୍ଟୋଙ୍କ ହାତରେ ସ୍ମିଥଙ୍କୁ କ୍ୟାଚ କରାଇ କ୍ରିସ୍ ୱକ୍ସ ଇଂଲଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୮୩। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ (ଅସମାପ୍ତ): ୨୩୯/୮ (ଷ୍ଟିଭ୍ ସ୍ମିଥ-୭୧, ଉସମାନ ଖ୍ୱାଜା-୪୭, ପ୍ୟାଟ୍ କୁମିନ୍ସ-୨୨, ଷ୍ଟୁଆର୍ଟ ବ୍ରଡ୍-୨/୪୯, ମାର୍କଉଡ୍-୨/୪୦, କ୍ରିସ୍‌ୱକ୍ସ-୨/୪୦, ଜେମ୍ସ ଆଣ୍ଡରସନ-୧/୫୫, ଜୋ ରୁଟ୍-୧/୨୦)।


ଶଟ୍ ଖେଳିବା ଅବସରରେ ଷ୍ଟିଭ୍ ସ୍ମିଥ।

# ଜୁଲାଇ ୩୦ ବୈଠକରେ ଅଧ୍ୟକ୍ଷତା କରିବେ ବ୍ରିଜଭୂଷଣ

## ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ

**ନୂଆଦିଲ୍ଲୀ, ୨୮।୭ (ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ନିର୍ବାଚନ ପୂର୍ବରୁ ଜୁଲାଇ ୩୦ରେ ବସିବାକୁ ଥିବା ଏକ ବୈଠକରେ ବିଦାୟୀ ସଭାପତି ବ୍ରିଜଭୂଷଣ ଶରଣ ସିଂ ଅଧ୍ୟକ୍ଷତା କରିବେ। ନୂଆ କର୍ମକର୍ତ୍ତାଙ୍କ ଲାଗି ହେବାକୁଥିବା ନିର୍ବାଚନ ପାଇଁ ସେ ତାଙ୍କ ପ୍ରାର୍ଥୀ ମନୋନୟନ କରିବେ। ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଇଲେକ୍ଟୋରାଲ କଲେଜରେ ଯଦିଓ ବ୍ରିଜ ଭୂଷଣ ଓ ତାଙ୍କ ପୁତ୍ର କରନଙ୍କ ନାମ ନାହିଁ। କିନ୍ତୁ ନିର୍ବାଚନ ପାଇଁ ବିହାରରୁ ପ୍ରତିନିଧିତ୍ୱ କରୁଥିବା ଭାଜପା ନେତାଙ୍କ ଜାମାତା ବିଶାଲ ସିଂ ମୁଖ୍ୟ ପଦବୀ ପାଇଁ ଲଢ଼ିବା ଯଥେଷ୍ଟ ସମ୍ଭାବନା ରହିଛି। ବ୍ରିଜ ଭୂଷଣଙ୍କ ଦ୍ୱାରା ଏକ ବୈଠକ ଡକାଯାଇଥିବା ବିଷୟ ବିଦାୟୀ ଡବ୍ଲ୍ୟୁଏଫ୍ଆଇ ସହକାରୀ ସମ୍ପାଦକ ବିନୋଦ ତୋମାର ସ୍ପଷ୍ଟ କରିଛନ୍ତି। ତେବେ ଏହି ବୈଠକ କେଉଁଠାରେ ହେବ ସେ ସମ୍ପର୍କରେ କୌଣସି ସୂଚନା ଦେଇ ନାହାନ୍ତି। ଯଥାସମ୍ଭବ ବୈଠକରେ ବିଭିନ୍ନ ରାଜ୍ୟ ସଂଗଠନରେ ସଭାପତି ଓ ସମ୍ପାଦକ ପଦବୀରେ ରହିଥିବା ବ୍ରିଜଭୂଷଣଙ୍କ ସମର୍ଥକମାନେ ଯୋଗ ଦେବେ। ଅଗଷ୍ଟ ୧୨ ପାଇଁ ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ ଜୁଲାଇ ୩୧ ରଖାଯାଇଛି। ଅଗଷ୍ଟ ୨ରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ଅଗଷ୍ଟ ୭ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜାତୀୟ କ୍ରୀଡ଼ା ଆଚରଣବିଧି ଅନୁସାରେ ସେ ସର୍ବାଧିକ ୧୨ ବର୍ଷ ଧରି ଜଣେ କର୍ମକର୍ତ୍ତା ରହି ଆସିଛନ୍ତି।

# ଭାରତ-ଇଂଲଣ୍ଡ ମ୍ୟାଚ ଡ୍ର

**ବାର୍ସିଲୋନା, ୨୮।୭ (ପି.ଟି.):** ସ୍ପାନିଶ ହକି ମହାସଂଘ ଶତବାର୍ଷିକୀ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତୀୟ ହକି ଦଳ ଇଂଲଣ୍ଡ ବିପକ୍ଷ ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ କରିଛି। ଖେଳର ୫ମ ମିନିଟ୍‌ରେ ଇଂଲଣ୍ଡର ସାମ୍ ୱାର୍ଡ ଗୋଲ ସ୍କୋର ତାଙ୍କ ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ୨୯ତମ ମିନିଟରେ ଭାରତର ହରମନପ୍ରୀତ ସିଂଙ୍କ ଗୋଲ୍ ଜରିଆରେ ଭାରତ ମ୍ୟାଚକୁ ୧-୧ରେ ବରାବର ସ୍ଥିତିକୁ ନେଇ ଆସିଥିଲା। ଡ୍ର' ରଖିବା ଦ୍ୱାରା ଭାରତ ରବିବାର ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ଟୁର୍ନାମେଣ୍ଟରେ ଭାରତ ପ୍ରଥମେ ଆୟୋଜକ ଦେଶଠାରୁ ପରାଜିତ ହେବା ପରେ ନେଦରଲାଣ୍ଡ୍ସ ସହ ଡ୍ର ରଖିଥିଲା। ଫାଇନାଲରେ ପ୍ରବେଶ ପାଇଁ ଶୁକ୍ରବାର ଇଂଲଣ୍ଡ ବିପକ୍ଷ ମ୍ୟାଚରେ ବିଜୟ ଭାରତ ପାଇଁ ଜରୁରି ଥିଲା।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
for Booking Contact 0674-2580385, 8637280816, 7894447167, 9338226625

ADMISSION OPEN
DISTANCE EDUCATION
For Govt. & Private Job holder's
(UGC and DEB Recognized Universities)
MBA, MCA, LLB, DIPLOMA, B.Sc, M.Sc, B.Com, BA, MA, MSW and more than 100 UG and PG Courses
12th Science, Arts, Commerce.
LOW FEES STRUCTURE
Institute of Technology and Management Science (ITMS)
Satya Vihar, Bhubaneswar, near Puri Bypass
8917610670, 9438486526


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଇଂଲଣ୍ଡ, ଚାଇନା ବିଜୟୀ: ଆର୍ଜେଣ୍ଟିନା-ଦକ୍ଷିଣ ଆଫ୍ରିକା ମ୍ୟାଚ ଡ୍ର

## ମହିଳା ଫୁଟବଲ ବିଶ୍ୱକପ୍

**ସିଡ୍‌ନୀ/ଡୁନେଡିନ୍/ଆଡିଲେଡ୍, ୨୮।୭**

ଚଳିତ ଫିଫା ମହିଳା ଫୁଟବଲ ବିଶ୍ୱକପ୍‌ରେ ଶୁକ୍ରବାର ଇଂଲଣ୍ଡ ଓ ଚାଇନା ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଡ୍ର' ଭାବେ ଶେଷ ହୋଇଛି। ସିଡ୍‌ନୀଠାରେ ଗ୍ରୁପ୍ 'ଡି'ର ଖେଳାଯାଇଥିବା ଏକ ମ୍ୟାଚରେ ୟୁରୋପିଆନ ଚାମ୍ପିୟନ ଇଂଲଣ୍ଡ ୧-୦ ଗୋଲ୍‌ରେ ଡେନମାର୍କକୁ ପରାସ୍ତ କରିଛି। ଏହି ଗୋଲ୍‌ଟିକୁ ଲରେନ ଜେମ୍ସ ଖେଳର ୬ଷ୍ଠ ମିନିଟ୍‌ରେ ସ୍କୋର କରିଥିଲେ। ଦଳ କ୍ରମାଗତ ଦ୍ୱିତୀୟ ବିଜୟ ସହ ଗ୍ରୁପ୍ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନ ଅଧିକାର କରିଛି। ଇଂଲଣ୍ଡ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଚାଇନା ବିପକ୍ଷରେ ଖେଳିବାକୁ ଥିବା ବେଳେ ଡେନମାର୍କ ପର୍ଥଠାରେ ହାଇତିକୁ ଭେଟିବ।

ଅଷ୍ଟ୍ରେଲିଆର ଆଡେଲିଡ୍‌ଠାରେ ଚାଇନା ୧-୦ ଗୋଲ୍‌ରେ ହାଇତିଙ୍କୁ ପରାସ୍ତ କରିବା ସହ ପରବର୍ତ୍ତୀ ରାଉଣ୍ଡ ପାଇଁ ଏହାର ସମ୍ଭାବନାକୁ ଉଜ୍ଜୀବିତ ରଖିଛି। ଫରୱାର୍ଡ ୱାଙ୍ଗ୍ ଶୁଆଙ୍ଗ ୭୪ତମ ମିନିଟ୍‌ରେ ଏକ ପେନାଲ୍ଟିକୁ ଗୋଲ୍‌ରେ ରୂପାନ୍ତରିତ କରିଥିଲେ। ବିଶ୍ୱକପ୍‌ରେ ଏହା ହେଉଛି ତାଙ୍କର ପ୍ରଥମ ଗୋଲ୍। ୨୯ତମ ମିନିଟ୍‌ରେ ଚାଇନାର ଝାଙ୍ଗ ରୁଇଙ୍କୁ ରେଡ୍‌କାର୍ଡ ହୋଇଥିଲା। ଫଳରେ ଦଳକୁ ୧୦ ଖେଳାଳି ନେଇ ଖେଳିବାକୁ ହୋଇଥିଲା। ୧୦ ଖେଳାଳିଙ୍କୁ ନେଇ ଏକ ମ୍ୟାଚ ଜିତିବା ମହିଳା ବିଶ୍ୱକପ୍‌ରେ ଏହା ହେଉଛି ଦ୍ୱିତୀୟ ଦୃଷ୍ଟାନ୍ତ। ପୂର୍ବରୁ ଏହା ୨୦୧୧ରେ ଦେଖିବାକୁ ମିଳିଥିଲା।

ଡୁନେଡିନଠାରେ ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍ 'ଜି'ର ଏକ ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ମ୍ୟାଚରେ ଦକ୍ଷିଣ ଆଫ୍ରିକା ଲିଣ୍ଡା ମୋତ୍‌ଲାଲୋ (୩୦ତମ ମିନିଟ୍) ଓ ଥେମ୍ବି କିଗାଟଲାନା (୬୬ତମ)ଙ୍କ ଗୋଲ୍ ସହାୟତାରେ ପ୍ରଥମେ ୨-୦ରେ ଅଗ୍ରଣୀ ଲାଭ କରିଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ଆର୍ଜେଣ୍ଟିନା ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ସୋଫିଆ ବ୍ରାଉନ୍ (୭୪ତମ) ଓ ରୋମିନା ନୁନେଜ (୭୯ତମ)ଙ୍କ ଗୋଲ୍ ଯୋଗୁ ମ୍ୟାଚ ୨-୨ରେ ଡ୍ର' ଭାବେ ଶେଷ ହୋଇଥିଲା। ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି। ସୁଇଡେନ ଓ ଇଟାଲୀ ସମାନ ୩ ପଏଣ୍ଟ ଲେଖାଏଁ ଅର୍ଜନ କରି ଗ୍ରୁପ୍‌ର ଶୀର୍ଷରେ ରହିଛନ୍ତି।

# ପପୁଆ ନ୍ୟୁ ଗିନିକୁ ଯୋଗ୍ୟତା

**ପୋର୍ଟ ମୋରେସ୍‌ବି (ପପୁଆ ନ୍ୟୁ ଗିନି), ୨୮।୭ (ପି.ଟି.)**

ପପୁଆ ନ୍ୟୁ ଗିନି ସଦ୍ୟତମ ଦଳ ଭାବେ ୱେଷ୍ଟଇଣ୍ଡିଜ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଖେଳାଯିବାକୁ ଥିବା ୨୦୨୪ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଇଷ୍ଟ ଏସିଆ ପ୍ୟାସିଫିକ୍‌ରୁ ଇଭେଣ୍ଟ ପାଇଁ ୧୫ତମ ଦଳ ଭାବେ ଏହା ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ଅମିନି ପାର୍କଠାରେ ଫିଲିପାଇନ୍ସ ବିପକ୍ଷରେ ୧୦୦ରନରେ ବିଜୟ ହାସଲ କରି ପପୁଆ ନ୍ୟୁ ଗିନି ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ପପୁଆ ନ୍ୟୁ ଗିନି ନିର୍ଦ୍ଧାରିତ ଓଭରରେ ୨୨୯/୬ ସ୍କୋର କରିଥିଲା। ୫ଟି ଗେମ୍ ପରେ ପପୁଆ ନ୍ୟୁ ଗିନି ତାଲିକାର ଶୀର୍ଷ ସ୍ଥାନରେ ରହିଥିଲା। ଦଳ ପୁଣି ଶନିବାର ଜାପାନକୁ ଭେଟିବ। ଏହା କିନ୍ତୁ ଉଭୟ ଦଳ ପାଇଁ ଗୁରୁତ୍ୱହୀନ। ୨୦ଟି ଦଳକୁ ନେଇ ହେବାକୁଥିବା ମେଗା ଇଭେଣ୍ଟ ଲାଗି ଆଉ ୫ଟି ସ୍ଥାନ ଖାଲି ରହିଛି।

# ଜାପାନ ଓପନ ସେମିରେ ଲକ୍ଷ୍ୟ

**ଟୋକିଓ, ୨୮।୭ (ପି.ଟି.):** ଭାରତର ଅଗ୍ରଣୀ ଖେଳାଳି ଲକ୍ଷ୍ୟ ସେନ ଜାପାନ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ଏଚ୍‌ଏସ୍ ପ୍ରଣୟ ଏବଂ ଚିରାଗ ଶେଟ୍ଟି-ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଡବଲ୍ସ ଯୋଡ଼ି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ସେନ୍ ସ୍ଥାନୀୟ ଖେଳାଳି ୩୩ତମ ର୍‌ୟାଙ୍କିଂପ୍ରାପ୍ତ କୋକି ୱାତାନାବେଙ୍କୁ ୨୧-୧୫, ୨୧-୧୯ରେ ପରାସ୍ତ କରିଛନ୍ତି।


# Classified Everyday
0674-2580101, 2549949


REAL ESTATE
SALE

3BHK Apartment Rasulgarh-89,00,000/-, 3BHK Duplex near Tankapani-79,00,000/-, 3BHK Duplex Nandankanan-99,00,000/-, Chandaka 5 Acre, Mendhasala 5 Acre, Balianta 3 Acre. Residential Land Patia-2890, Tankapani-2650, Tamando-2700, Hanspal-2500, Mancheswar-1650, Pitapalli-1650, Balianta-1200, Baranga-1200, Sundarpada-900, Jaanla-900, DPSback-900. 8984071303, 8249630501. D-0923

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ 30" ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି- 7787017414. D-74888

Gharabari plot sale at Pipli, near Puri by-pass, adject to NH with boundary wall, plantation, Electricity. Contact: 7008346486. D-74556

Gharabari plot/ duplex and triplex sale at east facing in Kalarahanga 30ft. road gated society. 8249533255. D-71058

ଭୁବନେଶ୍ୱର ପିତାପଲ୍ଲି ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74885

Plot sale near Sundarpada Petrol Pump, 3000/sqft. Contact-9937737720. D-71379

**2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891.** D-0819

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-74895

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74886




**Four storied building 3000sftx4 at Jayadev Vihar, Bhubaneswar suitable for office/ showroom/ Mall. Contact-9437476660.** D-75016


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75013

**Relax, Refresh your body, mind at Saikrupa Spa with best therapies. 8984068077.** D-0921

All types of professional body massage by professional therapy. Contact 7077933109/ 9556924059/ 8658803018. D-0932

Full body massage in homely atmosphere in all therapy. Mob: 8114881641. D-73438

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly healthcare benefited Spa Experience therapist in Bhubaneswar. Please visit this spa. 7846814019. D-75135

Newly opened (One8 Spa)/(Salon Service) with expert therapist, 9938843929. D-75136

Spa Kerala Body Massage only best Therapist @699/- Bhubaneswar. 9337672475. D-0857

## LOST

I, Sri Lalit Meher, S/o- Late Harihar Meher, R/o- Village- Sagarpali, P.O.- Mallikmunda, Dist.- Subarnapur declare that on dtd. 15.05.2023 when I was coming from Sagarpali to Sonepur at that time my original Regd. sale deed vide RSD No.- 11661701513 dtd. 03.11.2017 has been missed away. Inspite of my best effort I could not trace it out. D-0934

I Smt. Sandhya Rani Acharya (Mishra), D/o- Late Sisir Kumar Mishra & W/o- Sri Biswajeet Acharya at Plot No.-118, Gobinda Prasad, Bomikhal Canal Road, P.O.- Rasulgarh, P.S.- Laxmisagar would like to inform that I have lost/ misplaced Sale Deed No.- 5169 dated 25.07.1980 & 5172 dated 25.07.1980 and if anybody has found it please contact 9937155484 and He/She will be suitably rewarded. D-0933

## AFFIDAVIT

I, Archna, W/o Kuldeep Kumar, 405/4, Club Town Apartment, CS'Pur, BBSR-751016 declare vide affidavit No.- 55AA746483 dt 28.07.23 that now onwards I shall be known as Archna Gupta for all future purposes. D-0937

By virtue of an affidavit sworn before the Executive Magistrate, Aul, I Subna Kanta Das, S/o. Hrudananda Das, Village- Dimiripal, P.O. Bhuinpur, Dist.- Kendrapara declare that my name has been wrongly recorded as Rashmikanta Das instead of Subna Kanta Das in my LIC policy bond bearing No.589532706. Henceforth, I shall be known as Subna Kanta Das for all purposes. D-0938

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

# ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ବଡ଼ଗାଁ,୨୮।୭(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜାମବାହାଲ ଗାଁ ନିକଟ ରାଜ୍ୟ ରାଜପଥ ୧୦ରେ ଗତ ୨୬ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁତର ହୋଇ ରାଉରକେଲା ଜୟ ପ୍ରକାଶ ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ଡ୍ରାଇଭର ଡିଲେଶ୍ୱର ଭଏସାଲ(୩୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ୨୬ ତାରିଖ ରାତି ୮ଟାରେ ଡିଲେଶ୍ୱର କାମ ସାରି ନିଜ ଗାଁ କୁସୁମଡେଗିକୁ ଫେରୁଥିବାବେଳେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ରାତି ୩ଟାରେ ଏଲ୍ ଆଣ୍ଡ ଟି କମ୍ପାନୀର ପାଟ୍ରୋଲିଂ ଗାଡ଼ିରେ ଥିବା କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଦେଖି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ସୁନ୍ଦରଗଡ ମେଡିକାଲ୍‌କୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାଉରକେଲା ଜୟ ପ୍ରକାଶ ହସ୍ପିଟାଲକୁ ନିଆଯାଇଥିଲା।

# ପ୍ରମାଣ ଅଭାବରୁ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଦେବଗଡ଼, ୨୮।୭(ଶଶାଙ୍କ ଶେଖର ଝାଙ୍କର):** ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହେଲେ ହତ୍ୟା ଅଭିଯୁକ୍ତ। ଦେବଗଡ଼ ଜିଲା ଓ ଦୌରାଜଜ ଗୌତମ ଶର୍ମା ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ଶୁଣାଇ ନିଜ ଭାଉଜଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଗିରଫ ହୋଇଥିବା ଦିଅର ଶୁକଦେବ ବାଙ୍କିରାଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ୨୦୨୦ ଏପ୍ରିଲ ୫ରେ ଦେବଗଡ଼ ଥାନା ସାନଶିରୋଡିହର ଶୁକଦେବ ବାଙ୍କିରାଙ୍କ ବଡକ ତାଙ୍କ ଭାଉଜ ଶନିବାରୀ ବାଙ୍କିରାଙ୍କ ବାଡିପଟକୁ ଚାଲି ଯାଇଥିଲା। ଏହାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଶେଷରେ ଉତକ୍ଷୀପ୍ତ ହୋଇ ଶୁକଦେବ ଏକ ଠେଙ୍ଗା ସାହାଯ୍ୟରେ ଶନିବାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ରକ୍ତ ଜୁଡୁବୁଡୁ ହୋଇ ଗୁରୁତର ଅବସ୍ଥାରେ ଶନିବାରୀଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଶନିବାରୀଙ୍କ ପୁଅ ଅଙ୍କୁରା ଦେବଗଡ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହି ଦିନଠାରୁ ଶୁକଦେବ ଜେଲରେ ବିଚାରାଧିନ ବନ୍ଦୀ ଭାବେ ରହିଥିଲେ। ଏହି ମାମଲାର ଶୁଣାଣି କରି ଅଦାଲତ ୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ସହ ଉଭୟ ପକ୍ଷର ଜବାବ ସୁଆଲକୁ ଭିତ୍ତିକରି ଅଭିଯୁକ୍ତ ଶୁକଦେବ ବାଙ୍କିରାଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ କୁମାର ଗୁରୁ, ଅତୁଲ୍ୟ କୁମାର ପୂଜାରୀ ଓ ସିଦ୍ଧେଶ୍ୱର ଗୁରୁ ମୋକଦ୍ଦମା ପରିଚାଳନା କରୁଥିଲେ।

BADRIPRASAD
Group of Institutions
DEGREE COURSES
BBA BCA
7008920803, 9238400140, 7008757504, 8269436175
AT- DEBAIPALI, MAJHIPALI CHOWK, PO - SASON, DIST:-SAMBALPUR, PIN-768200
Web: : www.bitsambalpur.org / Email : bitechsbp@gmail.com / bcctsbp@gmail.com

# ବାଇକ୍ ଧକ୍କାରେ ବୃଦ୍ଧା ମୃତ

**ଗୋଲାମୁଣ୍ଡା,୨୮।୭**
**(ବଟକୃଷ୍ଣ ପଣ୍ଡା)**

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନଚେରଗାଁ ଗ୍ରାମର ମଦନା ମାଝି (୬୫)। ସେ କୌଣସି କାମରେ କେଗାଁ ଆସୁଥିବା ବେଳେ କେଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ସ୍ଥାନୀୟ ସାନଚେରଗାଁ ଦେଶୀ ଭାଟିର ଏକ ବାଇକ୍‌ରେ ଥିବା ଜଣେ ବିହାରୀ କର୍ମଚାରୀ ବୃଦ୍ଧାଙ୍କୁ ଧକ୍କା ଦେଇ କିଛି ବାଟ ବାଇକରେ ଘୋଷାଡି ନେଇଥିଲା। ଫଳରେ ବୃଦ୍ଧାଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ବାଇକ୍ ଛାଡି ବିହାରୀ କର୍ମଚାରୀ ଫେରାର ହେଉଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିହାରୀ କର୍ମଚାରୀକୁ ଗିରଫ କରିବା ସହିତ କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। କେଗାଁ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଦୁର୍ଘଟଣା ଘଟାଇ ଥିବା ବିହାରୀ କର୍ମଚାରୀଙ୍କୁ ପୋଲିସ ଗିରଫ କରିବା ସହିତ ସମ୍ପୃକ୍ତ ଭାଟି ପକ୍ଷରୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପରେ ଦୀର୍ଘ ୫ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏ ନେଇ କେଗାଁ ଥାନା ଏକ ମାମଲା (ନଂ.୧୩୯/୨୦୨୩) ରୁଜୁ ହୋଇଛି। ଦୁର୍ଘଟଣା ଘଟାଇ ଥିବା ବିହାରୀ କର୍ମଚାରୀ ବୁଦ୍ଧନ ରାଏଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଏମ ହାଁସଦା ପ୍ରକାଶ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ଅଫିସ କାମ ପାଇଁ Lady ପିଅନ ଆବଶ୍ୟକ । ନଖରା କଟକ ବୟସ ୩୦ ବର୍ଷ ଭିତରେ ଖାଇବା + ରହିବା Free + 7500 to 10,000
ଯୋଗାଯୋଗ–7809525452

WANTED
Driver Wanted for 3 Wheeler Van at Bhubaneswar for E-Commerce Company.
Salary: 15000 +.
Call: 9861888268, 9556120168

# ବାପପୁଅଙ୍କୁ ଆକ୍ରମଣ: ଅଭିଯୁକ୍ତ କୋର୍ଟ ଚାଲାଣ

**ଡୁଙ୍ଗୁରିପାଲି ,୨୮।୭**
**(ଦୀନବନ୍ଧୁ ସୁନା )**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅଇଁଲାସାରୀ ଗଣ୍ଡାପଡ଼ାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରିବାକୁ ଗାତ ଖୋଳୁଥିବା ବେଳେ ଗୋଟିଏ ପରିବାରର ବାପ,ପୁଅଙ୍କୁ ଆକ୍ରମଣ କରାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ରମେଶ ତାଣ୍ଡୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ପ୍ରକାଶ ଯେ, ଗୁରୁବାର ଅଇଁଲାସାରୀ ଗଣ୍ଡାପଡ଼ାରେ ଆବାସ ଯୋଜନା ଘର ତିଆରି କରିବା ନେଇ ପାଣ୍ଡବ ନାଗ ଓ ତାଙ୍କ ପୁଅ ବିବେକାନନ୍ଦ ସୀମା ନିର୍ଦ୍ଧାରଣ କରି ଘରଡିହରେ ଗାତ ଖୋଳୁଥିଲେ। ଏହି ସମୟରେ ଉକ୍ତ ପଡ଼ାର ରମେଶ ତାଣ୍ଡୀ ଓ ଅନ୍ୟ କେତେଜଣ ଘଟଣାସ୍ଥଳକୁ ଆସି ଗଣ୍ଡଗୋଳ କରିଥିଲେ। ଏହାର ପ୍ରତିବାଦ କରିବାରୁ ରମେଶ ପଛପଟୁ ଆସି ପାଣ୍ଡବ ଓ ବିବେକାନନ୍ଦଙ୍କୁ ଏକ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ଆକ୍ରମଣରେ ବାପ ପୁଅ ଦୁହେଁ ଗୁରୁତର ହୋଇପଡିବାରୁ ଉଭୟଙ୍କୁ ପରିବାର ଲୋକେ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସନ୍ଧ୍ୟାରେ ଉଭୟଙ୍କୁ ବୁର୍ଲା ଡ଼ାକ୍ତରଖାନା ପଠାଯାଇଥିଲା। ଏନେଇ ଥାନାରେ ଆହତ ପାଣ୍ଡବ ନାଗଙ୍କ ପୁଅ ବିଶ୍ୱ ନାଗ ଗୁରୁବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ରମେଶ ତାଣ୍ଡୀଙ୍କୁ ଗିରଫ କରିଥିଲା। ପୋଲିସ ନଂ ୧୨୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ତଦନ୍ତ ଅଧିକାରୀ ଏସ୍ଆଇ ଟଙ୍କଧର ଛତ୍ରିଆ ସୂଚନା ଦେଇଛନ୍ତି।

OFFICE OF THE PRINCIPAL
PANCHAYAT SAMITI HIGHER SECONDARY SCHOOL, MURIBAHAL
WALK-IN-INTERVIEW
An Interview for the post of Lecturer-in-Odia (Guest Faculty) along with one Male Peon (Self-Finance) is scheduled to be held in Panchayat Samiti Higher Secondary School, Muribahal on Dt.06.08.2023 at 11.30 A.M. to 3.00 P.M. Interested candidates for said lecturer post having at least 55% of Marks in Post Graduation level may attend the interview. Preference will be given to the B.Ed. candidates.
N.B.: No TA, DA will be given to the applicants.
Contact No.: 9437367435
Sd./- Principal-cum-Secretary
P.S. Higher Secondary School,
Muribahal

ଭାରତର ବିଖ୍ୟାତ ପ୍ରଦର୍ଶନୀ ତଥା ବିକ୍ରୟ ଏବେ
ଭୁବନେଶ୍ୱରରେ
HANDLOOM EXPO
ତାରିଖ: 14 ଜୁଲାଇରୁ 24 ଅଗଷ୍ଟ 2023
ବିଶେଷ ଆକର୍ଷଣ
ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ, ପଞ୍ଜାବ, ଜାମ୍ମୁ ଓ କାଶ୍ମୀର, ହରିୟାଣା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡ୍ଡୁ, ଘାସତିଆରି ଗାଲିଚା, ନାଗାଲାଣ୍ଡ, ଆସାମ, ବେଙ୍ଗଲ
20% ରିହାତି ବୁଣାକାରଙ୍କ ତରଫରୁ
ମାଗଣା ପାର୍କିଂ ଓ ପ୍ରବେଶ
ସ୍ଥାନ
ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-2 ସେଣ୍ଟ୍ରାଲ ଗ୍ରାଉଣ୍ଡ, ଖାରବେଳନଗର, ଭୁବନେଶ୍ୱର 751001
ପଞ୍ଜୀକରଣକାରୀ: ଡିସି (ହସ୍ତଶିଳ୍ପ), ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀ
ଆୟୋଜକ: • ଶ୍ରୀ ହରି ଖଦି ଗ୍ରାମୋଦ୍ୟୋଗ ବିକାଶ ସଂସ୍ଥାନ • ଭାରତୀ ଗ୍ରାମୋତ୍ଥାନ ସାମାଜିକ ବିକାଶ ସଂସ୍ଥାନ

DSPL - 165
OSDMA
ଓଡ଼ିଶା ସରକାର
ସାପ କାମୁଡ଼ା ପ୍ରତି ସାବଧାନ
୧ ସମୟ ନଷ୍ଟ ନକରି ଯଥାଶୀଘ୍ର ଆହତ ବ୍ୟକ୍ତିଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇ ଯାଆନ୍ତୁ।
୨ ସାପ କାମୁଡ଼ିଥିବା ବ୍ୟକ୍ତିଙ୍କୁ ସ୍ଥିର ଓ ଶାନ୍ତ ରଖନ୍ତୁ। ସାହାସ ଓ ସାନ୍ତ୍ୱନା ଦେବାକୁ ଚେଷ୍ଟା କରନ୍ତୁ।
୩ ଆହତ ବ୍ୟକ୍ତିଙ୍କୁ ଏକୁଟିଆ ଛାଡନ୍ତୁ ନାହିଁ ବା ଶୋଇବାକୁ ଦିଅନ୍ତୁ ନାହିଁ।
୪ ଆହତ ଅଙ୍ଗକୁ ହଲଚଲ କରନ୍ତୁ ନାହିଁ ବା ବ୍ୟକ୍ତିଙ୍କୁ ଚାଲିବାକୁ ଦିଅନ୍ତୁ ନାହିଁ।
୫ କ୍ଷତ ଅଙ୍ଗରୁ ମୁଦି, ବ୍ରେସଲେଟ୍, ଅନ୍ୟାନ୍ୟ ଅଳଙ୍କାର, ଘଣ୍ଟା ଇତ୍ୟାଦି ଓ ଜୋତା ଯଥାଶୀଘ୍ର ବାହାର କରି ଦିଅନ୍ତୁ।
୬ କ୍ଷତ ଅଙ୍ଗରେ ବିଷ ସଂଚରଣ ରୋକିବା ପାଇଁ ରଶି କିମ୍ୱା ତାର ବାନ୍ଧନ୍ତୁ ନାହିଁ। ଏହାଦ୍ୱାରା ଅଙ୍ଗ ନଷ୍ଟ ହେବାର ଅଧିକ ସମ୍ଭାବନା ଥାଏ।
୭ କ୍ଷତ ସ୍ଥାନକୁ ଛୁରୀ କିମ୍ୱା କୌଣସି ଅସ୍ତ୍ରରେ ଖଣ୍ଡିଆ କରି ରକ୍ତ ବାହାର କରିବାକୁ ଚେଷ୍ଟା କରନ୍ତୁ ନାହିଁ।
୮ କ୍ଷତ ସ୍ଥାନକୁ ପାଟିରେ ଚୋଷି ବିଷ ବାହାର କରିବାକୁ ଚେଷ୍ଟା କରନ୍ତୁ ନାହିଁ।
୯ କ୍ଷତ ଉପରେ ବରଫ ମାଲିସ୍ କରନ୍ତୁ ନାହିଁ।
୧୦ ଅନ୍ଧବିଶ୍ୱାସରେ ଗୁଣିଆ ବା ଝଡାଫୁଙ୍କାରେ ଆଦୌ ସମୟ ନଷ୍ଟ କରନ୍ତୁ ନାହିଁ।
୧୧ ଆହତ ବ୍ୟକ୍ତିଙ୍କୁ ନିଶାଦ୍ରବ୍ୟ, ଚେରମୂଳି ଇତ୍ୟାଦି ଦିଅନ୍ତୁ ନାହିଁ ବା କ୍ଷତ ସ୍ଥାନରେ କୌଣସି ଔଷଧ ଲଗାନ୍ତୁ ନାହିଁ।
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର
ସଚେତନତା ଓ ସତର୍କତା ହିଁ ସୁରକ୍ଷା
OIPR-24007/13/0005/2324

## ବ୍ରାହ୍ମଣୀ ନଦୀରୁ ଯୁବତୀଙ୍କ ଗଳିତ ମୃତଦେହ ଜବତ

**ଲହୁଣୀପଡା,୨୮।୭**
**(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ବଡ ପୁରୁଣାପଣି ପଞ୍ଚାୟତ କପଣ୍ଡ ଓରାମ ସାହି ବ୍ରାହ୍ମଣୀ ନଦୀ କୂଳରେ ଭାସୁଥିବା ଏକ ଅଚିହ୍ନା ଯୁବତୀଙ୍କ ଗଳିତ ମୃତଦେହକୁ ପୋଲିସ ଓ ଅଗ୍ନିଶମ ବିଭାଗ ଜବତ କରିଛି। ପୋଲିସ ମୃତଦେହକୁ ବଣେଇ ଡାକ୍ତରଖାନର ମର୍ଗ ହାଉସରେ ରଖିଛି। ମୃତଦେହଟି ପଚି ଯାଇଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, କପଣ୍ଡ ଓରାମ ସାହିର ଲୋକମାନେ ଶୁକ୍ରବାର ସକାଳୁ ନଦୀ କୂଳକୁ ଯାଇଥିବା ବେଳେ ଜଣେ ଯୁବତୀଙ୍କ ମୃତଦେହ ଭାସୁଥିବା ଦେଖି ଲହୁଣୀପଡ଼ା ପୋଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ।

## ନାଳରୁ ଯୁବକଙ୍କ ମୃତଦେହ ଜବତ

**ଲହୁଣୀପଡା,୨୮।୭**
**(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ବରଘାଟ ନାଳରୁ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ମୁରଲୀ ଧର ନାୟକ (୫୦)। ପୋଲିସ ବଣେଇ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

BODY LINE
Mega Monsoon Sale
upto 50 % OFF
ON ALL FITNESS EQUIPMENT
#RunWhileItRains
LOWER THAN ONLINE PRICES LOWER THAN
Treadmill MRP ₹39,500/- OFFER PRICE ₹19,900/-
Cross Trainer MRP ₹53,000/- OFFER PRICE ₹25,900/-
Recumbent Bike MRP ₹38,500/- OFFER PRICE ₹22,500/-
Upright Bike MRP ₹12,500/- OFFER PRICE ₹7,250/-
Home Gym MRP ₹49,500/- OFFER PRICE ₹28,900/-
Exercise Bench MRP ₹16,000/- OFFER PRICE ₹7,200/-
Massage Chair MRP ₹1,10,000/- OFFER PRICE ₹49,000/-
Leg Massager MRP ₹53,600/- OFFER PRICE ₹34,900/-
*Conditions apply. Pictures are indicative.
BAJAJ FINSERV
HDFC BANK We understand your world
0% EMI
TUNTURI VIVA FITNESS Jordan iRelax
For Online Purchase Visit-
Bodyline Sports: 501, Kharvela Nagar (1st floor), opp. Gurudwara, Janpath, Bhubaneswar-751 001 Call: 0674 2380824 / 2380925
For Inquiry, Call: 97763 77999 / 91789 22047
Head Office: 14-D, Ballygunge Circular Road, (Opp.AAEI.), Kol - 700019 I Ph: 033 40648222
Avani Riverside Mall, Howrah I Ph: 83360 70155
Benachity, Durgapur I Ph: 89182 32604
BODY LINE
Inspiring Fitness
An ISO 9001:2015 Certified company
Website: www.bodylinesports.co.in
E-mail: bodylinesports@gmail.com
sales.bodyline@gmail.com
For complete gym set-up for Corporates, Hotels, Clubs, Residential Complex, call: 97763 77999

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ବାର୍ବାଡୋସ, ୨୮।୭ (ପି.ଟି.)

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ଶନିବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ଦିନିକିଆକୁ ୫ ଉଇକେଟରେ ଜିତି ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ତେଣୁ ଦ୍ୱିତୀୟ ଦିନିକିଆ ଜିତି ଆଗୁଆ ସିରିଜ ବିଜୟ ଲକ୍ଷ୍ୟରେ ରହିଛି ଟିମ୍ ଇଣ୍ଡିଆ। ପ୍ରଥମ ଦିନିକିଆରେ ବିଜୟ ଲକ୍ଷ୍ୟ ମାତ୍ର ୧୧୫ ରନ ଥିବାରୁ ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ ମିଡିଲ୍ ଅର୍ଡର ବ୍ୟାଟରଙ୍କୁ ଟପ୍ ଅର୍ଡରରେ ଖେଳିବା ସୁଯୋଗ ଦେଇଥିଲେ। ମାତ୍ର ଟର୍ନିଂ ଟ୍ରାକ୍‌ରେ ଭାରତ ବିଜୟ ଲକ୍ଷ୍ୟରେ ପହଞ୍ଚିବା ପାଇଁ ୫ ଉଇକେଟ ହରାଇଥିଲା। ତେଣୁ ଆଗାମୀ ମ୍ୟାଚରେ ସ୍ୱାଭାବିକ ବ୍ୟାଟିଂ ଅର୍ଡରକୁ ନେଇ ଭାରତ ଖେଳିବ ବୋଲି ଆଶା କରାଯାଉଛି।

ଆସନ୍ତା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୮ରେ ଅଷ୍ଟ୍ରେଲିଆକୁ ଭେଟିବ। ଏହା ପୂର୍ବରୁ ରୋହିତ ଶର୍ମାଙ୍କ ଦଳକୁ ୧୧ଟି ମ୍ୟାଚ ଖେଳିବାର ଅଛି। ତେଣୁ ବିଶ୍ୱକପ୍ ପୂର୍ବରୁ ଟିମ୍ କମ୍ବିନେଶନ ସଜାଡ଼ିନେବାକୁ ମ୍ୟାନେଜମେଣ୍ଟ ଉଦ୍ୟମ କରିବ। ବାର୍ବାଡୋସର କେନ୍‌ସିଙ୍ଗଟନ ଓଭାଲ ସ୍ୱର୍ଗତ ମାଲକମ ମାର୍ଶାଲ ଓ 'ବିଗ୍ ବାର୍ଡ' ଜୋଏଲ ଗାର୍ନରଙ୍କ ହୋମ୍ ଟର୍ଫ। ତେଣୁ ଏଠାରେ ଦ୍ରୁତ ବୋଲରଙ୍କୁ ସହାୟତା ମିଳିବା ସମ୍ଭାବନା ଅଧିକ। ବ୍ରିଜ୍‌ଟାଉନ୍‌ରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ କିନ୍ତୁ ଏହାର ବିପରୀତ ଫଳ ଦେଖିବାକୁ ମିଳିଥିଲା। ଭାରତର

**ଦ୍ୱିତୀୟ ଦିନିକିଆ ଆଜି**
**ମ୍ୟାଚ୍ ସ୍ଥାନ: ବାର୍ବାଡୋସ**
**ସମୟ:ସନ୍ଧ୍ୟା ୭ଟା**
**ପ୍ରସାରଣ: ଡିଡି ସ୍ପୋର୍ଟ୍ସ**

ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ୱେଷ୍ଟଇଣ୍ଡିଜ ବ୍ୟାଟିଂ ଲାଇନ୍‌ଅପ୍‌କୁ ଧ୍ୱସ୍ତ କରି ଦେଇଥିଲେ। ୫୦ ଓଭର ବିଶିଷ୍ଟ ମ୍ୟାଚରେ ଟି୨୦ ପରି ଶଟ୍ ଚୟନ ୱେଷ୍ଟଇଣ୍ଡିଜ ବ୍ୟାଟରଙ୍କ ପାଇଁ ମହଙ୍ଗା ପଡ଼ିଥିଲା। ୱେଷ୍ଟଇଣ୍ଡିଜ କ୍ରିକେଟର ସୁବର୍ଣ୍ଣ ଦିନ ଏବେ ଆଉ ନାହିଁ। ଭାରତରେ ହେବାକୁଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଏହି ଦଳ ଯୋଗ୍ୟତା ମଧ୍ୟ ହାସଲ କରିପାରି ନାହିଁ।

ଦ୍ୱିତୀୟ ଦିନିକିଆର ଟ୍ରାକ୍ ପ୍ରଥମ ଦିନିକିଆ ପରି ସମାନ ହୋଇ ନ ପାରେ। ତେବେ ଏଠାରେ ଭାରତ ପ୍ରଥମେ ବ୍ୟାଟିଂ ଚ୍ୟାଲେଞ୍ଜ ପାଇଲେ ମଧ୍ୟ ପ୍ରଭାବୀ ହୋଇପାରିବ। ପୂର୍ବ ମ୍ୟାଚରେ ଗୁଡାକେଶ ମୋତିଙ୍କ ଅର୍ଥୋଡକ୍ସ ବାମହାତୀ ସ୍ପିନ୍ ଏବଂ ୟାନିକ୍ କାରିଆଙ୍କ ଲେଗ୍ ବ୍ରେକ୍‌କୁ ଖେଳିବାରେ ଭାରତକୁ ବିଶେଷ ଅସୁବିଧା ହୋଇ ନ ଥିଲେ ମଧ୍ୟ ସହଜ ମଧ୍ୟ ଅନୁଭବ କରି ନ ଥିଲା। ସୂର୍ଯ୍ୟକୁମାର ଯାଦବ ନିଜ ଟି୨୦ ଫର୍ମକୁ ୫୦ ଓଭର ଫର୍ମାଟରେ ରୂପାନ୍ତରିତ କରିବାର ଅଛି। ପ୍ରଥମ ଦିନିକିଆ ତାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଥିଲା। ସେ ଭଲ ଆରମ୍ଭ ମଧ୍ୟ କରିଥିଲେ, ମାତ୍ର ମୋତିଙ୍କ ବଲ୍‌କୁ କ୍ରମାଗତ ସୁଇପ୍ ଶଟ୍ ଖେଳିବାକୁଯାଇ ଆଉଟ ହୋଇଥିଲେ। ଶ୍ରେୟସ ଆୟାର ଓ ଲୋକେଶ ରାହୁଲ ଫିଟ୍ ହେଲେ ଭାରତୀୟ ଏକାଦଶରେ ସ୍ଥାନ ପାଇବା ତାଙ୍କ ପାଇଁ ଅସୁବିଧା ହେବ ବୋଲି ସୂର୍ଯ୍ୟ ଭଲଭାବେ ଜାଣିଛନ୍ତି। ତେଣୁ ତାଙ୍କୁ ସତର୍କତାର ସହ ଖେଳିବାକୁ ହେବ। ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ସେ ଭଲ ଖେଳିଥିଲେ। ମହମ୍ମଦ ଶାମି, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ ଓ ଶାର୍ଦ୍ଦୂଳ ଠାକୁରଙ୍କ ଉପସ୍ଥିତିରେ ମୁକେଶ କୁମାରଙ୍କୁ ରିଜର୍ଭ ପେସରଭାବେ ବିବେଚନା କରାଯାଉଥିଲା। ମାତ୍ର ସୁଯୋଗ ପାଇବା ପରେ ସମସ୍ତ ଫର୍ମାଟରେ ଯେପରି ଲାଇନ୍ ଓ ଲେନ୍ଥରେ ବୋଲିଂ କରୁଛନ୍ତି ତାଙ୍କୁ ଦଳରୁ ବାଦ୍‌ଦେବା ସହଜ ହେବନି।



ରବୀନ୍ଦ୍ର ଜାଡେଜା



ମୁକେଶ କୁମାର

# ଆହାନଙ୍କୁ ଡବଲ ଟାଇଟଲ

ଭୁବନେଶ୍ୱର, ୨୮।୭
(ତପନ ସ୍ୱାଇଁ)

ଛତିଶଗଡ଼ର ଭିଲାଇଠାରେ ଅନୁଷ୍ଠିତ ଏସିଆନ ୧୪ ବର୍ଷରୁ କମ୍ ର୍ୟାଙ୍କିଙ୍ଗ୍ (କାଟେଗୋରୀ-୨) ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆହାନ ଡବଲ ଟାଇଟଲ ହାସଲ କରିଛନ୍ତି। ସେ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ

**ଏସିଆନ ୧୫ ବର୍ଷରୁ କମ୍ ର୍ୟାଙ୍କିଙ୍ଗ୍ ଟେନିସ**

ଆହାନ ୬-୦, ୬-୩ ସେଟ୍‌ରେ ପାର୍ଥ ସାରଥି ଅରୁଣ ମୁଣ୍ଡେଙ୍କୁ ପରାସ୍ତ କରିଛନ୍ତି। ଡବଲ୍ସରେ ତାଙ୍କ ପାର୍ଟନର ଥିଲେ ଭିର୍ଦ୍ଦିକା ରାଜପୁତ। ଆହାନ-ଭିର୍ଦ୍ଦିକା ଯୋଡ଼ି ଫାଇନାଲରେ ସୂର୍ଯ୍ୟାଂଶି ଶେଖାୱତ ଓ ଶିବାନୀ ଗୁପ୍ତେଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଆହାନ ଏସ୍ ବେସ୍ ଟେନିସ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।



ସିଙ୍ଗଲ୍ସ ଓ ଡବଲ୍ସ ଟ୍ରଫି ସହ ଆହାନ।

# ଭାରତ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବ

**ଏସିଆନ ଗେମ୍ସ ମହିଳା କ୍ରିକେଟ ଡ୍ର'**

**■ ହରମନପ୍ରୀତ ଫାଇନାଲ ଖେଳିପାରିବେ**

ନୂଆଦିଲ୍ଲୀ,୨୮।୭(ପି.ଟି.)

ଏସିଆନ ଗେମ୍ସ ମହିଳା କ୍ରିକେଟ ପ୍ରତିଯୋଗିତା ପାଇଁ ଡ୍ର' ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଭାରତ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବ। ଆଇସିସି ଦ୍ୱାରା ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ ହୋଇଥିବାରୁ ଦଳ ଯଦି ଫାଇନାଲରେ ପ୍ରବେଶ କରେ ତେବେ ଅଧିନାୟିକା ହରମନପ୍ରୀତ ଏଥିରେ ଖେଳିପାରିବେ। ଚାଇନାର ହାଙ୍ଗଝୋଠାରେ ଏସିଆନ ଗେମ୍ସ ସେପ୍ଟେମ୍ବର ୨୩ରୁ ଆରମ୍ଭ ହେଉଛି। ଉଭୟ ମହିଳା ଓ ପୁରୁଷ ଇଭେଣ୍ଟରେ ଚାରୋଟି ଦଳ ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଓ ବାଂଲାଦେଶ ସିଧାସଳଖ କ୍ୱାର୍ଟରଫାଇନାଲ ପର୍ଯ୍ୟାୟରୁ ଖେଳିବେ। ଜୁନ୍ ୧ରେ ଆଇସିସି ଅନ୍ତର୍ଜାତୀୟ ଟି୨୦ ର୍ୟାଙ୍କିଙ୍ଗ ଭିତ୍ତିରେ ଦଳଗୁଡ଼ିକ ଏହି ସୁଯୋଗ ପାଇଛନ୍ତି। ନିକଟରେ ବାଂଲାଦେଶ ବିପକ୍ଷ ଏକ ଅନ୍ତର୍ଜାତୀୟ ଦିନିକିଆ ଗେମ୍ ପରେ ସାଧାରଣରେ ଦେଇଥିବା ମନ୍ତବ୍ୟକୁ ନେଇ ହରମନପ୍ରୀତ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ ହୋଇଛନ୍ତି। ଫଳରେ ସେ କ୍ୱାର୍ଟରଫାଇନାଲ କିମ୍ବା ସେମିଫାଇନାଲରେ ଖେଳିପାରିବେ ନାହିଁ। ଏପରିକି ଋତୁରାଜ ଗାଏକ୍ୱାଡଙ୍କ ନେତୃତ୍ୱାଧୀନ ପୁରୁଷ ଦଳ ଜୁନ୍ ୧ ଆଇସିସି ଟି୨୦ ର୍ୟାଙ୍କିଙ୍ଗ ଭିତ୍ତିରେ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବ। ପୁରୁଷ ଇଭେଣ୍ଟ ୧୮ଟି ଦଳକୁ ନେଇ ହେବାକୁଥିବା ବେଳେ ମହିଳା ଇଭେଣ୍ଟ ୧୪ଟି ଦଳକୁ ନେଇ ହେବ। ମହିଳା ପ୍ରତିଯୋଗିତା ସେପ୍ଟେମ୍ବର ୧୯ରେ ଆରମ୍ଭ ହେବାକୁଥିବା ଥିବା ବେଳେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ମ୍ୟାଚଗୁଡ଼ିକ ସହ ଏହା ସେପ୍ଟେମ୍ବର ୨୬ରେ ଶେଷ ହେବ। ପୁରୁଷ ଇଭେଣ୍ଟ ସେପ୍ଟେମ୍ବର ୨୮ରେ ଆରମ୍ଭ ହେବାକୁଥିବା ବେଳେ ଫାଇନାଲ ଅକ୍ଟୋବର ୭ରେ ଖେଳାଯିବ। ଏହାର ଦୁଇ ଦିନ ପରେ ଆଇସିସି ୫୦-ଓଭର ବିଶ୍ୱକପ୍ ଅହମଦାବାଦଠାରେ ଆରମ୍ଭ ହେବ।

**ଭାରତୀୟ ଦଳ ଯିବାରେ ବିଳମ୍ବ ହୋଇପାରେ**

ଭାରତୀୟ କ୍ରିକେଟ ଦଳ ଏସିଆନ ଗେମ୍ସ ପାଇଁ ହାଙ୍ଗଝୋଠାରେ କେବେ ପହଞ୍ଚିବ ତାହା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏପର୍ଯ୍ୟନ୍ତ ସୁଦ୍ଧା ସ୍ଥିର କରିପାରିନାହିଁ। ପୁରୁଷ ଦଳ ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଗେମ୍ସ ଭିଲେଜରେ ରିପୋର୍ଟ କରିବା ଭଳି ମନେହେଉନି। କାରଣ ଏହାର ୨ ସପ୍ତାହ ପରେ ଭାରତୀୟ ଦଳର ଅଭିଯାନ ଆରମ୍ଭ ହେବ। ଭାରତୀୟ ଦଳ ଗେମ୍ସ ଭିଲେଜ କିମ୍ବା ସହରର ୫ତାରକା ବିଶିଷ୍ଟ ହୋଟେଲରେ ଅବସ୍ଥାନ କରିବ ବିସିସିଆଇ ତାହା ମଧ୍ୟ ଚୂଡ଼ାନ୍ତ କରିପାରି ନାହିଁ। ଭାରତୀୟ କ୍ରିକେଟ ଦଳ ଯଦି ଫାଇନାଲକୁ ଉନ୍ନୀତ ହୁଏ ତେବେ ଏହାକୁ ପଛକୁ ପଛ ୩ଦିନ ଯଥା ଅକ୍ଟୋବର ୫ (କ୍ୱାର୍ଟରଫାଇନାଲ), ଅକ୍ଟୋବର ୬ (ସେମିଫାଇନାଲ) ଓ ଅକ୍ଟୋବର ୭ (ଫାଇନାଲ) ଖେଳିବାକୁ ପଡ଼ିବ। ଫାଇନାଲ ଭାରତୀୟ ସମୟ ଅପରାହ୍ନ ୧୨ଟାରେ ଖେଳାଯିବ।

# ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଟୁର୍ନାମେଣ୍ଟ ଆରମ୍ଭ



ଟେବୁଲ ଟେନିସ ଖେଳି ଅତିଥି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୨୮।୭
(ତପନ ସ୍ୱାଇଁ)

ସ୍ଥାନୀୟ ସହିଦ ନଗର ଇନ୍‌ଡୋର ହଲରେ ଶୁକ୍ରବାର ଓଡ଼ିଶା ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ (ଟିଟି) ଚାମ୍ପିଅନଶିପ୍ ଆରମ୍ଭ ହୋଇଛି। ଭୁବନେଶ୍ୱର ଟେବୁଲ ଟେନିସ୍ ଆସୋସିଏଶନ ଓ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଟୁର୍ନାମେଣ୍ଟରେ ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର ଆଦି ସ୍ଥାନରୁ ୨୨୫ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ରାଜ୍ୟ କ୍ରୀଡ଼ା ଯୁବସେବା ବିଭାଗର ଅଧିକାରୀ ଶୁଭ୍ରାଂଶୁ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ମହିଳା ଓ ପୁରୁଷ ବିଭାଗରେ ୧୯, ୧୭, ୧୫, ୧୩ ଓ ୧୧ ବର୍ଷରୁ କମ୍ ବର୍ଗରେ ପ୍ରତିଯୋଗିତା ହେଉଛି। ୩୦ ତାରିଖରେ ଏହା ଉଦ୍‌ଯାପିତ ହେବ।

# ପୂର୍ବାଞ୍ଚଳର କ୍ରମାଗତ ତୃତୀୟ ବିଜୟ

**ଦେଓଧର ଟ୍ରଫି**

ପୁଡୁଚେରୀ, ୨୮।୭

ରିୟାନ ପରାଗ (୧୩୧ ରନ, ୪ ଉଇକେଟ)ଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ପୂର୍ବାଞ୍ଚଳ ଏଠାରେ ଚାଲିଥିବା ଦେଓଧର ଟ୍ରଫି ସୀମିତ ଓଭର କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଉତ୍ତରାଞ୍ଚଳକୁ ୮୮ ରନରେ ପରାସ୍ତ କରିଛି। ପୂର୍ବାଞ୍ଚଳ ୫୦ ଓଭରରେ ୮ ଉଇକେଟ ହରାଇ ୩୩୭ ରନ କରିଥିବାବେଳେ ଉତ୍ତରାଞ୍ଚଳ ୪୫.୩ ଓଭରରେ ୨୪୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳର ଏହାଥିଲା କ୍ରମାଗତ ତୃତୀୟ ବିଜୟ। ପୂର୍ବ ୨ ମ୍ୟାଚରେ ଏହି ଦଳ କେନ୍ଦ୍ରାଞ୍ଚଳକୁ ୬ ଉଇକେଟରେ ଏବଂ ଉତ୍ତର ପୂର୍ବାଞ୍ଚଳ ଦଳକୁ ୮ ଉଇକେଟରେ ପରାସ୍ତ କରିଥିଲା। ୩ ମ୍ୟାଚରୁ ୩ ବିଜୟ ସହ ପୂର୍ବାଞ୍ଚଳ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଦକ୍ଷିଣାଞ୍ଚଳ ସମାନ ପଏଣ୍ଟ ପାଇଥିଲେ ହେଁ ରନହାରରେ ଆଗୁଆ ରହି ଶୀର୍ଷସ୍ଥାନ ଅଧିକାର କରିଛି।

ଟସ୍ ଜିତି ବ୍ୟାଟିଂ କରିଥିବା ପୂର୍ବାଞ୍ଚଳ ୫୭ ରନ ମଧ୍ୟରେ ୫ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ରିୟାନ ପରାଗଙ୍କ ଶତକ ଏବଂ କୁମାର କୁଶାଗ୍ରଙ୍କ ୯୮ ରନର ଇନିଂସ ବଳରେ ବଡ଼ ସ୍କୋର କରିଥିଲା। ପରାଗ ୧୦୨ ବଲ୍‌ରୁ ୫ ଚୌକା ଓ ୧୧ ଛକା ସହାୟତାରେ ସର୍ବାଧିକ ୧୩୧ ରନ କରିଥିଲେ। କୁଶାଗ୍ର ଶତକର ଦ୍ୱାରରେ ପହଞ୍ଚି ଯାଇଥିଲେ ହେଁ ୮୭ ବଲ୍‌ରୁ ୯୮ (୮ ଚୌକା, ୪ ଛକା) ରନ କରିଥିବାବେଳେ ମୟଙ୍କ ଯାଦବଙ୍କ ବଲ୍‌ରେ ଉଇକେଟ କିପରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ମାତ୍ର ୨ ରନପାଇଁ ସେ ଶତକ ହାସଲଠାରୁ ଦୂରରେ ରହି ଯାଇଥିଲେ। ଶେଷ ଭାଗରେ ମଣିଶଙ୍କର ମୁରାସିଂ ୧୪ ବଲ୍‌ରୁ ୨୫ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଓଡ଼ିଶାର ଶୁଭ୍ରାଂଶୁ ସେନାପତି ୧୭ ବଲ୍‌ରୁ ୧୩ ରନକରି ମୟଙ୍କ ଯାଦବଙ୍କ ବଲ୍‌ରେ ଉଇକେଟ କିପରଙ୍କ ହାତରେ ଧରାପଡ଼ି ଆଉଟ ହୋଇଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ମୟଙ୍କ ଯାଦବ ୪ଟି, ହର୍ଷିତ ରାଣା ୩ଟି ଓ ସନ୍ଦିପ ଶର୍ମା ଗୋଟିଏ ଉଇକେଟ ନେଇଥିଲେ। ବଡ଼ ସ୍କୋରର ପିଛା କରିଥିବା ଉତ୍ତରାଞ୍ଚଳ ମନଦୀପ ସିଂ (୫୦)ଙ୍କ ଅର୍ଦ୍ଧଶତକ ଏବଂ ଅଭିଷେକ ଶର୍ମା (୪୪), ଶୁଭମ୍ ରୋହିଲା (୪୧) ଓ ହିମାଂଶୁ ରାଣା (୪୦)ଙ୍କ ଦୃଢ଼ ବ୍ୟାଟିଂ ସତ୍ତ୍ୱେ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ପୂର୍ବାଞ୍ଚଳ ବୋଲରଙ୍କ ମଧ୍ୟରେ ରିୟାନ ପରାଗ ୪ଟି, ଶାହାବାଜ ଅହମଦ ୩ଟି ଏବଂ ଆକାଶ ଦୀପ, ମୁଖ୍‌ତାର ହୋସେନ ଓ ଉତ୍କର୍ଷ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶତକ ହାସଲକାରୀ ରିୟାନ ପରାଗ।

# କଳିଙ୍ଗରେ ଡ୍ରାଗ୍‌ଫ୍ଲିକ୍ କ୍ୟାମ୍ପ ଆରମ୍ଭ

ଭୁବନେଶ୍ୱର, ୨୮।୭
(ତପନ ସ୍ୱାଇଁ)

ଓଡ଼ିଶାରେ ହକିର ବିକାଶ ଲକ୍ଷ୍ୟରେ ଆଉ ଏକ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ହକି ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ନାଭାଲ ଟାଟା ଏଚ୍‌ପିସିର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ସ୍ୱତନ୍ତ୍ର ଡ୍ରାଗ୍‌ଫ୍ଲିକ୍ ଟ୍ରେନିଂ କ୍ୟାମ୍ପ ଶୁକ୍ରବାର ଆରମ୍ଭ ହୋଇଛି। ଅଗଷ୍ଟ ୩ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି କ୍ୟାମ୍ପକୁ ହକି ଅଲିମ୍ପିଆନ ରୂପିନ୍ଦରପାଲ ସିଂ ପରିଚାଳନା କରୁଛନ୍ତି। ପାନ୍‌ପୋଷ ସ୍ପୋର୍ଟ୍ସ ହଷ୍ଟେଲ, ହକି ହାଇପରଫର୍ମାନ୍ସ ସେଣ୍ଟର ଓ ସାଇ ସୁନ୍ଦରଗଡ଼ର କ୍ୟାଡେଟମାନେ ଏହି କ୍ୟାମ୍ପରୁ ଉପକୃତ ହୋଇପାରିବେ। ରାଜ୍ୟର ଡ୍ରାଗ୍‌ଫ୍ଲିକରଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ।

"ଏହି କ୍ୟାମ୍ପର ଆୟୋଜନ ଏକ ଉତ୍ତମ ପଦକ୍ଷେପ। ଓଡ଼ିଶାର ଯୁବ ଖେଳାଳିଙ୍କ ମଧ୍ୟରେ ମୁଁ ମୋର ଜ୍ଞାନ, ଦକ୍ଷତା ଏବଂ ଅଭିଜ୍ଞତା ବାଣ୍ଟିବା ପାଇଁ ଏହା ମାଧ୍ୟମରେ ସୁଯୋଗ ପାଇଛି। ଏହି କ୍ୟାମ୍ପରେ ଯଦିଓ ଡ୍ରାଗ୍‌ଫ୍ଲିକ୍ ଉପରେ ଫୋକସ କରାଯାଉଛି ତେବେ ଗେମ୍‌ର ବୈଷୟିକ, ଶାରୀରିକ ଓ ମାନସିକ ଦିଗ ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି" ବୋଲି ରୂପିନ୍ଦର ପ୍ରକାଶ କରିଛନ୍ତି। ମୁଁ ପୂର୍ବରୁ ୨୦୨୦ରେ ଭୁବନେଶ୍ୱର ଆସିଥିଲି। ଖେଳାଳିଙ୍କ ପାଇଁ ସୁବିଧା ସୁଯୋଗକୁ ବିଚାରକୁ ନେଲେ ଏହା ମଧ୍ୟରେ ଏଠାରେ ଅନେକ ପରିବର୍ତ୍ତନ ହୋଇଯାଇଛି। କ୍ରୀଡ଼ା ବିଜ୍ଞାନ, ପୁଷ୍ଟି ଏବଂ ମନସ୍ତତ୍ତ୍ୱକୁ ଦୃଷ୍ଟିରେ ରଖାଯାଇ ହକି ପ୍ରୋଗ୍ରାମ ଆୟୋଜନ କରାଯାଉଛି। ହକି ହେଉ କିମ୍ବା ଅନ୍ୟ କିଛି କ୍ରୀଡ଼ା, ଓଡ଼ିଶା ଯେ ବିଶ୍ୱରେ ଅନ୍ୟତମ ଶ୍ରେଷ୍ଠ ରାଜ୍ୟ ଏଥିରେ ଦ୍ୱିମତ ନାହିଁ ବୋଲି ରୂପିନ୍ଦର କହିଛନ୍ତି।

ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ଏହି କ୍ୟାମ୍ପରେ ଭାଗ ନେଇଥିବା ଉଦୀୟମାନ ୩୧ ଖେଳାଳିଙ୍କୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। କ୍ୟାମ୍ପରେ ଟ୍ରେନିଂ ସହିତ ବିଭିନ୍ନ ଟେକ୍ନିକ୍ ଏବଂ ଶାରୀରିକ ପରୀକ୍ଷାର ଭିଡିଓ ବିଶ୍ଳେଷଣ କରାଯିବ ଏବଂ ଫିଟ୍‌ନେସ ସ୍ତର ବଢ଼ାଇବା ପାଇଁ ଜିମ୍‌ର ବ୍ୟବହାର କରାଯିବ। ଏହା ବ୍ୟତୀତ ଖେଳାଳିଙ୍କ ସର୍ବାଙ୍ଗିନ ଉନ୍ନତି ପାଇଁ ଏହି କାର୍ଯ୍ୟକ୍ରମରେ ମନସ୍ତାତ୍ତ୍ୱିକ ପରୀକ୍ଷା କରାଯିବ । ଫଳରେ ସେମାନେ ଉଚ୍ଚ-ଚାପଯୁକ୍ତ ମ୍ୟାଚ ପରିସ୍ଥିତିରେ ଆତ୍ମବିଶ୍ୱାସର ସହ ଖେଳ ଉପରେ ଫୋକସ କରିପାରିବେ। ଆସନ୍ତା ଅଗଷ୍ଟରେ ଷ୍ଟ୍ରାଇକରଙ୍କ ପାଇଁ ଅନୁରୂପ ଏକ କ୍ୟାମ୍ପ କରାଯିବାର କାର୍ଯ୍ୟକ୍ରମ ରହିଛି। ତାରକା ମହିଳା ହକି ଖେଳାଳି ରାଣୀ ରାମପାଲ ଉକ୍ତ କ୍ୟାମ୍ପ ପରିଚାଳନା କରିବେ।


କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଡ୍ରାଗ୍‌ଫ୍ଲିକ୍ କ୍ୟାମ୍ପରେ ଖେଳାଳିମାନଙ୍କ ସହ ରୂପିନ୍ଦର ପାଲ୍ ସିଂ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ